

শরত কমলঙ্ক অবসর

পৃষ্ঠা ৬

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

# ସଂଚାର

THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Vol. 33 | ISSUE 9 | ଭାଗ ୩୩ | ସଂଖ୍ୟା ୯

Bhubaneswar | Monday 31 March 2025 | Page 8 Rs. 4.00

● ଭୁବନେଶ୍ୱର ସୋମବାର ୩୧ ମାର୍ଚ୍ଚ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


 କଳାହାଣ୍ଡିରେ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

# ଅର୍ଦ୍ଧଶତାବ୍ଦୀ ଲମ୍ବା ସମସ୍ୟାର ଅନ୍ତ




**ଭୁବନେଶ୍ୱର,୩୦।୩(ସଂଚାର ବ୍ୟୁରୋ):** ଗତ ୭୦ ଦଶକରୁ ଆଜି ପର୍ଯ୍ୟନ୍ତ ଘର ଖଣ୍ଡିଏ ପାଇବା ଗରିବ ଓ ସାଧାରଣ ଲୋକଙ୍କ ପାଇଁ ସବୁଠାରୁ ବଡ଼ ସମସ୍ୟା ରହିଆସିଛି। ଆଜି ବି ଅନେକଙ୍କ ପାଖରେ ମୁଣ୍ଡ ଗୁଞ୍ଜିବା ପାଇଁ ଘର ଖଣ୍ଡିଏ ନାହିଁ। ଏହି ସମସ୍ୟାର ସମାଧାନ ହେବ ଓ ସମସ୍ତଙ୍କୁ ପକ୍କା ଘର ମିଳିବ। ଅନ୍ତ୍ୟୋଦୟ ଗୃହ ଯୋଜନାରେ ସବୁଠୁ ଗରିବ ଓ ଅସହାୟ ଲୋକଙ୍କୁ ଘର ଯୋଗାଇ ଦିଆଯିବ। ଫଳ ସ୍ୱରୂପ ରାଜ୍ୟରେ ଦୀର୍ଘ ଅର୍ଦ୍ଧଶତାବ୍ଦୀ ଧରି ରହିଆସିଥିବା ସମସ୍ୟାର ଅନ୍ତ ହୋଇପାରିବ

**୩ ବର୍ଷରେ ଦିଆଯିବ ୫ ଲକ୍ଷ ଘର, ଖର୍ଚ୍ଚ ହେବ ୭୫୫୦ କୋଟି**

**୬୦ ହଜାର ଘର ପାଇଁ କାର୍ଯ୍ୟାଦେଶ ପ୍ରଦାନ**

**ପ୍ରତି ଘର ପାଇଁ ୧.୨୦ ଲକ୍ଷ**

**ଶୌଚାଳୟ, ଗ୍ୟାସ, ପାନୀୟ ଜଳ ଓ ବିଦ୍ୟୁତ ସଂଯୋଗ ଅତିରିକ୍ତ**

**ଖୁବ୍‌ଶୀଘ୍ର ଭବାନୀପାଟଣା ଓ ସମ୍ବଲପୁରରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି**

ବୋଲି ଆଜି କଳାହାଣ୍ଡିର ଭବାନୀପାଟଣାଠାରେ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ଯୋଜନା ଆରମ୍ଭର ପ୍ରଥମ ଦିନରେ ୬୦ ହଜାର ଘର ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ଆଗାମୀ ୩ ବର୍ଷରେ ୫ ଲକ୍ଷରୁ ଊର୍ଦ୍ଧ୍ୱ ଘର ନିର୍ମାଣ ଲକ୍ଷ୍ୟ ରହିଛି। ଏଥିସକାଶେ ଆଗାମୀ ବର୍ଷର ବଜେଟ୍‌ରେ ୨୬୦୦ କୋଟି ଟଙ୍କା ବରାଦ କରାଯାଇଥିବା ବେଳେ ଆଗାମୀ ୩ ବର୍ଷରେ ଏ ବାବଦରେ ୭୫୫୦ କୋଟି ଟଙ୍କା ବ୍ୟୟ ହେବ। ଯୋଜନାରେ ପ୍ରତି ହିତାଧିକାରୀଙ୍କୁ ୧ ଲକ୍ଷ ୨୦ ହଜାର ଟଙ୍କା ଦିଆଯିବା ସହ ଏଥିରେ ଅନ୍ୟାନ୍ୟ ଯୋଜନାର ସମନ୍ୱୟ କରାଯାଇ ବିଭିନ୍ନ ସୁବିଧା ଦିଆଯିବ। ଯେଉଁଥିରେ ସ୍ୱଚ୍ଛ ଭାରତ ମିଶନରୁ ଶୌଚାଳୟ, ଉଜ୍ଜ୍ୱଳା ଯୋଜନାରୁ ରନ୍ଧନ ଗ୍ୟାସ, ଜଳ ଜୀବନ ମିଶନରୁ ସ୍ୱଚ୍ଛ ପାନୀୟ ଜଳ, ସୌଭାଗ୍ୟ ଯୋଜନାରୁ ବିଦ୍ୟୁତ ସଂଯୋଗ ➪ପୃଷ୍ଠା-୬

# ଅସ୍ତ୍ର ଛାଡ଼ିଲେ ୫୦ ହାର୍ଡକୋର ମାଓବାଦୀ



**ମୁଣ୍ଡରେ ଥିଲା ୬୮ ଲକ୍ଷ ପୁରସ୍କାର**

**ମାଲକାନଗିରି,୩୦।୩(ସଂଚାର ବ୍ୟୁରୋ):** ଦିନକୁ ଦିନ ମାଓ ସଙ୍ଗଠନ ଉପରେ ସୁରକ୍ଷାକର୍ମୀଙ୍କ ପ୍ରହାର ଜୋର୍‌ଦାର ହେଉଥିବା ବେଳେ ଏବେ ଏହା ସେମାନଙ୍କ ପାଇଁ ଏକରକମ ରହସ୍ୟ ହୋଇପଡ଼ିଲାଣି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। କାରଣ ଦିନକୁ ଦିନ ଯେପରି ଭାବେ ମାଓବାଦୀଙ୍କ ବିପକ୍ଷରେ ଅଭିଯାନ ସଶକ୍ତ ହେଉଛି, ସେହି ପରିମାଣରେ ମାଓବାଦୀ ମଧ ଅସ୍ତ୍ର ତ୍ୟାଗ କରି ସମାଜର ମୁଖ୍ୟ ସ୍ରୋତକୁ ଫେରୁଥିବା ଦେଖାଯାଉଛି। ଏହି କ୍ରମରେ ଆଜି ୫୦ ଜଣ ହାର୍ଡକୋର ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲା ଏସ୍‌ପି, ବସ୍ତର ଡିଆଇଜିଙ୍କ ନିକଟରେ ଏହି ମାଓବାଦୀମାନେ ଅସ୍ତ୍ର ସମର୍ପଣ ପୂର୍ବକ ଲାଲ୍ ସଂଗଠନ ତ୍ୟାଗ କରିଛନ୍ତି। ଏହି ମାଓବାଦୀମାନେ ବିଭିନ୍ନ ହିଂସାକାଣ୍ଡରେ ଲିପ୍ତ ଥିବା ବେଳେ ସେମାନଙ୍କୁ ଗିରଫ କରିବା ସକାଶେ ଉଦ୍ୟମ ଜାରି ➪ପୃଷ୍ଠା-୬

## ଓପିଏସସି ପରୀକ୍ଷା ପ୍ରଶ୍ନପତ୍ରରେ ପୁଣି ତ୍ରୁଟି


OIS—4/24

JOURNALISM AND MASS COMMUNICATION

Time : 2 Hours

Full Marks : 100

The figures in the right-hand margin indicate marks.

Answer from both the Parts as directed.

PART—A

Answer all questions of the following within 200 words each.

1. "Television is not just a window on the world; it is a mirror that reflects the world back to us, sometimes distorting it in the process," — considering this statement, discuss Mean World Syndrome. How does long-term media exposure influence audience perception? 12

2. How has mass media evolved over the past century and what are the key milestones that have shaped its current form? 12

168 [ Page 1 of 4 ] [ P.T.O.

**ଭୁବନେଶ୍ୱର,୩୦।୩(ସଂଚାର ବ୍ୟୁରୋ):** ଓପିଏସସି ପରିଚାଳିତ ପରୀକ୍ଷା ପ୍ରଶ୍ନପତ୍ରରେ ପୁଣି ତ୍ରୁଟି। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପାଇଁ ପରୀକ୍ଷା ଚାଲିଥିବା ବେଳେ ପ୍ରଶ୍ନପତ୍ରରେ ତ୍ରୁଟି ବାହାରିଛି। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପାଇଁ ପରୀକ୍ଷାରେ ୧୦୦ ମାର୍କ ପ୍ରଶ୍ନ ବଦଳରେ ୯୪ ମାର୍କର ପ୍ରଶ୍ନ ରହିଥିବା ଅଭିଯୋଗ ହୋଇଛି। ତେବେ ବର୍ତ୍ତମାନ ଓପିଏସସି ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପାଇଁ ପରୀକ୍ଷା ଚାଲିଛି। ବିଭିନ୍ନ ସିଫ୍ଟରେ ଭାଷା ଓ ସାମ୍ବାଦିକତା ଏବଂ ଗଣଯୋଗାଯୋଗ ବିଭାଗର ଛାତ୍ରଛାତ୍ରୀମାନେ ଏଥିରେ ପରୀକ୍ଷା ଦେଉଛନ୍ତି। ଏହାର ଆଜି ଶେଷ ସିଫ୍ଟରେ ସାମ୍ବାଦିକତା ଓ ➪ପୃଷ୍ଠା-୬

# ମଙ୍ଗୁଳିରେ ଅମଙ୍ଗଳ



**ଧାରଣାରୁ ଖସିଲା କାମାକ୍ଷା ଏକ୍ସପ୍ରେସ୍**

**ଜଣେ ମୃତ, ୭ ଆହତ**

**ସିଏସ୍‌ସିଙ୍କୁ ତଦନ୍ତ ଦାୟିତ୍ୱ**

**ମୃତକଙ୍କ ପାଇଁ ୫ ଲକ୍ଷ ସହାୟତା**

**କଟକ,୩୦।୩(ସଂଚାର ବ୍ୟୁରୋ):** ୧୨୫୫୧ ବେଙ୍ଗାଲୁରୁ-ଗୌହାଟୀ କାମାକ୍ଷା ଏକ୍ସପ୍ରେସ୍ ଲାଇନଚ୍ୟୁତ ହୋଇଛି। କଟକ ମଙ୍ଗୁଳି-ଚୌଦ୍ୱାର-ନିର୍ଗୁଣ୍ଡି ନିକଟରେ ଏହି ଟ୍ରେନ୍‌ର ୧୧ଟି ବଗି ପୂର୍ବାହ୍ନ ପ୍ରାୟ ୧୧ଟା ୪୫ ମିନିଟ୍ ସମୟରେ ଧାରଣାରୁ ଖସିଯାଇଛି। ଏଥିରେ ଭୟଭୀତ ହୋଇ କେତେକ ଯାତ୍ରୀ ଟ୍ରେନ୍‌ରୁ ଡେଇଁପଡ଼ିବା ଫଳରେ ଆହତ ହୋଇଛନ୍ତି। ଏପରିକି ଶୁଭଙ୍କର ରାୟ ନାମକ ଜଣେ ୨୨ ବର୍ଷୀୟ ଯୁବକଙ୍କ ଜୀବନ ଚାଲିଯାଇଥିବା ଜଣାପଡ଼ିଛି। ଏଥିସହ ମୃତ୍ୟୁସଂଖ୍ୟା ଆହୁରି ବଢ଼ିବା ନେଇ ମଧ ଆଶଙ୍କା କରାଯାଉଛି। ଖବର ପାଇ ଘଟଣାସ୍ଥଳରେ ରେଳବାହିନୀ ଟିମ୍ ପହଞ୍ଚି ଆହତ ଯାତ୍ରୀମାନଙ୍କ ଉଦ୍ଧାର ବ୍ୟବସ୍ଥା କରିଛି। ଘଟଣାସ୍ଥଳରେ ଆର୍‌ପିଏଫ୍ ଓ ଜିଆର୍‌ପିଏଫ ଏବଂ ସ୍ଥାନୀୟ ଲୋକେ ଉଦ୍ଧାର କାର୍ଯ୍ୟରେ ସହଯୋଗ କରିଥିଲେ। ଏହି ଅଘଟଣର ତଦନ୍ତ ଦାୟିତ୍ୱ କମିଶନର ଅଫ୍ ରେଲୱେ ସେଫ୍ଟି (ସିଆରଏସ୍)ଙ୍କୁ ଦାୟିତ୍ୱ ଦିଆଯାଇଥିବା ପୂର୍ବତଟ ରେଳପଥ ପକ୍ଷରୁ ଘୋଷଣା କରାଯାଇଛି। ସେହିପରି ରେଳବାଇ ପକ୍ଷରୁ ମୃତକଙ୍କ ପରିବାର ସକାଶେ ୫ ଲକ୍ଷ ଟଙ୍କା ଓ ଗୁରୁତର ଆହତଙ୍କ ସକାଶେ ଅଢ଼େଇ ଲକ୍ଷ ଏବଂ ସାମାନ୍ୟ ଆହତଙ୍କ ପାଇଁ ୫୦ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯିବ ବୋଲି କୁହାଯାଇଛି। ଏହି ଘଟଣାରେ ଜଣେ ମହିଳା ଯାତ୍ରୀ ଗୁରୁତର ➪ପୃଷ୍ଠା-୬

# ଓଡ଼ିଶା ଦିବସରୁ ଓଡ଼ିଆ ପକ୍ଷ

**ମହାବିଷୁବ ସଂକ୍ରାନ୍ତି ପର୍ଯ୍ୟନ୍ତ ୧୫ ଦିନ ଧରି ଚାଲିବ**

**ସଂସ୍କୃତି ଓ ପରମ୍ପରାକୁ ବିଶ୍ୱବିଦିତ କରିବା ଦିଗରେ ଅଭିନବ ପ୍ରୟାସ**



**ଭୁବନେଶ୍ୱର,୩୦।୩(ସଂଚାର ବ୍ୟୁରୋ):** ଆମ ରାଜ୍ୟର ଭାଷା, ସାହିତ୍ୟ, କଳା, ସଂସ୍କୃତି, ଇତିହାସ, ଐତିହ୍ୟ, ନୃତ୍ୟ, ସଂଗୀତ, ପରମ୍ପରା ଆଦି ବେଶ୍ ସମୃଦ୍ଧ ଓ ଏହାକୁ ନେଇ ଆମେ ଗର୍ବିତ। ଏହାର ସଂରକ୍ଷଣ ସହ ବହୁଳ ପ୍ରଚାର ଓ ପ୍ରସାର ମାଧମରେ କଳା, ସାହିତ୍ୟ ଓ ସଂସ୍କୃତିକୁ ବିଶ୍ୱବିଦିତ କରାଇବା ଆମର କର୍ତ୍ତବ୍ୟ। ଓଡ଼ିଆ ଅସ୍ମିତାର ବାର୍ତ୍ତା ବହନ କରୁଥିବା ଆମ ସଂସ୍କୃତି ଓ ପରମ୍ପରାକୁ ଆଡ଼ମ୍ବର ସହକାରେ ପାଳନ କରିବା ପାଇଁ ଚଳିତ ବର୍ଷ ପ୍ରଥମ ଥର ପାଇଁ ଆସନ୍ତା ଏପ୍ରିଲ ୧ ତାରିଖ ଓଡ଼ିଶା ଦିବସଠାରୁ ଆରମ୍ଭ ହେବ ଓଡ଼ିଆ ପକ୍ଷ କାର୍ଯ୍ୟକ୍ରମ। ଆସନ୍ତା ଏପ୍ରିଲ୍ ୧୪ ତାରିଖ ଓଡ଼ିଆ ନବବର୍ଷ ତଥା ମହାବିଷୁବ ସଂକ୍ରାନ୍ତି ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଓଡ଼ିଆ ପକ୍ଷ ଅବସରରେ ରାଜ୍ୟବ୍ୟାପୀ ବିଭିନ୍ନ ରାଜ୍ୟସ୍ତରୀୟ ଓ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ଆଜି ସଂସ୍କୃତି ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଏପ୍ରିଲ୍ ୧ରେ ସ୍ୱତନ୍ତ୍ର ଭାଷାଭିତ୍ତିକ ଓଡ଼ିଶା ପ୍ରଦେଶ ଗଠନ ଉପଲକ୍ଷେ ରାଜ୍ୟ, ଜିଲ୍ଲା ଓ ଉପଖଣ୍ଡ ସ୍ତରରେ ଓଡ଼ିଶା ଦିବସ ପାଳନ କରାଯିବ। ଏହି କାର୍ଯ୍ୟକ୍ରମର ଆୟୋଜନ ସୂଚନା ➪ପୃଷ୍ଠା-୬

# ମୋଦି ମୁଖ୍ୟମନ୍ତ୍ରୀ, ମୋହନ ପ୍ରଧାନମନ୍ତ୍ରୀ!

**ଇଞ୍ଜିନିୟର ବିଧାୟକଙ୍କ ବିକୃତ ଇଂରାଜୀ**

**ଭୁବନେଶ୍ୱର,୩୦।୩(ସଂଚାର ବ୍ୟୁରୋ):** କଟକ ସଦର ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀଙ୍କ ଇଂରାଜୀ ପଢ଼ିଲେ କି ଶୁଣିଲେ ଇଂରାଜୀ ଭାଷା ବି ଲାଜ କରିବ। ଆଉ ଛାତ୍ରଛାତ୍ରୀମାନେ ଯଦି ଏହାକୁ ପଢ଼ିବେ କି ଶୁଣିବେ, ତା'ହେଲେ ସେମାନେ ଇଂରାଜୀ ବ୍ୟାକରଣ ସାଙ୍ଗକୁ ଦେଶର ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ କିଏ ବୋଲି ବାଉଳା ହେବେ, ଏହା ନିଶ୍ଚିତ। ବାଲିଯାତ୍ରାର ଇଂରାଜୀ ଭାଷଣ ପରେ ଆଜି ପୁଣି ଥରେ ସୋସିଆଲ ମିଡିଆ 'ଏକ୍ସ'ରେ ତାଙ୍କ ଇଂରାଜୀ ଲେଖାକୁ ନେଇ ବିଧାୟକ ଅଡୁଆରେ ପଡ଼ିଛନ୍ତି। ବିଭିନ୍ନ ମହଲରୁ ସମାଲୋଚିତ ହେବା ପରେ ସେ ନିଜର ଏହି ପୋଷ୍ଟକୁ ଉଡ଼ାଇବାକୁ ବାଧ ହୋଇଛନ୍ତି।

ବିଧାୟକ ଭାବେ ନିର୍ବାଚିତ ହୋଇଥିବା ଇଞ୍ଜିନିୟର ପ୍ରକାଶ ଚନ୍ଦ୍ର ସେଠୀ ପ୍ରକୃତରେ ଇଞ୍ଜିନିୟରିଂ ପାଠ ପଢ଼ିଛନ୍ତି କି ନାହିଁ, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଲାଣି। କାରଣ ଜଣେ ଇଞ୍ଜିନିୟରଙ୍କଠାରୁ ଏଭଳି ଇଂରାଜୀ ଆଶା କରାଯାଏନି। ବିଧାୟକ ହୋଇ ବି ନିଜ ଦଳର ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ କିଏ, ତା' ସେ ଜାଣିପାରୁନାହାଁନ୍ତି। ନିଜ 'ଏକ୍ସ' ହ୍ୟାଣ୍ଡେଲରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଓ ମୋହନ ଚରଣ ମାଝୀଙ୍କୁ ଦେଶର ପ୍ରଧାନମନ୍ତ୍ରୀ ବୋଲି ଲେଖିଛନ୍ତି କଟକ ସଦର ବିଧାୟକ। ଆଜି ➪ପୃଷ୍ଠା-୬


Prakash Chandra Sethi

21m

Today, I participated in the distribution of houses at Cuttack Sadar block, before fulfilling the promise of famous Prime Minister Mohan Charan Majhi and respected Chief Minister Narendra Modi to provide permanent houses to the poor and helpless. Got the opportunity to distribute office orders to the beneficiaries of this occasion. Honorable Higher Education Minister Mr. Suryabanshi Suraj was present in the organized program.

Dharmendra PradhanBharatiya Janata Party (BJP)CMO OdishaBJP Odisha @highlight

Rate this translation



**କାନ ଡେରିଆ**

ରକ୍ତମୁଖା ଏବେ ଗଞ୍ଜାମ ହୋଇଛି<br>
ପୋଲିସର ମୁଣ୍ଡ ବଥା<br>
ଦୁର୍ବୃତ୍ତ ଏବେ ଡରୁ ଯେ ନାହାନ୍ତି<br>
କି କହିବ ତାଙ୍କ କଥା<br>
ଗଞ୍ଜାମ ଗାରିମା ଗାଥା...<br>
ମାଟିରେ ମିଶୁଛି ଗଞ୍ଜାମ ବାର୍ତ୍ତା<br>
ଶୁଣିଲେ ଘୁରଇ ମଥା।

■ ଦେବାଶିଷ

# କେନ୍ଦୁଝରରୁ କୋରାପୁଟ ରାଜା ଆଣ୍ଡ୍ କୋ ସାମ୍ରାଜ୍ୟ

**୧୩ ଟିପର୍ ଜବତ କଲା ସେମିଳିଗୁଡ଼ା ପୁଲିସ**

**ଭୁବନେଶ୍ୱର,୩୦।୩(ସଂଚାର ବ୍ୟୁରୋ):** କ୍ରସର ୟୁନିଟରୁ ବିଜେଡି ନେତା ରାଜା ଚକ୍ରଙ୍କ ୧୩ ଟିପର୍ ଜବତ କରିଛି ସେମିଳିଗୁଡ଼ା ପୁଲିସ। ଏସବୁ ଟିପର୍ ରାଜା ଚକ୍ର ନାଁରେ ରହିଥିଲା ବୋଲି ଜଣାପଡ଼ିଛି। ଜବତ ଟିପର୍‌ଗୁଡ଼ିକରେ ବ୍ୟାଟେରୀ କିମ୍ବା ଚାବି ନାହିଁ। ଗନ୍ଧମାର୍ଦ୍ଦନ ଖଣି ଲୋଡିଂ ଏଜେନ୍ସି ଦୁର୍ନୀତି ମାମଲାରେ ଗିରଫ ହୋଇଥିବା ରାଜା



ଚକ୍ର ଓ ତାଙ୍କ ସହଯୋଗୀଙ୍କୁ ତିନିଦିନିଆ ରିମାଣ୍ଡରେ ଆଣି ପଚରାଉଚରା କରିଛି ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ)।

କ୍ରାଇମବ୍ରାଞ୍ଚ ପକ୍ଷରୁ କୁହାଯାଇଥିଲା ଯେ ରାଜା ଚକ୍ରଙ୍କ ୪୨ଟି ବଡ଼ ଗାଡ଼ି କେନ୍ଦୁଝରରୁ ଜବତ କରାଯାଇଛି। କେନ୍ଦୁଝରରେ ଥିବା ୨ ପ୍ଲାଣ୍ଟକୁ ସିଜ୍ ବି କରାଯାଇଛି। ଆକାଉଣ୍ଟରେ ଥିବା ୨୫ ଲକ୍ଷ ଟଙ୍କା ଫ୍ରିଜ୍ କରାଯାଇଛି। ୨୦୧୭-୧୮ରୁ ମାର୍ଚ୍ଚ ୨୦୨୪ ମଧ୍ୟରେ ୧୮୫ କୋଟି ଆୟ କରିଥିଲା ରାଜା ଚକ୍ରଙ୍କ ଏଜେନ୍ସି। ଏହି ଆୟ ଏହାଠାରୁ ଅଧିକ ବି ହୋଇପାରେ। ତେବେ ଅଡିଟ୍ ହେଲେ ସବୁକିଛି ସ୍ପଷ୍ଟ ହେବ। ➪ପୃଷ୍ଠା-୬

# ରାଜନୀତିର ଧାର୍ ଧାରିବେନି ସୁଜାତା

**ଭୁବନେଶ୍ୱର, ୩୦।୩:** ଆଇଏଏସ୍ ଚାକିରିରୁ ସ୍ୱେଚ୍ଛାକୃତ ଅବସର ଗ୍ରହଣ କରିଥିବା ୨୦୦୦ ବ୍ୟାଚ୍ ଅଫିସର ସୁଜାତା କାର୍ତ୍ତିକେୟନ ପାଣ୍ଡିଆନ ରାଜନୀତି କରିବେ ନାହିଁ। ମହିଳା ସଶକ୍ତିକରଣ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଆର୍ନ୍ତଜାତିକ ସଂସ୍ଥାରେ ସେ ଖୁବଶୀଘ୍ର ଯୋଗଦେବେ। ବିଶ୍ୱସ୍ତ ସୂତ୍ରରୁ ଏଭଳି ଖବର ମିଳିବାପରେ ସୁଜାତାଙ୍କ ରାଜନୀତି ଖବରକୁ ନେଇ ଉଡୁଥିବା ଗୁଜବରେ ଏକ ପ୍ରକାର ପୂର୍ଣ୍ଣଚ୍ଛେଦ ପଡିଛି ଓ ଗୁଜବ ଉଡାଉଥିବା ଲୋକେ ହତାଶ ହୋଇଛନ୍ତି।

ସୁଜାତା ଆଇଏଏସ୍ ଚାକିରି ଛାଡୁଥିବା ଖବର ପ୍ରକାଶ ପାଇବାପରେ ସିଏ ରାଜନୀତି କରିବେ ବୋଲି ବିଭିନ୍ନ ଗଣମାଧମରେ ଖବର ପ୍ରକାଶ ପାଇଥିଲା। ଗୁଜବକାରୀମାନେ ସୁଜାତା ବିଜେଡିର ମଙ୍ଗ ଧରିବେ ବୋଲି ଲେଖିବାକୁ ବି ପଛାଇ ନଥିଲେ। ହେଲେ ସୁଜାତାଙ୍କ ଅତି ନିକଟତମ ସୂତ୍ରରୁ ମିଳିଥିବା ସୂଚନା ସମସ୍ତ କଳ୍ପନା ଜଳ୍ପନାର ଅବସାନ



➲ **ମହିଳା ସଶକ୍ତିକରଣ କ୍ଷେତ୍ରରେ କାର୍ଯ୍ୟ କରିବେ**

➲ **ଗୁଜବକାରୀ ହତାଶ**

ଘଟାଇଛି। ଖୁବ୍‌ଶୀଘ୍ର ସୁଜାତା ଗୋଟିଏ ଆର୍ନ୍ତଜାତିକ ସଂସ୍ଥାରେ ଯୋଗଦେବେ ବୋଲି ସୂଚନା ମିଳିଛି। ସମ୍ପୃକ୍ତ ସଂସ୍ଥାରେ ସେ ମହିଳା ସଶକ୍ତିକରଣ ଉପରେ କାର୍ଯ୍ୟ କରିବେ।

ଉଲ୍ଲେଖନୀୟ ଯେ ୨୦୦୦ ବ୍ୟାଚ୍‌ର ଆଇଏଏସ୍ ଓଡିଆ ଝିଅ ସୁଜାତା ହେଉଛନ୍ତି ପୂର୍ବତନ ଆଇଏଏସ୍ ଅଧିକାରୀ ଭି.କାର୍ତ୍ତିକେୟନପାଣ୍ଡିଆନଙ୍କ ପତ୍ନୀ। ଉଭୟ ଓଡିଶାରେ କାର୍ଯ୍ୟରତ ଥିବାବେଳେ କାର୍ତ୍ତିକେୟନ ପାଣ୍ଡିଆନ ଆଇଏଏସ୍ ଚାକିରିରୁ ଇସ୍ତଫା ଦେଇ ବିଜେଡିରେ ➪ପୃଷ୍ଠା-୬


SIKSHA 'O' ANUSANDHAN

SAAT-2025

Empowering students for a brighter future

EMERGING B.TECH PROGRAMMES IN COMPUTING
- Computer Science and Engineering (AI and ML)
- Computer Science and Engineering (Cyber Security)
- Computer Science and Engineering (Data Science)
- Computer Science and Engineering (Internet of Things)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2024
- 14th Best in University Category
- 26th Best in Engineering Category

INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025

To apply for admission through SAAT, Please visit: www.soa.ac.in

## ତୁମ ବିନା

**ଶୋଭାମୟୀ ପତ୍ରୀ**

ଅନ୍ତର ବେଦନା କାକୁ ବଖାଣିବି
କିଏ ପୋଛିବ ମୋ ଲୁହ,
ତୁମବିନା ଆଜି ଶୂନ୍ୟ ମୋ ସଂସାର
କେଣେ ଛାଡିଗଲ କୁହ।
ଛାତିର ପିୟୁଷ ଅଜାଡି ଗଢିଲ
କିମ୍ପାଇଁ ମୋର ଶରୀର,
ପିଣ୍ଡରେ ପରାଣ ସଞ୍ଚାରି ଭରିଲ
ସଂସ୍କାର ଓ ସୁବିଚାର।
ଲେଙ୍କଡା କନାରେ ଅଧାଢାଙ୍କି ଦେହ
ଶୀତେ ଓଢ଼ିଲ କମ୍ବଳ,
ନୟାନ୍ତ ଶ୍ରମରେ ଅଭାବ ପୂରଣେ
ନ ଥିଲା ତିଳେ ଆବିଳ।
ଝୁଣ୍ଟି ପଡିଲେ ମୁଁ କ୍ଷତାକ୍ତ ହୁଅଟି
ମୋ ଲୁହେ ଲହୁ ନିଗାଡ଼,
ଖେଳରେ କୁଦରେ ହାରିଲେ କାନ୍ଦିଲେ
କଳି ପାଇଁ ଅଣ୍ଟା ଭିଡ଼।
ଯେତେ ଅସୁନ୍ଦରୀ ହୋଇଥିଲେ ମୁଁ ଯେ
ତୁମ ଆଗେ ସ୍ୱର୍ଗ ପରୀ,
ଦୁଷ୍ଟାମୀର ଶେଷ ପାହାଚେ ଥିଲେ ବି
(କୁହ )କେ ନୁହେଁ ମୋ ଗୁଣ ସରି।
ଜୀବନର ସର୍ବ ଐଶ୍ୱର୍ଯ୍ୟ ବଦଳେ
ମୋ ପାଇଁ ସାଉଁଟି ସୁଖ,
ନିଜ କପାଳ ଠୁ ମୋ ଭାଗ୍ୟ ସଜାଡି
ସହିଲ ଅସଂଖ୍ୟ ଦୁଃଖ।
ଆଜି ପୁଣି କାହିଁ ସେ ପଣତ ଛାଇ
ମୋପାଇଁ ପଡ଼େ ନିଅଣ୍ଟ,
ରୁଷି ଯାଇଛ କି ମାଆ ମୋ ଉପରେ
ଭାରି ହେଲା ମୋ ଅଝଟ।
ଫେରି ଆସ ଥରେ ମୋ ପାଖକୁ ମାଆ
ତୋଳିନିଅ ମୋତେ କୋଳେ,
ମାଆ ନାହିଁ ଯାର ସାହା ନାହିଁ ତାର
କଥା ଅଛି କାଳେ କାଳେ ।
କାହା ଓଳିତଳେ ମୁଣ୍ଡ ଗୁଞ୍ଜିବି ହେ
କେ ଦେବ ମତେ ସାହାରା,
କଣ୍ଟକିତ ପଥ ଅତିକ୍ରମେ ଆଜି
ହେଉଛି ମୁଁ ଦିଗହରା।
ତୁମବିନା ପାଦେ ଚାଲିବାକୁ ମତେ
ଲାଗୁଅଛି ବଡ଼ ଭୟ,
ଉପଦେଶ ଆଉ ଆଶିଷ ବିନା କି
ଲଭି ପାରିବି ମୁଁ ଜୟ।
ଆଉ କରିବିନି ତୁମ ପାଖେ ଅଳି
ଦେବିନାହିଁ ଦୁଃଖକଷ୍ଟ,
ସେ ମମତା ବିନା ଶୂନ୍ୟ ମୋ ସଂସାର
(ତୁମେ) ପ୍ରତ୍ୟେକ୍ଷ ଦେବୀ ମୋ ଇଷ୍ଟ।
**ତୁଳସୀକ୍ଷେତ୍ର, କେନ୍ଦ୍ରାପଡ଼ା**

## ସ୍ୱାଭିମାନ

**ଅପରାଜିତା ହୋତା**

ରହରେ ଜୀବନ ସ୍ପନ୍ଦନ ହରାନା,
ସ୍ଥବିର ହୁଅନା
ବାଷ୍ପରୁଦ୍ଧ ବକ୍ଷ, ଶତାବ୍ଦୀର କ୍ଷୋଭ
ତଥାପି ନ ହୁଅ ନିଷ୍ପ୍ରାଣ।
ଜାଗତିକ ଆଧାତ୍ମିକ ମୋହେ
ନିୟମିତ ଆକୁଳିତ
ବାଷ୍ପାୟିତ ନେତ୍ର ବୀତସ୍ପୃହ ଆଜି।
ସ୍ନାୟୁରୁ ଧମନୀଯାଏ ଏକାକାର
ଜଡ ଖାଲି ଜଡ
ସ୍ୱାଭିମାନ ମୋର ପ୍ରାଣଠୁ ନିବିଡ।
ପତଙ୍ଗରୁ ହୀନ କିଆଁ ନାରୀର ଜୀବନ।
ଏକୀକୃତ ପୃଥିବୀଟେ ଦିଅ ମୋତେ
ଜୀବନ ହେଉ ସୁଖୀ, ଦୁଃଖ ମୁକୁଳିତ
ପାଲଟିଯାଉ ତୁଚ୍ଛ ସବୁ ସାଂସାରିକ
ଉପଢୌକନ।
**ଭୁବନେଶ୍ୱର**





**ଡକ୍ଟର ମନୋରଞ୍ଜନ ବିଷୋୟୀ**



# ଅବ୍ୟକ୍ତ ମୂର୍ଚ୍ଛନା

ଶରତର ସୁନିର୍ମଳ ଶାନ୍ତ କାନ୍ତ ଜୋଛନା ରାତିରେ, ରାହୁଲ ଆଖିରେ ନିଦ ନାହିଁ। ସେ ତା'ର ହଜିଲା ଦିନର ସ୍ମୃତିକୁ ରୋମନ୍ଥନ କରି; ମନର ଖାତାରେ ହିସାବ ନିକାଶ କରି ବସେ। ତା'ର ମନେ ପଡ଼େ ମିଲିର ସେହି କଥାକୁହା ଆଖିର ଆବେଗଭରା ଚାହାଣୀ। ସେ ଚାହାଣୀରେ ଥିଲା ପ୍ରଣୟର ସଂଗୀତ ଓ ଗୀତ ଗାଇବାର ଆଦିତାଳ। ରାହୁଲର ଆଜି ଗୋଟି ଗୋଟି କରି ସବୁ ମନେ ପଡ଼ିଯାଉଛି; ସହପାଠିନୀ ମିଲିର କଥା। ମଧୁପ ଯେପରି ଭୁଲିପାରୁନି କୁସୁମର ପ୍ରୀତି, ସେହିଭଳି ରାହୁଲ ବି ଭୁଲିପାରିନି ମିଲିର ପ୍ରୀତି।

ରାହୁଲ ତା' ଅତୀତକୁ ରୋମନ୍ଥନ କରିବାକୁ ଲାଗିଲା -

ତା' ଜୀବନର ଧୂସରତାମୟ ଗୋଡ଼ିମାଟି ଭରା ଚଲାପଥରେ; ଚାଲି ଚାଲି ଥକି ଯିବାବେଳେ, ମିଲି ହିଁ କହୁଥିଲା - ଆସ ହାତ ଧରି ନେଇଯିବି ତୁମକୁ; କିନ୍ତୁ ଆଜି ସବୁ ଫାଙ୍କା। ରାହୁଲର ଜୀବନ ଆଜି ଶୂନ୍ୟ। ତା' ମନ ରୂପକ ପକ୍ଷୀ ଚାହେଁ ଖାଲି ଉଡ଼ିଯିବାକୁ ମିଲି ସହ; କଳା-ଧଳା ମେଘକୁ ଭେଦ କରି, ଆରପାରିକି ଚାଖିବା ପାଇଁ ଅମୃତ ରୂପି ସ୍ୱାଦ ବା ସୁଖକୁ। କିନ୍ତୁ ଆଜି ରାହୁଲର ଜୀବନ ଦୁଃଖ ଓ ଯନ୍ତ୍ରଣାମୟ ହୋଇ ଉଠିଛି। ସତେ ଯେପରି ତା'ର ବଞ୍ôଚବା କେବଳ ବାହାନା ହୋଇ ରହିଯାଇଛି।

ରାହୁଲର ମନେପଡ଼େ ! ଆଖିରେ ଆଖିଏ ସ୍ୱପ୍ନ ନେଇ ଯେତେବେଳେ ସେ ବିଶ୍ୱବିଦ୍ୟାଳୟର ପାଠ ପଢ଼ାରେ ମଗ୍ନ ଥାଏ, ସେତେବେଳେ ଦେଖାହୁଏ ମିଲି ସହ। ମିଲିକୁ ଦେଖିବା ପରେ ରାହୁଲର ଜୀବନ ପ୍ରେମର ପୟରେ ଉଛୁଳି ଉଠିଛି। ସେ ଦିନଠୁ ରାହୁଲ ଏକ ଭିନ୍ନ ଭାବନାରେ ନିଜକୁ ହଜାଇ, ଅସ୍ଥିର ପ୍ରଜାପତି ଭଳି ଖୋଜି ବୁଲିଛି ମିଲିକୁ। ସାଗର ବୁକେ, ଉର୍ମି ଉଠିଲା ଭଳି, ରାହୁଲର ମିଲିକୁ ପାଇବାର ଆଶା ଲମ୍ବି ଲମ୍ବି ଯାଇଛି। ସେ ଆଶାର ଭାଷା ନାହିଁ। କାରଣ ରାହୁଲ ପାଖରେ ତା' ମନ କଥା ମିଲିକୁ ଜଣାଇବାର ସାହସ ନାହିଁ। ସେ କେବଳ ପ୍ରତୀକ୍ଷାରେ ଥିଲା। ତା'ର ଆଶା କେବେ ପୂରିବ ବା ସେ ନିରାଶ ହେବ। ଏ ଭିତରେ ଅନେକ ରାତି ପରେ ଦିନ ଦିନ ବିତି ଯାଇଛି; କିନ୍ତୁ ରାହୁଲ ମନରେ ଥିବା ଆଶାରୂପକ ଦୀପାଳି ଲିଭିନାହିଁ।

ଏ କ'ଣ ? ପ୍ରେମର ପ୍ରଥମ ଶିହରଣ ଓ ସ୍ୱପ୍ନର ପ୍ରଥମ ଆରୋହଣ ପାଲଟି ଯାଇଥିବା ମିଲିର ସନ୍ଧାନୀ ଚକ୍ଷୁରେ ରାହୁଲ ତା' ଆଡ଼କୁ ଟାଣି ହୋଇ ଯାଉଛି ? ଏହାରି ଭିତରେ ରାହୁଲ; ମିଲିର ସୁକୋମଳ, ନିଷ୍କପଟ, ଛନ୍ଦହୀନ ହୃଦୟ ସାଗରକୁ ମନ୍ଥନ କରି ଅମୃତର ସନ୍ଧାନ ପାଇପାରିଛି ଏବଂ ରାହୁଲ ପାଇଁ ମିଲି ପାଲଟି ଯାଇଛି- ଦିନର ପ୍ରଥମ ଆବାହନୀ ଓ ରାତିର ପ୍ରଥମ ଆଲିଙ୍ଗନ।

ଏ ଭିତରେ ରାହୁଲ ଜାଣିପାରିଛି; ମିଲିର ଏଠାକୁ ଆସି ପାଠପଢ଼ିବା ଏକ ଯୋଗାଯୋଗ ମାତ୍ର। ଏହି ଯନ୍ତ୍ରଣାରୂପି ମରୁଭୂମିରେ ପାଦ ଦେଇ ମିଲି କିନ୍ତୁ ପାଇଛି ରାହୁଲ ରୂପୀ ଜଳର ସନ୍ଧାନ। ଏଭଳି ଅନେକ ଭାବନା ଭିତରେ ରାହୁଲ; ମିଲିକୁ ନେଇ ତା'ର ଭବିଷ୍ୟତ ରୁଟିନ୍ ତିଆରି କରିବାକୁ ଲାଗିଲା। ରାହୁଲ ଆଖିରେ ନିଦ ନାହିଁ। ସେ ଭାବନା ରାଜ୍ୟରୁ ଫେରି, ବିଛଣାରୁ ଉଠିଆସି ଆରାମ୍ ଚେୟାରରେ ବସି ଚାହିଁଲା ଶୂନ୍ୟ ଆକାଶକୁ।

ଏ କ'ଣ ? ଶରତର ସୁନିର୍ମଳ ଶାନ୍ତ କାନ୍ତ ଜୋଛନା ରାତିରେ; କାହୁଁ ଏକ କଳାହାଣ୍ଡିଆ ମେଘ ଆସି ଆକାଶକୁ ଢାଙ୍କି ରଖିଛି। ତାରା ଗୋଟିଏ ହେଲେ ନାହିଁ; ସବୁ ଲୁଚି ଗଲେଣି। ଖାଲି ଯାହା ଜହ୍ନଟା ବାଦଲକୁ ଧରା ନଦେଇ ତା' ସଙ୍ଗେ ଲୁଚକାଳି ଖେଳି ଚାଲିଛି। ଯେପରିକି ମିଲିର ମନ ସେ ପର୍ଯ୍ୟନ୍ତ ଧରା ଦେଇନି ରାହୁଲ ହାତରେ।

ଏଭଳି ପରିସ୍ଥିତି ଓ ପରିବେଶରେ ରାହୁଲ ନିଜକୁ ଚଳେଇ ପାରୁନି। ତା'ର ଦେହ ଓ ମନରେ ଅସହ୍ୟ ଯନ୍ତ୍ରଣା। ମିଲିକୁ ନିଜ ମନ କଥା ନ କହିପାରିବାର ଯନ୍ତ୍ରଣା ଏବଂ ମିଲି ପାଖରୁ ଭଲ ପାଉଥିବା କଥା ଶୁଣିବାର ପ୍ରତୀକ୍ଷାରୂପୀ ଯନ୍ତ୍ରଣା ଏସବୁ ରାହୁଲକୁ ଦାରୁଣ ଆଘାତ ପ୍ରଦାନ କରୁଥିଲା। କାରଣ ତା'ର କାରୁଣ୍ୟ ମନର ଭାଷା ବୁଝିବାକୁ ପାଖରେ ମିଲି ନାହିଁ। ମିଲି ରହେ ହଷ୍ଟେଲରେ।

ଏ ଭିତରେ ରାହୁଲ ଭଲକରି ଜାଣିପାରିଥିଲା ଯେ, ମିଲି ମଧ ରାହୁଲକୁ ନେଇ ତା'ର ଗଢ଼ି ସାରିଥିଲା ସ୍ୱପ୍ନର ମହଲ। କିନ୍ତୁ ମିଲି ବି ମୁହଁ ଖୋଲି କହିପାରି ନଥିଲା ତା' ମନର କଥା। ରାହୁଲ ବୁଝି ସାରିଥିଲା -ମିଲି ତା' ଜୀବନ ପରିଧିକୁ ଆସି, ତୋଳି ସାରିଥିଲା ବେସୁରା ଜୀବନରେ ସୁରର ମଧୁର ଝଙ୍କାର। ଏହି ଦେଖା ସାକ୍ଷାତ, କ୍ଲାସକୁ ଯିବା ଆସିବା ଭିତରେ ଦୁହେଁ ଦୁହିଁଙ୍କ ଅକୁହା ମନର ଭାଷାକୁ ପଢ଼ି ସାରିଥିଲେ। ରାହୁଲ ଅନେକ ଆଶା ଏବଂ ଅନେକ କଳ୍ପନା କରି ତା' ମନରୂପୀ ବେଳାଭୂମିରେ ଗଢ଼ି ଚାଲିଥିଲା କଳ୍ପନାର କୋଣାର୍କ, ସ୍ୱପ୍ନର ନୀଡ଼ ଏବଂ ପ୍ରେମର ସ୍ମୃତି ସ୍ୱରୂପ ତାଜମହଲ। ଦୁହେଁ ଦୁହିଁଙ୍କୁ ପାଇ, ଭୁଲି ଯାଇଥିଲେ ଜୀବନର ସମସ୍ତ ଦୁଃଖକୁ। ସେତେବେଳେ ନା' ଥିଲା ଅତୀତ ଆଉ ଭବିଷ୍ୟତ ଚିନ୍ତା, ଥିଲା କେବଳ ବର୍ତ୍ତମାନର। ବର୍ତ୍ତମାନକୁ ନେଇ ହଜି ଯାଇଥିଲେ ରାହୁଲ ଓ ମିଲି।

ଇତି ମଧରେ ଦୁହିଁଙ୍କ ପାଠପଢ଼ା ସରିଯାଇଛି। ମିଲି ଘରକୁ ଯିବାକୁ ବାହାରିଛି। ଯିବା ପୂର୍ବରୁ ଯେତେବେଳେ ମିଲି; ରାହୁଲକୁ ଦେଖା କରିବାକୁ ଯାଇଛି, ସେତେବେଳେ କେହି କିଛି କହିପାରି ନାହାନ୍ତି। କିଛି ସମୟର ନୀରବତା ପରେ ଦୁହେଁ ଅନେକ ଯନ୍ତ୍ରଣା ନେଇ ନିଜ ନିଜ ଘରକୁ ଫେରିଛନ୍ତି। ସେଦିନ ରାହୁଲ ବୁଝିପାରିଥିଲା- ପ୍ରକାଶ ହେବାକୁ ଚାହୁଁଥିବା ଆବେଗର ତଣ୍ଟି ଚିପି ଧରିଲେ, ନିଜ ତଣ୍ଟି ଚିପି ହୋଇଗଲା ପରି କଷ୍ଟ ହୁଏ। ଘରକୁ ଫେରିଲା ପରଠୁ ରାହୁଲକୁ କିଛି ଭଲ ଲାଗୁ ନଥାଏ ମିଲି ବିନା। ମିଲିର ବି ସେହି ଅବସ୍ଥା। ରାହୁଲକୁ ତା'ମନ କଥା ନ କହି ପାରିବାର ଯନ୍ତ୍ରଣା। କିନ୍ତୁ ଏ କ'ଣ ? ଏହି ବିଚ୍ଛେଦ ହିଁ ଦୁହେଁ,ଦୁହିଁଙ୍କୁ ପାଇବାର ବ୍ୟାକୁଳତାକୁ ବଢ଼ାଇ ଦେଇଛି।

ରାହୁଲ ମନରେ ବିରାଟ ଶୂନ୍ୟତା। ଶୂନ୍ୟତା କଥା ଭାବିଲା ବେଳକୁ ରାହୁଲ ଚମକି ଉଠିଛି। ଘଣ୍ଟା ଦେଖିଲା ବେଳକୁ ରାତି ଗୋଟାଏ। କିନ୍ତୁ ଆଖିରେ ନିଦ ନାହିଁ। ପୁଣି ଥରେ ରାହୁଲ ଭାବି ବସିଛି। ସେହି ଅତୀତର ସ୍ମୃତି।

ଏ କ'ଣ ? ଅତୀତକୁ କେହି କେବେ କ'ଣ ଖୋଜେ ? ଅତୀତ କ'ଣ କେବେ ଫେରେ ? କିନ୍ତୁ ଅତୀତର ସେହି ପାହାଡ଼ ଉପରେ ଠିଆ ହୋଇ ରାହୁଲ ଭୋଗିଛି ଅବ୍ୟକ୍ତ ଯନ୍ତ୍ରଣା। ପୁଣି ଥରେ ରାହୁଲ ଅତୀତର ପୃଷ୍ଠାକୁ ଲେଉଟାଇ ଚାଲିଲା। ସେ ଭାବି ବସିଛି କିଭଳି ମିଲି ଗଲାପରଠୁ ତା' ମନରୂପି ଆକାଶରେ ଆଉ ପୂର୍ଣ୍ଣମୀର ଚାନ୍ଦ ନାହିଁ, ସାରା ମନ ଆକାଶ ଆଜି ଅନ୍ଧକାରମୟ। ତା'ର ମନ ବନରେ ଆଉ କୋକିଳର କୁହୁକୁହୁ ଶୁଣାଯାଉନି। ରାହୁଲର ମନେ ପଡ଼ିଯାଉଛି, ମିଲିର ଉଜ୍ଜ୍ୱଳ ମୁଖମଣ୍ଡଳ, ଚଳଚଞ୍ଚଳ ନୟନ, ଯାହାକୁ ରାହୁଲ ଅନେକ ଦିନ ହେଲା ନୀରବରେ ଭଲ ପାଇ ଆସୁଥିଲା। ସେହି ମିଲି ଗଲାଦିନଠୁ ରାହୁଲ ମନରେ ସୃଷ୍ଟି ହୋଇଛି ବେଦନା ରୂପକ ଝଡ଼। ଦେହ ଖରାପକୁ ସିନା ଔଷଧ ଅଛି କିନ୍ତୁ ମନ ଦରଦକୁ ମଲମ ନଥିଲା ଭଳି। ରାହୁଲ ସାଥୀହରା ହୋଇ ମିଲିକୁ ଖୋଜିଛି। କିନ୍ତୁ ଏ କ'ଣ ? ଦିନେ ସାର୍ଟିଫିକେଟ୍ ଉଠାଇବା ବାହାନାରେ ମିଲି ଆସି ପହଞ୍ôଚଛି ବିଶ୍ୱବିଦ୍ୟାଳୟରେ। ରାହୁଲର ମିଲି ସହ ସାକ୍ଷାତ ପରେ, ମନେ ହୋଇଛି ସତେ ଯେପରି ରାହୁଲର ମନ, ଉଛୁଳା ନଈର ରୂପ ନେଇଛି। କୌଣସି ବାଧ ମାନିବାକୁ ସେ ନାରାଜ। କେବଳ ଉଚ୍ଛ୍ୱସିତ ବେଦନାରୁ କିଛିଟା ଉଛୁଳିଗଲେ ମନ ତା'ର ଶାନ୍ତ ପାଇବ। କାରଣ ସେ ଶୁଣିଥିଲା, ଦୁଃଖ ଅନ୍ୟ ଆଗରେ ପ୍ରକାଶ କଲେ କିଛିଟା ଉପଶମ ହୁଏ। ତାହା ଆଜି ଅନୁଭବ କରିପାରିଛି ରାହୁଲ। ଅନେକ ସମୟ ଗପିବା ଭିତରେ ବି ରାହୁଲ ତା' ମନ କଥା ମିଲିକୁ କହିପାରି ନାହିଁ। ମିଲି ବି ଯାହା କହିବାକୁ ଚାହୁଁଥିଲା ତାହା ତା' ଓଠରୁ ଫେରି ଯାଉଥିଲା। କିନ୍ତୁ ଆଖି ତା'ର ଅନେକ କଥା କହି ସାରିଥିଲା। ଭିନ୍ନ ଏଭ ଭାଷାର କଥା। ଯାହା ରାହୁଲ ପାଇଁ ଅବୁଝା ନଥିଲା। ତା'ପରେ ମିଲି ନିଜ ଗାଁକୁ ଫେରି ଯାଇଛି।

ଅତୀତର ଏକଥା ଭାବିଲା ବେଳକୁ ରାହୁଲର ଆଖି ଜକେଇ ଆସୁଥାଏ। ରାତି ପାହିବାକୁ ଅନେକ ସମୟ ବାଛି ଅଛି। ତଥାପି ରାହୁଲ ଆଖିରେ ନିଦ ନାହିଁ। ସେ ପୁଣି ଥରେ ଭାବି ବସିଛି ଅତୀତର ସେହି ଅଭୁଲା ସ୍ମୃତିକୁ।

ରାହୁଲ ମନରେ ଅନେକ ପ୍ରଶ୍ନବାଚୀ- ସେ ଯାହା କରୁଛି, କ'ଣ ଠିକ୍ କରୁଛି। କାରଣ ରାହୁଲ ଓ ମିଲି ଉଭୟଙ୍କ ଦେହ ଓ ମନ ଖୁବ୍ କଞ୍ଚା। ବେଳେବେଳେ ଟାଣ ପବନର ଛାପ ବି ଦେହ ଓ ମନରେ କିଛିଟା ପାଦଚିହ୍ନ ଛାଡ଼ି ଯାଉଥିଲା। ଦୁହେଁ କଞ୍ଚା ମନ ଦୁଇଟିକୁ ନେଇ ପରସ୍ପରର ଖୁବ୍ ନିକଟସ୍ଥ ହୋଇଛନ୍ତି କିନ୍ତୁ ମନ ଦୁଇଟି ଟଳମଳ ହୋଇଛି। ପଡ଼ିଯିବା ଆଗରୁ ଗୋଟିଏ ମନ, ଅନ୍ୟଟି ଉପରେ ଆଉଜି ପଡ଼ିଛି। ଏ ଟଳମଳ ଭରା ପାଦ ଓ ମନରେ, ରାହୁଲ ଯେତେବେଳେ ବାପା, ମାଆ ଓ ଘର କଥା ଭାବି ବସେ, ସେ ଭାବନାର ଅତଳ ଗଣ୍ଡକୁ ଚାଲିଯାଏ। ସେ ଦେଖେ - ବାପା, ମାଆଙ୍କ ଅପମାନ ବୋଧଭରା ଚାହାଣି, ଏବଂ ନିଜ ବେରୋଜଗାର ପଣିଆ। କ'ଣ କରିବ, ନ କରିବ ଏ ଭାବନାରେ ଅନେକ ଦିନ ବିତିଗଲା।

ରାହୁଲ କେବଳ ଅନିଶ୍ଚିତ ବର୍ତ୍ତମାନ ଓ ଅନ୍ଧାରି ଭବିଷ୍ୟତକୁ ନେଇ ବାଟ ଚାଲିଛି। ଏ ଭିତରେ ମିଲି ଘରକୁ ଅନେକ ବିବାହ ପ୍ରସ୍ତାବ ନେଇ ଆସିଛନ୍ତି। କିନ୍ତୁ ସବୁ ପ୍ରସ୍ତାବକୁ ମିଲି ଏଡ଼ାଇ ଚାଲିଛି। ରାହୁଲର ବି ସମଦଶା, କିନ୍ତୁ କେତେ ଦିନ ? କେଉଁ ଆଶା ବା ସମ୍ଭାବନା ନେଇ ଦୁହେଁ ଏଡ଼ାଇ ଚାଲିଥିବେ ଦୁହିଁଙ୍କ ବାହାଘର କଥା। କିନ୍ତୁ କରିବେ ବା କ'ଣ ? ଦୁହେଁ ଦୁହିଁଙ୍କୁ ଜୀବନ ଭାବେ ଧରି ନେଇଛନ୍ତି। ଏ ଭିତରେ ପାଞ୍ଚ ବର୍ଷ ବିତିଗଲାଣି। ରାହୁଣ ସୀମାହୀନ ଭାବନା ଭିତରେ ଏମିତି ଅନେକ ଅବାନ୍ତର ପ୍ରଶ୍ନ ମୁଣ୍ଡ ଟେକିଛି। ଏସବୁ ଭାବି ଭାବି ରାହୁଲ ଆଖିରେ ଲୁହ ଜକେଇ ଆସିଛି। ପୁଣି ସେ ରହି ରହି ଭାବି ବସିଲା ବେଳକୁ ଆକାଶ ଫର୍ଚ୍ଚା ହୋଇ ଆସୁଥାଏ। ପୁଣି ଥରେ ରାହୁଲ ଭାବି ବସିଛି- ସତରେ କ'ଣ ପ୍ରେମ କରିବାଟା ଏକ ବିରାଟ ଭୁଲ ? ମନକୁ ଖଡ଼ି ଧରି ବୁଝାଇଛି। ସଫଳତା ଲାଭ କରିବାକୁ ହେଲେ, ବିଫଳତାର ତୀବ୍ର ଯନ୍ତ୍ରଣା ଭିତରେ କ୍ଷତାକ୍ତ ହେବାକୁ ପଡ଼ିଥାଏ। ରାହୁଲ ତା'ର ହଜିଲା ଦିନର ଅଭୁଲା ଅତୀତକୁ ସାଇତିବା ନିମନ୍ତେ ପ୍ରୟାସ ଜାରି ରଖିବା ସହ ମିଲିକୁ ନେଇ ସଂସାର କରିବାର ସ୍ୱପ୍ନକୁ ସତ କରିବାକୁ ମନସ୍ଥ କଲାବେଳକୁ ତା' ଭାବନାରେ ହଠାତ୍ ବାଧା ଦେଇଥିଲା ବୋଉଙ୍କ ଆଠଟା ବାଜିଲାଣି ଡାକ। ସେ ଚମକି ଚାହିଁଲା ବେଳକୁ ସାମ୍ନାରେ ବୋଉର କ୍ରୋଧଭରା ଚାହାଣି। ପ୍ରେମ ଶକ୍ତିର ବିଜୟ ପରେ ହିଁ କ୍ରୋଧଶକ୍ତିର ଅବକ୍ଷୟ- ଏକଥା ଭାବି ରାହୁଲ ବିଛଣା ଛାଡ଼ିଛି।

**ସ୍ନାତକୋତ୍ତର ଓଡ଼ିଆ ବିଭାଗ,**
**ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର, ଗଂଜାମ**
**ମୋବାଇଲ୍: ୮୮୯୫୧୪୧୭୨୭**



## ଉତ୍କଳ ଦିବସ

**ସନ୍ତୋଷ କୁମାର ସାହୁ**

ଉତ୍କୃଷ୍ଟ କଳାର ରାଇଜ ଆମର
ଉତ୍କଳ ନାମେ ନାମିତ
ସଂସ୍କୃତି ଐତିହ ସାହିତ୍ୟ ବାଣିଜ୍ୟ
ସୁଦୂରକୁ ପ୍ରସାରିତ.....
ଉତ୍କଳର ସୀମା ଗଙ୍ଗାଠୁ ଗୋଦାବରୀ
ରହିଥିଲା ବିସ୍ତାରିତ
ସକଳ କ୍ଷେତ୍ରରେ ଉତ୍କଳ ଅଗ୍ରଣୀ
ସବୁଜ ବନାନୀ କ୍ଷେତ...
ଉତ୍କଳ ଗୌରବ ହେଲା ଅବଲୁପ୍ତ
ରଣ ପିପାସୁଙ୍କ ଦ୍ୱାରା
ଆଫଗାନ ମୋଗଲ
ମରହଟ୍ଟାମାନେ
ଉତ୍କଳେ ବାନ୍ଧିଲେ ଡେରା....
ଉତ୍କଳ ଭୂମିକୁ ଆକ୍ରମଣ କରି
ସୌନ୍ଦର୍ଯ୍ୟକୁ କଲେ କ୍ଷତ
ଇଂରେଜଙ୍କ ଦ୍ୱାରା ଉତ୍କଳୀୟମାନେ
ହେଲେ କେତେ ମର୍ମାହତ...
ଓଡ଼ିଆ ଜାତିର ଭାଗ୍ୟ ଆକାଶରେ
ଦିଶିଲା ଅଶୁଭ ଚିହ୍ନ
ମହାତ୍ମା ଗାନ୍ଧୀଙ୍କ ସ୍ୱାଧୀନତା ଧ୍ୱନୀ
ସୃଷ୍ଟି କଲା ଆଲୋଡ଼ନ...
ଘନ ଅନ୍ଧାରରୁ ଓଡ଼ିଶା ବାସୀଙ୍କୁ
ଉଦ୍ଧାର କରିବା ପାଇଁ
ବରପୁତ୍ରମାନେ ବୀରତ୍ୱର ସହ
ସଂଗ୍ରାମରେ ଦେଲେ ଡେଇଁ....
ଉତ୍କଳ ଗୌରବ ମଧୁସୂଦନ ଓ
କୃଷ୍ଣ ଚନ୍ଦ୍ର ଗଜପତି
ଉତ୍କଳର ମଣି ଗୋପବନ୍ଧୁ ସହ
ହରେକୃଷ୍ଣ ଗଲେ ମାତି...
ସ୍ୱତନ୍ତ୍ର ଉତ୍କଳ ଗଠନ ନିମନ୍ତେ
ଚେଷ୍ଟାକଲେ ବାରମ୍ବାର
ସଂଗ୍ରାମ ଶେଷରେ ନବ ଉତ୍କଳର
ପାଇଗଲେ ଉପହାର...
ମଧୁସୂଦନ ଯେ ଉତ୍କଳ ସମ୍ମିଳନୀ
ଗଠନ କରିଲେ ଦିନେ
ଜାତି ପ୍ରେମ ସୁଧା ପ୍ରେରଣା ଉତ୍ସାହ
ଭରିଲେ ଓଡ଼ିଆ ମନେ...
ଉତ୍କଳୀୟ ପ୍ରାଣେ ଜାତୀୟତା ବହ୍ନି
ଜାଳି ମଧୁସୂଦନ ଦାସ
ଉତ୍କଳ ମାଟିରୁ ଇଂରେଜଙ୍କ ଗର୍ବ
କରିଦେଇଥିଲେ ଶେଷ...
ଉତ୍କଳ ମାଆର ଏକତ୍ର ନିମନ୍ତେ
ସଂଗ୍ରାମର ଦୀପ ଜାଳି
ରାଜା ବିକ୍ରମ ଦେବ ଫକୀର ମୋହନ
ଜୀବନକୁ ଦେଲେ ବଳି...
ରାମଚନ୍ଦ୍ର ଦେବ ଜଗବନ୍ଧୁ ସିଂହ
ଆଚାର୍ଯ୍ୟ ହରିହର
ଗୋଦାବରୀଶ ମିଶ୍ର ବ୍ରଜ ସୁନ୍ଦର ଦାସ
ଲଢ଼ିଥିଲେ ବାରମ୍ବାର...
ଉତ୍କଳ ଦିବସ ଓଡ଼ିଆ ଜାତିର
ଅଟେ ବଡ଼ ସ୍ୱାଭିମାନ
ଆଡମ୍ବରେ ହୁଏ ଏପ୍ରିଲ ଏକ'ରେ
ପାଳନର ଆୟୋଜନ...
**ଗାନ୍ଧୀ ନଗର, କୋରାପୁଟ**





## ଆଜି ବି ଖୋଜୁଛି ମୋ ମନ ତୁମକୁ

**ଡଃ ତାନଶ୍ରୀ ପାଣିଗ୍ରାହୀ**

ଭୁଲିବି ହେଉନି ସେ ଦିନର ଆମ
ଦୁଇ ଆତ୍ମାର ମିଳନ...
ଅଧରେ ଶୋଭିତ ସୁଧାମୟ ସ୍ମିତ
ତୁମ ଶରଧା ଚୁମ୍ବନ...
କହୁଥିଲ ଧନ ତୁମେ ମୋ ସ୍ପନ୍ଦନ
ବୁଝ ଥରେ ମୋ ଆବେଗ
ଆଖିର ପଲକେ ହସୁଥିଲ ତୁମେ
କି ମିଠା ତୁମ ସରାଗ...
ସାଗର ଗରଭେ ଶାମୁକା ଯେପରି
ଭାସେ ଆକାଶକୁ ଚାହିଁ
ରଖିଥିଲ ମଥା ମୋହରି କୋଳରେ
ମାଦକତା ଗଲା ଛୁଇଁ...
ମନ ଦେଉଳରେ ଆଙ୍କୁଥିଲ ତୁମେ
ସବୁଠି ପ୍ରଣୟ ଚିତ୍ର
ତୁମରି ଦୁଷ୍ଟାମୀ ରଙ୍ଗ ଦେଉଥିଲା
ହେଲା ପ୍ରେମ ପ୍ରତିଭାତ...
ବିଦାୟ ସମୟେ ମୁଣ୍ଡ ନଇଁଯାଏ
ଛୁଇଁବାକୁ ତୁମ ପାଦ
ମୋ ମୁଣ୍ଡ ଉପରେ ହାତ ରଖି ତୁମେ
ଦିଅ ମୋତେ ଆଶୀର୍ବାଦ...
ତୁମ ରୂପ କାନ୍ତି ଅଲିଭା ସେ ସ୍ମୃତି
ହୃଦକୁ କରେ ଅଥୟ
ଆଜି ବି ଖୋଜୁଛି ଏ ଦରଦୀ ମନ
କେବେଳ ତୁମକୁ ପ୍ରିୟ ॥
**ଆଚାର୍ଯ୍ୟା, ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର, ବାଲେଶ୍ୱର**
**ମୋବାଇଲ୍: ୯୩୩୭୩୦୪୨୯୫**



## ମୁରଲୀ

**ଅନୁପମା ବିଶ୍ୱାଳ**

ସତ୍ୟଭାମା ରାଣୀ ମନେ ଶ୍ରଦ୍ଧା ଆଣି
କଲେ କେଶବଙ୍କୁ ଅଳି
ଶୁଣିବାକୁ ମୁହିଁ ରହିଅଛି ଚାହିଁ
ବଜାଅ ଥରେ ମୁରଲୀ।
କହନ୍ତି ମୋହନ ତୁମେ କି ନ ଜାଣ
ମୁରଲୀରେ ନାହିଁ ପ୍ରାଣ
ରାଧାଙ୍କ ବିହୁନେ ଛାଡି କୁଞ୍ଜବନେ
କାହୁଁ ଯେ ଆସିବ ସ୍ୱନ।
ସମର୍ପଣ, ପ୍ରୀତି, ଭାଓ୍ୱ ଓ ଭକତି
ମିଶିଥାଏ ଯେଉଁଠାରେ
ରାଧା ନାମ ସେଇ ନିଏ ମନ ମୋହି
ବଂଶୀ ସ୍ୱର ତହିଁ ଝରେ।
ବଇଁଶୀ ସୁରରେ ଯମୁନା ଉଛୁଳେ
ହୁଅଇ ତରଙ୍ଗାୟିତ
ଆକାଶର ଶୋଭା ହୁଏ ମନଲୋଭା
ସପତରଙ୍ଗେ ଆପ୍ଲୁତ।
ସୁର ତାଳେ ତାଳେ ଖେଳେ ଫୁଲ ଡାଳେ
କୃଷ୍ଣସାର ଧାଇଁବୁଲେ
ଧେନୁ ବତ୍ସା ଯେତେ ହୋଇ ଆନନ୍ଦିତେ
ଶୁଣୁଥିଲେ କୁତୁହଳେ।
ଗୋପ ଗୋପାଙ୍ଗନା ହୋଇ ଖୁସିମନା
କର୍ମରେ ରହି ଚଞ୍ଚଳ
ସଞ୍ଜରୁ ସକାଳ ହୋଇଣ ତତ୍ପର
ଲଭୁଥିଲେ ଦିବ୍ୟଫଳ।
ରାଧାଙ୍କ କୋମଳ ହୃଦୟ ତନ୍ତ୍ରୀରେ
ବନ୍ଧା ମୋ ମୁରଲୀ ସ୍ୱର
ଯେଉଁଦିନ ରାଈ ଦେବେ ଯେ ଫେରାଇ
ଶୁଭିବ ପୁଣି ଝଙ୍କାର ।



ପ୍ରେମର ମୂରତି ମୋର ପ୍ରିୟା ଅତି
ତାଙ୍କ ବିନା ମୁରଲୀର
ମୂଲ୍ୟ ଦେଇ ନାହିଁ ଯିଏ ଏବେ କାହିଁ
ନହୁଏ ପୁଣି କାହାରା।
**ସମ୍ବଲପୁର**



**ଡ. ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ**




# ଧର୍ମ ଓ ସାମାଜିକ ଦାୟିତ୍ୱ

ବର୍ତ୍ତମାନ ପରୀକ୍ଷା ଋତୁ ଚାଲିଛି । ସବୁଠି ପରୀକ୍ଷାର ପ୍ରସ୍ତୁତି, ଭୟ ଓ ଉତ୍କଣ୍ଠା। ଏହି ସମୟରେ ଆମର ଦାୟିତ୍ୱ ହେଉଚି କିପରି ପିଲା ମାନେ ଶାନ୍ତିରେ ପାଠ ପଢ଼ିବେ ଓ ପରୀକ୍ଷାରେ ଭଲ କରିବେ। ମାତ୍ର , ଏହି ଶାନ୍ତିର ଶତ୍ରୁ ସାଜି ପଶିଆସେ ଧର୍ମ। ଘରେ ଘରେ ନାମ ସଙ୍କୀର୍ତ୍ତନ ଓ ଅଷ୍ଟ ପ୍ରହରୀ। ଭଲ କଥା। ଆମେ ମାନେ ଈଶ୍ୱର ବିଶ୍ୱାସୀ ହେବା ଓ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିବା ଏକ ମହତ୍ କାର୍ଯ୍ୟ। ହେଲେ, ଅନ୍ୟକୁ ଶୁଣାଇବା ପାଇଁ ଉଚ୍ଚ ସ୍ୱରରେ ମାଇକ ବଜାଇ ସାରା ସହରର ଶାନ୍ତି ଭଙ୍ଗ କରିବା କେତେ ଦୂର ଯଥାର୍ଥ ? ମୋର ଘର ପାଖରେ କେହି ଜଣେ ନାମ ଯଜ୍ଞ କରୁଥିଲେ।

ସକାଳ ହେବା ମାତ୍ରେ ଆରମ୍ଭ ହୋଇ ରାତି ଯାଏଁ ବୋଲି ଚାଲୁଛି। ମୋର ଘର ପାଖରେ ତିନି ତିନୋଟି ଶିକ୍ଷାନୁଷ୍ଠାନ ଓ ପିଲାଙ୍କ ହଷ୍ଟେଲ। ଥରେ ଭାବନ୍ତୁ ତ କେତେ କଷ୍ଟରେ ସେମାନେ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବେ ଏବଂ ପରୀକ୍ଷା ଦେଉଥିବେ। ବାଧ ହୋଇ ପ୍ରଶାସନକୁ ଜଣାଇବା ପରେ ସେମାନଙ୍କୁ ପ୍ରଶାସନ ତରଫରୁ ଆକଟ କରା ଯାଇ ଶବ୍ଦକୁ ନିୟନ୍ତ୍ରଣ କରିବାକୁ କୁହା ଗଲା। ଏମିତି ସବୁ ବର୍ଷ ହୁଏ। ଠିକ୍ ପିଲାଙ୍କ ପରୀକ୍ଷା ଆରମ୍ଭ ହେବ ଓ ନାମ ସଙ୍କୀର୍ତ୍ତନ ମଧ୍ଯ। ଜଣେ ସଚେତନ ନାଗରିକ ଭାବରେ ମୁଁ ପ୍ରତିବର୍ଷ ଅଭିଯୋଗ କରେ। ସେମାନେ ମତେ ବିଧର୍ମୀ ଭାବନ୍ତି। ଦୁଇ ଚାରି ଘଣ୍ଟା ବିରାମ ଦେଇ ପୁନଶ୍ଚ ଶବ୍ଦର ମାତ୍ରା ବଢେଇ ଦିଅନ୍ତି। ଆମ ସମାଜ ହିଁ ସେମିତି। ନିଜସ୍ୱ ଚିନ୍ତାଧାରା କୁ ଅନ୍ୟ ଉପରେ ଲଦି ଦିଅନ୍ତି ଅଧିକାଂଶ। ଯେମିତି ପିଲା ଟିଏ ଖେଳିବା ବୟସ ହେଲେ ଆମେ ଆମ ପସନ୍ଦର ଖେଳନା ଟିଏ ତାକୁ କିଣି ଦଉ। ଏଇଟା ଭାଙ୍ଗିବନି ବା ଭାଙ୍ଗିଗଲେ ବାଧିବନି ଏଇପରି କହି ଆମେ ତାଙ୍କୁ ବୁଝେଇ ଦେଉ। ପୋଷାକ ପତ୍ରରେ ମଧ୍ଯ ସେମିତି। ତତେ ଏଇଟା ଭଲ ଦିଶିବନି କହି ଆମେ ତାଙ୍କ ନିଜସ୍ୱ ପସନ୍ଦକୁ ଅଗ୍ରାହ୍ୟ କରି ଦିଅନ୍ତି। ଫଳରେ ପରବର୍ତ୍ତୀ ସମୟରେ ସେ ନିଜ ପସନ୍ଦ ଉପରେ ଭରସା କରି ପାରେ ନାହିଁ ଓ ତାର ଆତ୍ମବିଶ୍ୱାସ କ୍ଷୁର୍ଣ୍ଣ ହୁଏ। ଏହି ସମସ୍ୟା କେବଳ ବ୍ୟକ୍ତିଗତ ସ୍ତରରେ ସୀମିତ ନ ରହି ସାମାଜିକ ସ୍ତରକୁ ଓହ୍ଲେଇ ଆସେ। ଅନେକ ଗାଆଁରେ ସାଧାରଣ ନିର୍ବାଚନ ବା ପଞ୍ଚାୟତ ନିର୍ବାଚନ ବେଳେ ସାରା ଗାଆଁର ଲୋକଙ୍କୁ ଗ୍ରାମ ଦେବତୀଙ୍କ ନାଁ ରେ ଶପଥ କରାଇ ଗୋଟିଏ ନିର୍ଦ୍ଦିଷ୍ଟ ଦଳକୁ ମତଦାନ କରିବାକୁ ନିଷ୍ପତ୍ତି ନିଆ ଯାଏ। ଏଠାରେ ବ୍ୟକ୍ତିଗତ ବିଚାରବୋଧ ଓ ଅଧିକାରର କୌଣସି ମୂଲ୍ୟ ରହେ ନାହିଁ। ଧର୍ମୀୟ ଭାବନାରେ ପ୍ରଭାବିତ ହୋଇ ଥିବା ବ୍ୟକ୍ତି କେବେ ଯୁକ୍ତିସଂଗତ ବିଚାର କରି ପାରେ ନାହିଁ। ଅତୀତରେ ହୋଇଥିବା ଧର୍ମଗତ ଦଙ୍ଗା ଏହାର ଉଦାହରଣ। ରିପୋର୍ଟ ଅନୁସାରେ ଭାରତରେ ୨୪ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ୨୦୦୫ରୁ ୨୦୦୯ ମଧରେ ସଂଘଟିତ ଏହି ଧର୍ମୀୟ ଦଙ୍ଗା ଦ୍ୱାରା ପ୍ରଭାବିତ।୨୦୦୮ ହ୍ୟୁମାନ ରାଇଟସ୍ ୱାଚ ର ରିପୋର୍ଟ ଭାରତରେ ସର୍ବାଧିକ ମାନବ ଅଧିକାର ସୁରକ୍ଷାର କଥା କୁହା ଯାଉଥିବା ବେଳେ ଏହାର ଉଲଂଘନ ମଧ ଭାରତରେ ସର୍ବାଧିକ ହୋଇଥାଏ। ଏହାର ମୂଳ କାରଣ ଧର୍ମୀୟ ଭାବନା ଜନିତ ହୋଇଥାଏ। ଭାରତରେ ୭୯.୮ ପ୍ରତିଶତ ହିନ୍ଦୁ ରହିଥିବା ବେଳେ ବିଭିନ୍ନ ଦେବା ଦେବୀ ଓ ସାଧୁ ସନ୍ଥଙ୍କ ଅନୁଗମନ ଅନୁସାରେ ଏମାନଙ୍କର ଧର୍ମୀୟ ଭାବନା ବଦଳୁ ଥାଏ। ନୀତି ନିୟମ, ଓଷା ବ୍ରତ ଅନେକ ସ୍ଥଳେ କେବଳ ନାରୀ ମାନଙ୍କ ଉପରେ ଲଦି ଦିଆ ଯାଉଥିବା ବେଳେ ସାମାଜିକ, ଅର୍ଥନୈତିକ ଓ ବ୍ୟକ୍ତିଗତ ଅଭିବୃଦ୍ଧିକୁ ଗୁରୁତ୍ୱ ଦିଆ ଯାଏ ନାହିଁ। ଯେପରି, ଝିଅଟିଏ ଭଲ ଗୀତ ବୋଲୁଛି, କିମ୍ବା ଭଲ କବିତା ଲେଖୁଛି ବଦଳରେ ଝିଅଟି ଗୁରୁବାର ଆମିଷ ଖାଏ ନାହିଁ ବା ସକାଳେ ସଞ୍ଜେ ଠାକୁର ପୂଜା କରେ ବୋଲି ଶୁଣିଲେ ଆମେ ତାକୁ ସୁଶ୍ରୀ ଓ ଗୁଣବତୀ ବୋଲି ଭାବି ଥାଉ। ଏହା ମଧ୍ଯ ଏକ ଲୋକ ଦେଖଣିଆ ସଂସ୍କାର। ଅନେଗୁଡ଼ିଏ ପରିବାରରେ ବୋହୂ ଟିଏ ସଞ୍ଜବତି ଜାଳି ଠାକୁର ପୂଜା କରୁଥିବା ବେଳେ ଘରର ଅନ୍ୟ ସଦସ୍ୟ ମାନେ ନିଜ ନିଜ କାମରେ ବ୍ୟସ୍ତ ଥାଆନ୍ତି। ତେବେ ଏହା ଏକ ବିଧି ନା ଭକ୍ତି ଏହା ବିଚାର ସାପେକ୍ଷ।

ଆମ ମଧରେ ଧର୍ମ ଓ ଆଧାତ୍ମିକତା କୁ ନେଇ ଏକ ବଡ଼ ବିସଂଗତି ରହିଛି। ପ୍ରକୃତରେ ଧର୍ମ ହେଉଛି ଏକ ମାର୍ଗ, ଯାହା ଆଧାତ୍ମିକତା ଆଡକୁ ଅଗ୍ରସର କରାଇ ପାରେ। ବିଶିଷ୍ଟ ସାରସ୍ୱତ ସାଧକ ମନୋଜ ଦାସଙ୍କ ମତରେ, ଆଧାତ୍ମିକତାକୁ କୌଣସି ଧର୍ମ ଗୋଷ୍ଠୀ, ଜାତି ଇତ୍ୟାଦି ସହ ସଂଶ୍ଲିଷ୍ଟ କଲେ ଚଳିବ ନାହିଁ। ଆଧାତ୍ମିକତା ଏକ ଚେତନାଗତ ବିଜ୍ଞାନ। ମଣିଷର ସୃଷ୍ଟି ବିବର୍ତ୍ତନର ଆଭିମୁଖ୍ୟ, ମଣିଷ ଜାତିର ଅନିର୍ବାଯ୍ୟ ଭବିଷ୍ୟତ ସମ୍ପର୍କରେ ଶ୍ରୀ ଅରବିନ୍ଦ ଯେଉଁ ଦିଗଦର୍ଶନ ଦେଇଛନ୍ତି ତାହା ମତେ ବିଜ୍ଞାନସମ୍ମତ ଓ ପୂର୍ଣ୍ଣାଙ୍ଗ ମନେ ହେଲା। ଏହି ଠାରୁ ଆରମ୍ଭ ହୋଇ ଥିଲା ତାଙ୍କର ଆଧାତ୍ମିକ ଅନ୍ୱେଷା। ଆମେ ପ୍ରତ୍ୟେକ ଦିନ ସକାଳେ, ସଂଜେ ଭଗବାନଙ୍କୁ ପୂଜା କରୁ। ମାତ୍ର, କେତେ ଥର ପାପ ଚିନ୍ତା, ଅନ୍ୟାୟ, ଅନୀତି କରିବା ବେଳେ ଭଗବାନଙ୍କୁ ମନେ ପକାଉ ? କୌଣସି ଅସହାୟ, ବୃଦ୍ଧ ବ୍ୟକ୍ତି, ପଶୁ ପକ୍ଷୀଙ୍କୁ ଦୟା କରୁ ? ଈଶ୍ୱର ମନ୍ଦିରର ନିର୍ଜୀବ ମୂର୍ତ୍ତିରେ ନୁହେଁ ବରଂ ମଣିଷର ହୃଦୟରେ ରହି ଥାଆନ୍ତି। ଆମେ ମନ୍ଦିରରେ ଭିଡ ଲଗାଇ ଦର୍ଶନ ତ କରୁ, ମାତ୍ର ପ୍ରତ୍ୟେକ ଜୀବ ଭିତରେ ଥିବା ଈଶ୍ୱରଙ୍କୁ ଦେଖି ପାରୁ ନାହିଁ। ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି, ମାନବ ସେବା ହିଁ ମାଧବ ସେବା। ମାତ୍ର ମଣିଷ ମଣିଷକୁ ସାହଯ୍ୟ କରିବାକୁ ଶହେ ଥର ଚିନ୍ତା କରୁଚି। ଅନ୍ଧ ଭାବରେ ଆମେ ଧର୍ମକୁ ଜାବୁଡ଼ି ଧରିଲେ ମଧ୍ଯ ପ୍ରକୃତ ଧର୍ମ ପାଳନ କରୁ ନାହାନ୍ତି। ଈଶ୍ୱର ସମ ବୃଦ୍ଧ ପିତା ମାତାଙ୍କୁ କେଉଁଠି ବୃଦ୍ଧଶ୍ରମରେ ରହିବାକୁ ହେଉଛି ତ କେଉଁଠି ପିଲାଙ୍କ ଅବହେଳାର ଶିକାର ହେବାକୁ ପଡୁଚି। ଉଚ୍ଚ ସ୍ୱରରେ ଡ଼ାକବାଜି ଯନ୍ତ୍ର ଲଗାଇ ଯେତେ ଡାକିଲେ ମଧ୍ଯ ଭଗବାନ ସନ୍ତୁଷ୍ଟ ହୁଅନ୍ତି ନାହିଁ, ଯଦି ତା ଦ୍ୱାରା ଅନ୍ୟର ଅସୁବିଧା ହେଉଥାଏ। କାହାରି ଘରେ ମଧ୍ଯ ହୃଦ୍ ରୋଗୀ, ବୃଦ୍ଧ, ଶିଶୁ ଓ ବିଦ୍ୟାର୍ଥୀ ଥାଇ ପାରନ୍ତି। ନିଜସ୍ୱ ଭକ୍ତି ରସକୁ ତାଙ୍କ ଉପରେ ଲଦି ଦେଇ କେଉଁ ପୁଣ୍ୟ ପ୍ରାପ୍ତ ହୁଏ ବୁଝି ହୁଏ ନାହିଁ। ଯେପରି ଭାରତର ୧୦୦କୋଟି ଲୋକ କୁମ୍ଭ ମେଳାରେ ବୁଡ଼ ପକାଇ ପାପ ମୁକ୍ତ ହେବାର ଦୃଢୋକ୍ତି ରଖନ୍ତି। ସେମାନେ ଯେ ପରବର୍ତ୍ତୀ କାଳରେ ପାପ କରିବେନି ପା ପାପ ମୁକ୍ତ ହେବାରୁ ଆଉ ଏକ କୁଂଭକୁ ଅପେକ୍ଷା କହିବେ, ଏହା ସେଇମାନେ ହିଁ ଜାଣନ୍ତି। ପ୍ରଗତିର ମାର୍ଗରେ ସଦା ଅଗ୍ରସର ମଣିଷ ସଭ୍ୟ ଓ ଉନ୍ନତ ହେବା ପାଇଁ ପ୍ରକୃତରେ ଆବଶ୍ୟକ ଉପାଦାନ ଗୁଡ଼ିକୁ ପଛରେ ପକାଇ ପ୍ରଚାର ସର୍ବସ୍ୱ, ଲୋକଦେଖାଣିଆ ଜୀବନ ପ୍ରତି ଅଧିକ ଆକୃଷ୍ଟ ହୋଇ ଥାଏ। ମାତ୍ର, ମାନବତାର ଇତିହାସ ଆମକୁ ଆହୁରି ଅନେକ କିଛି ଶିଖାଇ ଥାଏ। ତାହା ହେଉଚି ସମବେଦନା ଓ ସମ୍ବେଦନଶିଳତା। ଏତିକି ବୁଝି ପାରିଲେ ହୁଏତ ଏହି ଶବ୍ଦବହୁଳ ଈଶ୍ୱର ଭକ୍ତିର ଆବଶ୍ୟକତା ପଡ଼ିବ ନାହିଁ।

**ବ୍ୟାସନଗର, ମୋବାଇଲ୍: ୯୪୩୮୦୬୪୪୬୪**

# ଅପପୁଷ୍ଟିରେ ଦୁଇ ଜିଲ୍ଲା ଆଗରେ



ଭୁବନେଶ୍ୱର,୩୦।୩: ଶିଶୁମାନଙ୍କ ପାଇଁ ସରକାରଙ୍କ ସକଳ ଯୋଜନା ସତ୍ତ୍ୱେ ରାଜ୍ୟର ଦୁଇ ଆଦିବାସୀ ବହୁଳ ଜିଲ୍ଲା ମୟୁରଭଞ୍ଜ ଓ ନବରଙ୍ଗପୁର ଏ କ୍ଷେତ୍ରରେ ଢେର ଆଗରେ ରହିଛନ୍ତି । ଏଠାରେ ଅପପୁଷ୍ଟି ପୀଡିତ ଶିଶୁଙ୍କମାନଙ୍କ ସଂଖ୍ୟା ସରକାରୀ ତାଲିକାରେ ହଜାରେ ଉପରେ ରହୁଛି ।

ରାଜ୍ୟରେ ଅପପୁଷ୍ଟିକୁ ନିୟନ୍ତ୍ରଣକୁ ଆଣିବାପାଇଁ ସରକାର ଏକାଧିକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ପରିପୂରକ ପୁଷ୍ଟି ଯୋଜନା ମାଧ୍ୟମରେ ଅଙ୍ଗନବାଡି କେନ୍ଦ୍ରରେ ପଞ୍ଜିକୃତ ୬ମାସରୁ ୬ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ଶିଶୁଙ୍କୁ ପ୍ରତି ମାସରେ ୨୫ଦିନ ହିସାବରେ ବର୍ଷକୁ ୩୦୦ ଦିନ ପାଇଁ ପୁଷ୍ଟିକର ଆହାର ଯୋଗାଇ ଦିଆଯାଉଛି । ଏହି ଯୋଜନରେ ୬ମାସରୁ ୩ବର୍ଷ ବୟସ ପର୍ଯ୍ୟନ୍ତ ଶିଶୁଙ୍କୁ ଛତୁଆ, ଅଣ୍ଡା, ଲଡୁ, ଶୁଖିଲା ରାସନ ଇତ୍ୟାଦି ଯୋଗାଇ ଦିଆଯାଉଛି । ଯେଉଁମାନେ ଅଣ୍ଡା ଖାଉନାହାନ୍ତି ସେମାନଙ୍କୁ ଅତିରିକ୍ତ ଲଡୁ ଦିଆଯାଉଛି । ସେହିଭଳି ୩ ରୁ ୬ବର୍ଷ ବୟସର ଶିଶୁଙ୍କୁ ଅଙ୍ଗନବାଡି କେନ୍ଦ୍ରରେ ସକାଳ ଜଳଖିଆ ସହିତ ଗରମ ରନ୍ଧାଖାଦ୍ୟ ଦିଆଯାଉଛି ।

ଏହାଛଡା ଅତିଶୟ ପୁଷ୍ଟିହୀନ ୬ମାସରୁ ୫ବର୍ଷ ବୟସର ଶିଶୁଙ୍କୁ ପ୍ରତିଦିନ ୧୦୦ଗ୍ରାମ ଉନ୍ନତ ଛତୁଆ ସହିତ ଗୋଟିଏ ଅଣ୍ଡା କ୍ରମାଗତ ଭାବେ ୧୧୨ ଦିନ ପାଇଁ ଯୋଗାଇ ଦିଆଯାଉଛି । ଏଥି ସହିତ ଅତିଶୟ କମ୍ ଓଜନର ଶିଶୁଙ୍କୁ ବେସନ ଅଟା ମିଶ୍ରିତ ଖାଦ୍ୟ ସହିତ କଦଳୀ ଓ ଅଣ୍ଡା କ୍ରମାଣ ଭାବେ ୭୫ ଦିନ ପାଇଁ ମିଳୁଛି । ୩ ରୁ ୬ବର୍ଷ ବୟସର ଶିଶୁ, ଯେଉଁମାନେ ଅଙ୍ଗନବାଡି କେନ୍ଦ୍ରଠାରୁ ଦୂର ଦୂରାନ୍ତରେ ବସବାସ କରୁଛନ୍ତି ସେମାନଙ୍କୁ ତାଙ୍କଗ୍ରାମରେ ଉଭୟ ସକାଳ ଜଳଖିଆ ଏବଂ ଗରମ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି । ଏତେ ସବୁ ସତ୍ତ୍ୱେ ୨୦୨୩-୨୪ ରେ ଅପପୁଷ୍ଟି ଶିଶୁମାନଙ୍କର ହୋଇଥିବା ସର୍ବଶେଷ ଗଣନାର ସୂଚନା ଅନୁଯାୟୀ ରାଜ୍ୟରେ ୧୩,୭୩୬ ଜଣ ଅପପୁଷ୍ଟି ପୀଡିତ ଶିଶୁ ରହିଛନ୍ତି। ଏହି ତାଲିକାରେ ସବୁଠାରୁ ଆଗରେ ରହିଛନ୍ତି ମୟୁରଭଞ୍ଜ ଓ ନବରଙ୍ଗପୁର ଜିଲ୍ଲା । ମୟୁରଭଞ୍ଜରେ ୧୬୬୨ ପୁଷ୍ଟିହୀନ ଶିଶୁ ଥିବାବେଳେ ନବରଙ୍ଗପୁରରେ ଏହି ସଂଖ୍ୟା ୧୦୧୭ ରହିଛି । କେବଳ ଏହି ଦୁଇ ଆଦିବାସୀ ଜିଲ୍ଲା ନୁହେଁ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ପୁଷ୍ଟିହୀନ ଶିଶୁ ରହିଛନ୍ତି।

ସବୁଠାରୁ କମ୍ ୬୩ଜଣ ପୁଷ୍ଟିହୀନ ଶିଶୁ ବୌଦ୍ଧ ଜିଲ୍ଲାରେ ଥିବାବେଳେ ଜଗତ୍‌ସିଂହପୁର ଜିଲ୍ଲାରେ ୬୪ଜଣ ରହିଛନ୍ତି। ଅନ୍ୟ ସମସ୍ତ ଜିଲ୍ଲାରେ ଏହି ସଂଖ୍ୟା ତିନି ଅଙ୍କରେ ରହିଛି । ରାଜ୍ୟ ରାଜଧାନୀ ଥିବା ଖୋରଧା ଜିଲ୍ଲାରେ ୨୮୨ ଜଣ ପୁଷ୍ଟିହୀନ ଶିଶୁ ଥିବା ରେକର୍ଡ ହୋଇଥିବାବେଳେ କଟକରେ ୩୫୬, ପୁରୀରେ ୨୭୮, କେନ୍ଦ୍ରାପଡାରେ ୨୨୨, କେନ୍ଦୁଝରରେ ୯୦୧, ଯାଜପୁରରେ ୩୯୫ ରହିଛି। ତେବେ ଆଶ୍ୱାସନାର କଥା ହେଉଛି ସରକାରୀ ହିସାବରେ ବର୍ଷକୁ ବର୍ଷ ରାଜ୍ୟରେ ପୁଷ୍ଟିହୀନ ଶିଶୁଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି । ୨୦୧୯-୨୦ବର୍ଷରେ ରାଜ୍ୟରେ ୨୬,୮୨୭ ପୁଷ୍ଟିହୀନ ଶିଶୁ ଥିବା ରେକର୍ଡ ହୋଇଥିବାବେଳେ କ୍ରମାଗତ ଭାବେ ଏହି ସଂଖ୍ୟା ହ୍ରାସପାଇ ୨୦୨୧-୨୨ରେ ୧୬,୮୧୩ରେ ପହଞ୍ଚିଥିଲା। (ତଥ୍ୟ)

## ଭାରସାମ୍ୟ ହରାଇ ଓଲଟିଲା କଲେଜ ବସ୍, ଡ୍ରାଇଭର ଗୁରୁତର




**ସିନ୍ଦେକେଲା,୩୦।୩ (ସଂଚାର ବ୍ୟୁରୋ) :** ବଲାଙ୍ଗିର ଜିଲ୍ଲା ସିନ୍ଦେକେଲା ଥାନା ଶୁଣ୍ଢିମୁଣ୍ଡା ଗାଁ ନିକଟରେ କଲେଜ ବସ୍ ଦୁର୍ଘଟଣା ହୋଇଛି । ଏଥିରେ ଡ୍ରାଇଭର ଗୁରୁତର ହୋଇଛନ୍ତି । ଖଡିଆଳରୁ ଭବାନୀପାଟଣା ଯାଉଥିଲା ବସ୍ । ତେବେ କୌଣସି କାରଣରୁ ବସଟି ଭାରସାମ୍ୟ ହରାଇ ଓଲଟି ପଡିଥିଲା। ସୂଚନା ଅନୁଯାୟୀ ଖଡ଼ିଆଳ ସ୍ଥିତ ମହାତ୍ମା ଗାନ୍ଧୀ ସାଇନ୍ସ କଲେଜ୍ର ପ୍ରାୟ ୪୦ ଜଣ ଛାତ୍ରଛାତ୍ରୀମାନଙ୍କୁ ନେଇ ଓଡି ୨୬ ଡି ୬୧୭୧ ନମ୍ବର ବସରେ ଖଡ଼ିଆଳରୁ ଭବାନୀପାଟଣା ପଟକୁ ଯାଉଥିଲା । ୧୬ ନମ୍ବର ରାଜ୍ୟ ରାଜପଥ କଡ଼ ଶୁଣ୍ଢିମୁଣ୍ଡା ନିକଟରେ ବସଟି ଭାରସାମ୍ୟ ହରାଇ ଓଲଟି ପଡିଥିଲା । ଏହାଫଳରେ ଚାଳକ ଅତି ଗୁରୁତର ଥିବାବେଳେ ପ୍ରାୟ ୧୦ ଜଣ ଛାତ୍ରଛାତ୍ରୀ ଗୁରୁତର ଓ ପ୍ରାୟ ୩୦ ସାମାନ୍ୟ ଆହତ ହୋଇଛନ୍ତି ।



**ମୋ ବେପାର ପାଗୋପଯୋଗୀ:** ଖରାରେ ସମସ୍ତେ ସନ୍ତୁଳି ହେଉଥିବା ବେଳେ ମୁଣ୍ଡରେ ବରଫ ବୋହିବା କଷ୍ଟ ନୁହେଁ, ବରଂ ଆନନ୍ଦଦାୟକ ଅନୁଭୂତି। *(ଫଟୋ- ଚନ୍ଦ୍ରଶେଖର)*

## ବର୍ଷକରେ କାର୍ଯ୍ୟକ୍ଷମ ହେବ ଢେଙ୍କାନାଳରେ ମେଡ଼ିକାଲ କଲେଜ

**ଢେଙ୍କାନାଳ,୩୦।୩ (ସଂଚାର ବ୍ୟୁରୋ) :** ଖୁବ୍‌ଶୀଘ୍ର ଢେଙ୍କାନାଳରେ ହେବାକୁ ଯାଉଛି ବହୁ ପ୍ରତୀକ୍ଷିତ ମେଡ଼ିକାଲ କଲେଜ । ବିଧାନସଭାରେ ମୁଖ୍ୟମନ୍ତ୍ରୀ ଏନେଇ ଘୋଷଣା ପରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ତଥା ବିଜ୍ଞାନ ଓ କାରିଗରୀ କୌଶଳ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଢେଙ୍କାନାଳରେ ସୂଚନା ଦେଇଛନ୍ତି । ଗତ ନିର୍ବାଚନର ପ୍ରତିଶ୍ରୁତି ମୁତାବକ ଆମ ସରକାର ପ୍ରତିଶ୍ରୁତି ରକ୍ଷା କରିଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ଢେଙ୍କାନାଳବାସୀଙ୍କ ପକ୍ଷରୁ କୃତଜ୍ଞତା ଜଣାଇଛନ୍ତି । ଆସନ୍ତା ବର୍ଷେ ମଧ୍ୟରେ ଏହି ମେଡ଼ିକାଲ କଲେଜ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ କାର୍ଯ୍ୟକ୍ଷମ ହେବ । ଆସନ୍ତା ବର୍ଷରୁ ମେଡ଼ିକାଲ ଶିକ୍ଷାଦାନ ଆରମ୍ଭ ହେବ ।

## ବନ୍ଦ ଘରୁ ମିଳିଲା ଯୁବତୀ-ଯୁବକଙ୍କ ମୃତଦେହ

**ମୁରିବାହାଲ,୩୦।୩(ସଂଚାର ବ୍ୟୁରୋ):** ବଲାଙ୍ଗୀର ଜିଲା ମୁରିବାହାଲ ଥାନା ସେମିଲପାଲି ଗାଁରେ ଆଜି ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ଏକ ବନ୍ଦ ଘରୁ ଯୁବତୀ ଓ ଯୁବକଙ୍କ ଝୁଲନ୍ତା ଅବସ୍ଥାରେ ମୃତଦେହ ପୁଲିସ ଉଦ୍ଧାର କରିଛି। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହି ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇଦେଇଛି। ମିଳିଥିବା ସୂଚନା ମୁତାବକ, ଉଭୟ ଶନିବାରଠାରୁ ନିଖୋଜ ଥିଲେ। ହେଲେ କେଉଁ ପରିସ୍ଥିତିରେ ସେମାନେ ଏକ ବନ୍ଦ ଘର ଭିତରେ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେଇଛନ୍ତି, ସେନେଇ କିଛି ବି ଜଣାପଡିନାହିଁ। ତେବେ ସେମାନେ ପ୍ରେମୀଯୁଗଳ ଓ ପ୍ରେମ ସଂକ୍ରାନ୍ତ କୌଣସି କାରଣ ନେଇ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ଏନେଇ ପୁଲିସ୍ ଏକ ମାମଲା ରୁଜୁ କରିବା ସହ ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

## ଧାର ସୁଝିବାକୁ ବିକିଲେ ମା'ର ଗହଣା: ପୁଅକୁ ବାନ୍ଧିଲା ପୁଲିସ

**ଆନନ୍ଦପୁର,୩୦।୩ (ସଂଚାର ବ୍ୟୁରୋ) :** ଅନଲାଇନ୍ ଗେମ୍ ଖେଳି ଲକ୍ଷ ଲକ୍ଷ ଟଙ୍କା ହାରିଲା ପୁଅ । ଲୋକଙ୍କ ଠାରୁ ଧାରରେ ଆଣିଥିବା ଟଙ୍କା ସୁଝିପାରିଲାନି। ଶେଷରେ ମା'ର ସୁନାଗହଣା ବିକିଲା । ପୁଅକୁ ବଞ୍ଚାଇବାକୁ ମା' ରଚିଲା ନାଟକ। ସ୍ୱାମୀଙ୍କ ଆଗରେ କହିଲେ ବନ୍ଧୁକ ମୁନରେ ଡକାୟତିର ମନଗଢା କାହାଣୀ। କଥା ଗଲା ଥାନାକୁ । ରୁଜୁ ହେଲା ଡକାୟତି ମାମଲା । ହେଲେ ପେଲିସ ଖୋଲିଦେଲା କାହାଣୀ ପଛର ଅସଲ ଗୁମର । ସୂଚନାଯୋଗ୍ୟ ଯେ, ଚଳିତ ମାସ ୨୫ତାରିଖରେ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଥାନା ଫକୀରପୁର ଗାଁରେ ଘଟିଥିଲା ଏଭଳି ମିଛ ଡକାୟତି ଘଟଣା । ଆନନ୍ଦପୁର ଏସଡିପିଓ ପ୍ରଶାନ୍ତ ବେହେରା କହିଛନ୍ତି, ଗତ ୨୫ ତାରିଖ ଦିନ ପ୍ରାୟ ୨ଟା ସମୟରେ ୪ ଜଣ ଦୁର୍ବୃତ୍ତ ଘରେ ପଶି ବନ୍ଧୁକ ଦେଖାଇ ଆଲମିରାରୁ ପାଖାପାଖି ୫ ଭରି ଓଜନର ସୁନା ଅଳଙ୍କାର ଲୁଟିନେଇଥିବା ଆନନ୍ଦପୁର ଥାନାରେ ଆଭିଯୋଗ କରିଥିଲେ ଫକୀରପୁର ଗାଁର ଦମ୍ପତ୍ତି ପ୍ରଫୁଲ୍ଲ ନାଥ ଓ ପୁଷ୍ପାବତୀ ନାଥ । ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲା । ପୁଅ ସୁନାଗହଣା ବିକିଥିବା ଲୋକ ନିକଟରେ ପହଞ୍ଚି ସୁନା ଅଳଙ୍କାର ଜବତ କରିବା ପରେ ଅସଲ କଥା ପଦାକୁ ଆସିଥିଲା । ଶେଷରେ ଅଭିଯୁକ୍ତ ପୁଅକୁ ପୋଲିସ ଗିରଫ କରିଛି ।

## ଉତ୍କଳ ବିଶ୍ୱବିଦ୍ୟାଳୟ ହଷ୍ଟେଲରେ ଛାତ୍ରଙ୍କ ମୃତ୍ୟୁ, କାରଣ ଅସ୍ପଷ୍ଟ

**ଭୁବନେଶ୍ୱର,୩୦।୩ (ସଂଚାର ବ୍ୟୁରୋ) :** ଉତ୍କଳ ବିଶ୍ୱବିଦ୍ୟାଳୟରେ ଅଭାବନୀୟ ଘଟଣା ଘଟିଛି । ମଧୁସୂଦନ ଛାତ୍ରାବାସରେ ଜଣେ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି । ମୃତକ ହେଲେ ଫିଲୋସୋଫି ବିଭାଗର ଦ୍ୱିତୀୟ ବର୍ଷର ଛାତ୍ର । ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି । ମୃତଦେହ ଜବତ କରି କ୍ୟାପିଟାଲ ହସ୍ପିଟାଲକୁ ପଠାଇଲା ପୋଲିସ । ତେବେ ଛାତ୍ରଙ୍କର କେମିତି ମୃତ୍ୟୁ ହେଲା , ତାର କାରଣ ଏବେବି ଅସ୍ପଷ୍ଟ ରହିଛି। ଖବର ପାଇ ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଛି। ମୃତଦେହକୁ କ୍ୟାପିଟାଲ ହସ୍ପିଟାଲକୁ ପଠାଯାଇଛି । ଗତକାଲି ରାତିରେ ସେ ସୁସ୍ଥ ଥିଲେ , ଏବଂ ସାଙ୍ଗ ମାନଙ୍କ ସହ କଥା ହୋଇଥିଲେ ବୋଲି ତାଙ୍କର ସହପାଠୀମାନେ କହିଛନ୍ତି।

## ବିରଜା ପୀଠରେ ଧସେଇ ପଶିଲେ ବିଦେଶୀ, ଶ୍ରଦ୍ଧାଳୁଙ୍କ ମହଲରେ ଅସନ୍ତୋଷ



**ଯାଜପୁର ଟାଉନ,୩୦।୩ (ସଂଚାର ବ୍ୟୁରୋ) :** ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜା ପୀଠରେ ଧସେଇ ପଶିଲେ ବିଦେଶୀ ପର୍ଯ୍ୟଟକ। ୮/୧୦ ଜଣ ମହିଳା ଓ ପୁରୁଷ ପର୍ଯ୍ୟଟକ ମନ୍ଦିରରେ ପଶି ବେଢ଼ା ପରିକ୍ରମା କରିଥିଲେ। ମନ୍ଦିର ସୁରକ୍ଷା ଦାୟିତ୍ୱରେ ଥିବା ପୋଲିସ ସେମାନଙ୍କୁ ବାହାରକୁ ବିଦା କରିଥିବା ବେଳେ ସେହି ପର୍ଯ୍ୟଟକମାନେ ନିଜକୁ ବୈଷ୍ଣବ ବୋଲି ଦାବି କରିଥିଲେ । ଏହି ଘଟଣା ପରେ ଶ୍ରଦ୍ଧାଳୁଙ୍କ ମହଲରେ ଅସନ୍ତୋଷ ଦେଖାଦେଇଛି । ପୂର୍ବରୁ ଏଭଳି ଢିଲା ସୁରକ୍ଷା ବ୍ୟବସ୍ଥା ଯୋଗୁଁ ମଧ୍ୟ ବିଦେଶୀ ପର୍ଯ୍ୟଟକମାନେ ମନ୍ଦିର ଭିତରେ ପ୍ରବେଶ ପାଇଁ ଉଦ୍ୟମ କରିଥିଲେ । ତେଣୁ ଏଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଦାବି ହେଉଛି।

## ଏସ୍‌ସିବିରେ ସମ୍ପ୍ରସାରଣ କାମ ତଦାରଖ କଲେ ମୁଖ୍ୟ ସଚିବ



**କଟକ,୩୦।୩ (ସଂଚାର ବ୍ୟୁରୋ) :** କଟକ ବଡ ମେଡିକାଲରେ ଭିତ୍ତିଭୂମି ଓ ମେଡିକାଲର ସମ୍ପ୍ରସାରଣ କାମ ତଦାରଖ କରିଛନ୍ତି ମୁଖ୍ୟ ଶାସନ ସଚିବ । ମୁଖ୍ୟ ଶାସନ ସଚିବଙ୍କ ସହ ସ୍ୱାସ୍ଥ୍ୟ ସଚିବ ଓ କେନ୍ଦ୍ରାଞ୍ଚଳ ଆରଡିସି ଏହି ସମୀକ୍ଷା ବୈଠକରେ ଉପସ୍ଥିତ ଥିଲେ । କଟକ ବଡ ମେଡିକାଲରେ ସର୍ବନିମ୍ନ ଆବଶ୍ୟକ ଭିତ୍ତିଭୂମିର ଅଭାବ ଥିବା ନେଇ ବିଧାନସଭାରେ ଉଦବେଗ ପ୍ରକାଶ ପାଇଥିଲା। ଏହାସହ ଗଣମାଧ୍ୟମରେ ଏସସିବିରେ ଭେଣ୍ଟିଲେଟର ଅଚଳ ନେଇ ଖବର ପ୍ରକାଶ ପାଇଥିଲା। ଏସସିବିରେ ୨୦୨ ଭେଣ୍ଟିଲେଟରରୁ ୮୯ଟି ଖରାପ ରହିଛି । ଏହାସହ ସେଣ୍ଟ୍ରାଲ ଏୟାର କମ୍ପ୍ରେସର ସିଷ୍ଟମ ମଧ୍ୟ ଅଚଳ ରହିଛି, ଯାହା ଫଳରେ ଭେଣ୍ଟିଲେଟର ଗୁଡିକ ଅଚଳ ହେଉଥିବା ଖବର ପ୍ରକାଶ ପାଇଥିଲା । ଏସବୁର ତଦାରଖ ପାଇଁ ଆଜି ମୁଖ୍ୟ ଶାସନ ସଚିବ ଓ ସ୍ୱାସ୍ଥ୍ୟ ସଚିବ ଏସସିବି ମେଡିକାଲ ପହଞ୍ଚି ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଛନ୍ତି ।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଦୁଇ କିନ୍ନରଙ୍କୁ ମିଳିବ ନିଯୁକ୍ତି !



**ବ୍ରହ୍ମପୁର,୩୦।୩ (ସଂଚାର ବ୍ୟୁରୋ) :** "ଦିନେ ତୃତୀୟ ଲିଙ୍ଗୀ କହି ଟାହି ଟାପରା କରି ତଡି ଦେଉଥିଲେ । ଏକ କାର୍ଯ୍ୟକ୍ରମ ପାଇଁ ବିୟୁଟି ପାର୍ଲର ଯାଇଥିଲି। ହେଲେ ସେଠାକାର ମାଲିକ ତୃତୀୟ ଲିଙ୍ଗଙ୍କୁ ଏଠାରେ ଅନୁମତି ନାହିଁ କହି ବାହାର କରିଦେଇଥିଲେ। ଏକଥା ସେତେବେଳେ ବହୁତ କଷ୍ଟ ଦେଇଥିଲା । ହେଲେ ଏବେ ସମୟ ବଦଳିବା ସାଙ୍ଗକୁ ସମାଜରେ ମିଳୁଛି ସମ୍ମାନ । ପ୍ରଥମ ଥର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କିନ୍ନର ମାନଙ୍କୁ ନେଇ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ କରିଛି । ଯାହା ସମାଜରେ ଆମ ପାଇଁ ସମ୍ମାନଜନକ ପଦକ୍ଷେପ" ବୋଲି କହିଛନ୍ତି ବ୍ୟୁଟିସିଆନ୍ ରଞ୍ଜିତା । ଖୁବଶୀଘ୍ର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଦୁଇ ଜଣ ତୃତୀୟଲିଙ୍ଗୀ (କିନ୍ନର)ଙ୍କୁ ନିଯୁକ୍ତି ପ୍ରଦାନ ପାଇଁ ଆସିଥିବା ପ୍ରସ୍ତାବକୁ ବିଚାର କରି ପଦକ୍ଷେପ ନିଆଯିବ। ଇଟିଭି ଭାରତ ସହିତ ଆଲୋଚନା ସମୟରେ ଏଭଳି ସୂଚନା ଦେଇଛନ୍ତି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳୀ ଦାଶ। ମିନିଷ୍ଟ୍ରି ଅଫ୍ ସୋସିଆଲ୍ ଜଷ୍ଟିସ୍ ଆଣ୍ଡ ଏମ୍ପାୱାରମେଣ୍ଟ ପକ୍ଷରୁ ଏଭଳି ଏକ କାର୍ଯ୍ୟକ୍ରମ ଆୟୋଜନ କରାଯିବା ପାଇଁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟକୁ ପ୍ରସ୍ତାବ ଆସିଥିଲା । ଆୟୋଜିତ କାର୍ଯ୍ୟକ୍ରମରେ ଦୁଇ ଜଣ ତୃତୀୟଲିଙ୍ଗୀଙ୍କୁ ନିଯୁକ୍ତି ଦେବା ପାଇଁ ଆସିଥିବା ପ୍ରସ୍ତାବକୁ ବିଚାର କରିବେ ଏବଂ ପଦକ୍ଷେପ ନେବେ ବୋଲି କହିଛନ୍ତି କୁଳପତି ।

ଭଞ୍ଜବିହାର ପରିସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସମାଜର ତୃତୀୟ ଲିଙ୍ଗି ବ୍ୟକ୍ତିତ୍ୱଙ୍କ ମଧରେ ରହିଥିବା ଅସାଧାରଣ ପ୍ରତିଭା ଧାରୀ ବିଦ୍ୟାର୍ଥୀଙ୍କ ନିକଟରେ ସେମାନଙ୍କ ସଂଘର୍ଷମୟ କାହାଣୀ ବର୍ଣ୍ଣନା କରିଛନ୍ତି । ବ୍ରହ୍ମପୁର ଠାରୁ ଆରମ୍ଭ କରି ରାଜ୍ୟର ବିଭିନ୍ନ ସ୍ଥାନରେ କିପରି ନିଜସ୍ୱ ଉଦ୍ୟମରେ ଗତ କିଛି ବର୍ଷ ଧରି ଲଗାତର ଉଦ୍ୟମ ପରେ ସଫଳତା ପାଇଛନ୍ତି ତାହା ଉପସ୍ଥାପନା କରିଛନ୍ତି ତୃତୀୟ ଲିଙ୍ଗ ସମାଜ । ଦେଶରେ ପ୍ରଥମ ପାସପୋର୍ଟ ପାଇଥିବା ତୃତୀୟଲିଙ୍ଗି ସାଧାନା ମିଶ୍ରଙ୍କ ଠାରୁ ଆରମ୍ଭ କରି ବ୍ରହ୍ମପୁରର ବର୍ଷା ମହାପାତ୍ର , ମୋନା ମହାରଣା, ରଞ୍ଜିତାଙ୍କ ଭଳି ଅନେକଙ୍କ ଭିନ୍ନ ଭିନ୍ନ କାହାଣୀ ଯେତିକି ସଂଘର୍ଷପୂର୍ଣ୍ଣ ରହିଥିଲା ସେତିକି ବିଦ୍ୟାର୍ଥୀଙ୍କ ନିମନ୍ତେ ଥିଲା ପ୍ରେରଣାଦାୟୀ ।

## ହାଇକୋର୍ଟ ବାର୍ ଆସୋସିଏସନ୍ ସଭାପତି ହେଲେ ଆଇନଜୀବୀ ମନୋଜ ମିଶ୍ର



**କଟକ,୩୦।୩ (ସଂଚାର ବ୍ୟୁରୋ) :** ଶେଷ ହେଲା ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏସନ୍ ନିର୍ବାଚନ । ଏଥିରେ ସଭାପତି ଭାବରେ ନିର୍ବାଚିତ ହୋଇଛନ୍ତି ବରିଷ୍ଠ ଆଇନଜୀବୀ ମନୋଜ ମିଶ୍ର ଏବଂ ସମ୍ପାଦକ ଭାବରେ ଅଭିଜିତ ପଟ୍ଟନାୟକ,ଉପ-ସଭାପତି ଭାବରେ ଆଇନଜୀବୀ ସିଦ୍ଧାର୍ଥ ଦାସ ନିର୍ବାଚିତ ହୋଇଛନ୍ତି। ଗତକାଲି(ଶନିବାର) ଏହି ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ହାଇକୋର୍ଟ ବାର୍ ଆସୋସିଏସନର ସଭାପତି ପଦ ପାଇଁ ତିନି ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିବା ବେଳେ ଆଇନଜୀବୀ ମନୋଜ ମିଶ୍ର ସର୍ବାଧିକ ୨୨୧୧ ଖଣ୍ଡ ଭୋଟ ପାଇଥିବା ବେଳେ ୧୦୧୦ ଖଣ୍ଡ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ଲଲାଟେନ୍ଦୁ ସାମନ୍ତରାୟ ରହିଛନ୍ତି । ଯୁଗ୍ମ ସମ୍ପାଦକ ଭାବେ ପଦ୍ମାଳୟା ମହାପାତ୍ର ଏବଂ ସମ୍ପାଦକ ଭାବେ ଅଭିଜିତ ପଟ୍ଟନାୟକ, ପାଠାଗାର ସହସମ୍ପାଦକ ଭାବେ ସପନ କୁମାର ପାଲ ନିର୍ବାଚିତ ହୋଇଛନ୍ତି । ୨୦୨୫ /୨୬ ମସିହା ପାଇଁ ହାଇକୋର୍ଟ ବାର୍ ଆସୋସିଏସନ ନିର୍ବାଚନରେ ୩୩୧୦ ଭୋଟରମାନେ ମତ ଅଧିକାର ସାବ୍ୟସ୍ତ କରିଥିଲେ । ସେପଟେ ୯ ଟି କାର୍ଯ୍ୟନିର୍ବାହୀ ସଦସ୍ୟ ପଦ ପାଇଁ ଆଜି ଭୋଟ ଗଣତି କରାଯିବ ବୋଲି ନିର୍ବାଚନ ଅଧିକାରୀ କହିଛନ୍ତି ।

**ଖରା ପାଇଁ ରାଜ୍ୟ ପରିବହନ ବିଭାଗର ନୂଆ ମାର୍ଗଦର୍ଶିକା**

## ବସ୍‌ରେ ଅଧିକ ଯାତ୍ରୀ ନେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର,୩୦।୩ (ସଂଚାର ବ୍ୟୁରୋ) :** ସମଗ୍ର ରାଜ୍ୟ ଗରମ ଓ ଗୁଳୁଗୁଳିରେ ସିଝୁଛି । ସତେ ଯେପରି ଆକାଶରୁ ଅଗ୍ନି ବର୍ଷୁଛି । ପ୍ରଚଣ୍ଡ ଗ୍ରୀଷ୍ମ ପରିବେଶକୁ ଉତ୍ତପ୍ତ କରି ଦେଇଛି । ମଣିଷଠାରୁ ଆରମ୍ଭ କରି ପଶୁପକ୍ଷୀ ତ୍ରାହି ତ୍ରାହି ଡାକୁଛନ୍ତି। ଖରା ତାତି ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଉଥିବା ବେଳେ ସକାଳ ୯ଟା ପରେ ଘରୁ ବାହାରିବା ମୁସ୍କିଲ ହୋଇପଡ଼ିଛି । ହାତ, ମୁହଁ ଜଳି ପୋଡ଼ି ଯାଉଛି । ପଶ୍ଚିମ, ଆଭ୍ୟନ୍ତରୀଣ ଏବଂ ଉପକୂଳ ପ୍ରଚଣ୍ଡ ଗ୍ରୀଷ୍ମରୁ ବର୍ତ୍ତିପାରି ନାହିଁ । ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ମାର୍ଗଦର୍ଶିକା ଜାରି କରାଯାଇଛି। ରାଜ୍ୟ ପରିବହନ ପ୍ରାଧିକରଣ ଏହି ମାର୍ଗଦର୍ଶିକା ଜାରି କରିଛନ୍ତି ।

ଏହି ମାର୍ଗଦର୍ଶିକା ଅନୁଯାୟୀ, ସମସ୍ତ ବସରେ ରହିବ ପାନୀୟ ଜଳ ବ୍ୟବସ୍ଥା । ବରଫ ପ୍ୟାକ୍ ସହ ପ୍ରାଥମିକ ଚିକିତ୍ସା କିଟ୍ ମଧ ରହିବ । ଓଆରଏସ ମଧ ବସରେ ରଖାଯିବ। ବସ୍‌ଷ୍ଟପ୍‌ରେ ପର୍ଯ୍ୟାପ୍ତ ବିଶ୍ରାମ ସ୍ଥାନ ଯୋଗାଇ ଦିଆଯିବ । ଯଦି କୌଣସି ବସ୍ ଡ୍ରାଇଭର ଅଧିକ ଯାତ୍ରୀ ନେଲେ ତା' ବିରୋଧରେ ଦୃଢ଼ ପଦକ୍ଷେପ ନିଆଯିବ । ଯାତ୍ରୀଙ୍କ ପାଇଁ ରାଜପଥରେ କିଓସ୍କୋ ସ୍ଥାପନ କରାଯିବ । ଓଭରଲୋଡିଂ, ଛାତରେ ଯାତ୍ରାକଲେ ଜରିମାନା ଆଦାୟ ହେବ। ଖରା ପାଇଁ ଆରଟିଓ ଅଫିସରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲିବ ।

## ମିଶନଶକ୍ତି ପୁନଃଗଠନ ନିଷ୍ପତ୍ତିର ପୁନର୍ବିଚାର ଦାବି

**ଯାଜପୁର,୩୦।୩ (ସଂଚାର ବ୍ୟୁରୋ):** ରାଜ୍ୟରେ ପ୍ରାୟ ୨୫ ବର୍ଷ ହେଲା ମିଶନଶକ୍ତିକୁ ସୁଦୃଢ କରାଯାଇଥିବା ବେଳେ କ୍ଷମତାକୁ ଆସିବା ପରେ ବିଜେପି ସରକାର ଏଥିରେ ବ୍ୟାପକ ପରିବର୍ତ୍ତନ କରିଛନ୍ତି। କିନ୍ତୁ ଏହା ଏହି ନିଷ୍ପତ୍ତି ମିଶନ୍ ଶକ୍ତିର ସଦସ୍ୟାମାନଙ୍କ ପାଇଁ ବ୍ୟାପକ ସମସ୍ୟା ସୃଷ୍ଟି କରିବାର ଆଶଙ୍କା ଥିବାରୁ ଏହାର ପୁନର୍ବିଚାର କରିବା ସକାଶେ ଯୁବନେତା ସତୀଶ ବିଶ୍ୱାଳ ଦାବି କରିଛନ୍ତି। ସେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ଚିଠି ଲେଖି ଏଥିରେ ଉଲ୍ଲେଖ କରିଛନ୍ତି ଯେ ବିଭାଗୀୟ ସଚିବ ଶାଳିନୀ ପଣ୍ଡିତ ଗତ ୨୭ ତାରିଖରେ ଜିଲ୍ଲାପାଳମାନଙ୍କୁ ମିଶନ ଶକ୍ତିର ପୁନର୍ଗ ପାଇଁ ପତ୍ର ଲେଖିଛନ୍ତି। କିନ୍ତୁ ଭୁବନେଶ୍ୱରରେ ଆନ୍ଦୋଳନ କରୁଥିବା ମିଶନ ଶକ୍ତି ମହିଳାମାନେ ଉପମୁଖ୍ୟମନ୍ତ୍ରୀଙ୍କ କଥାରେ ଭରସା କରି ଆନ୍ଦୋଳନ ପ୍ରତ୍ୟାହାର କରିବା ପରେ ଏପରି ଚିଠି ସେମାନଙ୍କ ପ୍ରତି ବିଶ୍ୱାସଘାତକତା ସଦୃଶ। ରାଜ୍ୟରେ ବିଜେପି ବିଜୟରେ ମିଶନ୍ ଶକ୍ତି ମହିଳାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ ମିଶନ୍ ଶକ୍ତି ପୁନର୍ଗଠନ ସଂକ୍ରାନ୍ତରେ ସରକାର ଧୈର୍ଯ୍ୟ ଅବଲମ୍ବନ କରିବାର ଆବଶ୍ୟକତା ଥିଲା। କିନ୍ତୁ ଏବେ ଜାରି ଚିଠି ସରକାରଙ୍କ ପାଇଁ ସମସ୍ୟା ବଢ଼ାଇବାର ଆଶଙ୍କା ରହିଛି। ବିଜେପି ସରକାରଙ୍କ ଆଭିମୁଖ୍ୟ ଲୋକାଭିମୁଖୀ ଥିଲେ ହେଁ ତଳସ୍ତରର ନେତାଙ୍କ ନକାରାତ୍ମକ ମାନସିକତା ବିଭିନ୍ନ କ୍ଷେତ୍ରରେ ସରକାରବିରୋଧୀ ମନୋଭାବକୁ ବଳିଷ୍ଠ କରୁଛି। ଏପରିକି ମିଶନ ଶକ୍ତିର ପୁନର୍ଗଠନ ପରେ ନୂତନ କର୍ମକର୍ତ୍ତାଙ୍କୁ ମାସିକ ଅର୍ଥ ପ୍ରଦାନ କରାଯିବା ନେଇ ମିଛ ପ୍ରଚାର କରାଯାଉଛି। କିନ୍ତୁ ଏଥିରେ ସତ୍ୟତା ନଥିବା ପରବର୍ତ୍ତୀ ସମୟରେ ଜଣାପଡ଼ିଲେ ଏହାର କୁଫଳ ସରକାରଙ୍କୁ ଭୋଗିବାକୁ ପଡ଼ିବ। ତେଣୁ ଲୋକଙ୍କ ମୁଖ୍ୟମନ୍ତ୍ରୀ ଭାବେ ପରିଚିତ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହି ଘଟଣାରେ ହସ୍ତକ୍ଷେପ କରି ମହିଳାଙ୍କ ଭାବାବେଗକୁ ସମ୍ମାନ ଦେଇ ଏଭଳି ନିଷ୍ପତ୍ତି ପ୍ରତ୍ୟାହାର କରିବାକୁ ଶ୍ରୀ ବିଶ୍ୱାଳ ନିବେଦନ କରିଛନ୍ତି।

## ରାଜ୍ୟବ୍ୟାପୀ ଓଡ଼ିଶା ଦିବସ ପାଳିବ ବିଜେଡି




**ଭୁବନେଶ୍ୱର,୩୦।୩(ସଂଚାର ବ୍ୟୁରୋ):** ଆସନ୍ତା ୧ ତାରିଖରେ ରାଜ୍ୟ ୮୯ତମ ଓଡ଼ିଶା ଦିବସ ପାଳନ କରୁଥିବା ବେଳେ ଏହି ଅବସରରେ ବିରୋଧୀଦଳ ବିଜେଡି ପକ୍ଷରୁ ରାଜ୍ୟବ୍ୟାପୀ ଏହି ଦିବସ ପାଳନ ସକାଶେ ନିଷ୍ପତ୍ତି ହୋଇଛି। ଏନେଇ ଆଜି ଏଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ସମନ୍ୱୟ କମିଟି ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ର ଓ ଦଳର ସଭ୍ୟ ସଂଗ୍ରହ ଅଭିଯାନ କମିଟି ଆବାହକ ଅତନୁ ସବ୍ୟସାଚୀ ନାୟକ ସୂଚନା ଦେଇଛନ୍ତି। ଶ୍ରୀ ମିଶ୍ର କହିଛନ୍ତି ଯେ ଓଡ଼ିଶାର ଅନେକ ବରପୁତ୍ରଙ୍କ ସଂଘର୍ଷ, ତ୍ୟାଗ ବଳିଦାନ ଫଳରେ ୧୯୩୬ ଏପ୍ରିଲ ୧ରେ ଭାଷା ଭିତ୍ତିରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ହୋଇଥିଲା। କଳା, ଭାସ୍କର୍ଯ୍ୟ ଓ ଐତିହ୍ୟ ପାଇଁ ଓଡ଼ିଶାର ପ୍ରସିଦ୍ଧି ରହିଥିବା ବେଳେ ଏହାକୁ ସ୍ମରଣୀୟ କରିବା ପାଇଁ ଏହି ଦିନଟିକୁ ଓଡ଼ିଶା ଦିବସ ଭାବେ ପାଳନ କରାଯାଇଆସୁଛି ବୋଲି ଶ୍ରୀ ମିଶ୍ର କହିଛନ୍ତି। ସେହିପରି ଶ୍ରୀ ନାୟକ କହିଛନ୍ତି ଯେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟର ପ୍ରତି ନିର୍ବାଚନମଣ୍ଡଳୀ ତଥା ଜିଲ୍ଲା କାର୍ଯ୍ୟାଳୟରେ ଓଡ଼ିଶା ଦିବସ ପାଳନ କରାଯିବ। ଏହି ଅବସରରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ଅଗ୍ରଣୀ ଭୂମିକା ନେଇଥିବା ବରପୁତ୍ରମାନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯିବା ସହ ଆଲୋଚନାଚକ୍ର ଆୟୋଜିତ ହେବ। ଉକ୍ତଦିନ ଭୁବନେଶ୍ୱର ଜିଲ୍ଲା ବିଜେଡି ପକ୍ଷରୁ ସ୍ଥାନୀୟ ଶଙ୍ଖ ଭବନରେ ଓଡ଼ିଶା ଦିବସ ପାଳନ ହେବ ଓ ଏଥିରେ ଦଳର ସଭାପତି ଶ୍ରୀ ପଟ୍ଟନାୟକ ଯୋଗଦେବେ ବୋଲି ଶ୍ରୀ ନାୟକ କହିଛନ୍ତି।

## 'ଶାଶ୍ୱତ ପାହାଚ' ସାହିତ୍ୟ ପର୍ବରେ ୭ ପ୍ରତିଭା ସମ୍ବର୍ଦ୍ଧିତ



**ଭୁବନେଶ୍ୱର,୩୦।୩(ସଂଚାର ବ୍ୟୁରୋ):** ସାହିତ୍ୟ ପତ୍ରିକା 'ଶାଶ୍ୱତ ପାହାଚ' ପକ୍ଷରୁ ଆଜି ପୂର୍ବାହ୍ନରେ ସ୍ଥାନୀୟ ଭାରତୀୟ ବିଦ୍ୟାଭବନ ସଭାକକ୍ଷରେ ଏକ ରାଜ୍ୟସ୍ତରୀୟ ସାହିତ୍ୟ ଉତ୍ସବ ଅନୁଷ୍ଠିତ ହୋଇଛି। ସମ୍ପାଦକ କବି କମଳ କୁମାର ମହାନ୍ତିଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶତାଧିକ କବି, କଥାକାର, ସାହିତ୍ୟିକ ତଥା ସାହିତ୍ୟପ୍ରେମୀ ଯୋଗ ଦେଇଥିଲେ। ପ୍ରଥମ ଅଧିବେଶନ କବି ଓ ପ୍ରାବନ୍ଧିକ ସୁବ୍ରତ ଦାସ ଅତିଥିମାନଙ୍କ ପରିଚୟ ଦେଇଥିବା ବେଳେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ କବି ମମତା ଦାଶ ଯୋଗଦେଇ ସାହିତ୍ୟରେ କବିତାର ଆବଶ୍ୟକତା ଓ ଆଧୁନିକ କବିତାର ସମକାଳୀନତା ପ୍ରସଙ୍ଗରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଡ. ରମେଶ ପାଣି ସାହିତ୍ୟରେ ମୂଲ୍ୟବୋଧ ସମ୍ପର୍କରେ ସାରଗର୍ଭକ ଅଭିଭାଷଣ ପ୍ରଦାନ କରିଥିଲେ। ସଭାପତି ଡ. ଫଣୀନ୍ଦ୍ର ଭୂଷଣ ନନ୍ଦ ଗବେଷଣା ତଥା ପ୍ରବନ୍ଧ ଓ ସମ୍ପାଦନା ସାହିତ୍ୟର ଅନେକ ଅନାଲୋଚିତ ଦିଗକୁ ଛୁଇଁଥିଲେ। ସାହିତ୍ୟରେ ଉତ୍କର୍ଷତା ପାଇଁ ପ୍ରବନ୍ଧ କ୍ଷେତ୍ରରେ ଡ. ରମାକାନ୍ତ ରାଉତ, କବିତାରେ ରୋହିଣୀକାନ୍ତ ମୁଖାର୍ଜୀ, ଗଳ୍ପରେ ଅନ୍ନପୂର୍ଣ୍ଣା ମହାନ୍ତି, ଅନୁବାଦରେ ଡ. କନକ ମଞ୍ଜରୀ ପଟ୍ଟନାୟକ, ଉଦୀୟମାନ କବି ଭାବେ ସ୍ୱୟଂପ୍ରଭା ରଥ, ଉଦୀୟମାନ ପ୍ରାବନ୍ଧିକ ଭାବେ ମାଧବାନନ୍ଦ ପାତ୍ର ଓ ପ୍ରିୟ ପାଠକ ଭାବେ ସଞ୍ଜୟ କୁମାର ବରାଳ ସମ୍ମାନିତ ହୋଇଥିଲେ। ସେହିପରି ଦ୍ୱିତୀୟ ଅଧିବେଶନରେ ଗଳ୍ପ ଓ ଅନୁବାଦ ସଂପାନ କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ ଯୁବ ଗାଳ୍ପିକ ମଦନ ମହାପାତ୍ର। ଆଲୋଚନାରେ ଅଂଶଗ୍ରହଣ କରିଥିଲେ ଅନୁବାଦକ ବଙ୍ଗାଳୀ ନନ୍ଦ ଓ ରମେଶ ପଟ୍ଟନାୟକ ଏବଂ ଗାଳ୍ପିକ ଭାବେ ଅଜୟ ମହାପାତ୍ର ଓ ଗାୟତ୍ରୀ ଦାସ। ଶେଷ ଅଧିବେଶନରେ କବି ମିନତୀ ମିଶ୍ର ଓ ବିପ୍ଳବ ରଞ୍ଜନ ପତିଙ୍କ ସଂଯୋଜନାରେ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଜୟ ମହାପାତ୍ର, ପ୍ରତିଭା ପରିଡ଼ା, ରାଜଲକ୍ଷ୍ମୀ ତ୍ରିପାଠୀ, ପ୍ରିୟଦର୍ଶିନୀ ମହାରଣା, ସରୋଜ ବଳ, ସଂଯୁକ୍ତା ଦାଶ, ଅକ୍ଷୟ ପାଳ, ସୁବ୍ରତ ଦାସ, ଭିକାରୀ ଧଳ, ଦୀପୁନ୍ ପୁହାଣ, ସୁରଞ୍ଜନ ପାତ୍ର, ଆଶିଷ ମହାପାତ୍ର, ନରହରି ମିଶ୍ର, ରାମଚନ୍ଦ୍ର ପଲାଇ, ଦେବେନ୍ଦ୍ର ବାଉରୀ, ଗିରିଜା ମିଶ୍ର, ଭାରତୀ ନାୟକ, କେ.ବିପ୍ଳବ, ମମତା ସାହୁ, ରବି କୁମାର ମହାନ୍ତି, ଅଶ୍ୱିନୀ ସୂତାର, କାର୍ତ୍ତିକ ସ୍ୱାଇଁ, ରୋହିଣୀକାନ୍ତ ମୁଖାର୍ଜୀ, ସ୍ୱୟଂପ୍ରଭା ରଥ ଓ ପ୍ରଦ୍ୟୁମ୍ନ ପଟ୍ଟନାୟକ ସେମାନଙ୍କ ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ କବି ଗିରିଜା ମିଶ୍ର ଧନ୍ୟବାଦ ଦେଇଥିଲେ।

# କଟକ ବାଲିଯାତ୍ରାକୁ ବିଶ୍ୱ ଐତିହ୍ୟ ମାନ୍ୟତା ପ୍ରକ୍ରିୟା ପାଦେ ଆଗେଇଲା



**କଟକ,୩୦।୩ (ସଂଚାର ବ୍ୟୁରୋ) :** ଓଡ଼ିଶାର ପ୍ରସିଦ୍ଧ ସାଂସ୍କୃତିକ ଓ ବାଣିଜ୍ୟିକ ମେଳା 'ବାଲିଯାତ୍ରା'କୁ ୟୁନେସ୍କୋ ବିଶ୍ୱ ଐତିହ୍ୟ ମାନ୍ୟତା ପ୍ରଦାନ ପ୍ରକ୍ରିୟା ପାଦେ ଆଗେଇଛି । ଦୀର୍ଘ ଦିନ ଧରି ୟୁନେସ୍କୋ ମାନ୍ୟତା ପାଇଁ ହୋଇ ଆସୁଥିବା ଦାବିକୁ ସାକାର କରିବା ଲାଗି ରାଜ୍ୟ ସରକାର ଗୋଟିଏ ପାଦ ଆଗକୁ ବଢାଇଛନ୍ତି । କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ଏ ସଂପର୍କିତ ସମସ୍ତ ଦଲିଲ୍, ଦସ୍ତାବିଜ୍‌କୁ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ କେନ୍ଦ୍ର ସଂସ୍କୃତି ମନ୍ତ୍ରାଳୟକୁ ପଠାଯାଇଛି । କେନ୍ଦ୍ର ସଂସ୍କୃତି ମନ୍ତ୍ରାଳୟ ଏହି ଦସ୍ତାବିଜ୍ ୟୁନେସ୍କୋକୁ ପଠାଇବ । ପ୍ରକ୍ରିୟା ଆଗେଇବା ପରେ ବାଲିଯାତ୍ରା ବିଶ୍ୱ ଐତିହ୍ୟ ମାନଚିତ୍ରରେ ସ୍ଥାନ ପାଇବାର ଆଶା ପୁଣି ଉଜ୍ଜୀବିତ ହୋଇଛି ।

ଏସିଆ ମହାଦେଶର ସର୍ବବୃହତ ମୁକ୍ତାକାଶ ବାଣିଜ୍ୟିକ ମେଳା ଭାବେ ବାଲିଯାତ୍ରାର ସ୍ଥାନ ସ୍ୱତନ୍ତ୍ର । ଏହି ମେଳାକୁ ୟୁନେସ୍କୋ ମାନ୍ୟତା ଦେବା ଲାଗି ଗତ ଦୁଇ ବର୍ଷ ତଳେ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ଏବଂ କେନ୍ଦ୍ର ସଂସ୍କୃତି ମନ୍ତ୍ରାଳୟ, ରାଜ୍ୟ ସଂସ୍କୃତି ବିଭାଗକୁ ଚିଠି ଲେଖିଥିଲା । ଏଥିପାଇଁ ଆବଶ୍ୟକ ଦସ୍ତାବିଜ୍ ଦାଖଲ ପାଇଁ ମଧ କୁହାଯାଇଥିଲା । ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ କମିଟି ଗଠନ କରାଯାଇ ବାଲିଯାତ୍ରା ସମ୍ପର୍କିତ ବିଭିନ୍ନ ତଥ୍ୟ ସଂଗ୍ରହ କରାଯାଇଥିଲା । ଏଥିପାଇଁ ପ୍ରଶାସନକୁ ବହୁତ କସରତ କରିବାକୁ ପଡ଼ିଥିଲା । ଏବେ ୟୁନେସ୍କୋ ମାନ୍ୟତା ପାଇଁ ଦିଆଯାଇଥିବା ଫର୍ମ ପୂରଣ କରାଯିବା ସହ ଆବଶ୍ୟକ ଡକ୍ୟୁମେଣ୍ଟ, ଭିଡିଓ, ଫଟୋଚିତ୍ର ଆଦି ପଠାଯାଇଛି ।

ୟୁନେସ୍କୋ ମାନ୍ୟତା ପାଇବା ପାଇଁ ବିଭିନ୍ନ ଅନୁଷ୍ଠାନମାନଙ୍କର 'କନ୍‌ସେଣ୍ଟ' ବା ସମ୍ମତିପତ୍ର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ତାହାର ଆବଶ୍ୟକତା ଅଧିକ । ଏଥିରେ ସେସବୁକୁ ସଂଲଗ୍ନ କରାଯାଇଛି । ଜିଲ୍ଲା ତଥା ରାଜ୍ୟର ୭୦ଟି ବିଭିନ୍ନ ବୃହତ ସାଂସ୍କୃତିକ, ବ୍ୟବସାୟିକ, ସାମାଜିକ ଓ ଅର୍ଥନୈତିକ ଅନୁଷ୍ଠାନ ଏହି ସମ୍ମତିପତ୍ର ପ୍ରଦାନ କରିଛନ୍ତି । ଏଥିସହ କଟକ ସାଂସଦ ଭର୍ତ୍ତୃହରି ମହତାବ, ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ, ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ ଏବଂ କଟକ ସଦର ବିଧାୟକ ପ୍ରକାଶ ସେଠୀ, ମେୟର ସୁବାସ ସିଂହ ଏଥିପାଇଁ ସମ୍ମତିପତ୍ର ପ୍ରଦାନ କରିଛନ୍ତି ।

## ୮୦୦ ଟଙ୍କା ପାଇଁ ଦେଇପାରିଲେନି ପରୀକ୍ଷା, ବିଷାଦରେ ଛାତ୍ରୀଙ୍କ ଆତ୍ମହତ୍ୟା

**ନୂଆଦିଲ୍ଲୀ,୩୦।୩:** ଉତ୍ତର ପ୍ରଦେଶର ପ୍ରତାପଗଡ଼ ଜିଲାରେ ଜଣେ ୧୭ ବର୍ଷୀୟା ନାବାଳିକା ସ୍କୁଲ ଫି ୮୦୦ ଟଙ୍କା ପୈଠ କରି ନଥିବାରୁ ସ୍କୁଲ କର୍ତ୍ତୃପକ୍ଷ ତାଙ୍କୁ ପରୀକ୍ଷା ଦେବାରୁ ବାରଣ କରିବା ପରେ ସେ ଆତ୍ମହତ୍ୟା କରି ମୃତ୍ୟୁବରଣ କରିଛନ୍ତି। ୯ମ ଶ୍ରେଣୀ ଛାତ୍ରୀ ଜଣକ ଶନିବାର ପରୀକ୍ଷା ଦେବାକୁ ସ୍କୁଲ ଯାଇଥିଲେ ବୋଲି ତାଙ୍କ ମାଆ ପୋଲିସକୁ ଅଭିଯୋଗ କରିଛନ୍ତି। "ସ୍କୁଲ ପରିଚାଳକ ସନ୍ତୋଷ କୁମାର ଯାଦବ, ଅଧିକାରୀ ଦୀପକ ସରୋଜ ଏବଂ ପ୍ରିନ୍ସିପାଲ ରାଜକୁମାର ଯାଦବ ଏବଂ ଅନ୍ୟମାନେ ତାଙ୍କୁ ସର୍ବସାଧାରଣରେ ଅପମାନିତ କରିଥିଲେ ଏବଂ ପରୀକ୍ଷା ଦେବାକୁ ଦେଇ ନଥିଲେ। ସେମାନଙ୍କ ଆଚରଣରେ ମର୍ମାହତ ହୋଇ ମୋ' ଝିଅ ଘରକୁ ଫେରି ଘରକୁ ଫେରିଥିଲା। ମୁଁ କ୍ଷେତରେ କାମ କରିବାକୁ ବାହାରକୁ ଯାଇଥିଲି। ଘରକୁ ଫେରିବା ପରେ ମୁଁ ଦେଖିଲି ମୋ' ଝିଅ ଆତ୍ମହତ୍ୟା କରି ମୃତ୍ୟୁବରଣ କରିଛି," ତେଣୁ ଆମେ ସ୍କୁଲ କର୍ତ୍ତୃପକ୍ଷଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି କରୁଛୁ। ଭାରତୀୟ ନ୍ୟାୟ ସଂହିତାର ଧାରା ୧୦୭ ଅନୁଯାୟୀ ପୋଲିସ ଏକ ଏଫଆଇଆର ରୁଜୁ କରିଛି, ଯାହା ପିଲା କିମ୍ବା ମାନସିକ ଦୁର୍ବଳ ବ୍ୟକ୍ତିଙ୍କ ଆତ୍ମହତ୍ୟା ପାଇଁ ପ୍ରୋତ୍ସାହନ ସହିତ ଜଡିତ। ସ୍ଥାନୀୟ ଲୋକେ କହିଛନ୍ତି ଯେ ଝିଅଟିକୁ ଆତ୍ମହତ୍ୟା କରିବାକୁ ବାଧ୍ୟ କରିଥିବା ଲୋକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଡିବ। "ଯଦି ଶିକ୍ଷା ନାମରେ ଛାତ୍ରମାନଙ୍କୁ ଅପମାନିତ କରାଯାଏ, ତେବେ ପ୍ରଶାସନ ହସ୍ତକ୍ଷେପ କରିବା ଉଚିତ। ଦୋଷୀମାନଙ୍କୁ ଦଣ୍ଡ ଦିଆଯିବା ଉଚିତ ଯାହା ଦ୍ୱାରା ଶିକ୍ଷା ବ୍ୟବସାୟ କରୁଥିବା ଲୋକଙ୍କୁ ଦଣ୍ଡ ମିଳିବ ଏବଂ ପିଲାମାନେ ଭଲ ଶିକ୍ଷା ପାଇବେ। ତେବେ ଜିଲାର ଅତିରିକ୍ତ ପୋଲିସ ଅଧୀକ୍ଷକ ଦୁର୍ଗେଶ ସିଂହ କହିଛନ୍ତି ଯେ ସେମାନେ ଏକ ମାମଲା ପଞ୍ଜିକୃତ କରିଛନ୍ତି ଏବଂ ତଦନ୍ତ ଚାଲିଛି।

## କାର୍ ଦୁର୍ଘଟଣାରେ ମୁମ୍ବାଇ ଡିସିପି ସୁଧାକର ପଠାରେଙ୍କ ମୃତ୍ୟୁ



**ହାଇଦ୍ରାବାଦ,୩୦।୩:** ମୁମ୍ବାଇର ଡେପୁଟି କମିଶନର ସୁଧାକର ପଠାରେଙ୍କ କାର୍ ଦୁର୍ଘଟଣାରେ ମୃତ୍ୟୁ ହୋଇଛି । ଟ୍ରେନିଂ ପାଇଁ ହାଇଦ୍ରାବାଦ ଯାଇଥିବା ସମୟରେ ଏପରି ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ମୁମ୍ବାଇ ପୋଲିସ ପଠାରେ । ତାଙ୍କ ମୃତ୍ୟୁ ପାଇଁ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ଖବରମୁତାବକ, ସୁଧାକର ପଠାରେ ଦର୍ଶନ ପାଇଁ ହାଇଦ୍ରାବାଦର ଏକ ମନ୍ଦିରକୁ ଯାଉଥିଲେ । ଆନ୍ଧ୍ରପ୍ରଦେଶର ଶ୍ରୀଶୈଳମ୍ ନିକଟରେ ପ୍ରାୟ ଦିନ ୧୨ଟା ସମୟରେ ତାଙ୍କ କାରଟିକୁ ଏକ ଲୋକାଲ୍ ବସ୍ ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳରେ ସୁଧାକର ପଠାରେଙ୍କ ସମେତ ତାଙ୍କ ବନ୍ଧୁ ଭଗବତ ଖୋଡେଇଙ୍କ ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ହେତୁ ସେମାନଙ୍କ ମୁଣ୍ଡରେ ଏବଂ ଶରୀରରେ ଆଭ୍ୟାନ୍ତରୀଣ ଆଘାତ ଲାଗିଥିଲା । ଘଟଣାସ୍ଥଳରେ ତାଙ୍କର ଦେହାନ୍ତ ହୋଇଥିଲା । ଏହି ସମୟରେ ମୁମ୍ବାଇ ପୋଲିସ ପ୍ରେସ୍ ବିଜ୍ଞାପନ ଜରିଆରେ ଶୋକ ପ୍ରକାଶ କରିଛନ୍ତି । ପଠାରେ ଜଣେ କର୍ତ୍ତବ୍ୟ ପରାୟଣ ଅଫିସର ବୋଲି କହିଛନ୍ତି । ଏହା ମଧ୍ୟ କହିଛନ୍ତି ଯେ, ପଠାରେଙ୍କ ବିୟୋଗ ପୋଲିସ ଡିପାର୍ଟମେଣ୍ଟ ପାଇଁ ବଡ କ୍ଷତି ।

## ମସଜିଦରେ ଭୟଙ୍କର ବିସ୍ଫୋରଣ, ୨ ଜଣ ବ୍ୟକ୍ତି ଗିରଫ



**ମୁମ୍ବାଇ,୩୦।୩:** ମହାରାଷ୍ଟ୍ରର ବିଡା ଜିଲ୍ଲାର ଏକ ମସଜିଦରେ ବିସ୍ଫୋରଣ ଘଟଣା ସାମ୍ନାକୁ ଆସିଛି । ଇଦର ଗୋଟିଏ ଦିନ ପୂର୍ବରୁ ଏପରି ଦୁର୍ଘଟଣା ସମସ୍ତଙ୍କୁ ଚକିତ କରିଛି। ଯାହା ବର୍ତ୍ତମାନ ଖୁସିର ସମୟକୁ ଫିକା କରିଦେଇଛି। ଯାହା ଫଳରେ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି । ଜିଲାଟିନ୍ ଷ୍ଟିକ ମାଧ୍ୟମରେ ବିସ୍ଫୋରଣ ଘଟିଥିବା ଜଣାପଡିଛି । ଏହି ଦୁର୍ଘଟଣାରେ ଦୁଇ ଜଣ ବ୍ୟକ୍ତିଙ୍କୁ ପୋଲିସ ଗିରଫ କରିଛି । ଏହି ବିସ୍ଫୋରଣରେ ମସଜିଦ ଭିତରେ ସମସ୍ତ ଜିନିଷ ନଷ୍ଟ ହୋଇଯାଇଛି। ଏହି ଘଟଣାରେ କାହାର କ୍ଷୟକ୍ଷତି ହୋଇନଥିବା ସ୍ପଷ୍ଟ କରାଯାଇଛି। ସୂଚନାନୁଯାୟୀ, ମହାରାଷ୍ଟ୍ରର ବିଡା ଜିଲ୍ଲାର ଅର୍ଧା ମସଲା ଗାଁରେ ରାତି ପ୍ରାୟ ୨.୩୦ ସମୟରେ ମସଜିଦରେ ବିସ୍ଫୋରଣ ଘଟିଥିଲା । ମସଜିଦର ପଛ ଦ୍ୱାରା ଦେଇ ଜିଲାଷ୍ଟିନ ଷ୍ଟିକ ଲଗାଇ ବିସ୍ଫୋରଣ କରାଯାଇଛି। ଏଥିରେ ସମ୍ପୃକ୍ତ ଥିବା ଦୁଇ ଜଣ ବ୍ୟକ୍ତିଙ୍କୁ ଗିରଫ କରିଛି ପୋଲିସ । ସ୍ଥାନୀୟ ଲୋକଙ୍କ ସୂଚନାକ୍ରମେ ଘଟଣାସ୍ଥଳରେ ପୋଲିସ ପହଞ୍ଚି ଉପୁଜିଥିବା ବିଶୃଙ୍ଖଳାକୁ ଆୟତ୍ତ କରିଥିଲା । ଏହାର ସତ୍ୟତା ଜାଣିବା ପାଇଁ ଫରେନସିକ ଟିମକୁ ଖବର ଦିଆଯାଇଛି । ଯାହା ଦ୍ୱାରା ସହଜରେ ପ୍ରମାଣ ସଂଗ୍ରହ କରାଯାଇପାରିବ । ଏହି ଅଗ୍ନିକାଣ୍ଡ ଘଟାଇଥିବା ବ୍ୟକ୍ତି ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି । ଅନ୍ୟପଟେ ପୋଲିସ ଲୋକମାନଙ୍କୁ ଶାନ୍ତି ପ୍ରତିଷ୍ଠା ରକ୍ଷା କରିବା ପାଇଁ ଅନୁରୋଧ କରିଛି । କୌଣସି ଗୁଜବ ଖବର ପ୍ରତି ଧ୍ୟାନ ନଦେବାକୁ ପରାମର୍ଶ ଦିଆଯାଇଛି। ପୋଲିସ ପ୍ରଶାସନକୁ ସହଯୋଗ କରିବା ପାଇଁ ମଧ୍ୟ ପୋଲିସ କହିଛି । ବିସ୍ଫୋରଣର ତଦନ୍ତ ଆରମ୍ଭ କରିଛି ପୋଲିସ ।

## ଟୋଙ୍ଗାରେ ୭.୧ ତୀବ୍ରତାର ବିଶିଷ୍ଟ ଶକ୍ତିଶାଳୀ ଭୂମିକମ୍ପ: ସୁନାମି ଆଲର୍ଟ



**ନୂଆଦିଲ୍ଲୀ,୩୦।୩:** ପ୍ରଶାନ୍ତ ମହାସାଗରୀୟ ଦ୍ୱୀପ ଦେଶ ଟୋଙ୍ଗା ନିକଟରେ ଏକ ଶକ୍ତିଶାଳୀ ୭.୧ ତୀବ୍ରତାର ଭୂମିକମ୍ପ ଅନୁଭୂତ ହୋଇଛି। ଫଳରେ ପ୍ରଶାନ୍ତ ମହାସାଗରୀୟ ଦ୍ୱୀପ ରାଷ୍ଟ୍ର ପାଇଁ ସୁନାମି ସତର୍କତା ଜାରି କରାଯାଇଛି। ଆମେରିକାର ଭୂତାତ୍ତ୍ୱିକ ସର୍ବେକ୍ଷଣ ଅନୁଯାୟୀ ସୋମବାର (ସ୍ଥାନୀୟ ସମୟ) ପ୍ରତ୍ୟୁଷରେ ଟୋଙ୍ଗାର ମୁଖ୍ୟ ଦ୍ୱୀପରୁ ପ୍ରାୟ ୧୦୦ କିଲୋମିଟର (୬୨ ମାଇଲ) ଉତ୍ତର-ପୂର୍ବରେ ଏହି ଭୂମିକମ୍ପ ଘଟିଥିଲା। ଏହାପରେ ପ୍ରଶାନ୍ତ ମହାସାଗରୀୟ ସୁନାମି ଚେତାବନୀ କେନ୍ଦ୍ର ଏକ ସତର୍କତା ଜାରି ହୋଇଛି। ସତର୍କ ସୂଚନା ଅନୁଯାୟୀ ସମ୍ଭାବ୍ୟ ସୁନାମି ଭୂମିକମ୍ପର କେନ୍ଦ୍ରସ୍ଥଳରୁ ୩୦୦ କିଲୋମିଟର (୧୮୫ ମାଇଲ) ମଧ୍ୟରେ ଉପକୂଳକୁ ପ୍ରଭାବିତ କରିପାରେ। ତେବେ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି କ୍ଷୟକ୍ଷତିର କୌଣସି ରିପୋର୍ଟ ମିଳିନାହିଁ। ଟୋଙ୍ଗା ହେଉଛି ୧୭୧ଟି ଦ୍ୱୀପପୁଞ୍ଜକୁ ନେଇ ଗଠିତ ଏକ ପଲିନେସିଆନ୍ ରାଷ୍ଟ୍ର ଏବଂ ଏହାର ଜନସଂଖ୍ୟା ପ୍ରାୟ ୧୦୦,୦୦୦ ରୁ ଅଧିକ, ମୁଖ୍ୟ ଦ୍ୱୀପ ଟୋଙ୍ଗାଟାପୁରେ ଅଧିକାଂଶ ବାସ କରନ୍ତି। ଏହା ଅଷ୍ଟ୍ରେଲିଆର ଉପକୂଳରୁ ୩,୫୦୦ କିଲୋମିଟର (୨,୦୦୦ ମାଇଲ) ରୁ ଅଧିକ ପୂର୍ବରେ ଅବସ୍ଥିତ।

### ଆମେରିକା ସହିତ ଭାରତର ବଡ଼ ଚୁକ୍ତି

# ପରମାଣୁ ରିଆକ୍ଟର ନିର୍ମାଣ କରିବ ହୋଲଟେକ୍ ଇଣ୍ଟରନ୍ୟାସନାଲ୍



**ନୂଆଦିଲ୍ଲୀ,୩୦।୩:** ୨୦ ବର୍ଷ ଅପେକ୍ଷାର ଅନ୍ତ। ଆମେରିକା ସହିତ ଭାରତର ବଡ଼ ଚୁକ୍ତି । ପରମାଣୁ ରିଆକ୍ଟର ନିର୍ମାଣ ଏବଂ ଡିଜାଇନ୍ କରିବାକୁ ମିଳିଛି ଅନୁମୋଦନ । ଆମେରିକାର ଶକ୍ତି ବିଭାଗ ବା ଡିଓଇ ମାର୍ଚ୍ଚ ୨୬ ତାରିଖରେ ଭାରତରେ ରିଆକ୍ଟର ନିର୍ମାଣ ପାଇଁ ହୋଲଟେକ୍ ଇଣ୍ଟରନ୍ୟାସନାଲ୍ କମ୍ପାନୀକୁ ସବୁଜ ସଙ୍କେତ ଦେଇଛି। ହୋଲଟେକ୍ ୩ଟି ପ୍ରମୁଖ ଭାରତୀୟ କମ୍ପାନୀକୁ ଝଗଜ ହସ୍ତାନ୍ତର କରିବ। ଏହି କମ୍ପାନୀଗୁଡ଼ିକ ମଧ୍ୟରେ ହୋଲଟେକ୍ ଏସିଆ, ଲାର୍ସନ୍ ଆଣ୍ଡ୍ ଟୁବ୍ରୋ ଲିମିଟେଡ୍ ଏବଂ ଟାଟା କନସଲ୍ଟିଂ ଇଞ୍ଜିନିୟର୍ସ ଲିମିଟେଡ୍ ଅନ୍ତର୍ଭୁକ୍ତ। ହୋଲଟେକ୍ ଇଣ୍ଟରନ୍ୟାସନାଲ୍ ହେଉଛି ଭାରତୀୟ-ଆମେରିକୀୟ ଶିଳ୍ପପତି କ୍ରିସ୍ ପି ସିଂହଙ୍କ ଦ୍ୱାରା ପ୍ରୋତ୍ସାହିତ ଏକ କମ୍ପାନୀ। କମ୍ପାନୀ ୨୦୧୦ ମସିହାରେ ମହାରାଷ୍ଟ୍ରର ପୁଣେରେ ଏକ ଇଞ୍ଜିନିୟରିଂ ୟୁନିଟ୍ ପ୍ରତିଷ୍ଠା କରିଥିଲା। ଏହି କମ୍ପାନୀର ଗୁଜରାଟରେ ମଧ୍ୟ ଏକ ଉତ୍ପାଦନ ୟୁନିଟ୍ ଅଛି। ତେବେ ଏହି ଅନୁମୋଦନ ପରେ, ହୋଲଟେକକୁ ଚୁକ୍ତିନାମା ସଂଶୋଧନ କରିବାର ସ୍ୱାଧୀନତା ମଧ୍ୟ ଦିଆଯାଇଛି।ବିଶ୍ୱାସ ରହିଛି ଯେ, ହୋଲଟେକ୍ ଏହି ପ୍ରକଳ୍ପରେ ଘଝଚଉ, ନ୍ୟୁକ୍ଲିୟର ପାୱାର କର୍ପୋରେସନ ଅଫ୍ ଇଣ୍ଡିଆ ଲିମିଟେଡ୍ (ଘଚଉଓଖ) ଏବଂ ଆଣବିକ ଶକ୍ତି ସମୀକ୍ଷା ବୋର୍ଡ (ଇଋଜଈ)କୁ ମଧ୍ୟ ସାମିଲ କରିପାରେ। ହୋଲଟେକ୍ କୌଣସି ପରମାଣୁ ଅସ୍ତ୍ର କିମ୍ବା ସାମରିକ ଉଦ୍ଦେଶ୍ୟ ପାଇଁ ଭାରତକୁ ପ୍ରଯୁକ୍ତିବିଦ୍ୟା ହସ୍ତାନ୍ତର କରିପାରିବ ନାହିଁ। କେବଳ ଶାନ୍ତିପୂର୍ଣ୍ଣ ପରମାଣୁ କାର୍ଯ୍ୟକଳାପକୁ ଅନୁମତି ଦିଆଯିବ। ତେବେ ଏହି ଚୁକ୍ତି ପରେ ଭାରତୀୟ ପରମାଣୁ ଶକ୍ତି କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆସିପାରିବ ବୋଲି ବିଶ୍ୱାସ କରାଯାଉଛି। ଏହି ଚୁକ୍ତିନାମାରୁ ଉଭୟ ଦେଶର ପରମାଣୁ ରିଆକ୍ଟରଗୁଡ଼ିକ ଲାଭ ପାଇପାରିବେ।

## ଆର୍‌ଏସ୍‌ଏସ୍ ପ୍ରତିଷ୍ଠାତା ହେଡ୍‌ଗୱାରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲେ ମୋଦି




**ନାଗପୁର,୩୦।୩:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ନାଗପୁର ଗସ୍ତରେ ଅଛନ୍ତି। ସେ ଆରଏସ୍‌ଏସ୍ ମୁଖ୍ୟାଳୟରେ ପହଞ୍ଚିବା ପରେ ସ୍ମୃତି ମନ୍ଦିରରେ ସଂଘର ପ୍ରତିଷ୍ଠାତା ଡକ୍ଟର କେ ବି ହେଡ୍‌ଗେୱାରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏହି ସମୟରେ ଆରଏସ୍‌ଏସ୍ ମୁଖ୍ୟ ମୋହନ ଭାଗବତ ମଧ୍ୟ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହିତ ଥିଲେ। ତେବେ ହେଡ୍‌ଗେୱାରଙ୍କ ସହିତ ପ୍ରଧାନମନ୍ତ୍ରୀ ମୋଦୀ ମାଧବ ସଦାଶିବ ଗୋଲୱାଲକରଙ୍କୁ ମଧ୍ୟ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତେବେ ପ୍ରଧାନମନ୍ତ୍ରୀ ଭାବରେ ନରେନ୍ଦ୍ର ମୋଦି ପ୍ରଥମ ଥର ପାଇଁ ଆରଏସ୍‌ଏସ୍ ମୁଖ୍ୟାଳୟରେ ପହଞ୍ଚିଛନ୍ତି। ଅଟଳ ବିହାରୀ ବାଜପେୟୀ ପ୍ରଧାନମନ୍ତ୍ରୀ ଥିବା ସମୟରେ ସଂଘ ମୁଖ୍ୟାଳୟ ମଧ୍ୟ ଯାଇଥିଲେ। ଆରଏସ୍‌ଏସ୍ ଏହାର ଶତବାର୍ଷିକୀ ବର୍ଷ ପାଳନ କରୁଛି।

ପ୍ରଧାନମନ୍ତ୍ରୀ ମୋଦି ତାଙ୍କ ନାଗପୁର ଗସ୍ତ ସମୟରେ ମାଧବ ନେତ୍ରାଳୟ ହସ୍ପିଟାଲର ଭୂମି ପୂଜନ କରିବେ। ଏହା ପରେ ପ୍ରଧାନମନ୍ତ୍ରୀ ମୋଦି ଡକ୍ଟର ହେଡ୍‌ଗେୱାର ଏବଂ ଏମ୍‌ଏସ୍ ଗୋଲୱାଲକରଙ୍କ ସମାଧିରେ ପୁଷ୍ପ ଅର୍ପଣ କରିବେ। ସେ କିଛି ସମୟ ପାଇଁ ସଂଘର କର୍ମୀମାନଙ୍କ ସହିତ ମଧ୍ୟ ଆଲୋଚନା କରିବେ। ଏହି ସମୟରେ ଆରଏସଏସ ମୁଖ୍ୟ ମୋହନ ଭାଗବତ ମଧ୍ୟ ଉପସ୍ଥିତ ରହିବେ ବୋଲି ଜଣାପଡ଼ିଛି।

## ସପା ପ୍ରବକ୍ତାଙ୍କୁ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍‌ର ଧମକ



**ନୂଆଦିଲ୍ଲୀ,୩୦।୩:** ଉତ୍ତର ପ୍ରଦେଶରେ ସମାଜବାଦୀ ପାର୍ଟି (ସପା)ର ପ୍ରବକ୍ତା ତାରିକ୍ ଖାନଙ୍କୁ ଜୀବନରେ ମାରିବାର ମିଳିଛି ଧମକ। ଅଭିଯୁକ୍ତ ତାଙ୍କୁ ଫୋନ୍‌ରେ ଧମକ ଦେଇ ନିଜକୁ କୁଖ୍ୟାତ୍ ମାଫିଆ ଡନ୍ ଲରେନ୍ସ ବିଶ୍ନୋଇର ଲୋକ କହିଛି। ଟିଭି ଡିବେଟ୍‌ରେ ଭାଗ ନେଇ ପାର୍ଟି ସପକ୍ଷରେ କହିବା ଯୋଗୁଁ ନିରାଶ ଅଭିଯୁକ୍ତ ଧମକାଇ କହିଛି ଯେ, ଆଗାମୀ ନମ୍ବର ତୁମର। ଯେବେ ତାରିକ୍ କହିଲେ, ସେ କୌଣସି ଲରେନ୍ସକୁ ଜାଣନ୍ତି ନାହିଁ ତ ଅଭିଯୁକ୍ତ ତାଙ୍କୁ ଦୁଇ ତିନି ଦିନ ଅପେକ୍ଷା କରିବାକୁ କହିଲା ଏବଂ ଗାଳି ଦେଇ ଫୋନ୍ କାଟି ଦେଲା। ମାମଲା ଉତ୍ତର ପ୍ରଦେଶର ବହରାଇଚ୍‌ର। ତାରିକ୍ ଖାନ ଏହି ସମ୍ବନ୍ଧରେ ବହରାଇଚ ପୁଲିସ୍‌ରେ ଅଭିଯୋଗ କରିଛନ୍ତି। କହିଛନ୍ତି ଯେ, ଅଭିଯୁକ୍ତ ତାଙ୍କୁ ଦୁଇ ମାସ ହେବ ଫୋନ୍ କରି ଅନେକ ସମୟରେ ଫୋନରେ ଗାଳି ଗୁଲଜ କରୁଥିଲା। ସେ ଲଗାତାର ଅଭିଯୁକ୍ତର ଫୋନ୍ କଲ୍‌କୁ ଅଣଦେଖା କରୁଥିଲେ, କିନ୍ତୁ ଶନିବାର ସନ୍ଧ୍ୟାରେ ଆସିଥିବା ଫୋନ୍ କଲ୍‌ରେ ସେ ସିଧା ଜୀବନରେ ମାରିବାକୁ ଧମକ ଦେବାକୁ ଲାଗିଲା। ଏହାପରେ ତାରିକ୍ ପୁଲିସରେ ଅଭିଯୋଗ କରିଛନ୍ତି। ପୁଲିସ ଏହି ଅଭିଯୋଗ ଆଧାରରେ ମାମଲାର ଯାଞ୍ଚ ଆରମ୍ଭ କରିଛି। ସେ କହିଛନ୍ତି ଯେ, ଅଭିଯୁକ୍ତ ତାଙ୍କ ଟିଭି ଡିବେଟ୍‌ରେ ସାମିଲ ହେବା ଓ ନିଜ ପାର୍ଟିର ପକ୍ଷ ରଖିବାରେ ଅସନ୍ତୁଷ୍ଟ ଥିଲା। ଅଭିଯୁକ୍ତର ତାରିକ ଖାନଙ୍କ ସହ କଥାବାର୍ତ୍ତାର କଲ୍ ରେକର୍ଡିଂ ଏହି ସମୟରେ ସୋସିଆଲ ମିଡ଼ିଆରେ ଭାଇରାଲ ହେଉଛି। ସେ କହିଛନ୍ତି ଯେ, ଏହି ସମ୍ବନ୍ଧରେ ପାର୍ଟି ସୁପ୍ରିମୋ ଅଖିଲେଶ ଯାଦବଙ୍କୁ ମଧ୍ୟ ଅବଗତ କରାଯାଇଛି। ଏହାପରେ ଅଖିଲେଶ ଯାଦବ ତାଙ୍କୁ ଲକ୍ଷ୍ନୌ ଡାକିଛନ୍ତି। ଯଦି ଜରୁରୀ ହୁଏ ତ ଏହି ସମ୍ବନ୍ଧରେ ଡିଜିପିଙ୍କୁ ଭେଟି ମଧ୍ୟ ଜଣାଇ ଦିଆଯିବ। ତାରିକ୍ ଖାନ ଏସପି ବହରାଇଚ୍‌କୁ ଅଭିଯୋଗ ଦେଇ କହିଛନ୍ତି କି , , ଏ କେହି ଫେକ୍ ବ୍ୟକ୍ତି ହୋଇ ଥାଇପାରେ, କିନ୍ତୁ ସେ ଯିଏବି ହେଉ ନିଶ୍ଚୟ ଧରା ପଡ଼ିବ। ତାଙ୍କର କଲ୍ ରେକର୍ଡିଂ ମଧ୍ୟ ପୁଲିସକୁ ଦିଆ ଯାଇ ସାରିଛି। ଏହି କଲ୍ ରେକର୍ଡିଂରେ ଅଭିଯୁକ୍ତ କହୁଛି ଯେ , ଠିକ୍‌ରେ ରୁହ , ନୁହେଁ ତ ଆଗାମୀ ନମ୍ବର ତୁମର ହୋଇ ନଯାଉ। କଥାବାର୍ତ୍ତା ମଝିରେ ସେ ଅଭଦ୍ର ଶବ୍ଦର ବ୍ୟବହାର କରୁଛି ଏବଂ ଠିକ୍‌ରେ ଭାଷଣ ଦେବାର ଚେତାବନୀ ଦେଉଛି। ଏହି ମଧ୍ୟରେ ତାରିକ୍ ଖାନ ଯେବେ କହୁଛନ୍ତି ଯେ, ସେ କୌଣସି ବିଶ୍ନୋଇକୁ ଜାଣନ୍ତି ନାହିଁ ତ ଅଭିଯୁକ୍ତ ରାଗି ଯାଇ କହୁଛି , ୨-୩ ଦିନ ରୁହ, ମୁଁ କହିବି ବିଶ୍ନୋଇ କିଏ। ବହରାଇଚର ଏସପି ସିଟି ରାମାନନ୍ଦ କୁଶୱାହାଙ୍କ ମୁତାବିକ, ମାମଲାର ଗୁରୁତ୍ୱକୁ ଦେଖି ପୁଲିସ ଇଲେକ୍ଟ୍ରୋନିକ ସର୍ଭିଲାନ୍ସ ସାହାଯ୍ୟରେ ଯାଞ୍ଚ କରି ଦେଇଛି । ଏଥିପାଇଁ ଡେପୁଟୀ ଏସପି ରାଙ୍କ୍‌ର ଅଧିକାରୀଙ୍କୁ ଦାୟିତ୍ୱ ଦିଆ ଯାଇଛି।

## ପୁଟିନଙ୍କ ଉପରେ ଆକ୍ରମଣ



**ନୂଆଦିଲ୍ଲୀ,୩୦।୩:** ରୁଷ ରାଷ୍ଟ୍ରପତି ପୁଟିନଙ୍କ ଉପରେ ହୋଇଥିବା ଆକ୍ରମଣ ପରେ ବିଶ୍ୱରେ ହଇଚଇ ସୃଷ୍ଟି କରିଛି। ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କୁ ହତ୍ୟା ଉଦ୍ୟମ କରାଯାଇଛି । ତାଙ୍କ ସହିତ ଜଡିତ ଥିବା ଲିମୋଜିନର ବିସ୍ଫୋରଣ ହୋଇଥିବା ଜଣାପଡିଛି । ମସ୍କୋ ସ୍ଥିତ ଏଫ୍‌ଏସ୍‌ବି ହେଡକ୍ୱାର୍ଟର୍ସ ଆଗରେ ବିସ୍ଫୋରଣ ଘଟିଛି । ବିସ୍ଫୋରଣରେ ନିଆଁ ଲାଗି ଲିମୋଜିନ ଛାରଖାର ହୋଇଛି। ତେବେ ବିସ୍ଫୋରଣ ବେଳେ କାରରେ ପୁଟିନ ନ ଥିଲେ । ଘଟଣାସ୍ଥଳରେ ଅଗ୍ନିଶମବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ବିସ୍ଫୋରଣ ପଛରେ କାହାର ହାତ ଅଛି ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନାହିଁ । ତିନି ଦିନ ତଳେ ପୁଟିନଙ୍କୁ ହତ୍ୟା ଧମକ ଦେଇଥିଲେ ୟୁକ୍ରେନ ରାଷ୍ଟ୍ରପତି ଜେଲେନସ୍କି । ତେଣୁ ଘଟଣା ପଛରେ ୟୁକ୍ରେନ ହାତ ରହିଥିବା ସନ୍ଦେହ କରାଯାଉଛି। କିନ୍ତୁ ଘଟଣା ସମ୍ପର୍କରେ ମସ୍କୋ ପକ୍ଷରୁ କୌଣସି ସୂଚନା ମିଳିପାରିନାହିଁ । ଯାହାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରଲ ହେବାରେ ଲାଗିଛି ।

## ୧୪ଏପ୍ରିଲରେ ସମଗ୍ର ଦେଶରେ ସରକାରୀ ଛୁଟି ଘୋଷିତ

**ନୂଆଦିଲ୍ଲୀ,୩୦।୩:** ଭାରତୀୟ ସମ୍ବିଧାନର ପ୍ରଣେତା ବାବା ସାହେବ ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ଜନ୍ମ ବାର୍ଷିକୀ ଅର୍ଥାତ୍ ଏପ୍ରିଲ ୧୪କୁ କେନ୍ଦ୍ର ସରକାର ଏକ ସାଧାରଣ ଛୁଟି ଦିବସ ଘୋଷଣା କରିଛନ୍ତି। କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ ଶୁକ୍ରବାର ଏକ ପୋଷ୍ଟରେ ସରକାରଙ୍କ ଏହି ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇଛନ୍ତି। ଶେଖାୱତ କହିଛନ୍ତି ଯେ, ସମ୍ବିଧାନର ପ୍ରଣେତା ତଥା ସମାଜରେ ସମାନତାର ଏକ ଯୁଗର ପ୍ରତିଷ୍ଠାତା ଆମର ସମ୍ମାନିତ ବାବା ସାହେବ ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ଜନ୍ମ ବାର୍ଷିକୀରେ ଏକ ସାଧାରଣ ଛୁଟିଦିନ ହେବ। ଶେଖାୱତ କହିଛନ୍ତି ଯେ, ଏହି ନିଷ୍ପତ୍ତି ଗ୍ରହଣ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ବାବା ସାହେବଙ୍କ ପ୍ରତି ଦେଶର ନିଷ୍ଠାପର ଭାବନାକୁ ସମ୍ମାନ ଦେଇଛନ୍ତି। କାର୍ମିକ, ଜନ ଅଭିଯୋଗ ଏବଂ ପେନସନ୍ ମନ୍ତ୍ରଣାଳୟ ଦ୍ୱାରା ଜାରି କରାଯାଇଥିବା ଏକ ସରକାରୀ ଆଦେଶ ନିଶ୍ଚିତ କରିଛି ଯେ, ଆମ୍ବେଦକର ଜୟନ୍ତୀ ପାଳନ ଅବସରରେ ସମଗ୍ର ଭାରତରେ ଶିଳ୍ପ ପ୍ରତିଷ୍ଠାନ ସମେତ କେନ୍ଦ୍ର ସରକାରୀ କାର୍ଯ୍ୟାଳୟଗୁଡ଼ିକ ଏପ୍ରିଲ୍ ୧୪, ୨୦୨୫ରେ ବନ୍ଦ ରହିବ। କାର୍ମିକ, ଜନ ଅଭିଯୋଗ ଏବଂ ପେନସନ୍ ମନ୍ତ୍ରଣାଳୟ ଦ୍ୱାରା ଜାରି କରାଯାଇଥିବା ଏକ ସରକାରୀ ଆଦେଶ ନିଶ୍ଚିତ କରିଛି ଯେ, ଆମ୍ବେଦକର ଜୟନ୍ତୀ ପାଳନ ଅବସରରେ ସମଗ୍ର ଭାରତରେ ଶିଳ୍ପ ପ୍ରତିଷ୍ଠାନ ସମେତ କେନ୍ଦ୍ର ସରକାରୀ କାର୍ଯ୍ୟାଳୟଗୁଡ଼ିକ ଏପ୍ରିଲ୍ ୧୪, ୨୦୨୫ରେ ବନ୍ଦ ରହିବ।

## ମଣିପୁର, ନାଗାଲାଣ୍ଡ ଓ ଅରୁଣାଚଳରେ ଜାରି ରହିବ ଏଫ୍‌ଏସ୍‌ପିଏ



### ୬ ମାସ ଅବଧି ବୃଦ୍ଧି କଲେ ଗୃହ ମନ୍ତ୍ରଣାଳୟ

**ନୂଆଦିଲ୍ଲୀ,୩୦।୩:** ମଣିପୁର ରାଜ୍ୟର ସୁରକ୍ଷା ଏବଂ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ସଶସ୍ତ୍ର ବାହିନୀ ସ୍ୱତନ୍ତ୍ର କ୍ଷମତା ଆଇନ (ଏଫ୍‌ଏସ୍‌ପିଏ) (ଆର୍ମଡ୍ ଫୋର୍ସେଡ ସ୍ପେସାଲ ପାୱାର ଆକ୍ଟ ) କୁ ଛଅ ମାସ ପାଇଁ ବୃଦ୍ଧି କରିଛନ୍ତି । ଗୃହ ମନ୍ତ୍ରଣାଳୟର ସୂଚନା ଅନୁସାରେ ମଣିପୁର ରାଜ୍ୟକୁ ୧ ଏପ୍ରିଲ୍ ୨୦୨୫ ରୁ ଛଅ ମାସ ପାଇଁ ପୁଣି ଥରେ ଅଶାନ୍ତ ଅଞ୍ଚଳ ଭାବରେ ଘୋଷଣା କରାଯାଇଛି। ଏହାସହ ୫ଟି ଜିଲ୍ଲାର ମଣିପୁରର କିଛି ନିର୍ଦ୍ଦିଷ୍ଟ ଅଞ୍ଚଳ, ଯେଉଁଥିରେ ୧୩ଟି ପୋଲିସ ଷ୍ଟେସନ ଅଞ୍ଚଳ ଅନ୍ତର୍ଭୁକ୍ତ, ଏଫ୍‌ଏସ୍‌ପିଏରୁ ମୁକ୍ତ କରାଯାଇଛି। ଗୃହ ମନ୍ତ୍ରଣାଳୟ ବିଜ୍ଞପ୍ତିରେ କୁହାଯାଇଛି ମଣିପୁରର କିଛି ଅଞ୍ଚଳରେ ଅଶାନ୍ତି ଏବଂ ହିଂସାର ପରିସ୍ଥିତିକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ନିଆଯାଇଛି । ଏଫ୍‌ଏସ୍‌ପିଏ ସଶସ୍ତ୍ର ବାହିନୀକୁ ଯେକୌଣସି ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଗିରଫ କରିବାର କିମ୍ବା ଖୋଜାଖୋଜି କରିବାର ଏବଂ ଆବଶ୍ୟକ ହେଲେ ଗୁଳି ଚଳାଇବାର ଅଧିକାର ଅଛି । ରାଜ୍ୟରେ ଆଇନ ଶୃଙ୍ଖଳା ବଜାୟ ରଖିବା ଏବଂ ଶାନ୍ତି ସୁନିଶ୍ଚିତ କରିବା ପାଇଁ ଏହି ଶକ୍ତିଗୁଡ଼ିକୁ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଏ । ମଣିପୁର ବ୍ୟତୀତ କେନ୍ଦ୍ର ସରକାର ନାଗାଲାଣ୍ଡ ଏବଂ ଅରୁଣାଚଳ ପ୍ରଦେଶର କିଛି ଅଞ୍ଚଳରେ ଏଫ୍‌ଏସ୍‌ପିଏ ଅବଧିକୁ ଛଅ ମାସ ବୃଦ୍ଧି କରିଛନ୍ତି । ଏହି ଉଭୟ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ନିଆଯାଇଛି। ନାଗାଲାଣ୍ଡର ଦିମାପୁର, ନିଉଲାଣ୍ଡ ଏବଂ ମୋନ୍ ଭଳି ଜିଲ୍ଲାରେ ଏଫ୍‌ଏସ୍‌ପିଏ ବଳବତ୍ତର ରହିବ। ଯେତେବେଳେ ଅରୁଣାଚଳ ପ୍ରଦେଶର କିଛି ସ୍ଥାନରେ ମଧ୍ୟ ଏହି ନିୟମ ଜାରି ରହିବ । ଏହି ରାଜ୍ୟଗୁଡ଼ିକରେ ଆତଙ୍କବାଦୀ କାର୍ଯ୍ୟକଳାପ ଏବଂ ବିଚ୍ଛିନ୍ନତାବାଦୀ ପ୍ରବୃତ୍ତି ଯୋଗୁଁ ସଶସ୍ତ୍ର ବାହିନୀକୁ ଅତିରିକ୍ତ କ୍ଷମତା ଦିଆଯାଇଛି ।

ଏଫ୍‌ଏସ୍‌ପିଏ ଆଇନ ଯାହା ଭାରତୀୟ ସେନା ଏବଂ ଅନ୍ୟାନ୍ୟ ସୁରକ୍ଷା ବାହିନୀକୁ ବିଦ୍ରୋହ କିମ୍ବା ଆତଙ୍କବାଦ ଦ୍ୱାରା ପ୍ରଭାବିତ ଅଞ୍ଚଳରେ ଶାନ୍ତି ଏବଂ ସୁରକ୍ଷା ବଜାୟ ରଖିବା ପାଇଁ ବିଶେଷ କ୍ଷମତା ପ୍ରଦାନ କରିଥାଏ । ଆଇନ ଅନୁଯାୟୀ ସେନାକୁ କୌଣସି କୋର୍ଟଙ୍କ ନିର୍ଦ୍ଦେଶ ବିନା ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଗିରଫ କରିବା, ତଦନ୍ତ କରିବା ଏବଂ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର କ୍ଷମତା ମିଳିଥାଏ । ଏହି ଆଇନ ବିବାଦୀୟ ମଧ୍ୟ କାରଣ ଏହା ସୁରକ୍ଷା ବାହିନୀକୁ ଅଧିକ କ୍ଷମତା ପ୍ରଦାନ କରେ, ଯାହା କିଛି କ୍ଷେତ୍ରରେ ମାନବାଧିକାର ଉଲ୍ଲଂଘନ ହୋଇପାରେ ।

## ଆଶାରାମଙ୍କୁ ମିଳିଲା ୯୦ ଦିନ ଜାମିନ, ଚିନ୍ତାରେ ପୀଡ଼ିତା ପରିବାର



**ଶାହଜହାଁପୁର ୩୦।୩:** ଦୁଷ୍କର୍ମ ମାମଲାରେ ଆଜୀବନ ଜେଲଦଣ୍ଡାଦେଶ ଭୋଗୁଥିବା ଆଶାରାମ ବାପୁଙ୍କ ଜାମିନ ଅବଧି ଆଉ ୩ ମାସ ବଢ଼ିଛି। ଫଳରେ ପୀଡ଼ିତାଙ୍କ ପିତା ପରିବାରର ସୁରକ୍ଷାକୁ ନେଇ ଉଦବେଗ ପ୍ରକାଶ କରିଛନ୍ତି। ଦୁଷ୍କର୍ମ ପୀଡ଼ିତାଙ୍କ ପିତା କହିଛନ୍ତି ତାଙ୍କ ପରିବାର ନିମନ୍ତେ ଏବେ ବିପଦ ବଢ଼ି ଯାଇଛି। ଏବେ ଆଶାରାମ କେବେବି ତାଙ୍କପରିବାର ପ୍ରତି କିଛିବି କରି ପାରେ। ତେବେ ଆଶାରାମଙ୍କୁ ବାରମ୍ବାର ଜାମିନ ଦିଆଯାଉଥିବାରୁ ପୀଡ଼ିତାଙ୍କ ପିତା ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି। ଉତ୍ତରପ୍ରଦେଶ ଶାହଜାହଁପୁର ନିବାସୀ ପୀଡ଼ିତାଙ୍କ ପିତା କହିଛନ୍ତି ଯେ ଆଶାରାମ ସମସ୍ତଙ୍କୁ ନିଜ ହିସାବରେ ଚଳାଉଛି। ପୀଡ଼ିତାଙ୍କ ସହିତ ୨୦୧୩ ମସିହାରେ ଆଶାରାମଙ୍କ ଯୋଦ୍ଧପୁରସ୍ଥିତ ଆଶ୍ରମରେ ଦୁଷ୍କର୍ମ ହୋଇଥିଲା। ସେତେବେଳେ ପୀଡ଼ିତା ନାବାଳିକା (୧୬) ଥିଲା। ଗୁଜରାଟ ଉଚ୍ଚନ୍ୟାୟାଳୟ ଆଶାରାମଙ୍କୁ ହୃଦୟରୋଗ ଏବଂ ବୃଦ୍ଧାବସ୍ଥା ସମ୍ପର୍କିତ ସ୍ୱାସ୍ଥ୍ୟ ସମସ୍ୟାର ଚିକିତ୍ସା ନିମନ୍ତେ ଶୁକ୍ରବାର ଜାମିନ ମଞ୍ଜୁର କରିଥିଲେ। ଆଶାରାମଙ୍କ ପାଇଁ କୋର୍ଟରେ ମକଦ୍ଦମା ଚଳାଉଥିବା ବରିଷ୍ଠ ଓକିଲ ଶୀଲୀନ ମେହେଟ୍ଟା ତର୍କ ଦେଇଛନ୍ତି ଯେ ୮୬ ବର୍ଷ ବୟସ୍କ ଆଶାରାମ ହୃଦୟ ଏବଂ ବୃକକ ଜନିତ ରୋଗରେ ପୀଡ଼ିତ। ଏଣୁ ତାଙ୍କର ଆୟୁର୍ବେଦିକ ପଞ୍ଚକର୍ମ ଚିକିତ୍ସା କରାଯାଉଛି। ଓକିଲ କୋର୍ଟଙ୍କୁ କହିଛନ୍ତି ଯେ ଯୋଦ୍ଧପୁରସ୍ଥିତ ଆୟୁର୍ବେଦିକ ହସ୍ପିଟାଲରେ ଆଶାରାମଙ୍କ ଚିକିତ୍ସା ଏବେ ଆରମ୍ଭ ହୋଇଛି ଏଥିପାଇଁ ତାଙ୍କୁ ଆଉ ୩ ମାସ ସମୟ ଲାଗିବ। ପୀଡ଼ିତାଙ୍କପିତା କହିଛନ୍ତି ଆଶାରାମ ଜେଲରେ ଥିବା ପର୍ଯ୍ୟନ୍ତ ଆମେ ସୁରକ୍ଷିତ ଥିଲୁ। ପ୍ରଥମେ କୋର୍ଟ ୭ ଦିନ ପରେ ୧୨ ଦିନ ପୁଣି ଅଢେଇ ମାସ ଓ ଏବେ ୩ ମାସ ଜାମିନ ମଞ୍ଜୁର ହୋଇଛି।

# ଆରେଜଡି ଉପରେ ବର୍ଷିଲେ ଅମିତ ଶାହ



**ନୂଆଦିଲ୍ଲୀ,୩୦।୩:** କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ରବିବାର (ମାର୍ଚ୍ଚ ୩୦) ରାଷ୍ଟ୍ରୀୟ ଜନତା ଦଳ (ଆରଜେଡି) ଉପରେ ବର୍ଷିଛନ୍ତି । ଲାଲୁ-ରାବଡ଼ିଙ୍କ ଶାସନ ସମୟରେ ବିହାର ଜଙ୍ଗଲ ରାଜରେ ପରିଣତ ହୋଇଥିଲା ବୋଲି କହିଛନ୍ତି ଶାହ । ଅମିତ ଶାହ ପାଟନାରେ ପ୍ରାୟ ୨୦ମିନିଟ୍ ପାଇଁ ଭାଷଣ ଦେଇଛନ୍ତି ଏବଂ ୧୫ ଥର ଲାଲୁ ଯାଦବଙ୍କ ନାଁ ନେଇଛନ୍ତି।

ସେ ସ୍ପଷ୍ଟ ଭାବରେ କହିଛନ୍ତି ଯେ, ଲାଲୁ ଯାଦବ ଚାରା ଦୁର୍ନୀତି କରି ବିହାରକୁ ବଦନାମ କରିବା ପାଇଁ କାମ କରିଛନ୍ତି । ଆରଜେଡିର ଶାସନକୁ ଜଙ୍ଗଲ ରାଜ ଭାବରେ ବର୍ଣ୍ଣନା କରି ସେ କହିଛନ୍ତି, ସେମାନଙ୍କ ଶାସନକୁ ଜଙ୍ଗଲ ରାଜ ଭାବରେ ମନେ ରଖାଯିବ। ପୂର୍ବରୁ, ପାଟନାର ବାପୁ ଅଡିଟୋରିୟମରେ ସମବାୟ ବିଭାଗ ଦ୍ୱାରା ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହାକୁ କେନ୍ଦ୍ରମନ୍ତ୍ରୀ ଅମିତ ଶାହ ଏବଂ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ମିଳିତ ଭାବରେ ଉଦଘାଟନ କରିଥିଲେ। ଅମିତ ଶାହ ଲାଲୁ ଯାଦବଙ୍କୁ ଟାର୍ଗେଟ କରି କହିଛନ୍ତି ଯେ, ଏହି ଲୋକମାନେ ଗରିବଙ୍କ ପାଇଁ କୌଣସି କାମ କରିନାହାଁନ୍ତି । ଏନଡିଏ ସରକାର ରାସନ, ଘର, ବିଦ୍ୟୁତ, ରୋଷେଇ ଗ୍ୟାସ, ଔଷଧ ଏବଂ ମାଗଣା ରାସନ ଯୋଗାଇବା ପାଇଁ କାମ କରିଛି । ଯଦି କେହି ଗରିବଙ୍କ ପାଇଁ କିଛି କରିଛନ୍ତି, ତେବେ ସେ ହେଉଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ସେ କହିଛନ୍ତି ଯେ, ଚାରି କୋଟି ଲୋକଙ୍କୁ ବାସଗୃହ ଦିଆଯାଇଛି, ୧୧ କୋଟିରୁ ଅଧିକ ଲୋକଙ୍କୁ ଗ୍ୟାସ ସିଲିଣ୍ଡର ଦିଆଯାଇଛି, ୧୨ କୋଟି ଶୌଚାଳୟ ନିର୍ମାଣ କରାଯାଇଛି। ୮୧ କୋଟି ଲୋକଙ୍କୁ ପ୍ରତି ମାସରେ ପାଞ୍ଚ କିଲୋଗ୍ରାମ ମାଗଣା ଖାଦ୍ୟଶସ୍ୟ ସହିତ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା ଦିଆଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗ୍ରାମୀଣ ଅର୍ଥନୀତି, କୃଷକ, ମହିଳା ଏବଂ ମତ୍ସ୍ୟଚାଷୀର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଏକ ପୃଥକ ସମବାୟ ମନ୍ତ୍ରଣାଳୟ ସୃଷ୍ଟି କରିବାକୁ କାର୍ଯ୍ୟ କରିଥିଲେ। ୭୫ ବର୍ଷ ଧରି କୌଣସି ସରକାର ସମବାୟକୁ ସୁଦୃଢ଼ କରିବା ପାଇଁ କାମ କରିନଥିଲେ। କିନ୍ତୁ, ନରେନ୍ଦ୍ର ମୋଦୀ ଏହି ବିଭାଗକୁ ଗତି ଦେଇଥିଲେ। ସେ ଦାବି କରିଛନ୍ତି ଯେ, ବିହାର ଏପରି ଏକ ରାଜ୍ୟ ଯେଉଁଠାରେ ଜମି ଉର୍ବର ଏବଂ ଏଠାରେ ପ୍ରଚୁର ଜଳସମ୍ପଦ ମଧ୍ୟ ଅଛି। ସମବାୟ କ୍ଷେତ୍ରରୁ ବିହାରକୁ ସବୁଠାରୁ ଅଧିକ ଲାଭ ମିଳିବ। ଏହି ଅବସରରେ ସେ କହିଛନ୍ତି, ଗୋଟିଏ ସମୟ ଥିଲା ଯେତେବେଳେ ଦେଶର ୩୦ ପ୍ରତିଶତ ଚିନି ଉତ୍ପାଦନ ବିହାରରେ ହେଉଥିଲା । କିନ୍ତୁ ଲାଲୁ ଯାଦବଙ୍କ ଶାସନ କାଳରେ ସମସ୍ତ ଚିନି କଳ ବନ୍ଦ ହୋଇଯାଇଥିଲା ଏବଂ ଉତ୍ପାଦନ ୬ ପ୍ରତିଶତରେ ପହଞ୍ଚିଥିଲା। ଯଦି ପୁଣି ଥରେ ଏନଡିଏ ସରକାର ଗଠନ ହୁଏ, ତେବେ ସମସ୍ତ ବନ୍ଦ ଚିନି କଳ ପୁନର୍ଜୀବିତ ହେବ ବୋଲି କହିଛନ୍ତି ଅମିତ ଶାହ । କେନ୍ଦ୍ରମନ୍ତ୍ରୀ ଏହା ମଧ୍ୟ କହିଛନ୍ତି ଯେ, ଯେତେବେଳେ ବି ଲାଲୁ ଯାଦବଙ୍କ ସରକାର ଆସିଛି, ବିହାର ତଳକୁ ଖସିଯାଇଛି ଏବଂ ଯେତେବେଳେ ବି ଏନଡିଏ ସରକାର ଗଠନ ହୋଇଛି, ବିହାର ପ୍ରଗତି କରିଛି। ତେଣୁ, ମୁଁ ୨୦୨୫ ରେ ପୁଣି ଥରେ ବିହାରରେ ଏନ୍‌ଡିଏ ସରକାର ଗଠନ କରିବାକୁ ଏବଂ ଭାରତ ସରକାରଙ୍କୁ ବିହାରରେ କାମ କରିବାର ସୁଯୋଗ ଦେବାକୁ ଅପିଲ୍ କରୁଛି।

### ବିଶ୍ୱ ଟେବୁଲ ଟେନିସ ଉଦ୍‌ଯାପିତ

# ୧୬ ମ୍ୟାଚ୍‌ରେ ପରାଜୟ ସହ ଅବସର ନେଲେ ଶରତ କମଲ

**ନୂଆଦିଲ୍ଲୀ, ୩୦।୩:** ଭାରତୀୟ ଟେବଲ ଟେନିସ୍ ର ଜଣେ କିମ୍ବଦନ୍ତୀ ଖେଳାଳି ହେଉଛନ୍ତି ଶରତ କମଲ। ସେ ବିଶ୍ୱ ଟେବୁଲ ଟେନିସ (ଡବ୍ଲ୍ୟୁଟିଟି) ଷ୍ଟାର କଣ୍ଟେଣ୍ଡର ଟୁର୍ଣ୍ଣାମେଣ୍ଟର ପ୍ରି-କ୍ୱାର୍ଟର ଫାଇନାଲରେ ନିଜ ଦେଶର ସ୍ନେହିତ ସୁରଭ ଭୁଲାଙ୍କ ଠାରୁ ପରାସ୍ତ ହୋଇଛନ୍ତି। ଏହା ପରେ ଅଭିଜ୍ଞ ଟେବୁଲ ଟେନିସ୍ ଖେଳାଳି ଶରତ କମଳଙ୍କ ଚମତ୍କାର ଅନ୍ତର୍ଜାତୀୟ କ୍ୟାରିୟରର ସମାପ୍ତ ହୋଇଛି। ୱାଇଲ୍ଡ କାର୍ଡ ଏଣ୍ଟ୍ରି ପାଇଥିବା ସ୍ନେହିତ ଶରଥଙ୍କୁ ୧୧-୯, ୧୧-୮, ୧୧-୯ରେ ପରାସ୍ତ କରିଥିଲେ। ଅବସର ନେବା ପୂର୍ବରୁ ଶରତ ଇଜିପ୍ଟର ଓମାର ଆସାରଙ୍କ ବିପକ୍ଷରେ ଏକ ପ୍ରଦର୍ଶନୀ ମ୍ୟାଚ୍ ଖେଳିଥିଲେ। ଯେଉଁଥିରେ ଦର୍ଶକମାନେ ତାଙ୍କର ଉତ୍କୃଷ୍ଟ ଖେଳର ଶେଷ ଝଲକ ପାଇଥିଲେ। ଶରତ ପରେ ଇଜିପ୍ଟର ଓମାର ଆସାରଙ୍କ ବିପକ୍ଷରେ ଏକ ପ୍ରଦର୍ଶନୀ ମ୍ୟାଚ୍ ଖେଳିଥିଲେ ଯେଉଁଥିରେ ଦର୍ଶକମାନେ ତାଙ୍କର ଅସାଧାରଣ ଦକ୍ଷତାର ଆଉ ଏକ ଝଲକ ପାଇଲେ। ଶରତ ତାଙ୍କ ବିଦାୟୀ ଭାଷଣରେ କହିଥିଲେ, କୌଣସି ସ୍ଥାନରେ ମୁଁ ଅନୁଭବ କଲି ଯେ ଏହା ଯଥେଷ୍ଟ ଏବଂ ମୁଁ କୋର୍ଟର ଅନ୍ୟ ପାର୍ଶ୍ୱରୁ ଖେଳକୁ କିଛି ଦେବାର ସମ୍ଭାବନା ଅନୁସନ୍ଧାନ କରିବାକୁ ଚାହୁଁଥିଲି। ୪୨ ବର୍ଷୀୟ ଶରତ କହିଛନ୍ତି ଯେ ସେ ଏକ ପ୍ରଶାସନିକ ଭୂମିକା ଗ୍ରହଣ କରିବାକୁ ଚାହାଁନ୍ତି। ସେ କହିଥିଲେ, ମୁଁ ଜଣେ ଖେଳାଳି ଭାବରେ ମୋର କାମ କରିଛି। ମୁଁ ଅନୁଭବ କରେ ଯେ



ମୁଁ ଜଣେ ଖେଳାଳି ଭାବରେ ଦେଶ ପାଇଁ ବହୁତ ଯୋଗଦାନ ଦେଇଛି ଏବଂ ମୁଁ ଜଣେ ପ୍ରଶାସକ କିମ୍ବା ଜଣେ ପ୍ରଶିକ୍ଷକ, ଜଣେ ପରାମର୍ଶଦାତା କିମ୍ବା ଜଣେ ବରିଷ୍ଠ ଖେଳାଳି ଭାବରେ ମଧ ଯୋଗଦାନ ଦେବାକୁ ଚାହୁଁଛି। ଏହି ଟୁର୍ଣ୍ଣାମେଣ୍ଟରେ ୨୪ ବର୍ଷୀୟ ମାନବ ଠକ୍କର ଭାରତୀୟ ଟେବୁଲ ଟେନିସ୍ ଇତିହାସରେ ଏକ ନୂତନ ଅଧ୍ୟାୟ ଯୋଡିଛନ୍ତି। ସେ ଡବ୍ଲ୍ୟୁଟିଟି ଷ୍ଟାର କଣ୍ଟେଣ୍ଡର ସେମିଫାଇନାଲରେ ପହଞ୍ଚିବାରେ ପ୍ରଥମ ଭାରତୀୟ ପୁରୁଷ ଖେଳାଳି ହୋଇଥିଲେ। ସେ ପ୍ରଥମେ ଜର୍ମାନୀର ଆନ୍ଦ୍ରେ ବର୍ଟେଲସମେୟରଙ୍କୁ ୧୦-୧୨, ୧୨-୧୦, ୧୫-୧୩, ୬-୧୧, ୧୧-୫ ରେ ପରାସ୍ତ କରିଥିଲେ ଏବଂ ପରେ ଦକ୍ଷିଣ କୋରିଆର ଅଲିମ୍ପିକ ପଦକ ବିଜେତା ଲିମ୍ ଜୋଙ୍ଗ-ହୁନ୍‌ଙ୍କୁ ୫-୧୧, ୧୨-୧୦, ୩-୧୧, ୧୧-୬, ୧୧-୧ରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଥିଲେ।

ଅନ୍ୟପକ୍ଷରେ ସେମିଫାଇନାଲରେ ଫ୍ରାନ୍ସର ଥିବାଲ୍ଟ ପୋରେଟଙ୍କଠାରୁ ୧୧-୪, ୬-୧୧, ୧୧-୭, ୧୧-୬ରେ ପରାଜୟ ସହିତ ସ୍ନେହିତ ସୁରଭାଜ୍ଜୁଲାଙ୍କ ଯାତ୍ରା ଶେଷ ହୋଇଥିଲା। ତିନିଟି ରୋମାଞ୍ଚକର ଡବଲ୍ସ ମ୍ୟାଚ୍ ସହିତ ଶେଷ ହୋଇଥିଲା। ପୁରୁଷ ଡବଲ୍ସ ଫାଇନାଲରେ, ଦକ୍ଷିଣ କୋରିଆର ଲିମ୍ ଜୋଙ୍ଗ-ହୁନ୍ ଏବଂ ଆନ୍ ଜାଏ-ହ୍ୟୁନ୍ ଯୋଡ଼ି ଶୀର୍ଷ ସିଡ୍ ଟୋମୋକାଜୁ ହରିମୋଟୋ ଏବଂ ସୋରା ମାତ୍ସୁସିମାଙ୍କୁ ୧୧-୪, ୧୧-୨, ୧୧-୩ରେ ପରାସ୍ତ କରି ଟାଇଟଲ ଜିତିଥିଲେ। ସେହିପରି, ମହିଳା ଡବଲ୍ସରେ, ଜାପାନର ମିୱା ହରିମୋଟୋ ଏବଂ ମିୟୁ କିହାରା ଶିନ୍ ୟୁ-ବିନ ଏବଂ ରିୟୁ ହାନାଙ୍କୁ ୯-୧୧, ୧୧-୯, ୧୩-୧୧, ୧୨-୧୪, ୧୧-୫ ରେ ପରାସ୍ତ କରିଥିଲେ।

## ଜନକ ହେବା ପରେ ଦିଲ୍ଲୀ କ୍ୟାପିଟାଲ୍ସରେ ଯୋଗଦେଲେ କେଏଲ୍ ରାହୁଲ



**ନୂଆଦିଲ୍ଲୀ, ୩୦।୩:** କନ୍ୟା ସନ୍ତାନର ଜନକ ହେବା ପରେ ୱିକେଟ୍ ରକ୍ଷକ ବ୍ୟାଟର୍ କେଏଲ ରାହୁଲ ଶନିବାର ନିଜ ନୂଆ ଦଳ ଦିଲ୍ଲୀ କ୍ୟାପିଟାଲ୍ସରେ ଯୋଗ ଦେଇଛନ୍ତି। ଫଳରେ ରବିବାରର ସନ୍‌ରାଇଜର୍ସ ହାଇଦ୍ରାବାଦ ବିପକ୍ଷ ମ୍ୟାଚରେ ସେ ଖେଳିବାର ଆଶା ସଂଚାର ହୋଇଛି। ରାହୁଲଙ୍କୁ ଚଳିତ ବର୍ଷର ମେଗା ନିଲାମରେ ୧୪ କୋଟି ଟଙ୍କାରେ ଦିଲ୍ଲୀ କ୍ୟାପିଟାଲ୍ସ କିଣିଥିଲା। ତେବେ ଗତ ୨୪ ତାରିଖରେ ତାଙ୍କ ପତ୍ନୀ ଅଥିୟା ଶେଟ୍ଟୀ ଝିଅ ଜନ୍ମ ଦେବା ଯୋଗୁ ଲକ୍ଷ୍ନୌ ସୁପରଜାଏଣ୍ଟସ୍ ବିପକ୍ଷ ମ୍ୟାଚ୍ ସେ ଖେଳି ପାରି ନଥିଲେ। ଏହି ମ୍ୟାଚ୍‌କୁ ଦିଲ୍ଲୀ ରୋମାଞ୍ଚକ ଭାବେ ଜିତି ନେଇଥିଲା। ଏହା ପୂର୍ବରୁ ଗତ ଦୁଇଟି ଋତୁ ହେବ ଲକ୍ଷ୍ନୌର ଅଧିନାୟକ ଥିଲେ ରାହୁଲ। ବୁଧବାର ଦିଲ୍ଲୀ କ୍ୟାପିଟାଲ୍ସ ଭିଡିଓ ଜାରି କରି ରାହୁଲ ଦଳରେ ଯୋଗଦେଇଥିବା ସୂଚନା ଦେଇଥିଲା। ଏଥିରେ ଦଳୀୟ ଖେଳାଳି ମିଳିତ ଭାବେ ରାହୁଲଙ୍କୁ ସ୍ୱାଗତ କରୁଥିବା ଦେଖିବାକୁ ମିଳୁଛି।

## ଏନ୍‌ସିଏ ଏଲିଟ୍ କ୍ୟାମ୍ପରେ ଓଡ଼ିଶାରୁ ୪



**ଭୁବନେଶ୍ୱର, ୩୦।୩:** ବେଙ୍ଗାଲୁରୁସ୍ଥିତ ଜାତୀୟ କ୍ରିକେଟ୍ ଏକାଡେମି (ଏନ୍‌ସିଏ) ପକ୍ଷରୁ ଆୟୋଜିତ ହେବାକୁ ଥିବା ଏନ୍‌ସିଏ ୧୬ବର୍ଷରୁ କମ୍ ବାଳକ ଏଲିଟ୍ ପ୍ରଶିକ୍ଷଣ ଶିବିର ଲାଗି ଓଡ଼ିଶାର ୪ଜଣ ଖେଳାଳି ମନୋନୀତ ହୋଇଛନ୍ତି। ବିଜୟ ମର୍ଚ୍ଚାଣ୍ଟ ଘରୋଇ କ୍ରିକେଟ୍ ପ୍ରତିଯୋଗିତାର ପ୍ରଦର୍ଶନ ଆଧାରରେ ସେମାନଙ୍କୁ ଏହି ସମ୍ମାନଜନକ ଶିବିର ଲାଗି ଡାକରା ମିଳିଛି। ଖେଳାଳିମାନେ ହେଲେ ମହେଶ କେ ସାହୁ, ପାନକଳା ମୋହିତ, ସ୍ୱାଗତ ସୌରଭ ମିଶ୍ର ଓ ରାଜ ଯାଦବ।

ତାମିଲନାଡ଼ୁର ସଲେମଠାରେ ଆୟୋଜିତ ହେବାକୁ ଥିବା ଟିମ୍- ଏ' ପ୍ରଶିକ୍ଷଣ ଶିବିରରେ ମହେଶ, ପାନକଳା ଜୟପୁରରେ ଆୟୋଜିତ ହେବାକୁ ଥିବା ଟିମ୍-ବି' ଏବଂ ସ୍ୱାଗତ ଓ ରାଜ ମହାରାଷ୍ଟ୍ରର ପୁଣେଠାରେ ଆୟୋଜିତ ହେବାକୁ ଥିବା ଟିମ୍-ଡି' ପ୍ରଶିକ୍ଷଣ ଶିବିରରେ ଯୋଗଦେବେ। ଏହି ଶିବିର ଏପ୍ରିଲ ୮ରୁ ୧୪ ମେ ପର୍ଯ୍ୟନ୍ତ ଆୟୋଜିତ ହେବ। ଏଥିଲାଗି ମହେଶ, ପାନକଳା, ସ୍ୱାଗତ ଓ ରାଜଙ୍କୁ ଓଡ଼ିଶା କ୍ରିକେଟ୍ ସଂଘ (ଓସିଏ) ସମ୍ପାଦକ ଏବଂ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଅଭିନନ୍ଦନ ଓ ଶୁଭକାମନା ଜଣାଇଛନ୍ତି।

### ପାଣ୍ଡ୍ୟାଙ୍କ ଉପରେ ବିସିସିଆଇର ବଡ଼ ଆକ୍ସନ

## ସ୍ଲୋ ଓଭର ରେଟ୍ ପାଇଁ ୧୨ ଲକ୍ଷ ଜରିମାନା



**ନୂଆଦିଲ୍ଲୀ,୩୦।୩:** ଆଇପିଏଲ୍ ୨୦୨୫ର ୯ମ ମ୍ୟାଚ ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ମୁମ୍ବାଇ ଇଣ୍ଡିଆନ୍ସ ଏବଂ ଗୁଜରାଟ ଟାଇଟାନ୍ସ ମଧରେ ଖେଳାଯାଇଥିଲା। ଏଥିରେ ମୁମ୍ବାଇ ଦଳକୁ ପରାଜୟର ସାମ୍ନା କରିବାକୁ ପଡିଥିଲା। ଏହା ମୁମ୍ବାଇ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଏହି ସିଜିନର ପ୍ରଥମ ମ୍ୟାଚ ଥିଲା। କିନ୍ତୁ ଏହି ମ୍ୟାଚ୍‌ରେ ତାଙ୍କ ପକ୍ଷରୁ ଏକ ବଡ଼ ଭୁଲ ହୋଇଯାଇଥିଲା। ଯେଉଁଥିଲାଗି ବିସିସିଆଇ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଲକ୍ଷ ଲକ୍ଷ ଟଙ୍କା ଜରିମାନା ଲଗାଇଛି। ଶନିବାର ଖେଳାଯାଇଥିବା ମ୍ୟାଚ୍ ସମୟରେ ମୁମ୍ବାଇ ଅଧିନାୟକ ପାଣ୍ଡ୍ୟାଙ୍କୁ ସ୍ଲୋ ଓଭର ରେଟ୍ ପାଇଁ ଜରିମାନା ଲଗାଯାଇଛି। ଏହି ସିଜିନରେ ମୁମ୍ବାଇ ଇଣ୍ଡିଆନ୍ସର ଏହା ପ୍ରଥମ ଅପରାଧ ଏବଂ ପାଣ୍ଡ୍ୟାଙ୍କୁ କେବଳ ଜରିମାନା ଦେବାକୁ ପଡିଛି। ଯାହାର ଅର୍ଥ ହେଲା ହାର୍ଦ୍ଦିକଙ୍କ ଉପରେ ୧୨ ଲକ୍ଷ ଟଙ୍କା ଜରିମାନା ଲଗାଯାଇଛି। ଗତ ସିଜିନରେ ମଧ ହାର୍ଦ୍ଦିକଙ୍କଠାରୁ ଅନେକ ମ୍ୟାଚ୍‌ରେ ଏପରି ଭୁଲ ଦେଖିବାକୁ ମିଳିଥିଲା। ଆଇପିଏଲ ତାର ପ୍ରେସ ରିଲିଜରେ କହିଛି, 'ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଗୁଜୁରାଟ ଟାଇଟାନ୍ସ ବିପକ୍ଷରେ ଆଇପିଏଲ ୨୦୨୫ ର ୯ ନମ୍ବର ମ୍ୟାଚ ସମୟରେ ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ ହାର୍ଦ୍ଦିକଙ୍କ ଦଳ ଧୀର ଓଭର-ରେଟ୍ ବଜାୟ ରଖିବାରୁ ତାଙ୍କୁ ଜରିମାନା କରାଯାଇଛି। ଯେହେତୁ ଏହା ଆଇପିଏଲ୍ ଆଚରଣ ସଂହିତାର ଧାରା ୨.୨ ଅନୁଯାୟୀ ସିଜନରେ ତାଙ୍କ ଦଳର ପ୍ରଥମ ଅପରାଧ ଥିଲା, ଯାହା ସର୍ବନିମ୍ନ ଓଭର-ରେଟ ଅପରାଧ ସହିତ ଜଡିତ, ତେଣୁ ପାଣ୍ଡ୍ୟାଙ୍କୁ ୧୨ ଲକ୍ଷ ଟଙ୍କା ଜରିମାନା କରାଯାଇଛି।' ଗତ ସିଜିନରେ ମୁମ୍ବାଇର ଶେଷ ମ୍ୟାଚ୍‌ରେ ହାର୍ଦ୍ଦିକଙ୍କୁ ସ୍ଲୋ ଓଭର ରେଟ ଯୋଗୁ ଗୋଟିଏ ମ୍ୟାଚ ପାଇଁ ବାସନ୍ଦ କରାଯାଇଥିଲା। ଫଳରେ ସେ ଏହି ସିଜିନର ପ୍ରଥମ ମ୍ୟାଚ ଖେଳିପାରିଲେ ନାହିଁ। କିନ୍ତୁ ଏବେ ଫେରିବା ପରେ ତାଙ୍କୁ ଏହି ବଡ଼ ଝଟକା ଲାଗିଛି। ଗୁଜରାଟ ଟାଇଟାନ୍ସ ବିପକ୍ଷରେ ଖେଳାଯାଇଥିବା ଏହି ମ୍ୟଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ଦଳ ନିର୍ଦ୍ଧାରିତ ସମୟରେ ୨୦ ଓଭର ବୋଲିଂ କରିପାରି ନଥିଲା। ଯାହା କାରଣରୁ ତାଙ୍କୁ ଗୁଜରାଟ ଇନିଂସର ଶେଷ ଓଭରରେ ଦଣ୍ଡ ଦିଆଯାଇଥିଲା। ଏହି ଓଭରରେ ତାଙ୍କୁ ୩୦ ୟାର୍ଡ ସର୍କଲରେ ଜଣେ ଅତିରିକ୍ତ ଫିଲ୍ଡର ରଖିବାକୁ ପଡିଲା।

## ଆଇପିଏଲ୍ ପଏଣ୍ଟ ଟେବୁଲ୍‌ରେ ଗୁଜରାଟର ବଡ଼ ଲମ୍ଫ



**ନୂଆଦିଲ୍ଲୀ,୩୦।୩:** ଆଇପିଏଲ୍ ୨୦୨୫ରେ ଏପର୍ଯ୍ୟନ୍ତ ୯ଟି ମ୍ୟାଚ ଖେଳାଯାଇଛି। ଏଥିରେ ୮ ଦଳ ବିଜୟ ସହ ଖାତା ଖୋଲିଛନ୍ତି। କେବଳ ମୁମ୍ବାଇ ଇଣ୍ଡିଆନ୍ସ ଏବଂ ରାଜସ୍ଥାନ ରୟାଲ୍ସ ଏପର୍ଯ୍ୟନ୍ତ ସେମାନଙ୍କର ପ୍ରଥମ ବିଜୟ ପାଇଁ ଅପେକ୍ଷା କରିଛନ୍ତି। ସିଜିନର ୯ମ ମ୍ୟାଚ୍‌ରେ ଗୁଜରାଟ ମୁମ୍ବାଇ ବିପକ୍ଷରେ ଏକ ଚମତ୍କାର ବିଜୟ ହାସଲ କରିଛି। ଏହା ଚଳିତ ସିଜିନରେ ଗୁଜରାଟର ପ୍ରଥମ ବିଜୟ ଥିଲା। ଗୁଜରାଟର ଏହି ବିଜୟର ପ୍ରଭାବ ପଏଣ୍ଟ ଟେବୁଲରେ ଦେଖାଯାଇଛି। ଯେଉଁଠାରେ ଜିଟି ଲମ୍ବା ଡିଆଁ ମାରିଛି। ମ୍ୟାଚ ପୂର୍ବରୁ ଗୁଜରାଟ ପଏଣ୍ଟ ଟେବୁଲର ୯ମ ସ୍ଥାନରେ ଥିଲା। କିନ୍ତୁ ମୁମ୍ବାଇକୁ ପରାସ୍ତ କରିବା ପରେ ଦଳକୁ ବହୁତ ଲାଭ ମିଳିଛି। ଦଳ ସିଧାସଳଖ ତୃତୀୟ ନମ୍ବରରେ ପହଞ୍ଚିଛି। ଏହା ବ୍ୟତୀତ ତାଙ୍କର ନେଟ ରନ ରେଟ ଭଲ ରହିଛି। ମ୍ୟାଚ୍ ପୂର୍ବରୁ ଗୁଜରାଟ ନେଟ୍ ରନ୍ ରେଟ୍ -୦.୫୫୦ ଥିଲା, ଯାହା ଏବେ ୦.୬୨୫ ହୋଇଛି। ଅନ୍ୟପକ୍ଷରେ ଏହି ପରାଜୟ ପରେ ମୁମ୍ବାଇକୁ ମଧ ପଏଣ୍ଟ ଟେବୁଲରେ ଝଟ୍‌କା ଲାଗିଛି। ସେ ୮ମ ସ୍ଥାନରୁ ୯ମ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ଏହା ସହିତ ତାଙ୍କର ନେଟ ରନ ରେଟ -୧.୧୬୩ ହୋଇଯାଇଛି, ଯାହା ପୂର୍ବରୁ -୦.୪୯୩ ଥିଲା। ଏଥର ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଏକ ଭଲ ଆରମ୍ଭ କରିଛି। ଏହା ଏହାର ଦୁଇଟି ପ୍ରଥମ ମ୍ୟାଚ୍ ଜିତିଛି, ଯାହା ଫଳରେ ଏହା ୨.୨୬୬ ନେଟ ରନ୍ ରେଟ ଏବଂ ୪ ପଏଣ୍ଟ ସହିତ ପଏଣ୍ଟ ଟେବୁଲର ଶୀର୍ଷରେ ରହିଛି। ସେହିପରି ଲକ୍ଷ୍ନୌ ଦଳ ଦୁଇଟି ମ୍ୟାଚ୍‌ରୁ ଗୋଟିଏ ବିଜୟ ଏବଂ ଗୋଟିଏ ପରାଜୟ ସହିତ ପଏଣ୍ଟ ଟେବୁଲରେ ଦ୍ୱିତୀୟ ସ୍ଥାନରେ ଅଛି। ଅନ୍ୟପକ୍ଷରେ ପଞ୍ଜାବ କିଙ୍ଗସ ତୃତୀୟ ସ୍ଥାନରୁ ଚତୁର୍ଥ ସ୍ଥାନକୁ ଉନ୍ନୀତ ହୋଇଛି। ଦିଲ୍ଲୀ ମଧ ୧ ମ୍ୟାଚରେ ବିଜୟ ସହିତ ୫ମ ସ୍ଥାନରେ ଅଛି।

ସନରାଇଜର୍ସ ହାଇଦ୍ରାବାଦ ବର୍ତ୍ତମାନ ୬ଷ୍ଠ ସ୍ଥାନରେ ଅଛି। ସେ ଏକ ଦୃଢ଼ ବିଜୟ ସହିତ ସିଜିନ ଆରମ୍ଭ କରିଥିଲେ। କିନ୍ତୁ ଏହାର ଦ୍ୱିତୀୟ ମ୍ୟାଚ୍‌ରେ ଏହାକୁ ଲକ୍ଷ୍ନୌ ଦଳ ବିପକ୍ଷରେ ପରାଜୟର ସାମ୍ନା କରିବାକୁ ପଡିଲା। ଡିଫେଣ୍ଡିଂ ଚାମ୍ପିଅନ କୋଲକାତା ନାଇଟ ରାଇଡର୍ସ ବିଷୟରେ କହିବାକୁ ଗଲେ, ଏହା ବର୍ତ୍ତମାନ ୭ମ ସ୍ଥାନରେ ଅଛି। ସେ ୨ଟି ମ୍ୟାଚ ଖେଳି ଗୋଟିଏ ମ୍ୟାଚ୍ ଜିତିଛନ୍ତି। ସିଏସକେ ଦଳ ମଧ ୨ ମ୍ୟାଚ୍‌ରୁ ୧ ବିଜୟ ସହିତ ୮ମ ସ୍ଥାନରେ ଅଛି। ଅନ୍ୟପକ୍ଷରେ, ରାଜସ୍ଥାନ ରୟାଲ୍ସ ବର୍ତ୍ତମାନ ପଏଣ୍ଟ ଟେବୁଲର ସବୁଠାରୁ ନିମ୍ନରେ ଅଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଅର୍ଦ୍ଧଶତାବ୍ଦୀ ଲମ୍ବା...

ଆଦି ସାମିଲ୍। ଏହାଛଡ଼ା ହିତାଧିକାରୀମାନଙ୍କୁ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ୯୦ରୁ ୯୫ ଦିନ ପର୍ଯ୍ୟନ୍ତ ଅଣକୁଶଳୀ ଶ୍ରମିକ ପାରିଶ୍ରମିକ ସହ କାମ ଯୋଗାଇ ଦିଆଯିବ।

ଯୋଜନା ଉଦ୍‌ଘାଟନ କରିବା ଅବସରରେ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ହିନ୍ଦୁ ନବ ବର୍ଷର ଶୁଭେଚ୍ଛା ଜଣାଇବା ସହ କହିଛନ୍ତି ଯେ ଏହି ଯୋଜନା ଗ୍ରାମାଞ୍ଚଳର ପ୍ରତି ପରିବାର ପାଇଁ ସମ୍ମାନର ସହ ବଞ୍ଚିବାର ଆଶା ଓ ଭରସା ଯୋଗାଇଦେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ୨୦୧୮ରେ ସମସ୍ତଙ୍କୁ ପକ୍କା ଘର ଯୋଗାଇଦେଇ ଏହି ସମସ୍ୟାର ସ୍ଥାୟୀ ସମାଧାନ ଘୋଷଣା କରିଥିଲେ। ସେଥିପାଇଁ ପ୍ରଧାନମନ୍ତ୍ରୀ ଆବାସ ସହରୀ ଓ ଗ୍ରାମୀଣ ଆଦି ଯୋଜନା କାର୍ଯ୍ୟକାରୀ ହେଉଛି। ଏହାକୁ ଆଉ ପାଦେ ଆଗେଇ ନେଇ ଆମେ ଅନ୍ତ୍ୟୋଦୟ ଗୃହ ଯୋଜନା ଆରମ୍ଭ କରିଛୁ, ଯାହା ସମସ୍ତଙ୍କ ପାଇଁ ପକ୍କା ଘର ସୁନିଶ୍ଚିତ କରିବ। ବିଶେଷକରି ଭିନ୍ନକ୍ଷମ, ବିଧବା, କର୍କଟ ରୋଗୀ, ଶହୀଦ ପରିବାର, ଘରପୋଡ଼ି ପ୍ରଭାବିତ, ହାତୀ ଉପଦ୍ରବ ତଥା ବନ୍ୟା, ବାତ୍ୟା ପରି ପ୍ରାକୃତିକ ବିପର୍ଯ୍ୟୟ ପ୍ରଭାବିତ ପରିବାରଙ୍କୁ ଅଗ୍ରାଧିକାର ଭିତ୍ତିରେ ଗୃହ ମଞ୍ଜୁର କରାଯିବ। ଏଥିସହ  କୁଷ୍ଠ, କିଡ଼ନୀ ରୋଗୀ, ଲିଭର ସିରୋସିସ, ଥାଲାସେମିଆ ଅଥବା ଏଚ୍‌ଆଇଭି ସଂକ୍ରମିତଙ୍କ ପରିବାର ଓ ଅନାଥ, ନିରାଶ୍ରୟଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ତୁରନ୍ତ ଗୃହ ଯୋଗାଇ ଦିଆଯିବା ସହ ଜଙ୍ଗଲ ଅଧିକାର ଆଇନ ହିତାଧିକାରୀ, ମୁକ୍ତ ଗୋତି ଶ୍ରମିକ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର କ୍ରୀଡାବିତ୍‌ମାନେ ମଧ୍ୟ ଯୋଜନାର ଫାଇଦା ପାଇବେ। ଅଧିକ ଲୋକଙ୍କୁ ଘର ଦେବା ପାଇଁ ଏହି ଯୋଜନାରେ 'ପରିବାର' ଓ 'ପକ୍କା ଘର'ର ସଂଜ୍ଞାକୁ ମଧ୍ୟ ସରଳ କରାଯାଇଛି । ଆଜବେଷ୍ଟସ୍, ଟିଣ ଓ ଟାଇଲ ଛାତଘରକୁ କଚ୍ଚାଘର ବିବେଚନା କରାଯିବ। କେବଳ ସିମେଣ୍ଟ ଯୋଡ଼େଇ କାନ୍ଥ ସହ ଆରସିସି  ଛାତକୁ ପକ୍କାଘର ମାନ୍ୟତା ପ୍ରଦାନ କରାଯିବ। ପରିବାରର ସଂଜ୍ଞାକୁ ମଧ୍ୟ ସରଳ କରାଯାଇ ଯୋଜନାରେ ପରିବାରର ଅର୍ଥ ସ୍ୱାମୀ, ସ୍ତ୍ରୀ, ନିର୍ଭରଶୀଳ ପିତାମାତା ଓ ସନ୍ତାନ ଆଦିକୁ ବୁଝାଇବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ରେ ହୋଇଥିବା ଅଗ୍ରଗତି ବିଷୟରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ଯୋଜନାରେ ରାଜ୍ୟରେ ଅଦ୍ୟାବଧି ୨୩ ଲକ୍ଷରୁ ଅଧିକ ଘର ନିର୍ମାଣ ସରିଥିବା ବେଳେ ୪ ଲକ୍ଷ ଘର ନିର୍ମାଣାଧୀନ ରହିଛି। ଏଥିସହ ଗତ ଜାନୁଆରୀ ୨୪ରୁ ସର୍ଭେ ଆରମ୍ଭ ହେଇ ଏଥିରେ ଆହୁରି ୨୬ ଲକ୍ଷରୁ ଉର୍ଦ୍ଧ୍ୱ ଲୋକଙ୍କୁ ଯୋଡ଼ାଯାଇଛି। ବିଭିନ୍ନ କେନ୍ଦ୍ରୀୟ ଯୋଜନା ଓ ରାଜ୍ୟ ଯୋଜନାରେ ସମସ୍ତଙ୍କୁ ଘର ଯୋଗାଇ ଦିଆଯିବା ଲକ୍ଷ୍ୟ ରହିଛି। ଅନ୍ତ୍ୟୋଦୟ ଗୃହ ଯୋଜନା ସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ), ପିଏମ୍ ଜନମନ ଓ ଅନ୍ୟାନ୍ୟ ସରକାରୀ ଗ୍ରାମୀଣ ଗୃହ ଯୋଜନାରେ ଯେଉଁ ହିତାଧିକାରୀମାନେ ପ୍ରଥମ କିସ୍ତି ପାଇବାର ୪ ମାସ ମଧ୍ୟରେ ଘର ନିର୍ମାଣ କାମ ସାରୁଛନ୍ତି ସେମାନଙ୍କୁ ୨୦ ହଜାର ଓ ୬ ମାସରେ ସାରୁଥିବା ଲୋକଙ୍କୁ ୧୦ ହଜାର ଟଙ୍କା ପ୍ରୋତ୍ସାହନ ରାଶି ଭାବେ ଦିଆଯାଉଛି। କଳାହାଣ୍ଡି ଅଞ୍ଚଳବାସୀଙ୍କ ଦାବି ଅନୁଯାୟୀ ଇନ୍ଦ୍ରାବତୀ ବହୁମୁଖୀ ଜଳ ପ୍ରକଳ୍ପର ବାମ ପାର୍ଶ୍ୱ କେନାଲର କଂକ୍ରିଟ୍ ଲାଇନିଂ କାର୍ଯ୍ୟ ଖୁବ୍‌ଶୀଘ୍ର ଶେଷ ହେବ। ସେହିପରି ଭବିଷ୍ୟତରେ ରାଜ୍ୟରେ ଯେପରି ଆଉ କେହି ଦାନ ମାଝୀଙ୍କ ପରି ଅବହେଳାର ଶିକାର ନ ହୁଅନ୍ତି, ସେଥିପାଇଁ ବିଜେପି ସରକାର ୧୦୯ ଆମ୍ବୁଲାନ୍ସ ବ୍ୟବସ୍ଥା ଆରମ୍ଭ କରିଛନ୍ତି। ସେହିପରି ଆମ ସରକାର ଲୋକଙ୍କ ସରକାର ହୋଇଥିବାରୁ ଖୁବ୍‌ଶୀଘ୍ର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣୀ ଭବାନୀପାଟଣା ଓ ସମ୍ବଲପୁରରେ ଆରମ୍ଭ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ବର୍ଗର ୧୦ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀ କଳାହାଣ୍ଡି ଜିଲ୍ଲାରେ ୬୧୭.୫୧ କୋଟି ଟଙ୍କାର ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ୨୨୩.୬୬ କୋଟି ଟଙ୍କାର ପ୍ରକଳ୍ପ ଉଦ୍‌ଘାଟିତ ହୋଇଥିବା ବେଳେ ୩୯୩.୮୫ କୋଟି ଟଙ୍କାର ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ମଧ୍ୟ ସ୍ଥାପିତ ହୋଇଛି।

ଲୋକାର୍ପିତ ପ୍ରକଳ୍ପ ମଧ୍ୟରେ ଜୁଲ୍‌କୋ ଇନ୍‌ଷ୍ଟ୍ରିମ ଷ୍ଟୋରେଜ୍ ଷ୍ଟ୍ରକ୍ଚର ରହିଛି, ଯାହାକି ଭବାନୀପାଟଣା ନିର୍ବାଚନମଣ୍ଡଳୀର କେସିଙ୍ଗା ବ୍ଲକରେ ୬୮ କୋଟି ୩୫ ଲକ୍ଷ ଟଙ୍କାରେ ଏହି ପ୍ରକଳ୍ପ ନିର୍ମାଣ କରାଯାଇଛି। ଏହି ପ୍ରକଳ୍ପ କେସିଙ୍ଗା ବ୍ଲକର ପ୍ରାୟ ୯ ହଜାର ଲୋକଙ୍କୁ ପିଇବା ପାଣି ଯୋଗାଇବା ସହ ରବି ଫସଲ ପାଇଁ ମଧ୍ୟ ଜଳସେଚନ ସୁବିଧା ପ୍ରଦାନ କରିବ। ଏଥିସହ ବୃନ୍ଦାବାହାଲଠାରେ ପ୍ରାୟ ୫୨ କୋଟି ବ୍ୟୟରେ ଏକ ଗ୍ରୀଡ୍ ସବ୍‌ଷ୍ଟେସନ୍ ଓ କେଭି ଲାଇନର ବିକାଶ କରାଯାଇଛି। ତା'ଛଡ଼ା ଅନେକ ପାନୀୟ ଜଳ ପ୍ରକଳ୍ପ, ଶିକ୍ଷା, କଲ୍ୟାଣ ମଣ୍ଡପ, ସ୍ୱାସ୍ଥ୍ୟକେନ୍ଦ୍ର, ରାସ୍ତା ଆଦି ଭିତ୍ତିଭୂମି ପ୍ରକଳ୍ପ ଆରମ୍ଭ କରାଯାଇଛି। ଏହିସବୁ ପ୍ରକଳ୍ପ ଜିଲ୍ଲାର ବିକାଶକୁ ଆହୁରି ତ୍ୱରାନ୍ୱିତ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା କରିଛନ୍ତି।

କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ପଞ୍ଚାୟତିରାଜ, ପାନୀୟ ଜଳ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ କହିଛନ୍ତି ଯେ ଗାଁରେ ରହୁଥିବା ଲୋକଙ୍କର ଦୀର୍ଘ ଦିନର ସମସ୍ୟା ରହିଥିଲା। ସେମାନଙ୍କ ସମସ୍ୟା ଦୂର କରିବା ଦିଗରେ ସରକାର ବେଶ୍ ଯତ୍ନବାନ ଅଛନ୍ତି। ଅନ୍ତ୍ୟୋଦୟ ଗୃହ ଯୋଜନା ହେଉ କିମ୍ବା ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଆମେ କୌଣସିଥିରେ ପାତରଅନ୍ତର କରିବୁ ନାହିଁ। ଗ୍ରାମାଞ୍ଚଳବାସୀଙ୍କ ପ୍ରତିଟି ମୌଳିକ ଆବଶ୍ୟକତା ନିଶ୍ଚୟ ପୂରଣ ହେବ। ଗରିବ ଲୋକଙ୍କ ପ୍ରତି ଅବହେଳା କଲେ ସରକାରୀ କର୍ମଚାରୀମାନଙ୍କୁ ଦୃଢ଼ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ଏହି ଅବସରରେ ମନ୍ତ୍ରୀ ଚେତାବନୀ ଦେଇଛନ୍ତି। କାର୍ଯ୍ୟକ୍ରମରେ କଳାହାଣ୍ଡି ସାଂସଦ ମାଳବିକା ଦେବୀ, ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟ୍ଟଯୋଶୀ ଓ କଳାହାଣ୍ଡି ଜିଲ୍ଲା ପରିଷଦ ସଭାପତି ପୁଷ୍ପେନ୍ଦ୍ର ସିଂଦେଓ ମଧ୍ୟ ଅଭିଭାଷଣ ରଖିଥିଲେ। ଏହାଛଡ଼ା ଆଭାସୀ ଜରିଆରେ ସବୁ ଜିଲ୍ଲାର ସଦର ମହକୁମାରୁ ସାଂସଦ, ମନ୍ତ୍ରୀ, ବିଧାୟକ ଓ ସମସ୍ତ ବ୍ଲକରୁ ପଞ୍ଚାୟତିରାଜ ସଦସ୍ୟମାନେ କାର୍ଯ୍ୟକ୍ରମ ସହ ଯୋଡ଼ି ହୋଇଥିଲେ। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ କମିଶନର ତଥା ଶାସନ ସଚିବ ଗିରୀଶ ଏସଏନ୍ ସ୍ୱାଗତ ଭାଷଣ ଦେଇଥିବା ବେଳେ କଳାହାଣ୍ଡି ଜିଲ୍ଲାପାଳ ସଚ୍ଚିନ ପାୱାର ଧନ୍ୟବାଦ ଦେଇଥିଲେ।

### ମୋଦି ମୁଖ୍ୟମନ୍ତ୍ରୀ...

ସମଗ୍ର ରାଜ୍ୟରେ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଳାହାଣ୍ଡିରେ ଗୃହ ବଣ୍ଟନ କରିଥିବା ବେଳେ ବିଧାୟକମାନେ ନିଜ ନିଜ ଅଞ୍ଚଳରେ ଗୃହ ବଣ୍ଟନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ତଦନୁଯାୟୀ, ପ୍ରକାଶ ବାବୁ କଟକ ସଦର ବ୍ଲକ୍‌ରେ ମୁଖ୍ୟ ପୁରୋଧା ସାଜିଥିଲେ। କାର୍ଯ୍ୟକ୍ରମର ଫଟୋକୁ ତୁରନ୍ତ ନିଜର 'ଏକ୍ସ' ହ୍ୟାଣ୍ଡେଲରେ ପୋଷ୍ଟ କରି ତାହାକୁ କିଭଳି ସାରା ଦେଶର ବିଜେପି ନେତା ଦେଖିଲେ ସେଥିପାଇଁ ହାଇଲାଇଟ୍ ମାରିଥିଲେ। ତେବେ ଲେଖାକୁ ଦେଖି ଅନେକ ଏବେ ଆଶ୍ଚର୍ଯ୍ୟ। କାରଣ ଗୃହ ବଣ୍ଟନ ଯୋଜନାଟି ପ୍ରସିଦ୍ଧ 'ପ୍ରଧାନମନ୍ତ୍ରୀ ମୋହନ ଚରଣ ମାଝୀ ଓ ସମ୍ମାନନୀୟ ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ' ପ୍ରତିଶ୍ରୁତି ଅନୁଯାୟୀ ପାଳନ ହୋଇଥିବା ଲେଖିଛନ୍ତି। ଏଥିରେ କେବଳ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ନାମ ଓ ବିଭାଗଟି ସଠିକ ଲେଖା ହୋଇଛି।

ଉଲ୍ଲେଖନୀୟ ଯେ ଗତ ବାଲିଯାତ୍ରା ସମୟରେ ବିଧାୟକ ଭାବେ ସଭାମଞ୍ଚରୁ ପ୍ରକାଶ ଯେଉଁ ବିକୃତ ଇଂରାଜୀ ଭାଷଣ ଦେଇଥିଲେ, ତାହା ସୋସିଆଲ ମିଡିଆରେ ଜୋରଦାର ଭାଇରାଲ ହୋଇଥିଲା।  ଲୋକେ ଛିଛାକର କରିଥିଲେ। ସମସ୍ତେ ଭାବିଥିଲେ ଯେ ଏହାପରେ ଇଞ୍ଜିନିୟର ପ୍ରକାଶ ନିଜର ଇଂରାଜୀ ଜ୍ଞାନ ବଢ଼ାଇବେ ନଚେତ ମାତୃଭାଷାର ବ୍ୟବହାର କରିବେ। ହେଲେ ଆଜି ତାଙ୍କ 'ଏକ୍ସ' ହ୍ୟାଣ୍ଡେଲ ଦେଖିଲା ପରେ ପ୍ରକାଶ ଏଥିରୁ କୌଣସି ଗୋଟିଏ ହେଲେ କରିନଥିବା ଜଳ ଜଳ ହୋଇ ଦିଶୁଛି।

### ଓଡ଼ିଶା ଦିବସରୁ...

ଓ ଲୋକସମ୍ପର୍କ ବିଭାଗ କରିବ। ସେହିପରି ଏପ୍ରିଲ୍ ୨ରେ ରାଜ୍ୟର ପ୍ରାଥମିକ ବିଦ୍ୟାଳୟର ଶିଶୁ ବାଟିକାରେ ନାମ ଲେଖାଯିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଖଡିଛୁଆଁ ଓ ପ୍ରବେଶ ଉତ୍ସବ ପାଳନ ହେବ। ଏପ୍ରିଲ ୩ରେ ପାରମ୍ପରିକ ଓଡ଼ିଆ ପୋଷାକ ତଥା ଓଡ଼ିଶାର ହସ୍ତତନ୍ତ, ବୟନ ଶିଳ୍ପର ପ୍ରଚାର ଓ ପ୍ରସାର ପାଇଁ ହସ୍ତତନ୍ତ, ବୟନ ଶିଳ୍ପ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ପାରମ୍ପରିକ ପୋଷାକ ପରିଧାନ 'ଆମ ପୋଷାକ ଆମ ପରିଚୟ' ଦିବସ ପାଳିତ ହେବ ବୋଲି ମନ୍ତ୍ରୀ କହିଛନ୍ତି।

ସେହିପରି ମନ୍ତ୍ରୀଙ୍କ ସୂଚନାନୁସାରେ, ଏପ୍ରିଲ ୪ରେ ରାଜ୍ୟର ବିଭିନ୍ନ ଦୋକାନ ବଜାରରେ ଓଡ଼ିଆ ନାମଫଳକର ବ୍ୟବହାର ପାଇଁ ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ବିଭାଗ ପକ୍ଷରୁ 'ଓଡ଼ିଆରେ ନାମଫଳକ ଅଭିଯାନ-ସଚେତନତା ପଦଯାତ୍ରା'ର ଆୟୋଜନ କରାଯିବ। ଏହାଛଡ଼ା ଏପ୍ରିଲ ୫ରେ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଐତିହ୍ୟ ଗଣଦୌଡ଼, ଏପ୍ରିଲ୍ ୬ରେ ରାଜ୍ୟର ବିଭିନ୍ନ ଦେବାଳୟ ଓ ଐତିହ୍ୟ ସ୍ଥଳୀଗୁଡ଼ିକୁ ସ୍ୱଚ୍ଛ ରଖିବା ପାଇଁ ସ୍ୱଚ୍ଛତା ଅଭିଯାନ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ପର୍ଯ୍ୟଟନ ବିଭାଗ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ମିଳିତ ଭାବେ ଆୟୋଜିତ ହେବ। ଆହୁରି ଏପ୍ରିଲ ୭ରେ ଓଡ଼ିଆ ଭାଷାର ପ୍ରାରମ୍ଭିକ ପରିଚୟ ପ୍ରଦାନ କରୁଥିବା ଭକ୍ତକବି ମଧୁସୂଦନ ରାଓଙ୍କ 'ବର୍ଣ୍ଣବୋଧ'କୁ ସ୍ୱତନ୍ତ୍ର ସମ୍ମାନ ସ୍ୱରୂପ ଦିନଟିକୁ ବର୍ଣ୍ଣବୋଧ ବଣ୍ଟନ-ବର୍ଣ୍ଣବୋଧ ଉତ୍ସବ ଭାବେ ପାଳନ କରାଯିବ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଏହା ପାଳିତ ହେବ।   ତା'ଛଡ଼ା ଏପ୍ରିଲ ୮ରେ ରେଡକ୍ରସ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ରକ୍ତଦାନ ଅଭିଯାନ ଭାବେ ପାଳନ କରାଯିବ। ସେହିପରି ଏପ୍ରିଲ ୯ରେ ଓଡ଼ିଆ ସାହିତ୍ୟ ଓ ପୁସ୍ତକ ପଠନକୁ ପ୍ରୋତ୍ସାହନ ପାଇଁ 'ଆସ ବହିଟିଏ କିଣିବା' ଅଭିଯାନ ଭାବେ ପାଳନ କରାଯିବ। ଏହି କାର୍ଯ୍ୟକ୍ରମ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଉଚ୍ଚଶିକ୍ଷା ବିଭାଗର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହେବ। ଆହୁରି ମଧ୍ୟ ଏପ୍ରିଲ ୧୦ରେ ରାଜ୍ୟର ଲୋକକଳାକୁ ବିଶ୍ୱବିଦିତ କରିବା ପାଇଁ 'ଲୋକକଳା ପାଇଁ ଦିନଟିଏ-ବରିଷ୍ଠ କଳାକାରଙ୍କୁ ସମ୍ବର୍ଦ୍ଧନା ଓ କଳାଗ୍ରାମ ପରିଦର୍ଶନ ଉତ୍ସବ' ପାଳିତ ହେବ, ଯାହାର ଆୟୋଜନ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଏବଂ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ କରିବେ।

ସେହିପରି ଏପ୍ରିଲ ୧୧ରେ ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଯୁବ ଲେଖକ ସମ୍ମିଳନୀ ଆୟୋଜନ କରାଯିବ। ଏପ୍ରିଲ ୧୨ରେ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଓଡ଼ିଶାର ବରପୁତ୍ରମାନଙ୍କ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ଏପ୍ରିଲ ୧୩ରେ ରାଜ୍ୟର ଖାଦ୍ୟ ପରମ୍ପରା ସଂସ୍କୃତିର ଅବିଚ୍ଛେଦ୍ୟ ଅଙ୍ଗ ହୋଇଥିବାରୁ ପାରମ୍ପରିକ ଖାଦ୍ୟ ପାଳନ ଅଭିଯାନ-ଆମ ରୁଚି ଆମ ଖାଦ୍ୟ' ଉତ୍ସବ ଆୟୋଜିତ ହେବ। ପଞ୍ଚାୟତିରାଜ ଓ ନଗର ଉନ୍ନୟନ ବିଭାଗ ଏହାର ଆୟୋଜନ କରିବ। ସେହିପରି ପକ୍ଷର ଅନ୍ତିମ ଦିନରେ ଏପ୍ରିଲ ୧୪ରେ ଓଡ଼ିଆ ନବବର୍ଷକୁ ମହାଆଡ଼ମ୍ବର ସହକାରେ ପାଳନ କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ଓଡ଼ିଆ ପକ୍ଷ ପାଳନ ନେଇ ସମସ୍ତ ବିଭାଗୀୟ ସଚିବ ଜିଲ୍ଲାପାଳଙ୍କ ସହ ବୈଠକ ମାଧ୍ୟମରେ ଜିଲ୍ଲା ଓ ରାଜ୍ୟ ସ୍ତରରେ ଆଡ଼ମ୍ବର ସହକାରେ ପାଳନ କରିବା ଦିଗରେ ପଦକ୍ଷେପ ନେବା ସକାଶେ ନିର୍ଦ୍ଦେଶ ଦିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି। ଓଡ଼ିଆ ପକ୍ଷକୁ ଯେପରି ସୁଚାରୁ ରୂପେ ଆଡ଼ମ୍ବର ସହକାରେ ପାଳନ କରାଯିବ ଓ ପ୍ରତି କାର୍ଯ୍ୟକ୍ରମରେ ଯେପରି ଅଧିକରୁ ଅଧିକ ଲୋକ ସାମିଲ ହେବେ, ତାହା ସୁନିଶ୍ଚିତ କରିବା ପାଇଁ ସଚିବ ଓ ଜିଲ୍ଲାପାଳମାନଙ୍କୁ ମନ୍ତ୍ରୀ ଶ୍ରୀ ସୂରଜ ନିର୍ଦ୍ଦେଶ ଦେଇଛନ୍ତି।

### ରାଜନୀତିର...

ଯୋଗଦେବା ସହିତ ରାଜନୀତିରେ ସାମିଲ ହୋଇଥିଲେ। ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ଅତ୍ୟନ୍ତ ନିକଟତମ ତାଲିକାରେ ଥିଲେ। ହେଲେ ନିର୍ବାଚନରେ ବିଜେଡିର ପରାଜୟ ପରେ ପାଣ୍ଡିଆନ ବିଜେଡିରୁ ଇସ୍ତଫା ଦେବା ସହିତ ରାଜନୀତିକୁ ମଧ୍ୟ ସନ୍ୟାସ ନେଇଥିବା ଘୋଷଣା କରିଥିଲେ। ସାଧାରଣ ନିର୍ବାଚନ ପରଠାରୁ ଛୁଟିରେ ଥିବା ସୁଜାତାଙ୍କର ଛୁଟି ଗତବର୍ଷ ନଭେମ୍ବର ମାସରେ ଶେଷ ହୋଇଥିଲା। ଏହାପରେ ସୁଜାତା ତାଙ୍କର ଛୁଟିକୁ ବଢାଇବାକୁ ଚାହିଁଥିଲେ। କିନ୍ତୁ ରାଜ୍ୟର ନୂଆ ସରକାର ତାଙ୍କୁ ଛୁଟି ଅନୁମତି ନଦେବାରୁ ସେ ବାଧ୍ୟହୋଇ କାର୍ଯ୍ୟରେ ଯୋଗ ଦେଇଥିଲେ। ତେବେ ଏହାପରେ ସୁଜାତା ଆଇଏଏସ୍ ଚାକିରି ଛାଡିବାପାଇଁ ଆବେଦନ କରିଥିଲେ ଏବଂ ଦୁଇ ସପ୍ତାହ ମଧ୍ୟରେ କେନ୍ଦ୍ର ସରକାର ତାଙ୍କ ଆବେଦନକୁ ମଞ୍ଜୁର କରିଥିଲେ।

ସୁଜାତାଙ୍କ ଅବସର ପରେ ପୁଣିଥରେ ଭି. କେ. ପାଣ୍ଡିଆନ ଓ ସୁଜାତା କାର୍ତ୍ତିକେୟନ ପାଣ୍ଡିଆନଙ୍କୁ ନେଇ ରାଜ୍ୟରେ ଚର୍ଚ୍ଚା ଜୋର ଧରିଥିଲା। ପାଣ୍ଡିଆନ ଦମ୍ପତି ରାଜନୀତିରେ ସକ୍ରିୟ ହେବେ ବୋଲି ବିଭିନ୍ନ ଗଣମାଧ୍ୟମ ଚର୍ଚ୍ଚା ଆରମ୍ଭ କରିଥିଲେ। ତେବେ ଏମାନଙ୍କ ମଧ୍ୟରୁ କେହି ମୁହଁ ଖୋଲିନଥିବାବେଳେ ନିକଟତମ ମହଲ କିନ୍ତୁ ଏହି ଦମ୍ପତ୍ତି ରାଜନୀତିର ଧାର ଧାରିବେ ନାହିଁ ବୋଲି କହିବା ସହିତ ଖୁବ୍‌ଶୀଘ୍ର ଆର୍ନ୍ତଜାତୀୟ ସଂସ୍ଥାରେ କାର୍ଯ୍ୟ ଆରମ୍ଭ କରିବେ ବୋଲି କହିଛନ୍ତି।

### କେନ୍ଦୁଝରରୁ...

ପାରିପାର୍ଶ୍ୱିକ ବିକାଶ ପାଇଁ ୩୪ କୋଟି ଖର୍ଚ୍ଚ ହୋଇଥିବା ରାଜା ଦର୍ଶାଇଥିଲେ। କିନ୍ତୁ କୌଣସି ପାରିପାର୍ଶ୍ୱିକ ବିକାଶ ହୋଇନଥିବା ୨ ଜଣ ବିଡିଓ କହିଥିଲେ ବୋଲି କ୍ରାଇମବ୍ରାଞ୍ଚ ଡିଜି ସୂଚନା ଦେଇଥିଲେ। କ୍ରାଇମବ୍ରାଞ୍ଚ ଡିଜି ଆହୁରି କହିଥିଲେ ଯେ ମା' କାଳୀ ନାମକ ଏକ ପେଟ୍ରୋଲ ପମ୍ପକୁ ୯ କୋଟି ଟଙ୍କା ପେମେଣ୍ଟ ହୋଇଥିବା ଦର୍ଶାଯାଇଥିବା ବେଳେ ତଦନ୍ତରୁ ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସିକୁ କୌଣସି ତେଲ ଦିଆଯାଇନଥିବା ଜଣାପଡ଼ିଛି। ରାଜା ଚକ୍ରଙ୍କ ଗାଡ଼ିକୁ ଏସବୁ ତେଲ ଦିଆଯାଇଛି। ସହାୟତା ନାଁରେ ୪ ବର୍ଷରେ ଗାଁ ଲୋକଙ୍କୁ ବଣ୍ଟା ହୋଇଛି ୩୩ କୋଟି ଟଙ୍କା। କିନ୍ତୁ ଗାଁ ଲୋକଙ୍କ ସମର୍ଥନ ପାଇଁ ଏସବୁ ଟଙ୍କା ବଣ୍ଟାଯାଇଛି ବୋଲି କ୍ରାଇମବ୍ରାଞ୍ଚ ଡିଜି କହିଥିଲେ।

ବିଜେଡିର କ୍ରୀତଦାସଙ୍କ ଛତ୍ରଛାୟାରେ କଳା ସାମ୍ରାଜ୍ୟ ବିଛାଇଥିଲେ ରାଜା ଚକ୍ର। ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ହେରଫେର ମାମଲାରେ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିଲେ ରାଜା। ହାଇକୋର୍ଟ ଏହି ଆଗୁଆ ଜାମିନକୁ ଖାରଜ କରିଦେଇଥିଲେ। କେବଳ ରାଜା ନୁହେଁ, ରାଜାର ୪ ସହଯୋଗୀଙ୍କ ଆଗୁଆ ଜାମିନ ଆବେଦନକୁ ମଧ୍ୟ ହାଇକୋର୍ଟ ଖାରଜ କରିଦେଇଥିଲେ। ଏହାସହ ରାଜାକୁ ମିଳିଥିବା ଅନ୍ତରୀଣ ସୁରକ୍ଷା ମଧ୍ୟ ହଟାଇ ଦେଇଥିଲେ। ରାଜା ଚକ୍ରକୁ ଗିରଫ ନେଇ ଥିବା ସମସ୍ତ ପ୍ରତିବନ୍ଧକ ହଟିବା ପରେ ତାକୁ ଗିରଫ କରାଯାଇଥିଲା।

### ଅସ୍ତ୍ର ଛାଡ଼ିଲେ...

ରହିଥିଲା। ଏଥିସକାଶେ ସେମାନଙ୍କ ସମ୍ପର୍କରେ ସୂଚନାଦାତାଙ୍କ ପାଇଁ ୬୮ ଲକ୍ଷ ଟଙ୍କାର ପୁରସ୍କାର ରାଶି ମଧ୍ୟ ଘୋଷଣା କରାଯାଇଥିଲା। ନିକଟରେ ବିଜାପୁର ଓ ସୁକମା ଜିଲ୍ଲାରେ ଦୁଇଟି ବଡ଼ ଏନକାଉଣ୍ଟର ହୋଇଥିବା ବେଳେ ଏଥିରେ ଭୟଭୀତ ହୋଇ ଏହି ମାଓବାଦୀମାନେ ଆତ୍ମସମର୍ପଣ କରିଥିବା ଅନୁମାନ କରାଯାଉଛି।  ଏହି ଅବସରରେ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇଥିବା ଏହି ମାଓବାଦୀମାନଙ୍କୁ ଛତିଶଗଡ଼ ପୁଲିସ ସବୁପ୍ରକାର ସାହାଯ୍ୟ ସହଯୋଗ କରିବ ବୋଲି ବସ୍ତର ଡିଆଇଜି କୋମଲୋଚନ କଶ୍ୟପ ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହ ଜଙ୍ଗଲରେ ଥିବା ମାଓବାଦୀମାନଙ୍କୁ ମାଓ ସଂଗଠନ ଛାଡ଼ି ତୁରନ୍ତ ଆତ୍ମସମର୍ପଣ କରିବାକୁ ମଧ୍ୟ ଶ୍ରୀ କଶ୍ୟପ ଓ ଏସ୍‌ପି ଆହ୍ୱାନ କରିଛନ୍ତି।

### ମଙ୍ଗୁଳିରେ...

ଭାବେ ଥିବା ବେଳେ ଅନ୍ୟ ୬ ଯାତ୍ରୀ ସାଧାରଣ ଆଘାତ ପାଇ ଚିକିତ୍ସାଧୀନ ଅଛନ୍ତି।

ଅନ୍ୟପକ୍ଷରେ ଦୁର୍ଘଟଣାର କାରଣ ପଡ଼ିନାହିଁ। ତେବେ ଘଟଣାସ୍ଥଳରେ ଫସିରହିଥିବା ଯାତ୍ରୀମାନଙ୍କୁ ଅନ୍ୟ ଟ୍ରେନ୍ ଯୋଗେ ସେମାନଙ୍କ ଗନ୍ତବ୍ୟ ସ୍ଥଳରେ ପହଞ୍ଚାଇବାର ବ୍ୟବସ୍ଥା କରାଯାଇଥିଲା। ଏହାଛଡ଼ା ହେଲ୍ପ ଲାଇନ୍ ନମ୍ବର ମଧ୍ୟ ଜାରି କରାଯାଇଛି। ଦୁର୍ଘଟଣା ପରେ ଉକ୍ତ ଲାଇନ୍‌ରେ ଆସିବାକୁ ଥିବା ଟ୍ରେନଗୁଡ଼ିକୁ ବାତିଲ୍ କରିଦିଆଯାଇଥିଲା। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଘଟଣାରେ ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ଏଥିସହ ସେ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଥିବା ଜଣାପଡ଼ିଛି।

### ଓପିଏସସି ପରୀକ୍ଷା...

ଗଣଯୋଗାଯୋଗ ସିଫ୍ଟ ରହିଥିବା ବେଳେ ପ୍ରଶ୍ନପତ୍ରରେ ତ୍ରୁଟି ଥିବା ଲକ୍ଷ୍ୟ କରିଥିଲେ ପରୀକ୍ଷାର୍ଥୀ। ୧୦୦ ମାର୍କ ପ୍ରଶ୍ନ ବଦଳରେ ୯୪ ମାର୍କର ପ୍ରଶ୍ନ ରହିଥିବା ନେଇ ଅଭିଯୋଗ ଆସିଥିଲା। ପ୍ରଶ୍ନପତ୍ରରେ ପୂର୍ଣ୍ଣ ସଂଖ୍ୟାଠାରୁ ୬ ନଂ କମ୍ ଥିବା ଅଭିଯୋଗ କରିଛନ୍ତି ପରୀକ୍ଷାର୍ଥୀ। ତେବେ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଏନେଇ ବିଭାଗ ପକ୍ଷରୁ କୌଣସି ପ୍ରତିକ୍ରିୟା ପ୍ରକାଶ ପାଇନାହିଁ।

## ୯ରେ 'ମୋ କଟକ ସୁରକ୍ଷା ମଞ୍ଚ'ର ବନ୍ଧୁମିଳନ

**କଟକ, ୩୦।୩ (ସଂଚାର ବ୍ୟୁରୋ) :** ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଭାଇଚାରାର ସହର କଟକ ସହର ସମସ୍ୟାର ସମାଧାନ ଓ ଜନସାଧାରଣଙ୍କ ମୌଳିକ ଅଧିକାର ପାଇଁ ସଦାସର୍ବଦା କାର୍ଯ୍ୟ କରୁଥିବା ସାମାଜିକ ସଂଗଠନ ମୋ କଟକ ସୁରକ୍ଷା ମଞ୍ଚର ବନ୍ଧୁମିଳନ-୨୦୨୫ ଆସନ୍ତା ଏପ୍ରିଲ ୯ ତାରିଖରେ ମଧୁପାଟଣା ସ୍ଥିତ ପ୍ରମିଳା ମଣ୍ଡପ ପରିସରରେ ଅନୁଷ୍ଠିତ ହେବ ବୋଲି ମଞ୍ଚର ସମ୍ପାଦକ ଜିତେନ୍ଦ୍ର କୁମାର ସାହୁ ସୂଚନା ଦେଇଛନ୍ତି। ଏହି ବନ୍ଧୁମିଳନରେ କଟକ ସହରର ପୂଜାକମିଟି, ସାହି ମୁରବୀ, ବୁଦ୍ଧିଜୀବୀ, ସାମାଜିକ ସଂଗଠନ, ରାଜନୈତିକ ଦଳର ବ୍ୟକ୍ତି ବିଶେଷ, ମାନବାଧିକାର, ସୂଚନା ଅଧିକାର କର୍ମୀ ଓ ଗଣମାଧ୍ୟମର ପ୍ରତିନିଧି ଯୋଗଦେବେ।ନବନିର୍ବାଚିତ କମିଟିର ମହାନଗର ଶାନ୍ତିକମିଟିର କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ମଞ୍ଚର ସଭାପତି ଅକ୍ଷୟ ପଣ୍ଡା ପ୍ରକାଶ କରିଛନ୍ତି।

## ସମିତି ସଭ୍ୟଙ୍କ ହାତରେ ମଦ ବୋତଲ ଫଟୋ ଭାଇରାଲ



**ମହାକାଳପଡ଼ା, ୩୦।୩ (ସଂଚାର ବ୍ୟୁରୋ) :** ମହାକାଳପଡ଼ା ବ୍ଲକ ପେଙ୍ଗେରେଲା ପଞ୍ଚାୟତ ସମିତି ସଭ୍ୟ ସତ୍ୟବ୍ରତ ବେହେରାଙ୍କ ଏକ ଫଟୋ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ଏକ ହୋଟେଲ ରୁମରେ ହାତରେ ମଦ ବୋତଲ ଧରିଥିବା ଫଟୋରେ ଦେଖିବାକୁ ମିଳିଛି। ଏପ୍ରିଲ ୫ରେ ହେବାକୁ ଥିବା ଅନାସ୍ଥା ଭୋଟ୍ ପାଇଁ ସରପଞ୍ଚ ଓ ସମିତି ସଭ୍ୟମାନେ ଅଜ୍ଞାତବାସରେ ରହିଥିବା ଆଲୋଚନା ହେଉଥିବାବେଳେ ସତ୍ୟବ୍ରତଙ୍କ ହୋଟେଲ ରୁମରୁ ମଦ ବୋତଲ ଧରିଥିବା ଏ ଫଟୋ ଚର୍ଚ୍ଚାକୁ ଅଧିକ ରୋଚକ ଯୋଗାଉଛି। ଫଟୋଟି ନିର୍ଦ୍ଦିଷ୍ଟ କେଉଁ ଦିନର ତାହା ଜଣାପଡ଼ି ନାହିଁ।

## ଶଟର ତାଡ଼ି ଦୋକାନରୁ ଚୋରି




**ଡେରାବିଶ, ୩୦।୩ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ସଦର ଥାନା ତଥା ଚାନ୍ଦୋଲ ଫାଣ୍ଡି ଅନ୍ତର୍ଗତ ଚାନ୍ଦୋଲ ବଜାରର ଜିବି ଟ୍ରେଡର୍ସରୁ ଗତକାଲି ରାତିରେ ସଟର ଭାଙ୍ଗି ଚୋରି ହୋଇଥିବା ନେଇ ଚାନ୍ଦୋଲ ଫାଣ୍ଡିରେ ଅଭିଯୋଗ କରାଯାଇଛି। ଅଭିଯୋଗ ମୁତାବକ ଦୋକାନର ମାଲିକ ଧିରେନ କୁମାର ସାହୁ ସବୁଦିନ ପରି ଗତକାଲି ରାତିରେ ତାଙ୍କ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ଆଜି ସକାଳେ ଦୋକାନ ଖୋଲିବାକୁ ଆସି ଦେଖନ୍ତି ତାଙ୍କ ଦୋକାନର ସଟର ତଡ଼ା ଯାଇଛି। ଏ ସମ୍ପର୍କରେ ଫାଣ୍ଡିରେ ଅଭିଯୋଗ କରିବା ପରେ ଘଟଣା ସ୍ଥଳରେ ପୋଲିସ୍ ତଦନ୍ତ କରିବା ସହ ଦୋକାନ ଭିତରକୁ ଯାଇ ଡ୍ରୟର ଭଙ୍ଗାଯାଇ ସେଥିରେ ଥିବା ୩୮ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଚୋରି ହୋଇଯାଇଥିବା ଜଣିବାକୁ ପାଇଥିଲେ। ଏଥିସହିତ ତାଙ୍କ ଦୋକାନ ବାହାରେ ଲାଗିଥିବା ଦୁଇଟି ସିସି କ୍ୟାମେରାକୁ ଚୋରମାନେ ତାଡ଼ିନେଇଯାଇଥିବା ମଧ୍ୟ ଅଭିଯୋଗ କରାଯାଇଛି। ଅଭିଯୋଗ ପାଇବାପରେ ସଦର ଥାନାରେ କେଶନଂ-୧୬୯/୨୫ ରେ ଏକ ମାମଲା ରୁଜୁ କରାଯିବା ସହିତ ଘଟଣା ସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ଖୋର୍ଦ୍ଧା ଜିଲ୍ଲା ଅଧିବକ୍ତା ସଙ୍ଘ ନିର୍ବାଚନ

## ଜୀବନଜ୍ୟୋତି ସଭାପତି ଓ କ୍ଷୀରୋଦ ସମ୍ପାଦକ



**ଖୋର୍ଦ୍ଧା, ୩୦।୩ (ସଂଚାର ବ୍ୟୁରୋ):** ଜିଲ୍ଲା ଅଧିବକ୍ତା ସଙ୍ଘର ସଭାପତି ଭାବେ ଜୀବନ ଜ୍ୟୋତି ମିଶ୍ର ତାଙ୍କ ପ୍ରତିଦ୍ୱନ୍ଦୀ ବିଜୟ କୁମାର ସାମନ୍ତସିଂହାରଙ୍କୁ ୧୦୨ ଖଣ୍ଡ ଭୋଟରେ ପରାସ୍ତ କରି ଦ୍ୱିତୀୟ ଥର ନିମନ୍ତେ ବିଜୟୀ ଘୋଷିତ ହୋଇଛନ୍ତି। ସଭାପତି ପ୍ରାର୍ଥୀ ସାମନ୍ତ ସମୁଦାୟ ୧୨୩ ଖଣ୍ଡ ଭୋଟ ପାଇଥିବା ବେଳେ ଜୀବନ ଜ୍ୟୋତି ମିଶ୍ର ୨୨୫ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିଲେ । ଉପ ସଭାପତି ଭାବେ ଲିଙ୍ଗରାଜ ସାହୁ ୧୧୯ ଖଣ୍ଡ ଭୋଟ ପାଇଥିବାବେଳେ ତାଙ୍କ ନିକଟ ପ୍ରତିଦ୍ୱନ୍ଦୀ ପ୍ରଦୀପ୍ତ ପ୍ରସାଦ ରାମ ୨୦୭ ଭୋଟ ପାଇ ୮୮ ଖଣ୍ଡ ଭୋଟରେ ବିଜୟୀ ହୋଇଥିଲେ। ସମ୍ପାଦକ ଭାବେ କ୍ଷୀରୋଦ ମୋହନ ସ୍ୱାଇଁ ୨୦୪ ଖଣ୍ଡ ଭୋଟ ପାଇଥିବାବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ଲିଙ୍ଗରାଜ ସାହୁ ୧୨୨ ଖଣ୍ଡ ପାଇବାରେ ସକ୍ଷମ ହୋଇଥିଲେ, ଫଳରେ କ୍ଷୀରୋଦ ମୋହନ ସ୍ୱାଇଁ ୮୨ ଖଣ୍ଡ ଭୋଟରେ ବିଜୟୀ ହୋଇଥିଲେ । କୋଷାଧ୍ୟକ୍ଷ ଭାବେ ବସନ୍ତ କୁମାର ଭଞ୍ଜ ୨୧୬ ଖଣ୍ଡ ଭୋଟ ପାଇଥିବାବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ଗିରେଶ ସାହୁ ୧୧୪ ଖଣ୍ଡ ଭୋଟ ପାଇଥିଲେ, ଫଳରେ ଶ୍ରୀଯୁକ୍ତ ଭଞ୍ଜ ୧୦୨ ଖଣ୍ଡ ଭୋଟରେ ବିଜୟୀ ହୋଇଥିଲେ । ସେହିପରି ଯୁଗ୍ମ ସମ୍ପାଦକ ଭାବେ ବଳରାମ ସାହୁ ଏବଂ ଛଅ ଜଣ କାର୍ଯ୍ୟକାରୀ ସଦସ୍ୟ ବିନା ପ୍ରତିଦ୍ୱନ୍ଦୀତାରେ ନିର୍ବାଚିତ ହୋଇଛନ୍ତି । ସମସ୍ତ ବିଜୟୀ ପ୍ରାର୍ଥୀ ମାନଙ୍କୁ ଖୋର୍ଦ୍ଧା ଜିଲ୍ଲା ଓକିଲ ସଙ୍ଘର ପୂର୍ବତନ ସଭାପତି ଶିଶିର କୁମାର ପରିଡା ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।

### ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ

# ଆଉ ରହିବନି ପକ୍କାଘର ଦୁଃଖ, ଘର ପାଇବେ ପ୍ରକୃତ ହିତାଧିକାରୀ: ବିଧାୟକ

**ନିଶ୍ଚିନ୍ତକୋଇଲି, ୩୦।୩ (ସଂଚାର ବ୍ୟୁରୋ) :** ରାଜ୍ୟ ସରକାରଙ୍କ ଜନହିତକାରି ତଥା ପକ୍କାଘର ସ୍ୱପ୍ନକୁ ସାକାର କରାଇବା ଭଳି ଯୋଜନା ଅନ୍ତୋଦୟ ଗୃହ ଯୋଜନାର ପ୍ରଥମ ଦିନରେ ଆଜି କଳାହାଣ୍ଡି ଜିଲ୍ଲାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ କରମଳରେ ଆଭାସି ମାଧମରେ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାଆରମ୍ଭ ହୋଇଥିବା ବେଳେ ନିଶ୍ଚିନ୍ତକୋଇଲି ବ୍ଲକ ବିଡ଼ିଓ ଦିବ୍ୟେନ୍ଦୁ ଦାସଙ୍କ ଅଧକ୍ଷତାରେ ବ୍ଲକ କାର୍ଯ୍ୟଳୟ ପରିସରରେ ମୁଖ୍ୟ ଅତିଥି ଭାବେ ମାହାଙ୍ଗାର ଜନପ୍ରିୟ ବିଧାୟକ ସାରଦା ପ୍ରସାଦ ପ୍ରଧାନ ଯୋଗଦେଇ ସରକାରଙ୍କ ଏହି ଯୋଜନାର ଶୁଭାରମ୍ଭ କରିଥିଲେ।



ବିଧାୟକ ଶ୍ରୀ ପ୍ରଧାନ ଭିନ୍ନକ୍ଷମ, ବିଧବା, ରୋଗାକ୍ରାନ୍ତ, ସହିଦ ପରିବାର, ଘରପୋଡି, ବନ୍ୟା ବାତ୍ୟା ଭଳି ନିଷ୍କ୍ଷେସିତ କ୍ଷତିଗ୍ରସ୍ତ ଯୋଗ୍ୟ ପରିବାରବର୍ଗଙ୍କୁ ଅଗ୍ରାଧିକାର ଭିତିରେ ଗୃହ ମଂଜୁର କରାଯାଇଛି ଆଗାମୀ ଦିନରେ ସରକାରଙ୍କ ପକ୍ଷରୁ ଗୃହ ଉଚିତ୍ ହିତାଧିକାରିଙ୍କୁ ଯୋଗାଇ ଦିଆଯିବ ବୋଲି କହିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା କରାଯାଇଥିବା ଏହି ଯୋଜନାକୁ ଭୁଁୟସୀ ପ୍ରଶଂସା କରିଥିଲେ। ଏହାସହ ପ୍ରସାସନିକ ଅଧିକାରି ମାନଙ୍କୁ ଏକ ଟଙ୍କା ଲାଞ୍ଚ ନନେଇ, କୌଣସି ଜନପ୍ରତିନିଧି, କୁଜି ନେତାଙ୍କ ପ୍ରରୋଚନାରେ ନପାଡି ପ୍ରତି ଗ୍ରାମପଞ୍ଚାୟତ ସ୍ତରର ବୁଲି ପ୍ରକୃତ ହିତାଧିକାରୀ ମାନଙ୍କୁ ଚିହ୍ନଟ କରି ଗୃହ ଯୋଗାଇ ଦେବାକୁ କଡ଼ା ଚେତାବନୀ ଦେଇଥିଲେ। ଅତିଥି ଭାବେ ବ୍ଲକ୍ ଅଧକ୍ଷା ରୋଜି ସେଠୀ, ଭାରପ୍ରାପ୍ତ ବିଡ଼ିଓ ଅଶୋକ କୁମାର ମହାନ୍ତି, ସହକାରୀ ନିର୍ବାହୀ ଯନ୍ତ୍ରୀ ନଳିନୀକାନ୍ତ ମହାପାତ୍ର, ବ୍ଲକ ବିତ୍ତ ଅଧିକାରୀ ସାଗରିକା ପରିଡ଼ା, ଜିପିଓ ମନୋଜ କୁମାର ପଢ଼ିହାରି, ସିପି ତାପସ ତନୟ ପଟ୍ଟନାୟକ, ପ୍ରଦୀପ୍ତ କୁମାର ସେନାପତି, ସତ୍ୟରଞ୍ଜନ ମିଶ୍ର, ରାଜେଶ କୁମାର ସାହୁ, ବିଧାୟକଙ୍କ ପ୍ରତିନିଧି ତଥା ସମାଜସେବୀ ରମେଶ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ।

ଏହି ଅବସରରେ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ଏହି ଯୋଜନାରେ ଥିବା ସବୁ ନିୟମ ଅନୁସାରେ ବର୍ତ୍ତମାନ ସୁଦ୍ଧା ସମଗ୍ର ନିଶ୍ଚିନ୍ତକୋଇଲି ବ୍ଲକର ୪୧ଗୋଟି ଗ୍ରାମପଞ୍ଚାୟତ ମଧରେ ଆଜି ୬୯ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧରେ ବ୍ଲକ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ବହୁ ଏସଏଚଜି ମହିଳା ଗ୍ରୁପ୍ ସଦସ୍ୟା, ଗ୍ରାମପଞ୍ଚାୟତ ସ୍ତରୀୟ ବହୁ ଜନପ୍ରତିନିଧି ମାନଙ୍କ ସମେତ ହିତାଧିକାରୀମାନେ ଉପସ୍ଥିତ ରହିଥିଲେ।

### ମାହାଙ୍ଗାରେ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ

## ପୂରଣ ହେବ ପକ୍କାଘର ଆଶା, ବିକଶିତ ହେବ ଆମ ମାହାଙ୍ଗା: ସାରଦା

**ମାହାଙ୍ଗା, ୩୦।୩ (ସଂଚାର ବ୍ୟୁରୋ):** ପ୍ରଥମ କରି ଆଜି କଳାହାଣ୍ଡି ଜିଲ୍ଲାରୁ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ କରମଳରେ ଆଭାସି ମାଧମରେ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାଆରମ୍ଭ ହୋଇଯାଇଥିବା ବେଳେ ମାହାଙ୍ଗା ବ୍ଲକ ପରିସରରେ ମାହାଙ୍ଗାର ଜନପ୍ରିୟ ବିଧାୟକ ଶ୍ରୀଯୁକ୍ତ ସାରଦା ପ୍ରସାଦ ପ୍ରଧାନଙ୍କ ଦ୍ୱାରା ଏହି ଯୋଜନାର ଶୁଭାରମ୍ଭ ହୋଇଯାଇଛି। ବିଧାୟକ ଶ୍ରୀ ପ୍ରଧାନ ଯୋଗଦେଇ ଭିନ୍ନକ୍ଷମ, ବିଧବା, ରୋଗାକ୍ରାନ୍ତ, ସହିଦ ପରିବାର, ଘରପୋଡି, ବନ୍ୟା ବାତ୍ୟା ଭଳି ନିଷ୍କ୍ଷେସିତ କ୍ଷତିଗ୍ରସ୍ତ ଯୋଗ୍ୟ ପରିବାରବର୍ଗଙ୍କୁ ଅଗ୍ରାଧିକାର ଭିତିରେ ଗୃହ ମଂଜୁର କରାଯାଇଛି ଆଗାମୀ ଦିନରେ ସରକାରଙ୍କ ପକ୍ଷରୁ ଗୃହ ଉଚିତ୍ ହିତାଧିକାରିଙ୍କୁ ଯୋଗାଇ ଦିଆଯିବ ବୋଲି କହିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା କରାଯାଇଥିବା ଏହି ଯୋଜନାକୁ ଭୁଁୟସୀ ପ୍ରଶଂସା କରିଥିଲେ।



ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଅତିଥି ଭାବେ ଭାରପ୍ରାପ୍ତ ବିଡ଼ିଓ ସୂର୍ଯ୍ୟକାନ୍ତ ରାଉତ, ବ୍ଲକ ବିତ୍ତ ଅଧିକାରୀ କଳ୍ପତରୁ ମଙ୍ଗରାଜ ଯୋଗଦେଇଥିଲେ। ଏହି ଅବସରରେ ୩୪ ଜଣଙ୍କୁ ଅନ୍ତ୍ୟୋଦୟ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିପିସି ସଂଘମିତ୍ରା ନାୟକ, ଜିପିଓ ଜନ୍ମେଜୟ ରାଉତ, ସହକାରୀ ନିର୍ବାହୀ ଯନ୍ତ୍ରୀ ସନ୍ଦୀପ ଦାସ, ଏପିଓ ରାମାନୁଜ ମହାରଣା, ସିପି ଅଶୋକ ପ୍ରତିହାରୀଙ୍କ ସମେତ ବ୍ଲକ କର୍ମଚାରୀ, ବହୁ ଏସଏଚଜି ଗ୍ରୁପ୍ ସଦସ୍ୟା, ବହୁ ଜନପ୍ରତିନିଧି ଓ ହିତାଧିକାରୀମାନେ ଉପସ୍ଥିତ ରହିଥିଲେ।

### ବିବାହ ପ୍ରଲୋଭନ ଦେଇ ନାବାଳିକାକୁ ପ୍ରତାରଣା

## ପୁଲିସ ପଞ୍ଝାରେ ପ୍ରେମିକ



**କାକଟପୁର/ଅସ୍ତରଙ୍ଗ, ୩୦।୩ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅଧୀନ ଏକ ଅଞ୍ଚଳରେ ଜଣେ ନାବାଳିକା (୧୬)ଙ୍କୁ ବିବାହ ପ୍ରଲୋଭନ ଦେଖାଇ ପ୍ରତାରଣା କରାଯାଇଛି। ନାବାଳିକା ଜଣକ ୫ ମାସର ଗର୍ଭବତୀ। ଏ ନେଇ ନାବାଳିକା ଜଣକ ଗତ ୭ତାରିଖ ମଧାହ୍ନ ସମୟରେ ଅସ୍ତରଙ୍ଗ ଥାନାରେ ଅଭିଯୋଗ କରିଥିଲେ। ଖବର ମୁତାବକ ଅସ୍ତରଙ୍ଗ ଥାନା ଅଞ୍ଚଳର ଜୟକୃଷ୍ଣ ବେହେରା (୨୫) ଯୁବତୀକୁ ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ। ନାବାଳିକା ଜଣଙ୍କ ବାରଣ କରିବା ସତ୍ତ୍ୱେ ବାରମ୍ବାର ଏପରି ଶାରୀରିକ ସମ୍ପର୍କ ରଖୁଥିଲେ ଯୁବକ। କିନ୍ତୁ ନାବାଳିକା ଜଣଙ୍କ ଗର୍ଭବତୀ ହେବାରୁ ବିବାହ କରିବାକୁ ମନା କରିଦେଇଥିଲେ। ଏହା ଶହ ଗର୍ଭ ନଷ୍ଟ କରିବାକୁ କିଛି ଅର୍ଥ ମଧ ଦେଇଥିଲେ। କିନ୍ତୁ ନାବାଳିକା ୫ମାସର ଗର୍ଭବତୀ ହେବା ପୀଡିତାଙ୍କ ପରିବାର ଲୋକ ଜାଣିବା ପରେ ପରିବାର ଲୋକଙ୍କ ଶହ ନାବାଳିକା ଜଣକ ଗତ ୭ତାରିଖ ମଧାହ୍ନ ସମୟରେ ଅସ୍ତରଙ୍ଗ ଥାନାରେ ପହଂଚି ପ୍ରେମିକ ଜୟକୃଷ୍ଣ ବେହେରାଙ୍କ ବିରୋଧରେ ଏତଲା ଦେଇଥିଲେ। ପୁଲିସ ନାବାଳିକାର ଡାକ୍ତରୀ ମାଇନା କରି ପୀଡିତାଙ୍କ ଏତଲାକୁ ଭିତ୍ତିକରି ଅସ୍ତରଙ୍ଗ ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ କରିବା ସହ ପ୍ରେମିକ ଜୟକୃଷ୍ଣଙ୍କୁ ଧରି ଅସ୍ତରଙ୍ଗ ଥାନାରେ ଅଟକ ରଖିଛି ।

## ଦ୍ୱିତୀୟ ହରପ୍ରିୟା ସାହିତ୍ୟ ଉତ୍ସବ ଅନୁଷ୍ଠିତ



**ବାଲକାଟି, ୩୦।୩ (ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ ହୀରାପୁର ଗ୍ରାମର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ହରପ୍ରିୟା ଫାଉଣ୍ଡେସନ ଟ୍ରଷ୍ଟ ଆନୁକୂଲ୍ୟରେ ଦ୍ୱିତୀୟ ହରପ୍ରିୟା ସାହିତ୍ୟ ଉତ୍ସବ ସ୍ଥାନୀୟ ଯଶୁଆପୁର ବାଲିପୋଖରି ଜଙ୍ଗଲରେ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ମୁଖ୍ୟ ଦୀନବନ୍ଧୁ ଭୋଇ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଚଳଚିତ୍ର ସଂଳାପ ଲେଖକ ଓ ବରିଷ୍ଠ ସାହିତ୍ୟିକ ଡ଼. ରଜନୀ ରଞ୍ଜନ ଦାଶ, ମୁଖ୍ୟ ବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ଓ ଶିଶୁ ସାହିତ୍ୟିକ ବଙ୍କିମ ଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ଭାବେ ଜଗନ୍ନାଥ ସଂସ୍କୃତି ଗବେଷକ ଡ କାଳନ୍ଦୀ ଚରଣ ସାହୁ, ସାହିତ୍ୟିକ ଡ ପ୍ରସନ୍ନ ଦଶ, ଗାଳ୍ପିକା କମଳିନୀ ମଲ୍ଲିକ, ଯୁବ ସମାଜସେବୀ ରଞ୍ଜନ କୁମାର ମହାପାତ୍ର ଯୋଗଦେଇ ସାହିତ୍ୟ ହେଉଛି ସୃଜନଶିଳତାର ଏକ ଅବିଚ୍ଛେଦ୍ୟ ଅଙ୍ଗ, ସାହିତ୍ୟ ନିଜ ଅଞ୍ଚଳର ପରିଚୟ ପ୍ରତିପାଦନ କରିବାରେ ସହାୟକ ହୋଇଥାଏ, ସାହିତ୍ୟ ବଞ୍ଚିଲେ ରାଜ୍ୟ ଓ ଦେଶ ବଞ୍ଚିବ, ସାହିତ୍ୟକୁ ଉଜ୍ଜୀବିତ କରିବାପାଇଁ ଆଜିର ଯୁବ ସମାଜ ଆଗେଇ ଆସିବା ଆବଶ୍ୟକ ବୋଲି ନିମନ୍ତ୍ରୀତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଉତ୍ସବରେ ସାହିତ୍ୟ କ୍ଷେତ୍ରରେ ଅତୁଳନୀୟ ଅବଦାନ ପାଇଁ "ସାରସ୍ୱତ ସ୍ରଷ୍ଟା " ସମ୍ମାନରେ ସ୍ୱର୍ଣ୍ଣଲତା ପତିଙ୍କୁ ସମ୍ମାନିତ କରାଯାଇଥିଲା ବେଳେ ସମାଜସେବା କ୍ଷେତ୍ରରେ ସୁଜିତ୍ ବେହେରା, ରେଣୁକା ସେଠୀ, ନିରଞ୍ଜନ ନାୟକ, ଦୁର୍ଯ୍ୟଧନ ପ୍ରଧାନ, ସାମ୍ବାଦିକ କ୍ଷେତ୍ରରେ ଆସିତି ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ମହାକାଳପଡା ଅଧକ୍ଷା ପାଇଁ ଦଳ ଡିଆଁଙ୍କୁ ଭରଷା କାହିଁକି ?

## ସାମାଜିକ ଗଣମାଧ୍ୟମରେ ପ୍ରଶ୍ନ ଉଠାଇଲା ବିଜେପି

**ମହାକାଳପଡ଼ା, ୩୦।୩ (ସଂଚାର ବ୍ୟୁରୋ):** ମହାକାଳପଡ଼ା ପଞ୍ଚାୟତ ସମିତି ଅଧକ୍ଷା କଳ୍ପନା ରାଉତଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ପରେ ମହାକାଳପଡ଼ା ରାଜନୈତିକ ପାଣିପାଗ ଏବେ ବେଶ୍ ସରଗରମ ହୋଇଛି। ୩୧ ପଞ୍ଚାୟତର ୬୨ଜଣ ସରପଞ୍ଚ ଓ ସମିତି ସଭ୍ୟଙ୍କ ମଧ୍ୟରୁ ୪୨ଜଣ ଅନାସ୍ଥା ପ୍ରସ୍ତାବ ଆଣିବା ପରେ ସେମାନଙ୍କ ଦସ୍ତଖତ ଯାଞ୍ଚ୍ ପ୍ରକ୍ରିୟା ଉପଜିଲ୍ଲାପାଳଙ୍କ ଉପସ୍ଥିତିରେ ଶେଷ ହୋଇଛି। ଯେଉଁଥିରେ ୩୮ ଜଣ ଉପସ୍ଥିତ ରହିଥିଲେ। ଆସନ୍ତା ଏପ୍ରିଲ ୫ରେ ଅନାସ୍ଥା ଭୋଟ୍ ଅନୁଷ୍ଠିତ ହେବା। ଯାହାକୁ ନେଇ ଉଭୟ ଶାସକ ଓ ବିରୋଧି ବଳ କଷାକଷି ହେବା ଆରମ୍ଭ କରିଥିବା ବେଳେ ରବିବାର ବିଜେପି ନେତା ସୌଭାଗ୍ୟ ପରିଡ଼ା ସାମାଜିକ ଗଣମାଧମରେ ପ୍ରଶ୍ନ ଉଠାଇ କୁହୁଳୁଥିବା ନିଆଁରେ ଘିଅ ଢାଳିଛନ୍ତି।

ସେ କହିଛନ୍ତି ମହାକାଳପଡ଼ାରେ ପୁରୁଣା ବିଜେପି କର୍ମୀ ମାନଙ୍କୁ ଅଣଦେଖା କରାଯାଉଛି। ଦଳ ଡିଆଁ ମାନଙ୍କୁ ପ୍ରାଧାନ୍ୟ ଦିଆଯାଉଛି। ଯାହା ଆଦୌ ଶୁଭଙ୍କର ନୁହେଁ। ରାଜ୍ୟରେ ସରକାର ପରିବର୍ତ୍ତନ ହୋଇଛି। ମହାକାଳପଡ଼ାରେ ମଧ ପ୍ରତିନିଧିତ୍ୱ ବଦଳିଛି। ଏହି କ୍ରମରେ ପଞ୍ଚାୟତ ସମିତି ଅଧକ୍ଷା ସରକାରୀ ଦଳର ହେବା ସ୍ୱାଭାବିକ କଥା। କଳ୍ପନା ରାଉତ ଯିଏ ଏବେ ଅଧକ୍ଷା ଅଛନ୍ତି ସେ ବିଜୁ ଜନତା ଦଳ ସମର୍ଥିତ। ଏବେ ଯିଏ ଅଧକ୍ଷା ପଦ ପାଇଁ ଆଶାୟୀ ଅଛନ୍ତି ସିଏ ବିଜଦ ସମର୍ଥିତ ପ୍ରାର୍ଥୀ ନୁହଁନ୍ତି ତ? ଆହୁରି ମଧ ସେ କହିଛନ୍ତି ଯେତେବେଳେ ବିଜଦର ଦବାଦବା ଥିଲା ସେତେବେଳେ ମଧ ୨୧ ଓ ୨୩ ନମ୍ବରରୁ ମହିଳା ଅଧକ୍ଷା ଜିତିଛନ୍ତି। ସେମାନଙ୍କର ମଧ କ୍ଷମତା ଅଛି। ହେଲେ କାହିଁକି ସେମାନଙ୍କୁ ଦାୟିତ୍ୱ ଦିଆଯାଉନାହିଁ। ଯେଉଁମାନେ ବିଜେପି ପାଇଁ ପୂର୍ବରୁ ଖଟି ଝାଳରକ୍ତ ଏକ କରିଛନ୍ତି, ସେମାନଙ୍କୁ ବାଦ୍ ଦେଇ କାହିଁକି ଜଣେ ଦଳ ଡିଆଁ ସଦସ୍ୟାଙ୍କୁ ଅନୁକମ୍ପା ଦେଖାଯାଉଛି ବୋଲି ସେ ପ୍ରଶ୍ନ କରିବା ସହିତ ମହାକାଳପଡ଼ାର ସମସ୍ତ ବିଜେପି ପ୍ରେମୀ କର୍ମୀ ମାନଙ୍କୁ ଏହାର ବିଚାର କରିବାକୁ ସୌଭାଗ୍ୟ ନିବେଦନ କରିଛନ୍ତି। ସୌଭାଗ୍ୟ ଙ୍କ ଏହି ପ୍ରଶ୍ନ ପରେ ମହାକାଳପଡ଼ା ରାଜନୀତି ପାଣିପାଗ ପୁଣି ସରଗରମ ହୋଇଛି।

## ପୁଣି ରାଜରାସ୍ତାରେ ଚାଷୀ



**ନବରଙ୍ଗପୁର, ୩୦।୩ (ସଂଚାର ବ୍ୟୁରୋ):** ଗୋଟିଏ ପଟେ ଲୋ ଭୋଲ୍ଟେଜ ଓ ଅଘୋଷିତ ବିଜୁଳି କାଟକୁ ନେଇ ରାଇଘର ଅଂଚଳର ଚାଷୀ ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସରଗୁଲି ଛକ ଓ ନିର୍ମାଣଧୀନ ଭାରତମାଳା ରାସ୍ତାକୁ ଅବରୋଧ କରି ରଖିଥିବା ବେଳେ, ରାଇଘର ବ୍ଲକରେ ଆଜି ଦିନ ଗୋଟାଏ ବେଳ ଠାରୁ ବିଜୁଳି ସେବା ବନ୍ଦ ରହିଛି। ଆଜି ଦିନ ତମାମ ରାଇଘର ତହସିଲଦାର ମୌସମୀ ସଜ୍ଜନ ଓ ବିଡିଓ ଲକ୍ଷ୍ମୀ ସାଗର ମାଝୀ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ ମଧ କୌଣସି ନିଷ୍କର୍ସ ବାହାରି ପାରି ନାହିଁ। ଅସହ୍ୟ ଗରମ ସାଙ୍ଗକୁ ବିଜୁଳି ସେବା ନଥିବା ଯୋଗୁଁ ରାଇଘରବାସୀ ଭାରି ଆସୁବିଧାରେ ସମ୍ମୁଖୀନ ହେଉଛନ୍ତି। ବିଦ୍ୟୁତ ବିଭାଗ କର୍ମଚାରୀ ମାନେ ଆନ୍ଦୋଳନକାରୀ ଙ୍କ ଭୟରେ ବିଦ୍ୟୁତ ତାର ମରାମତି କରି ବିଦ୍ୟୁତ ସାରାବରାହ ସ୍ୱାବାଭିକ କରିବାକୁ ଯିବାକୁ ଭୟ କରୁଛନ୍ତି। ଏହିଠାରେ ସୂଚନା ଯୋଗ୍ୟ ଯେ ସମାନ ସମସ୍ୟାକୁ ନେଇ ଗତ ୨୦ ତାରିଖରେ ଦୁଇ ଦିନ ରାସ୍ତା ଅବରୋଧ କରିଥିଲେ। ପ୍ରଶାସନ ଲୋଭଲ୍ଟେଜ ଏବଂ ଅଘୋଷିତ ବିଜୁଳି କାଟ ସମସ୍ୟାର ସାମଧାନ ସକାଶେ ଲିଖିତ ପ୍ରତିଶୃତି ଦେବା ପରେ ରାସ୍ତାରୁ ହଟିଥିଲେ। ହେଲେ ପ୍ରଶାସନ ର ପ୍ରତିଶୃତି ପାଣିର ଗାର ଥିଲା ଲୋଭଲ୍ଟେଜ ଏବଂ ଅଘୋଷିତ ବିଜୁଳି କାଟ ସମସ୍ୟା ଯେମିତି ଥିଲା ସେମିତି ରହିଛି ବୋଲି ଚାଷୀ ଅଭିଯୋଗ କରିଛନ୍ତି। ଏଥର କିନ୍ତୁ ସମସ୍ୟା ର ସମାଧାନ ନ ହେବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି ଜିଦରେ ଅଟଳ ଅଛନ୍ତି ଚାଷୀ।

### ଗ୍ରାମ୍ୟ ଉନ୍ନୟନ ବିଭାଗରେ ଆଖିବୁଜା ଦୁର୍ନୀତି

## ଅଧୀକ୍ଷଣ ଯନ୍ତ୍ରୀ ଚୁପ କାହିଁକି ? କାହାକୁ ଘଣ୍ଟ ଘୋଡାଉଛନ୍ତି

**ରାଜନଗର, ୩୦।୩ (ସଂଚାର ବ୍ୟୁରୋ):** ରାଜନଗର ଗ୍ରାମ୍ୟ ଉନ୍ନୟନ ବିଭାଗରେ ରାସ୍ତା ନିର୍ମାଣରେ ଆଖିବୁଜା ଦୁର୍ନୀତି ସବୁ ସୀମା ଟପିଛି। ରାସ୍ତା ଦୁର୍ନୀତି ସମ୍ପର୍କିତ ଖବର ପ୍ରକାଶ ପାଇବା ପରେ ଅଧିକ୍ଷଣ ଯନ୍ତ୍ରୀ ରାସ୍ତା ନିକଟକୁ ଯାଇ ରାସ୍ତା କାମକୁ ଦେଖି କନିଷ୍ଠ ଯନ୍ତ୍ରୀ ଓ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଉପରେ ବର୍ଷିବା ସହିତ ଠିକାଦାରଙ୍କ ବିରୁଦ୍ଧରେ କାର୍ଯ୍ୟନୁଷ୍ଠାନ ନେବାକୁ କହିଥିଲେ। ମାତ୍ର ଆଜି ଯାଏଁ ସମସ୍ତେ ଚୁପ। ଗୋଟିଏ ରାସ୍ତା ନୁହେଁ ୧୦ଟି ରାସ୍ତାରେ ଜଳ ଜଳ ଦୁର୍ନୀତି ନିଜ ଆଖିରେ ଦେଖିବା ପରେ ବି କେନ୍ଦ୍ରପଡା ଗ୍ରାମ୍ୟ ଉନ୍ନୟନ ବିଭାଗ-୨ ର ଅଧିକ୍ଷଣ ଯନ୍ତ୍ରୀଙ୍କ ନୀରବତା ସନ୍ଦେହ ସୃଷ୍ଟି କରିଛି।



ରାଜନଗର ବ୍ଲକର ମହୁଲିଆ-ଜୁଣୁପାଙ୍ଗରା ରାସ୍ତାର ଖଦାଳସାହି ଠାରୁ ପୋଖରିଆ ଯାଏଁ ୪୦୦ ମିଟର ରାସ୍ତାକୁ ୨୦ ଦିନ ତଳେ ପିଚୁ କରାଯାଇଛି। ମାତ୍ର ରାସ୍ତା ପୂର୍ବରୁ ଯେମିତି ଉଞ୍ଚ ଖାଲ ଥିଲା ସେମିତି ରହିଛି। ରାସ୍ତାର ଖାଲକୁ ମେଟାଲ ଦେଇ ସମାନ କରିବା ପରିବର୍ତ୍ତେ ଖାଲ ଉପରେ ପିଚୁ ଘଷି କାମ ସାରି ଦିଆଯାଇଛି। ରାସ୍ତା ସାରା ପିଚୁ ତଳେ ଥିବା ମେଟାଲ ଉପରକୁ ଦେଖା ଯାଉଥିଲା। ରାସ୍ତା ନିର୍ମାଣ ନାଁରେ ମହାଦୁର୍ନୀତି ସମ୍ପର୍କିତ ଖବର ପ୍ରକାଶ ପାଇବା ପରେ ଯନ୍ତ୍ରୀ ନିଜ ଉପରୁ ଦୋଷ ଛଡାଇବା ପାଇଁ ରାସ୍ତା କାମ ହୋଇଥିବା କଥା ଆମେ ଜାଣିନୁ। ଠିକାଦାର ଆମକୁ ନଜଣାଇ କାମ ସାରିଦେଇ ଆମକୁ ଜଣାଇଲା। ଠିକାଦାର ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ହେବ, ରାସ୍ତା କାମର ବିଲ କରାଯିବ ନାହିଁ ବୋଲି କନିଷ୍ଠ ଯନ୍ତ୍ରୀ ସମୀର କୁମାର ବେହେରା କହିଥିଲେ।

ରାସ୍ତା ଦୁର୍ନୀତି ଖବରକୁ ନେଇ ତନାଘନା ହେବ ପରେ ଗତକାଲି କେନ୍ଦ୍ରାପଡା ଗ୍ରାମ୍ୟ ଉନ୍ନୟନ ଡିଭିଜନ-୨ର ଅଧିକ୍ଷଣ ଯନ୍ତ୍ରୀ ସୂରଜ କୁମାର ବିଶ୍ୱାଳ ରାସ୍ତା ନିକଟରେ ପହଞ୍ଚି ରାସ୍ତା କାମକୁ ଦେଖିବା ପରେ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁବାସ ଚନ୍ଦ୍ର ସାହୁ ଓ କନିଷ୍ଠ ଯନ୍ତ୍ରୀ ସମୀର କୁମାର ସାହୁଙ୍କ ଉପରେ ବର୍ଷିଥିଲେ। ତମେ ଜାଣି ପାରିଲ ନାହିଁ ବୋଲି କହିବା ସହ ରାସ୍ତା ପିଚୁ ହୋଇଥିବା ବେଳେ ମେଟାଲ କିପରି ବାହାରିକି ରହିଲା ବୋଲି ତାଗିଦା କରିଥିଲେ। ତୁରନ୍ତ ରାସ୍ତାକୁ ଆଉ ଥରେ ପିଚୁ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଅଧିକ୍ଷଣ ଯନ୍ତ୍ରୀଙ୍କ ତାଗିଦା ପରେ ଉପରକୁ ଦେଖାଯାଉଥିବା ଦୁର୍ନୀତିକୁ ଲୁଚାଇବା ପାଇଁ ତରବରିଆ ଭାବେ ଯେଉଁ ସ୍ଥାନ ମାନଙ୍କରେ ମେଟାଲ ଉପରକୁ ଉଠିକି ରହିଥିଲା ସେହି ସ୍ଥାନ ମାନଙ୍କରେ ପ୍ୟାଚ ପକାଯାଇଛି। ପ୍ୟାଚ ଖବର ଜାଣିବା ପରେ ଆଉଥରେ ଅଧିକ୍ଷଣ ଯନ୍ତ୍ରୀ ରାସ୍ତାରେ ପହଞ୍ଚି ଠିକାଦାର ବିରୁଦ୍ଧରେ ଏଫଆଇଆର ଦେବାକୁ କହିବା ସହିତ କନିଷ୍ଠ ଯନ୍ତ୍ରୀଙ୍କ ଉପରେ ଦୁର୍ନୀତିକୁ ପଶ୍ରୟ ଦେଉଥିବା କାରଣରୁ ବର୍ଷିଥିଲେ। ମାତ୍ର ଅଧିକ୍ଷଣ ଯନ୍ତ୍ରୀ ଦୁର୍ନୀତି ଦେଖି ଯିବାର ୧୦ ଦିନ ପରେ ବି ଆଜି ଯାଏଁ କୌଣସି କାର୍ଯ୍ୟାନୁଷ୍ଠାନ ନନେବା ଏବଂ ଦୁର୍ନୀତି ବିରୁଦ୍ଧରେ ଅଧିକ୍ଷଣ ଯନ୍ତ୍ରୀଙ୍କ ନୀରବତା ସନ୍ଦେହ ସୃଷ୍ଟି କରିଛି।

## ଅନ୍ତ୍ୟୋଦୟ ଗୃହ ଯୋଜନାର କାର୍ଯ୍ୟକ୍ରମରେ ଅବ୍ୟବସ୍ଥା

**ନାଉଗାଁ, ୩୦।୩ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ଅଲଣାହାଟ ଉଚ୍ଚ ବିଦ୍ୟାଳୟର ଖେଳ ପଡ଼ିଆ ପରିସରରେ ରବିବାର ରାଜ୍ୟ ସରକାରଙ୍କ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରାମ୍ଭ କାର୍ଯ୍ୟକ୍ରମ ଟିଭି ମାଧମରେ ପ୍ରସାରଣ କରାଯିବାର ବ୍ୟବସ୍ଥା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଜନସାଧାରଣ ଅନ୍ତ୍ୟୋଦୟ ଗୃହ ଯୋଜନା ଉପରେ ସଚେତନ ହେବା ସହ ଯୋଗ୍ୟ ହିତାଧିକାରୀମାନେ ଏହି ଯୋଜନାରେ ଅନ୍ତର୍ଭୂକ୍ତ ହେବା ଥିଲା ଉକ୍ତ କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ଏହି ସଚେତନତା କାର୍ଯ୍ୟକ୍ରମକୁ ବ୍ଲକର ୧୬ଟି ପଞ୍ଚାୟତର ଜନସାଧାରଣ ଦେଖିବା ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହେବା ବେଳକୁ ଅବ୍ୟବସ୍ଥା ହେବାରୁ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ମହିଳାମାନେ ସଭା ସ୍ଥଳ ଛାଡି ପଳାଇ ଯାଇଥିଲେ। ଏପରିକି କେତେକ ପଞ୍ଚାୟତର ଇସି ମେମ୍ବର ଅବ୍ୟବସ୍ଥାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ସଭା ସ୍ଥଳଟି ସମ୍ପୂର୍ଣ୍ଣ ଖରାରେ କରାଯାଇଥିଲା। ଗରମ ହେବା ପରେ ମହିଳାମାନେ ସଭା ସ୍ଥଳରେ ବସି ପାରିନଥିଲେ। ଶତାଧିକ ମହିଳା ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବେଳେ ଆବଶ୍ୟକ ଅନୁଯାୟୀ ଫ୍ୟାନ ଲଗାଯାଇ ନଥିଲା। ଯାହାଫଳରେ ମୁଖ୍ୟମନ୍ତ୍ରୀଙ୍କ ଅଭିଭାଷଣ ଆରମ୍ଭ ହେବା ବେଳକୁ ସଭା ସ୍ଥଳରୁ ଅଧିକାଂଶ ମହିଳା ସ୍ଥାନ ଛାଡି ପଳାଇଥିଲେ।



## ଡେରାବିଶ ବ୍ଲକରେ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ



**ଡେରାବିଶ, ୩୦।୩ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକରେ ଆଜି ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ ହୋଇଯାଇଛି। ଏହି ଉପଲକ୍ଷେ ବ୍ଲକ ଅଧକ୍ଷା ପ୍ରଭାତୀ ମଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ବିଜେପି ରାଜ୍ୟ ମୁଖପାତ୍ର ତେଜେଶ୍ୱର ପରିଡ଼ା ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଓଡ଼ିଶାର ମୋହନ ସରକାରଙ୍କ ଏହି ଜନହିତକାରୀ ଯୋଜନା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବ୍ଲକ ଅନ୍ତର୍ଗତ ୧୬୩ଟି ପରିବାରକୁ ଶ୍ରୀ ପରିଡ଼ା ଅନ୍ତ୍ୟୋଦୟ ଗୃହ ଯୋଜନାର କାର୍ଯ୍ୟାଦେଶ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ବିଡ଼ିଓ ନମିତା ବାରିକ, ତହସିଲଦାର ସରୋଜକାନ୍ତ ନାୟକ, ସିଡ଼ିପିଓ ହରପ୍ରିୟା ଦେବୀ, ଜିପିଓ ନନ୍ଦିନୀ ଶତପଥି, ରଶ୍ମୀ ଦେବୀ ପ୍ରମୁଖ ଉପସ୍ଥିତ ରହିଥିଲେ।




## ଶୁଖିଗଲେଣି ନୟାଗଡ ମଣି

ନୟାଗଡ ମଣି ଡକ୍ଟର ଅରୁଣ ସାହୁ ମନ୍ତ୍ରୀ ପଦରୁ ଯିବା ପରଠାରୁ ଶୁଖି ଗଲେଣି। ଏକଥା ଆମେ କହୁନାହୁଁ, ଖୋଦ୍ ଅରୁଣ ବାବୁ ବିଧାନସଭାରେ ବଡ ପାଟିରେ କହିଛନ୍ତି। ବିଧାୟକ ଓ ପୂର୍ବତନ ବିଧାୟକମାନଙ୍କର ଦରମା ବୃଦ୍ଧି ନେଇ ବିଧାନସଭାରେ ଆଲୋଚନା ଚାଲିଥାଏ। ଜଣକ ପରେ ଜଣେ କିଭଳି ଦରଦାମ ବଢୁଛି ବିଧାୟକମାନେ ଅଭାବରେ ଚଳୁଛନ୍ତି ତାହାର ଏକ ପ୍ରକାର ସିଧା ପ୍ରସାରଣ କରୁଥାନ୍ତି। ଦରମା ବୃଦ୍ଧି ଚିନ୍ତାରେ ଥିବା ବିଧାୟକମାନେ ବି ଟେବୁଲ ବାଡେଇ କଥାକୁ ସମର୍ଥନ କରୁଥାନ୍ତି। ଯେତେବେଳେ କହିବାର ପାଳି ପଡିଲା ବିଜେପି ବିଧାୟକ ପଦ୍ମଲୋଚନ ପଣ୍ଡା ଓରଫ ପଦୁ ନନାଙ୍କର, ତାଙ୍କ ନଜର ସିଧା ପଡିଲା ନୟାଗଡ ମଣିଙ୍କ ଉପରେ। ପଚାରିଲେ ଅରୁଣ ବାବୁ ମନ୍ତ୍ରୀ ଥିଲାବେଳେ ଭଲ ଥିଲେ, ଏବେ କେମିତି ଅଛନ୍ତି କେଜାଣି ? ଅରୁଣଙ୍କ କାନରେ କଥାଟି ପଡିବାପରେ ସିଏ କି ଛାଡିବାର ଲୋକ। ଚଟାପଟ କହିଲେ ମୁଁ ଶୁଖି ଗଲିଣି ଆଜ୍ଞା। କଥାଟା ବିଧାନସଭା କମ୍ପାଇଲା ସିନା, ହେଲେ ରେକର୍ଡ ହୋଇପାରିଲା ନାହିଁ। ତା ପରଠାରୁ ସାମ୍ବାଦିକମାନେ ଖାଲି ବୁଲି ବୁଲି ଅରୁଣ ବାବୁଙ୍କୁ ଅନାଇବାରେ ଲାଗିଛନ୍ତି।



## ପଦୁ ନନାଙ୍କ ଶରୀରରେ କଂଗ୍ରେସ ପଶିଯାଉଛି

ପୁରୁଣା କଂଗ୍ରେସ ନେତା ପଦ୍ମଲୋଚନ ପଣ୍ଡା ଓରଫ ପଦୁ ନନାଙ୍କ ଶରୀରରେ କୁଆଡେ କଂଗ୍ରେସ ପଶିଯାଉଛି। କୌଣସି ପ୍ରସଙ୍ଗରେ ଏହି ବିଜେପି ନେତା ଜଣଙ୍କ ପ୍ରଥମେ କଂଗ୍ରେସକୁ କଡା ସମାଲୋଚନା କରୁଛନ୍ତି। ହେଲେ କିଛି ସମୟ ପରେ ମନକୁ ମନ କଥାର ମୋଡ ବଦଳାଇ ଦେଉଛନ୍ତି। ତାଙ୍କର ଏଭଳି କିଛି ଆଚରଣ ଦେଖିବାପରେ ବିଜେପିର ଜଣେ ନେତା କହୁଥିଲେ ପଦୁ ନନା ସିନା ବହୁ ଦିନରୁ ଦଳ ଛାଡିଲେଣି। ହେଲେ ଦଳ ତାଙ୍କୁ ଛାଡିପାରୁ ନାହିଁ। ଅତୀତରେ ବିଧାନସଭା ଭିତରେ କିଛି କଂଗ୍ରେସମାର୍କା ପ୍ରଶ୍ନ ପଚାରି ନିଜ ଦଳର ମନ୍ତ୍ରୀଙ୍କୁ ଅକଳରେ ପକାଇ ଦେଇଥିଲେ। ନିକଟରେ କଂଗ୍ରେସିଆଙ୍କ ଆଚରଣ ଉପରେ କହି କିଛି ସମୟ ସମାଲୋଚନା କଲାପରେ ହଠାତ୍ କଂଗ୍ରେସ ନେତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନକୁ ସହଜରେ ଗ୍ରହଣ କରିପାରିଲେ ନାହିଁ। ତାଙ୍କର ଏଭଳି ଆଚରଣ ଦେଖିଲପରେ ପଦୁ ନନାଙ୍କ ଶରୀରରେ ମଝିରେ ମଝିରେ କଂଗ୍ରେସ ପ୍ରବେଶ କରିଯାଉଛି ବୋଲି ତାଙ୍କରି ଦଳର କିଛି ନେତା କହିବାକୁ ପଛାଉ ନାହାନ୍ତି।



## ଦୁଇ ନରସିଂହ ମୁହାଁମୁହିଁ



ବିଧାନସଭା ଭିତରେ ଧାରଣା ଦେଇଥିବା କଂଗ୍ରେସ ନେତାଙ୍କୁ ଭେଟିବାପାଇଁ ଦଳ ବଳ ସହ ବଡ ନରସିଂହ ଅର୍ଥାତ୍ ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର ମାଡି ଚାଲିଥିବାବେଳେ ବିଧାନସଭା ଫାଟକରେ ତାଙ୍କୁ ଅଟକାଇଥିଲେ ସାନ ନରସିଂହ ଅର୍ଥାତ୍ ଅତିରିକ୍ତ ପୁଲିସ୍ କମିଶନର ନରସିଂହ ଭୋଳ। ତେବେ ଅଟକିବା ମାତ୍ରେ ବଡ ନରସିଂହ ଆଇନ୍‌ର ପାଠ ପଢାଇବା ଆରମ୍ଭ କରିବା ସହିତ କେଉଁ ଆଇନ୍ ବଳରେ ଅଟକାଇଲ ବୋଲି ସାନ ନରସିଂହଙ୍କୁ ପଚାରିଥିଲେ। ହେଲେ ସାନ ନରସିଂହ ପୁଲିସିଆ କାଇଦାରେ ହାତ ଯୋଡି କହିଥିଲେ, ସାର ଆପଣ ସବୁ ଜାଣିଛନ୍ତି। ଭିତରକୁ ଆସନ୍ତୁ ନାହିଁ। ଆମକୁ ହଇରାଣ କରନ୍ତୁ ନାହିଁ ସାନ ନରସିଂହ ଜାଣିଛନ୍ତି ବଡ ନରସିଂହଙ୍କ ଆଇନ୍ ଧାରା କହିଲେ ନିଜ ଅକଳରେ ପଡିବେ। ତେଣୁ ପରିସ୍ଥିତିକୁ ଦେଖି ସିଏ କାମକଲେ। ସାନ ନରସିଂହଙ୍କ ଏଭଳି ହାତଯୋଡା କଥାର ରହସ୍ୟ ବଡ ନରସିଂହ ବୁଝିଗଲେ। ବେଶି କିଛି ଯୁକ୍ତି କଲେ ନାହିଁ। ତେବେ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧି ଦୁଇ ନରସିଂହଙ୍କ କିଛି ସମୟର ଯୁକ୍ତି ତର୍କକୁ ବେଶ୍ ଉପଭୋଗ କରିବା ସହିତ ରାଜ୍ୟବାସୀଙ୍କ ନିକଟରେ ପହଞ୍ଚାଇଥିଲେ। ତେବେ ସେଦିନ ରାତି ଅଧରେ ସାନ ନରସିଂହ ଯେଭଳି ହାତ ଯୋଡି ବଡ ନରସିଂହଙ୍କୁ ବୁଝାଇବାରେ ସକ୍ଷମ ହେଲେ ତାହାଏବେ ପୁଲିସ୍ ମହଲରେ ଆଲୋଚନାର ବିଷୟ ପାଲଟିଛି।



## ଓପିଜିସି ଖୋଜୁଛି ୬୦ ଟନ୍‌ର ଟ୍ରକ




ତାପଜ ପାଉଁଶ ପରିବହନ କାଗଜ ଦେଖବାପରେ ଏବେ ଓପିଜିସି ବାବୁଙ୍କ ନିଦ ହଜିଯାଇଛି। କାଗଜରେ ଦର୍ଶାଯାଇଛି ଝାରସୁଗୁଡାର ଏକ ସଂସ୍ଥା ଗୋଟିଏ ଗୋଟିଏ ଟ୍ରକରେ ୬୦ଟନ୍ ଓଜନର ତାପଜ ପାଉଁଶ ପରିବହନ କରିଥିବା ଦର୍ଶାଇଛି ଓ ସେହି ଅନୁଯାୟୀ ପଇସା ନେଇଯାଇଛି। ଏଭଳି ହିସାବର ଚିଠା ଏବେ ରାଜଧାନୀରେ ପହଞ୍ଚିବା ପରେ ୬୦ଟନ୍ ପାଉଁଶ ବୋହୁଥିବା ଟ୍ରକ କେଉଁ କମ୍ପାନୀ ତିଆରି କରିଛି ଓ ଏହା କେଉଁଠି ଚାଲିଛି ତାହାର ଖୋଳତାଡ ଆରମ୍ଭ ହୋଇଛି। ନୂଆ ପରିଚାଳନା ନିର୍ଦ୍ଦେଶକ ବି ଏକଥା ଶୁଣି କୁଆଡେ ତାଜୁବ ହୋଇଥିବା କୁହାଯାଉଛି। ତେବେ ପରିବହନକାରୀ ସଂସ୍ଥାଙ୍କୁ ବଳ ଦେଇଥିବା ବାବୁ ଏବେ ଏହାକୁ ନେଇ ଅକଳରେ ପଡିଛନ୍ତି। କାରଣ ଗୋଟିଏ ଟ୍ରକରେ ୬୦ଟନ୍ ପରିବହନ ସିନା କାଗଜପତ୍ରରେ ହୋଇ ବିଲ୍ ପ୍ରସ୍ତୁତ ହୋଇଯିବ ହେଲେ ରାସ୍ତାରେ ଚାଲୁଥିବା ଏଭଳି ଟ୍ରକ ଆଜି ପର୍ଯ୍ୟନ୍ତ ଓଡିଶାରେ ନାହିଁ। ନୂଆ ପରିଚାଳନା ନିର୍ଦ୍ଦେଶଙ୍କ ଆଗରେ ସମସ୍ତ ତଥ୍ୟ ଉପସ୍ଥାପନ ପାଇଁ ଓପିଜିସିର ଗୋଟିଏ ଗୋଷ୍ଠି ସଜବାଜ ହେଉଥିବାବେଳେ ଗୁମର ଖୋଲିଯିବା ଭୟରେ କଥାଟିକୁ ପାଉଁଶ ତଳେ ଚାପି ରଖିବାପାଇଁ ଏବେ ଆଉ ଗୋଟିଏ ଗୋଷ୍ଠି ଲାଗି ପଡିଛନ୍ତି।

## ପୁଲିସ୍ ନା ସରକାରୀ ଗୁଣ୍ଡା ?



ରାଜଧାନୀର ଜଣେ ପୁଲିସ୍ ବାବୁଙ୍କ ଆଚରଣ ଏବେ କମିଶନରେଟ ପୁଲିସକୁ ନିନ୍ଦିତ କରିବାରେ ଲାଗିଛି। ରାସ୍ତାରୋକ କରିଥିବା ବସ୍ତିବାସିନ୍ଦାଙ୍କୁ ବାବୁଙ୍କ ତାଗିଦା ଭିଡିଓ ପଦାକୁ ଆସିବା ପରେ ତାଙ୍କୁ ଅନେକ ସରକାରୀ ଗୁଣ୍ଡା ବୋଲି କହିବାକୁ ପଛାଉ ନାହାନ୍ତି। ନିକଟରେ ନୀଳାଦ୍ରୀବିହାର ଅଞ୍ଚଳରେ ଦ୍ରୁତ ବେଗରେ ଯାଉଥିବା ଗାଡି ଧକ୍କାରେ ଜଣେ ଯୁବକ ଗୁରତର ହେବାରୁ ସ୍ଥାନୀୟ ଲୋକେ ରାସ୍ତାରୋକ କରିଥିଲେ। ଏତିକିବେଳେ ଖାକିବାବୁ ଜଣଙ୍କ ସେଠାରେ ପହଞ୍ଚି ନିଜର ଜିମ୍ ମାର୍କା ଶରୀର ଦେଖାଇ ଲୋକଙ୍କୁ ଡରାଇଥିଲେ। କ୍ୟାମେରା ଦେଖି ଅଧିକ ହିଂସ୍ର ଆଚରଣ କରିଥିଲେ। ରାସ୍ତାରୁ ନଉଠିଲେ ସମସ୍ତଙ୍କୁ କୋର୍ଟ ଚାଲାଣ କରିଦେବେ ବୋଲି ଧମକାଇଥିଲେ। ତେବେ କିଛି ବସ୍ତି ମହିଳା ବାବୁଙ୍କ ଆଡକୁ ମାଡି ଯିବାରୁ ବାବୁ ପଛଘୁଞ୍ଚା ଦେଇଥିଲେ। ହେଲେ ତାଙ୍କର ଗୁଣ୍ଡା ମାର୍କା ଭିଡିଓଟି ଭାଇରାଲ ହେବାରେ ଲାଗିଛି। ଏହି ପୁଲିସ୍ ବାବୁ ଜଣଙ୍କ ନିଜ ପୁଲିସ୍ କାମ ବଦଳରେ କୁଆଡେ ଅଧିକ ସମୟ ଜିମ୍‌ରେ କଟାନ୍ତି ଓ ଉପରିସ୍ଥ ଅଧିକାରୀଙ୍କୁ ନିଜର ବାହୁ ଦେଖାଇବାରେ ଆନନ୍ଦ ପାଆନ୍ତି। ତେବେ ଖାକିବାବୁ ଜଣଙ୍କ ଲୋକଙ୍କୁ ଯେଭଳି ନାଲିଆଖି ଦେଖାଉଛନ୍ତି ତାହା କେବଳ କମିଶନରେଟ ପୁଲିସ୍‌କୁ ନୁହେଁ ନୂଆ ସରକାରକୁ ବଦନାମ କରିଦେବ ବୋଲି ଆଲୋଚନା ହେଉଛି। ତେଣୁ ପୁଲିସ୍ କମିଶନର ଓ ଡିଜି ମହାଶୟ ଏହି ବାହୁବଳି ଖାକି ବାବୁଙ୍କ ଉପରେ ନଜର ରଖିବାକୁ ମତପ୍ରକାଶ ପାଉଛି।

# ଆର୍ଯ୍ୟ ସମାଜ ଶାନ୍ତିଯଜ୍ଞରେ ଯୋଗଦେଲେ ଧର୍ମେନ୍ଦ୍ର



**ଭୁବନେଶ୍ୱର,୩୦।୩(ସଂଚାର ବ୍ୟୁରୋ):** ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ଅବସରରେ ଆଜି ସ୍ଥାନୀୟ ଶହୀଦନଗରସ୍ଥିତ ଆର୍ଯ୍ୟ ସମାଜ ପକ୍ଷରୁ ଏକ ଶାନ୍ତିଯଜ୍ଞ ଆୟୋଜିତ ହୋଇଥିଲା। ଏଥିରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ପୂର୍ଣ୍ଣାହୁତି ଦେଇଛନ୍ତି। ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଯୁଗପୁରୁଷ ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ଦ୍ୱାରା ପ୍ରତିଷ୍ଠିତ ଆର୍ଯ୍ୟ ସମାଜ ଦେଶର କଲ୍ୟାଣ ନିମନ୍ତେ ନିରବଚ୍ଛିନ୍ନ କାର୍ଯ୍ୟ କରୁଛି। ଶିକ୍ଷାଠାରୁ ସମାଜ ସଂସ୍କାର ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ଆର୍ଯ୍ୟ ସମାଜର ଅବଦାନ ଅନନ୍ୟ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି। ଏହି ଅବସରରେ ସମାଜ ସଂସ୍କାରକ ତଥା ବେଦ ବିଶାରଦ ଇଂ. ପ୍ରିୟବ୍ରତ ଦାସଙ୍କୁ ଭେଟିବା ସହ ଶ୍ରୀ ପ୍ରଧାନ ତାଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ମଧ୍ୟ କରିଛନ୍ତି। ଏଥିସହ ସମାଜର ବୃହତ୍ତର ହିତରେ ଆର୍ଯ୍ୟ ସମାଜର ଏହି ପ୍ରୟାସ ବାସ୍ତବିକ ପ୍ରଶଂସନୀୟ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି।

# ଘର ଘର ବୁଲି କାର୍ଯ୍ୟାଦେଶ ବାଣ୍ଟିଲେ ଅପରାଜିତା

**ଭୁବନେଶ୍ୱର,୩୦।୩(ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ମହତ୍ତ୍ୱାକାଂକ୍ଷୀ ଅନ୍ତ୍ୟୋଦୟ ଗୃହ ଯୋଜନା ଆଜି ଆରମ୍ଭ ହୋଇଥିବା ବେଳେ ଆଜି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ବେଗୁନିଆ ବୋଲଗଡ଼ ବ୍ଲକରେ ଗରିବ ହିତାଧିକାରୀଙ୍କୁ ଏହି ଯୋଜନାର କାର୍ଯ୍ୟାଦେଶ ବଣ୍ଟନ କରିଛନ୍ତି। ବୋଲଗଡ଼ ବ୍ଲକର ୧୯ଟି ପଞ୍ଚାୟତ ଓ ବେଗୁନିଆ ବ୍ଲକର ୨୧ଟି ପଞ୍ଚାୟତ ଏହିପରି ମୋଟ ୪୦ଟି ପଞ୍ଚାୟତର ଯଥାକ୍ରମେ ୧୭୦ ଓ ୧୯୦ ଏହିପରି ମୋଟ ୩୬୦ ଜଣ ଗରିବ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ବୋଲଗଡ ବିଡିଓ ଶରଦ କୁମାର ମଲ୍ଲିକ ଓ ବେଗୁନିଆ ବିଡିଓ ଲକ୍ଷ୍ମୀଧର ସାହୁଙ୍କ ଉପସ୍ଥିତିରେ ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ ଏହି ସମସ୍ତ କାର୍ଯ୍ୟାଦେଶ ବଣ୍ଟନ କରିଛନ୍ତି। ଏହି କାର୍ଯ୍ୟାଦେଶ ବଳରେ ଗୋଟିଏ ପକ୍କା ଘର ନିର୍ମାଣ ପାଇଁ ୧ ଲକ୍ଷ ୬୨ ହଜାର ଟଙ୍କା ହିତାଧିକାରୀଙ୍କ ଖାତାକୁ ପର୍ଯ୍ୟାୟ କ୍ରମେ ଯିବ ବୋଲି ସୂଚନା ଦିଆଯାଇଛି।

ବର୍ଷ ବର୍ଷ ଧରି ସରକାରୀ ପକ୍କା ଘର ଖଣ୍ଡିଏ ପାଇଁ ଆଶାରେ ଥିବା ଲୋକେ ହାତରେ କାର୍ଯ୍ୟାଦେଶ ପାଇବା ବେଳେ ସେମାନଙ୍କ ମୁହଁରେ ହସ ଫୁଟିଉଠିଥିଲା। କାରଣ ମୁଣ୍ଡ ଉପରେ ପକ୍କାଘର ସ୍ୱପ୍ନ ସେମାନଙ୍କର ସାକାର ହେବ। ଆଉ ବନ୍ୟା, ବାତ୍ୟା କି ଘରପୋଡ଼ି ପରି ବିପତ୍ତି ସେମାନଙ୍କୁ ବେସାହାରା କରିପାରିବ ନାହିଁ। ଅନ୍ତ୍ୟୋଦୟ ଗୃହ ଯୋଜନାରେ ନିଜ ସଂସଦୀୟ କ୍ଷେତ୍ରରେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ମିଳିଥିବାରୁ ଏଥିସକାଶେ ଶ୍ରୀମତୀ ଷଡ଼ଙ୍ଗୀ ରାଜ୍ୟ ସରକାର ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଦେଇଛନ୍ତି।

ଶ୍ରୀମତୀ ଷଡ଼ଙ୍ଗୀ କହିଛନ୍ତି ଯେ ରାଜ୍ୟ ସରକାର ଆଗାମୀ ଆର୍ଥିକ ବର୍ଷ ପାଇଁ ଉପସ୍ଥାପନ କରିଥିବା ବଜେଟ୍‌ରେ ଅନ୍ତ୍ୟୋଦୟ ଗୃହ ଯୋଜନା ପାଇଁ ୭ ହଜାର ୭୫୦ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି। ଗରିବ ସୀମାରେଖା ତଳେ ଥିବା ପରିବାରକୁ ପକ୍କା ଘର ଯୋଗାଇଦେବା ସକାଶେ ସରକାର ଏହି ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏହା ଅଧୀନରେ ଆସନ୍ତା ୩ ବର୍ଷରେ ଅତି କମ୍‌ରେ ୨.୨୫ ଲକ୍ଷ ପକ୍କା ଘର ମଞ୍ଜୁର କରାଯିବ। ୨୦୨୫-୨୬ ଆର୍ଥିକ ବର୍ଷରେ ୭୫ ହଜାର ପକ୍କା ଘର ନିର୍ମାଣ ଲକ୍ଷ୍ୟ ରହିଥିବା ବେଳେ ବଜେଟରେ ଏଥିସକାଶେ ୨ ହଜାର ୬୦୩ କୋଟି ବ୍ୟୟ ବରାଦ ହୋଇଛି ବୋଲି ଶ୍ରୀମତୀ ଷଡ଼ଙ୍ଗୀ କହିଛନ୍ତି। ଅନ୍ୟପକ୍ଷରେ ଅନ୍ତ୍ୟୋଦୟ ଗୃହ କାର୍ଯ୍ୟାଦେଶ ବଣ୍ଟନ ସମୟରେ ନିଜ ସଂସଦୀୟ କ୍ଷେତ୍ରର ଲୋକଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନର ୫ଟି ଲକ୍ଷ୍ୟ ସମ୍ପର୍କରେ ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି। ତାଙ୍କ ସଂସଦୀୟ କ୍ଷେତ୍ରରେ ପ୍ରତି ଗାଁରେ ପ୍ରତି ଘରକୁ ଗ୍ୟାସ, ବିଜୁଳି, ସ୍ୱଚ୍ଛ ପାନୀୟ ଜଳ ସହ ପକ୍କା ସଡ଼କ ଓ ପକ୍କା ଘର ନିହାତି ଯୋଗାଇ ଦିଆଯିବ। କୌଣସି ଯୋଗ୍ୟ ହିତାଧିକାରୀ ଯେପରି ସରକାରୀ ଯୋଜନାରୁ ବଞ୍ଚିତ ନ ହେବେ, ସେଥିପ୍ରତି ସ୍ୱତନ୍ତ୍ର ନଜର ରଖାଯିବ ବୋଲି ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ କହିଛନ୍ତି। କାର୍ଯ୍ୟକ୍ରମରେ ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ପ୍ରକାଶ ବିଜୁଳି, ସାଂସଦଙ୍କ ବୋଲଗଡ଼ ପ୍ରତିନିଧି ବିଦ୍ୟୁତ କାଣ୍ଡି, ରବୀନ୍ଦ୍ରନାଥ ସୁବୁଦ୍ଧି, ସାଂସଦଙ୍କ ବେଗୁନିଆ ପ୍ରତିନିଧି ଲକ୍ଷ୍ମୀଧର ପାଢଶାଣୀ ଉପସ୍ଥିତ ଥିଲେ।

**୪୦ ପଞ୍ଚାୟତର ୩୬୦ ହିତାଧିକାରୀଙ୍କ ମୁହଁରେ ଫୁଟିଲା ହସ**



## ବନ୍ଧାହେଲେ ଏପିଏମ୍

### ଆୟଠାରୁ ୧୧୪ ପ୍ରତିଶତ ଅଧିକ ସମ୍ପତ୍ତି

**ଭୁବନେଶ୍ୱର, ୩୦।୩ (ସଂଚାର ବ୍ୟୁରୋ):** ଭିଜିଲାନ୍ସ ରବିବାର ଓଡ଼ିଶା ଜଳ ଯୋଗାଣ ଓ ସ୍ୱେରେଜ୍ ବୋର୍ଡ (ଓଡବ୍ଲ୍ୟୁଏସ୍ଏସ୍ଏବି) ଭୁବନେଶ୍ୱରର ସହକାରୀ ପ୍ରକଳ୍ପ ପରିଚାଳକ (ଏପିଏମ୍) ଦେବାଶିଷ ସାହୁଙ୍କୁ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗିରଫ କରିଛି। ଦେବାଶିଷ ତାଙ୍କ ଆୟରୁ ୧୧୪ ପ୍ରତିଶତ ଅଧିକ ସମ୍ପତ୍ତି ଠୁଳ କରିଥିବା ବେଳେ ଏନେଇ ସନ୍ତୋଷଜନକ ହିସାବ ଦେଇପାରି ନଥିବାରୁ ତାଙ୍କୁ ଗିରଫ କରାଯାଇଛି। ଭିଜିଲାନ୍ସ ଅଧିକାରୀମାନେ ଶ୍ରୀ ସାହୁଙ୍କୁ ଗିରଫ କରିବା ପରେ ତାଙ୍କୁ ସ୍ଥାନୀୟ ଭିଜିଲାନ୍ସ କୋର୍ଟଙ୍କ ସ୍ୱତନ୍ତ୍ର ବିଚାରପତିଙ୍କ ନିକଟରେ ହାଜର କରିଥିଲେ। ଏହି ମାମଲାରେ ଭୁବନେଶ୍ୱର ଭିଜିଲାନ୍ସ ଶ୍ରୀ ସାହୁ ଓ ତାଙ୍କ ପତ୍ନୀଙ୍କ ବିରୋଧରେ ମାମଲା ରୁଜୁ କରିଛି। ଅନୁସନ୍ଧାନ ସମୟରେ ଶ୍ରୀ ସାହୁ ଓ ତାଙ୍କ ପରିବାର ସଦସ୍ୟଙ୍କ ନାମରେ କୋଟି କୋଟି ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ ହୋଇଥିଲା।



### ଭୁବନେଶ୍ୱର ବ୍ଲକ୍‌ରେ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ କଲେ ବିଧାୟକ

## ଲୋକଙ୍କ ସରକାରରେ ସାକାର ହେଉଛି ଲୋକଙ୍କ ସ୍ୱପ୍ନ



**ଭୁବନେଶ୍ୱର,୩୦।୩(ସଂଚାର ବ୍ୟୁରୋ):** ଆଜି ଭୁବନେଶ୍ୱର ବ୍ଲକରେ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ କରିଛନ୍ତି ବିଧାୟକ ବାବୁ ସିଂ। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ପଞ୍ଚାୟତ ସମିତିର ଅଧ୍ୟକ୍ଷା ନିରୁପମା ସାହୁ, ପଞ୍ଚାୟତ ସମିତିର ମଣ୍ଡଳ ଉନ୍ନୟନ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ପଞ୍ଚାୟତ ସମିତିର ଉପାଧ୍ୟକ୍ଷ ଅଜିତ ଶ୍ରୀଚନ୍ଦନଙ୍କ ସହ ୨୦ଟି ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ବିଧାୟକ ବାବୁ ସିଂ କହିଛନ୍ତି ଯେ ପ୍ରତିଶ୍ରୁତି ପୂରଣ ହେଉଛି। ଲୋକଙ୍କ ସରକାରରେ ଲୋକଙ୍କ ସ୍ୱପ୍ନ ସାକାର ହେଉଛି। ସମାଜର ଦୁର୍ବଳ ତଥା ଅସହାୟ ଲୋକଙ୍କ ଆଶ୍ରୟ ସୁରକ୍ଷାକୁ ପ୍ରାଥମିକତା ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଳାହାଣ୍ଡି ଜିଲ୍ଲା ଭବାନୀପାଟଣାଠାରେ 'ଅନ୍ତ୍ୟୋଦୟ ଗୃହ ଯୋଜନା'ର ଶୁଭାରମ୍ଭ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ୫୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ଯୋଜନା ସହ ଯୋଡ଼ାଯାଇଛି। ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱର ପଞ୍ଚାୟତ ସମିତିର ୨୦ଟି ପଞ୍ଚାୟତର ୭୩ ଜଣ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଦୁର୍ବଳ ଶ୍ରେଣୀର ଲୋକଙ୍କୁ ପକ୍କାଘର ବଣ୍ଟନ କରାଯାଇଛି। ଭିନ୍ନକ୍ଷମ, ବିଧବା, ଦୁରାରୋଗରେ ପୀଡ଼ିତ ବ୍ୟକ୍ତି ଓ ଶହୀଦ ପରିବାର, ପଦ୍ମଶ୍ରୀ ପାଇଥିବା ବ୍ୟକ୍ତିଙ୍କ ପରିବାର, ବନ୍ୟା ଓ ବାତ୍ୟା ଏବଂ ଅଗ୍ନିକାଣ୍ଡ ପରି ଦୁର୍ବିପାକର ପ୍ରଭାବିତ ବ୍ୟକ୍ତିଙ୍କୁ ଏହି ଯୋଜନାରେ ସାମିଲ କରାଯିବ। ଓଡ଼ିଶାରେ ମୋହନ ସରକାର ବଜେଟ୍‌ରେ ଗରିବଙ୍କୁ ପକ୍କା ବାସ ଗୃହ ଦେବା ପାଇଁ ବଡ଼ ଲକ୍ଷ୍ୟ ରଖିଛନ୍ତି। ବଜେଟ୍‌ରେ ଅନ୍ତ୍ୟୋଦୟ ଯୋଜନା ଲାଗି ୭୭୫୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାରକୁ ପକ୍କା ଘର ଯୋଗାଇବାକୁ ଅନ୍ତ୍ୟୋଦୟ ଗୃହ ଯୋଜନା ରାଜ୍ୟ ସରକାରଙ୍କ ଏକ ମହତ୍ତ୍ୱାକାଂକ୍ଷୀ ଯୋଜନା ରହିଛି। ଏହା ଅଧୀନରେ ଆସନ୍ତା ୩ ବର୍ଷରେ ଅତି କମ୍‌ରେ ୨ ଲକ୍ଷ ୨୫ ହଜାର ନୂତନ ପକ୍କା ଘର ମଞ୍ଜୁର କରାଯିବ। ୨୦୨୫-୨୬ରେ ୭୫ ହଜାର ଗୃହ ନିର୍ମାଣ ପାଇଁ ଲକ୍ଷ୍ୟ ରଖାଯାଇଛି। ଚଳିତ ବଜେଟ୍‌ରେ ଏଥିପାଇଁ ୨ ହଜାର ୬୦୩ କୋଟି ବ୍ୟୟବରାଦ ହୋଇଛି। ସମସ୍ତଙ୍କ ପକ୍କାଘରର ସ୍ୱପ୍ନ ହେଉଛି ପୂରଣ। ଅନ୍ତ୍ୟୋଦୟ ଗୃହ ଯୋଜନାରେ ନିରାଶ୍ରୟଙ୍କ ମୁଣ୍ଡକୁ ସରକାର ଛାତ ଯୋଗାଇ ଦେଉଛନ୍ତି ବୋଲି ବିଧାୟକ ଶ୍ରୀ ସିଂ କହିଛନ୍ତି।

**୨୦ଟି ପଞ୍ଚାୟତର ୭୩ ହିତାଧିକାରୀଙ୍କୁ ପକ୍କାଘର ବଣ୍ଟନ**

### ● ୧.୪ କୋଟି ଟଙ୍କାର ସାଇବର ଠକେଇ ମାମଲା

# ୭ ଆନ୍ତଃରାଜ୍ୟ ଠକ ଗିରଫ, ୧୯ ଲକ୍ଷ ଉଦ୍ଧାର

- ● ମୋବାଇଲ୍, ଆଧାର କାର୍ଡ ଓ ପାନ୍ କାର୍ଡ ଜବତ
- ● ଠକେଇର ଶିକାର ହୋଇଛନ୍ତି ଜଣେ ବିଧାୟକ

**ଭୁବନେଶ୍ୱର,୩୦।୩(ସଂଚାର ବ୍ୟୁରୋ):** ଗତ ଜାନୁଆରୀ ମାସରେ ୧.୪ କୋଟି ଟଙ୍କାର ସାଇବର୍ ଠକେଇ ହୋଇଥିବା ବେଳେ ଏହି ମାମଲାରେ ଆଜି କମିଶନରେଟ୍ ପୁଲିସ୍‌କୁ ବଡ଼ ଧରଣର ସଫଳତା ମିଳିଛି। ଏହି ମାମଲାରେ ସିଆଇଡି କ୍ରାଇମ୍ ବ୍ରାଞ୍ଚ୍ ଆଜି ୭ ଜଣ ଆନ୍ତଃରାଜ୍ୟ ଠକଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ୧୯ ଲକ୍ଷ ଟଙ୍କା ଜବତ କରାଯାଇଛି। ତେବେ ଏହି ଠକେଇର ଶିକାର ହୋଇଥିବା ବ୍ୟକ୍ତି ଜଣଙ୍କ ଜଣେ ବିଧାୟକ ବୋଲି ଜଣାପଡ଼ିଛି। ଗତ ଜାନୁଆରୀ ୧୩ ତାରିଖରେ ସେ ସାଇବର ଅପରାଧ ଥାନାରେ ଏକ ଅଭିଯୋଗ ଦାଖଲ କରିଥିଲେ। ଆଇପିଓ (ଇନିସିଆଲ୍ ପବ୍ଲିକ୍ ଅଫର୍) ଓ ଓଟିସି (ଓଭର୍ ଦି କାଉଣ୍ଟର୍) ଟ୍ରେଡିଂରେ ମୋଟା ଅଙ୍କର ଲାଭ ଲୋଭ ଦେଖାଇ ସାଇବର ଠକମାନେ ତାଙ୍କଠାରୁ ୧.୪ କୋଟି ଟଙ୍କା ଲୁଟିନେଇଥିବା ଉକ୍ତ ବିଧାୟକ ଜଣଙ୍କ ଅଭିଯୋଗ କରିଥିଲେ। ଉକ୍ତ ସାଇବର୍ ଠକମାନେ ତାଙ୍କଠାରୁ ଗତବର୍ଷ ନଭେମ୍ବର ୧୩ରୁ ୨୦୨୫ ଜାନୁଆରୀ ୧ ତାରିଖ ମଧ୍ୟରେ ଏହି ଟଙ୍କା ଲୁଟିନେଇଥିବା ସେ ଅଭିଯୋଗରେ ଦର୍ଶାଇଥିଲେ। ଅଭିଯୋଗକୁ ଭିତ୍ତି କରି ସାଇବର୍ ଥାନା ପକ୍ଷରୁ ମାମଲା ରୁଜୁ କରାଯିବା ସହ ତଦନ୍ତ ଆରମ୍ଭ ହୋଇଥିଲା। ଅଭିଯୁକ୍ତମାନଙ୍କ ଟ୍ରାଞ୍ଜାକ୍ସନ୍ ବିବରଣୀ ଓ ଅନ୍ୟାନ୍ୟ ଡିଜିଟାଲ୍ ପ୍ରମାଣର ବ୍ୟାପକ ପରୀକ୍ଷା ପରେ ଶେଷରେ ଏହି ୭ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରେ ୪ ଜଣ କର୍ଣ୍ଣାଟକର ହୋଇଥିବା ବେଳେ ଅବଶିଷ୍ଟ ୩ ଜଣ ତାମିଲନାଡୁ ବାସିନ୍ଦା ବୋଲି ଜଣାପଡ଼ିଛି। ସେମାନେ ହେଲେ କର୍ଣ୍ଣାଟକର ଜ୍ୟୋତି ରାଜୁ, ରାଜୁ ସି, ଇସ୍ମାଇଲ୍ ରାହାଇଦ୍ ଓ ବାସିମ୍ ଏବଂ ତାମିଲନାଡୁର ପଙ୍ଗାରାଜା ଏସ୍, ଜେଗାଥୀଶ୍ ରାଧାକ୍ରିଷ୍ଣନ୍ ଓ ଇ. ସାର୍ଥୀକୁମାରାଭେଲ୍। ସେମାନଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତା (ବିଏନ୍ଏସ୍‌ର ଧାରା ୩୧୮ (୪), ୩୧୯(୨), ୩୩୬(୨), ୩୩୬(୩), ୩୩୮, ୩୪୦(୨), ୬୧(୨) ଏବଂ ୩(୫) ଏବଂ ତଥ୍ୟ ପ୍ରଯୁକ୍ତି ଆଇନ, ୨୦୦୦ର ଧାରା ୬୬-ସି ଏବଂ ୬୬-ଡି ଅନୁଯାୟୀ ମାମଲା ରୁଜୁ କରାଯାଇଛି। ଗିରଫ ପରେ ଅଭିଯୁକ୍ତମାନଙ୍କୁ କର୍ଣ୍ଣାଟକର ବାଙ୍ଗାଲୋର୍ ଏକାଦଶ ଏସିଜେଏମ୍, କୋର୍ଟ ମେୟୋ ହଲ୍, ଜେଏମ୍ଏଫ୍‌ସି-୩, ଶିଭମୋଗା, ଜେଏମ୍ଏଫ୍‌ସି ପେରିୟାପଙ୍ଗା ଏବଂ ତାମିଲନାଡୁ କୋର୍ଟରେ ହାଜର କରାଯିବା ପରେ ସେମାନଙ୍କୁ ଟ୍ରାନ୍‌ଜିଟ୍ ରିମାଣ୍ଡ୍‌ରେ ଓଡ଼ିଶା ଅଣାଯାଇଛି। ସେମାନଙ୍କଠାରୁ ଟଙ୍କା ସହ ମୋବାଇଲ୍, ସିମ୍, ହ୍ୱାଟସଆପ୍ ଚାଟ୍ ସ୍କ୍ରିନଶଟ୍, ଆଧାର କାର୍ଡ ଓ ପାନ୍ କାର୍ଡ, ବ୍ୟାଙ୍କ୍ ପାସ୍‌ବୁକ୍, ଚେକ୍‌ବୁକ୍ ଓ ଡେବିଟ୍ କାର୍ଡ ଆଦି ମଧ୍ୟ ଜବତ କରାଯାଇଛି। ଏଥିସହ ସମସ୍ତ ଠକଙ୍କ ବ୍ୟାଙ୍କ୍ ଆକାଉଣ୍ଟ୍‌କୁ ଫ୍ରିଜ୍ କରାଯାଇଥିବା ଅପରାଧ ଶାଖା ୟୁନିଟ୍ ପକ୍ଷରୁ ସୂଚନା ଦିଆଯାଇଛି। ଏଥିସହ ଅନଲାଇନ୍‌ରେ କୌଣସି ପ୍ରକାର ଦେଣନେଣ ସମୟରେ ଜନସାଧାରଣ ବ୍ୟାପକ ସଚେତନତା ଆପଣାଇବାକୁ ନିବେଦନ କରାଯାଇଛି। ଯଦି କେହି ଅନଲାଇନ୍ ଠକେଇର ଶିକାର ହେଉଛନ୍ତି, ସେମାନେ ୧୯୩୦ ହେଲପଲାଇନ୍‌ରେ ଯୋଗାଯୋଗ କରି ତୁରନ୍ତ ମାମଲା ରୁଜୁ କରିବାକୁ ପରାମର୍ଶ ଦିଆଯାଇଛି।

**ଫୋନ୍ କରି ପାଖକୁ ଡାକିଲେ**

# ଗୁଳିରେ ନେଲେ ବିଜେପି କର୍ମୀଙ୍କ ଜୀବନ

**କବିସୂର୍ଯ୍ୟନଗର,୩୦।୩(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗରରେ ଆଜି ଏକ ଗୁଳିକାଣ୍ଡ ଘଟଣା ଘଟିଥିବା ବେଳେ ଏଥିରେ ଜଣେ ବିଜେପି କର୍ମୀଙ୍କ ଜୀବନ ଯାଇଛି। ଏଠାକାର ଆଠଗଡ଼ ପାଟଣାର ଉକ୍ତ ବିଜେପି କର୍ମୀଙ୍କୁ ଦୁଇ ଜଣ ଦୁର୍ବୃତ୍ତ ବେଶ୍ ନିକଟରୁ ଗୁଳିମାଡ଼ କରିଥିବା ବେଳେ ଗୋଟିଏ ରାଉଣ୍ଡ ଗୁଳି ତାଙ୍କ କପାଳରେ ବାଜିବା ଫଳରେ ସେ ଟଳିପଡ଼ିଥିଲେ। ତେବେ ତାଙ୍କ ଦେହର ଅନ୍ୟ କୌଣସି ସ୍ଥାନରେ କ୍ଷତ ନ ଥିବା ପ୍ରାଥମିକ ତଦନ୍ତ ସମୟରେ ଦେଖିବାକୁ ମିଳିଥିଲା। ମୃତକ ଜଣଙ୍କ ଲକ୍ଷ୍ମୀନାରାୟଣ ପାଇକରାୟ ଓରଫ କୁନା ବୋଲି ଜଣାପଡ଼ିଥିବା ବେଳେ ସେ ଜଣେ ବରିଷ୍ଠ କାର୍ଯ୍ୟକର୍ତ୍ତା ଥିଲେ ହେଁ ତାଙ୍କ ନାମରେ ଏକାଧିକ ଆପରାଧିକ ମାମଲା ରହିଛି। ସେ ଗଞ୍ଜାମ ଜିଲ୍ଲା ଦଣ୍ଡନାଚ କମିଟିର ମଧ୍ୟ ସଦସ୍ୟ ଥିଲେ ବୋଲି ଜଣାପଡ଼ିଛି।

ମିଳିଥିବା ସୂଚନାନୁସାରେ, କବିସୂର୍ଯ୍ୟନଗର ଥାନା ପଥରାପଲ୍ଲୀ କୁକୁଡ଼ାଫାର୍ମ ନିକଟସ୍ଥ ଏକ କଲଭର୍ଟଠାରେ କେତେକ ଦୁର୍ବୃତ୍ତ କଲଭର୍ଟ କାମ ଦେଖିବାକୁ ଆସି ଭିଡିଓ ବନାଉଥିଲେ। ସେମାନେ ସେଠାରୁ ଫୋନ୍ କରି କୁନାଙ୍କୁ କାମ ପାଖକୁ ଡାକିଥିଲେ। କୁନା ସେଠାରେ ପହଞ୍ଚିବା ପରେ ଉକ୍ତ ଦୁଇ ଦୁର୍ବୃତ୍ତଙ୍କ ମଧ୍ୟରୁ ଜଣେ କାମ ବିଷୟରେ ପଚାରିଥିବା ବେଳେ ଅନ୍ୟ ଜଣଙ୍କ ଅତି ନିକଟରୁ ତାଙ୍କ ଉପରକୁ ଗୁଳି ଚଳାଇଥିଲେ। ଫଳରେ କୁନା ତଳେ ପଡ଼ିଯାଇଥିଲେ। ତାଙ୍କୁ ନିକଟସ୍ଥ କବିସୂର୍ଯ୍ୟନଗର ମେଡିକାଲରେ ଭର୍ତ୍ତି କରାଯାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ନାୟକ ଖବର ପାଇ ମେଡିକାଲରେ ପହଞ୍ଚି ଘଟଣା ସମ୍ପର୍କରେ ବୁଝିବା ସହ ନ୍ୟାୟିକ ତଦନ୍ତ ପାଇଁ ଦାବି କରିଛନ୍ତି। ଅନ୍ୟପକ୍ଷରେ ଘଟଣାସ୍ଥଳରେ ପହଞ୍ଚି ପୁଲିସ୍ କୁନାଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ମେଡିକାଲ୍‌କୁ ପଠାଇଛି। ତେବେ ହତ୍ୟାକାଣ୍ଡର ପ୍ରକୃତ କାରଣ କ'ଣ, ସେନେଇ କିଛି ବି ଜଣାପଡ଼ିନାହିଁ।



Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭାଂଶୁ ଭୂଷଣ କର






## ଆଜିର ସୁନା ଦର

ଦେଶ ଓ ରାଜ୍ୟରେ ଜାରି ହୋଇଛି ସୁନା ଓ ରୂପାର ନୂଆ ଦର। ପ୍ରତିଦିନ ସୁନା ଓ ରୂପା ଦର ନିର୍ଦ୍ଧାରଣ କରାଯାଇଥାଏ। କେଉଁ ଦିନ ଦର କମିଥାଏ ତ କେବେ ବଢ଼ିଥାଏ ଆଉ ପୁଣି କେବେ ସମାନ ରହିଥାଏ। ସୁନା କିଣିବାକୁ ଯାଉଥିଲେ ନଜର ପକାନ୍ତୁ ଆଜି ଓଡ଼ିଶା ସମେତ ଦେଶର ପ୍ରମୁଖ ସହର ମାନଙ୍କରେ କେତେ ରହିଛି ସୁନା ଦର। ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ୧୦ ଗ୍ରାମ ପିଛା ୯୧ ହଜାର ୨୦୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୮୩ ହଜାର ୬୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୧ ହଜାର ୨୦୦ ଟଙ୍କା ହୋଇଛି। ଏହାସହ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୮୩, ୬୦୦ ଟଙ୍କା ଛୁଇଁଛି। ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୮୩,୬୦୦ ଟଙ୍କା ଓ ୯୧, ୨୦୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୮୩, ୭୫୦ ଟଙ୍କା ଓ ୯୧, ୩୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୮୩,୬୦୦ ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୯୧, ୨୦୦ ଟଙ୍କା ଥିବା ରେକର୍ଡ ହୋଇଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୮୩, ୬୦୦ ଓ ୯୧,୨୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୦୪,୦୦୦ ଟଙ୍କା ହୋଇଛି।

# ଲଞ୍ଚ ହେଲା ପାୱାରଫୁଲ୍ ଲ୍ୟାଣ୍ଡ ରୋଭର୍ ଡିଫେଣ୍ଡର୍ ଓକ୍ଟା

**ନୂଆଦିଲ୍ଲୀ, ୩୦।୩:** ଲ୍ୟାଣ୍ଡ ରୋଭର ଗତ ବର୍ଷ ମଧଭାଗରେ ଡିଫେଣ୍ଡର୍ ଓକ୍ଟାକୁ ଉନ୍ମୋଚନ କରିଥିଲା। ହେଲେ ବର୍ତ୍ତମାନ ଏହାକୁ ଭାରତରେ ୨.୫୯ କୋଟି ଟଙ୍କାର ପ୍ରାରମ୍ଭିକ ମୂଲ୍ୟରେ ଲଞ୍ଚ କରାଯାଇଛି। ସବୁଠାରୁ ପାୱାରଫୁଲ୍ ଏବଂ ଷ୍ଟାଇଲିସ୍ ଡିଫେଣ୍ଡର ଭାବରେ ବଜାରକୁ ଆସିଥିବା ଏହି ଓକ୍ଟାରେ ୪.୪ ଲିଟର ଟ୍ୱିନ୍-ଟର୍ବୋ ମାଇଲ୍ଡ-ହାଇବ୍ରିଡ୍ ଭି୮ ଇଞ୍ଜିନ୍ ଦିଆଯାଇଛି। ଏଥି ସହ ୬୨୯ଏଚପି ଏବଂ ୮୦୦ ଏନଏମ ପର୍ଯ୍ୟନ୍ତ ଟର୍କ୍ ଜେନେରେଟ୍ କରୁଥିବା ଏହା ବର୍ତ୍ତମାନର ସବୁଠାରୁ ପାୱାରଫୁଲ୍ ଡିଫେଣ୍ଡର। ଏହି ଗାଡ଼ିଟି ଦମଦାର୍ ଭି୮ ଇଞ୍ଜିନ୍ ସହିତ ଲେସ୍। ଡିଫେଣ୍ଡର୍ ଓକ୍ଟା ମାତ୍ର ୩.୮ ସେକେଣ୍ଡରେ ୦ ରୁ ୧୦୦ କିଲୋମିଟର ପ୍ରତି ଘଣ୍ଟା ବେଗରେ ଗତି କରେ। ଏଥି ସହ ଏହାର ସର୍ବାଧିକ ଗତି ୨୫୦ କିଲୋମିଟର ପ୍ରତି ଘଣ୍ଟା ରହିଛି। ଇଞ୍ଜିନକୁ ୮-ସ୍ପିଡ୍ ଅଟୋମେଟିକ୍ ଟ୍ରାନ୍ସମିସନ୍ ସହିତ ଆଡ୍ କରାଯାଇଛି।



ଷ୍ଟାଣ୍ଡାର୍ଡ ଡିଫେଣ୍ଡର ତୁଳନାରେ ଅଫ୍-ରୋଡ୍ ଏବଂ ଅନ୍-ରୋଡ୍ ପରଫରମାନ୍ସକୁ ଉନ୍ନତ କରିବା ପାଇଁ ଡିଜାଇନ୍ କରାଯାଇଛି। ଏଥି ସହ ଏହି Octa ରେ ଅନେକ ଦମଦାର୍ ଅପଗ୍ରେଡ୍ ରହିଛି, ଯାହା ଏହା ବଜାରରେ ସବୁଠାରୁ ପାୱାରଫୁଲ୍ ଏସୟୁଭି ମଧ୍ୟରୁ ଗୋଟିଏ। ଲ୍ୟାଣ୍ଡ ରୋଭର୍ ହିଫେଣ୍ଡର୍ ଓକ୍ଟା ଏକ ଗୁରୁତ୍ୱପୂର୍ଣ୍ଣ ଭାବରେ ଅପଗ୍ରେଡ୍ ହୋଇଥିବା ଚେସିସ୍ ସହିତ ଆସିଥାଏ। ଯେଉଁଥିରେ ଲ୍ୟାଣ୍ଡ ରୋଭର୍‌ର ୬ଡି ଡାଇନାମିକ୍ସ ସସପେନସନ୍ ସିଷ୍ଟମ ରହିଛି, ଯାହା ଏହାର ଡ୍ରାଇଭିଂ ଡାଇନାମିକ୍ସକୁ ବଢ଼ାଇବା ପାଇଁ ପିଚ୍ ଏବଂ ରୋଲ କଣ୍ଟ୍ରୋଲ୍ ପ୍ରଦାନ କରିଥାଏ। ଏହି ଗାଡ଼ିଟି ଖରାପ ରାସ୍ତା ହେଉ କିମ୍ବା ଭଲ ରାସ୍ତାରେ ହେଉ ଭଲ କମ୍ଫର୍ଟ ପ୍ରଦାନ କରିବ। ଏହାର ସବୁଠାରୁ ପାୱାରଫୁଲ୍ ଜିନିଷ ହେଉଛି ଏହାର ଏଗ୍ରେସିଭ୍ ଡିଜାଇନ୍ ଯାହା ସମସ୍ତଙ୍କୁ ପାଗଳ କରିଦେବ, ସେ ଛୋଟ ପିଲା ହୁଅନ୍ତୁ କିମ୍ବା ବୁଢ଼ା।

## ଏବେ ମୋଟରସାଇକେଲ କିଣିଲେ ମିଳିବ ଦୁଇଟି ଆଇଏସଆଇ ସାର୍ଟିଫାଏଡ୍ ହେଲ୍‌ମେଟ୍

**ନୂଆଦିଲ୍ଲୀ, ୩୦।୩:** ଏବେ ମୋଟରସାଇକେଲ କିଣିବାକୁ ଗଲେ ସାଙ୍ଗରେ ମିଳିବ ଦୁଇଟି ଆଇଏସଆଇ ସାର୍ଟିଫାଏଡ୍ ହେଲମେଟ୍। ମୋଟରସାଇକେଲ କମ୍ପାନୀ ଗାଡ଼ି ସହିତ ଯାତ୍ରୀଙ୍କୁ ଦୁଇଟି ଆଇଏସଆଇ ସାର୍ଟିଫାଏଡ ହେଲ୍‌ମେଟ୍ ବିକ୍ରି କରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ନିକଟରେ ଦିଲ୍ଲୀର ହୋଇଥିବା ଏକ ଅଟୋ ସମ୍ମିଳନୀରେ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରି ଏହି ଘୋଷଣା କରିଛନ୍ତି। ଲୋକଙ୍କ ସୁରକ୍ଷା ଜରୁରୀ ବୋଲି ମନ୍ତ୍ରୀ କହିଛନ୍ତି। କମ୍ପାନୀଙ୍କୁ ମୋଟରସାଇକେଲ ସହିତ ଯାତ୍ରୀମାନଙ୍କୁ ଦୁଇଟି ହେଲ୍‌ମେଟ ଦେବାକୁ ଟୁ-ହ୍ୱିଲର ମ୍ୟାନୁଫେକ୍ଚର୍ସ ଆସୋସିଏସନ ଅଫ୍ ଇଣ୍ଡିଆ (ଟିଏଚଏମଏ) ବହୁ ଦିନରୁ ଦାବି କରି ଆସୁଥିଲା। ଏବେ କେନ୍ଦ୍ରମନ୍ତ୍ରୀଙ୍କ ଏଭଳି ଘୋଷଣା ପରେ ଟିଏଚଏମଏ ଏହାକୁ ଦୃଢ଼ ସମର୍ଥନ କରିଛି। କେନ୍ଦ୍ରମନ୍ତ୍ରୀଙ୍କ ଘୋଷଣାକୁ ପ୍ରଶଂସା କରି ଟିଏଚଏମଏର ଅଧ୍ୟକ୍ଷ ରାଜୀବ କପୁର କହିଛନ୍ତି "ଏହା କେବଳ ଏକ ନିୟମ ନୁହେଁ; ଏହା ଏକ ଜାତୀୟ ଆବଶ୍ୟକତା। ଏଭଳି ନିର୍ଦ୍ଦେଶ ଭବିଷ୍ୟତରେ ଏହି କ୍ଷତିକୁ ରୋକିପାରିବ ବୋଲି ଦୁର୍ଘଟଣାରେ ପ୍ରିୟଜନଙ୍କୁ ହରାଇଥିବା ପରିବାର ମଧ୍ୟରେ ଆଶା ସଂଚାର କରିଛି।" ମୋଟରସାଇକେଲ ଯାତ୍ରା ଆଉ ବିପଦପୂର୍ଣ୍ଣ ହେବା କଥା ନୁହେଁ। ଚାଳକ ଓ ପଛରେ ବସିଥିବା ଯାତ୍ରୀ ହେଲ୍‌ମେଟ୍ ପିନ୍ଧି ଏହାକୁ ସୁରକ୍ଷିତ କରିବା ଉଚିତ୍ ବୋଲି ଆସୋସିଏସନ କହିଛି। ଏବଂ ଦେଶର ଚାହିଦା ପୂରଣ ପାଇଁ ଉଚ୍ଚମାନର ହେଲ୍‌ମେଟ ଉତ୍ପାଦନ ବଢାଇବାକୁ ଆସୋସିଏସନ ପ୍ରତିଶ୍ରୁତି ଦେଇଛି। ଭାରତରେ ପ୍ରତିବର୍ଷ ୪,୮୦,୦୦୦ରୁ ଅଧିକ ସଡ଼କ ଦୁର୍ଘଟଣା ଘଟୁଛି, ଏବଂ ୧,୮୮,୦୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହେଉଛି। ଏମାନଙ୍କ ମଧ୍ୟରୁ ୬୬% ମୃତକଙ୍କ ବୟସ ୧୮ ରୁ ୪୫ ବର୍ଷ ମଧ୍ୟରେ। ତେବେ ପ୍ରତିବର୍ଷ ଦୁଇଚକିଆ ଯାନ ଦୁର୍ଘଟଣାରେ ୬୯,୦୦୦ ରୁ ଅଧିକ ଲୋକଙ୍କର ପ୍ରାଣ ଯାଉଛି। ଦୁଇ ଚକିଆ ଯାନ ଦୁର୍ଘଟଣାରେ ପ୍ରାଣ ହରାଉଥିବା ମୋଟ ମୃତ୍ୟୁ ସଂଖ୍ୟାରୁ ୫୦% ହେଲମେଟ ପିନ୍ଧି ନଥିବାରୁ ହେଉଛି। ମୋଟରସାଇକଲେ ଚଲାଇଲା ବେଳେ ହେଲ୍‌ମେଟ୍ ପିନ୍ଧିବା କେତେ ଜରୁରୀ ଏଥିରୁ ଆପଣ ଜାଣିପାରୁଥିବେ। ତା' ଛଡ଼ା ହେଲ୍‌ମେଟ ପିନ୍ଧିଲେ ଆପଣଙ୍କ ଜୀବନ ସୁରକ୍ଷିତ ରହିବା ସହିତ ଟ୍ରାଫିକର ମୋଟା ଚାଲାଣରୁ ରକ୍ଷା ପାଇପାରିବେ। ଏଥିରେ ଦୁଇଟା ଫାଇଦା ରହିଛି। ତେଣୁ ଏଥର ଭାବନ୍ତୁ ହେଲ୍‌ମେଟ ପିନ୍ଧିବେ ନା ପୂର୍ବପରି ହେଲ୍‌ମେଟକୁ ବାଇକ ହ୍ୟାଣ୍ଡେଲ୍‌ରେ ଟାଙ୍ଗି କିମ୍ବା ସ୍କୁଟି ଡିକିରେ ରଖି ବିପଦପୂର୍ଣ୍ଣ ଯାତ୍ରା କରିବେ।

## ଇଣ୍ଡିଗୋ ଏୟାରଲାଇନ୍ସକୁ ୯୪୪ କୋଟି ଟଙ୍କାର ଜରିମାନା କଲା ଆୟକର ବିଭାଗ

**ନୂଆଦିଲ୍ଲୀ ୩୦।୩:** ଇଣ୍ଡିଗୋ ଏୟାରଲାଇନ୍ସ ମୂଳ କମ୍ପାନୀ ଇଣ୍ଟରଗ୍ଲୋବ୍ ଆଭିଏସନ୍ ଲିମିଟେଡକୁ ଶତାଧିକ କୋଟି ଟଙ୍କାର ଜରିମାନା ଲଗାଇଛି ଆୟକର ବିଭାଗ। ରବିବାର ଏନେଇ କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ୨୦୨୧-୨୨

### ଆଇନର ଦ୍ୱାରସ୍ଥ ହେବ କମ୍ପାନୀ

ମୂଲ୍ୟାଙ୍କନ (ଆସେସ୍‌ମେଣ୍ଟ) ବର୍ଷ ପାଇଁ ଆୟକର ବିଭାଗ ୯୪୪.୨୦ କୋଟି ଟଙ୍କାର ଫାଇନ କରିଛି ବୋଲି କମ୍ପାନୀ ସୂଚନା ଦେଇଛି। ତେବେ ଏହା ସମ୍ପୂର୍ଣ୍ଣ ଭୁଲ ଓ ଅଯଥା ଜରିମାନା ବୋଲି ଇଣ୍ଡିଗୋ ଦାବି କରିବା ସହିତ ଏହା ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି କମ୍ପାନୀ କହିଛି। ତେବେ ଏହି ନିର୍ଦ୍ଦେଶ ଏୟାରଲାଇନ୍ସ ଉପରେ କୌଣସି ପ୍ରଭାବ ପକାଇବ ନାହିଁ ବୋଲି ଇଣ୍ଡିଗୋ କହିଛି। ଏନେଇ ଇଣ୍ଡିଗୋ ଏୟାରଲାଇନ୍ସ ପକ୍ଷରୁ ଜାରି ହୋଇଥିବା ବିବୃତ୍ତିରେ କୁହାଯାଇଛି "ଆୟକର କର୍ତ୍ତୃପକ୍ଷ ୨୦୨୧-୨୨ ମୂଲ୍ୟାଙ୍କନ ବର୍ଷ ପାଇଁ ୯୪୪.୨୦ କୋଟି ଟଙ୍କାର ଜରିମାନା ଆଦେଶ ଦେଇଛନ୍ତି। ଏହି ଆଦେଶ ଏକ ଭୁଲ ବୁଝାମଣା ଆଧାରରେ ଦିଆଯାଇଛି। କମ୍ପାନୀ ଧାରା ୧୪୩(୩) ଅନୁଯାୟୀ ମୂଲ୍ୟାଙ୍କନ ଆଦେଶ




ବିରୁଦ୍ଧରେ ଆୟକର କମିଶନର (ଆପିଲ୍)ଙ୍କ ନିକଟରେ ଯେଉଁ ଅଭିଯୋଗ ଦାଖଲ କରିଥିଲା ତାହା ଖାରଜ ହୋଇଯାଇଛି ବୋଲି ଆୟକର ବିଭାଗ ଭାବିଛି। ତେଣୁ ବିଭାଗ ଏଭଳି ନୋଟିସ ପଠାଇଛି। କିନ୍ତୁ ଏହା ସମ୍ପୂର୍ଣ୍ଣ ଭୁଲ। କୌଣସି ଆବେଦନ ଖାରଜ ହୋଇ ନାହିଁ। ଏହା ଏବେ ବି ଚାଲିଛି ଏବଂ ମାମଲା ବିଚାରାଧୀନ ଅଛି।" ତେବେ ଏହି ନିର୍ଦ୍ଦେଶ ସମ୍ପୂର୍ଣ୍ଣ ତ୍ରୁଟିପୂର୍ଣ୍ଣ। ଏଥିପାଇଁ କମ୍ପାନୀ ଆଇନର ସହାୟତା ନେବ ବୋଲି କହିଛି। ବିବୃତ୍ତିରେ କମ୍ପାନୀ ଆହୁରି କହିଛି ଯେ "ଆୟକର କର୍ତ୍ତୃପକ୍ଷଙ୍କ ଦ୍ୱାରା ଦିଆଯାଇଥିବା ଜରିମାନା ଆଦେଶ ଆଇନ ଅନୁଯାୟୀ ନୁହେଁ ବୋଲି କମ୍ପାନୀର ଦୃଢ଼ ବିଶ୍ୱାସ। ଏବଂ ଏହା ତ୍ରୁଟିପୂର୍ଣ୍ଣ ଏବଂ ଅଯଥା। ତେଣୁ, କମ୍ପାନୀ ଏହାକୁ ବିରୋଧ କରିବ ଏବଂ ଉପରୋକ୍ତ ଆଦେଶ ବିରୁଦ୍ଧରେ ଉପଯୁକ୍ତ ଆଇନଗତ ପ୍ରତିକାର ଗ୍ରହଣ କରିବ। ତେଣୁ, ଉକ୍ତ ଆଦେଶ କମ୍ପାନୀର ଆର୍ଥିକ, କାର୍ଯ୍ୟ କିମ୍ବା ଅନ୍ୟାନ୍ୟ କାର୍ଯ୍ୟକଳାପ ଉପରେ କୌଣସି ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇବ ନାହିଁ।"

ଆୟକର ନିର୍ଦ୍ଦେଶ ପାଇବା ପରେ, ଇଣ୍ଡିଗୋର ଶେୟାର ୦.୩୨ ପ୍ରତିଶତ ହ୍ରାସ ପାଇ ୫,୧୧୩ ଟଙ୍କାରେ ସ୍ଥିର ରହିଥିଲା। ବର୍ତ୍ତମାନର କାରବାର ଅନୁସାରେ, ଏୟାରଲାଇନ୍ସର ଷ୍ଟକ୍ ସ୍ଥିରତା ଦେଖାଇଛି ଏବଂ ବର୍ଷ ତମାମ ଆଧାରରେ ପ୍ରାୟ ୧୧.୩୬ ପ୍ରତିଶତ ବୃଦ୍ଧି ପାଇଛି।



## ଆଜିର ପେଟ୍ରୋଲ, ଡିଜେଲ ଦର

ଆଜି ଦେଶର କିଛି ସ୍ଥାନରେ ତୈଳ ଦର ସ୍ଥିର ରହିଥିବା ବେଳେ ଅନ୍ୟ କିଛି ସ୍ଥାନରେ ତୈଳ ଦରରେ ପରିବର୍ତ୍ତନ ହୋଇଛି। ଭୁବନେଶ୍ୱର ପେଟ୍ରୋଲ ଦରରେ ମଧ୍ୟ ନୂଆ ଦର ଜାରି ହୋଇଛି। ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୦. ୯୮ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ .୫୬ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

## ଏପ୍ରିଲ ୨ରୁ ଆମେରିକାର ଯେସାକୁ ତେସା ଶୁଳ୍କ ନୀତି

### ଭାରତ ହରାଇବ ୩୧୦୦ କୋଟି ଡଲାର୍‌ର ରପ୍ତାନି



**ନୂଆଦିଲ୍ଲୀ,୩୦।୩:** ଏପ୍ରିଲ ୨ରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ସମେତ ଅନ୍ୟାନ୍ୟ ରାଷ୍ଟ୍ରଗୁଡ଼ିକ ଉପରେ 'ଯେସାକୁ ତେସା ଶୁଳ୍କ ନୀତି' ଲାଗୁ କରିବାକୁ ଯାଉଛନ୍ତି। ଏହା ମଧ୍ୟରେ ଭାରତରେ ସମ୍ଭାବ୍ୟ ଅସ୍ଥିରତାର ମାହୋଲ ଦେଖିବାକୁ ମିଳିପାରେ। ସଦ୍ୟ ପ୍ରକାଶିତ ଏମ୍‌କେ ରିପୋର୍ଟ ଅନୁସାରେ, ଯଦି ଆମେରିକା ଭାରତ ଉପରେ ୧୦% ଶୁଳ୍କ ଲଦେ ତେବେ ଭାରତ ରପ୍ତାନି ବାବଦ ପ୍ରାୟ ୬୦୦ କୋଟି ଡଲାର(ଦେଶର ଜିଡିପିର ୦.୧୬%) ହରାଇପାରେ। ସେହିଭଳି ଯଦି ଟ୍ରମ୍ପ ଭାରତ ଉପରେ ୨୫% ଶୁଳ୍କ ଲଗାନ୍ତି, ତେବେ ରପ୍ତାନି ବାବଦ ଭାରତ ହରାଇବ ୩୧୦୦ କୋଟି ଡଲାର। ଭାରତର ଏକ ପ୍ରମୁଖ ବାଣିଜ୍ୟିକ ସହଯୋଗୀ ହେଉଛି ଆମେରିକା। ଆମେରିକାର ଆକ୍ରାମକ ବାଣିଜ୍ୟ ନୀତି ଭାରତର ବାଣିଜ୍ୟିକ ଦୃଶ୍ୟପଟକୁ ଅସ୍ଥିର କରିପାରେ। ରିପୋର୍ଟରେ କୁହାଯାଇଛି ଯେ, ଯେସାକୁ ତେସା ଶୁଳ୍କ ନୀତିର କାର୍ଯ୍ୟକାରୀକୁ ନେଇ ସ୍ଥିତି ଅସ୍ପଷ୍ଟ ରହିଛି। ତେବେ ଯଦି ଏହାକୁ ଆମେରିକା ଲାଗୁ କରେ ତେବେ ଭାରତ ବଡ଼ ଆକାରରେ ପ୍ରଭାବିତ ହେବ। ଏହା ଦ୍ୱାରା ରତ୍ନପଥର ଏବଂ ଗହଣା, ଅଟୋ ଉପକରଣ, ଫାର୍ମା ଏବଂ ଇଲେକ୍ଟ୍ରୋନିକ୍ସ କ୍ଷେତ୍ର ବେଶି ପ୍ରଭାବିତ ହେବ। ତେବେ ଏହି କ୍ଷେତ୍ରଗୁଡ଼ିକ ପ୍ରସ୍ତୁତ ରହିଥିବା ଜଣାପଡ଼ିଛି। ଦେଶର ଅଟୋ ଶିଳ୍ପ ଉପରେ ଶୁଳ୍କ ବୃଦ୍ଧିର ବ୍ୟାପକ ପ୍ରଭାବ ପଡ଼ିବ। ସମ୍ପୂର୍ଣ୍ଣ ଆସେମ୍ବଲ୍‌ଡ ଗାଡ଼ି ଅର୍ଥାତ ଆମଦାନି କରାଯାଉଥିବା ବିଦେଶୀ କାରଗୁଡ଼ିକ ଉପରେ ୨୫% ଶୁଳ୍କ ଲଗାଇବାକୁ ଟ୍ରମ୍ପ ଘୋଷଣା କରିଛନ୍ତି, ଯାହାକି ଏପ୍ରିଲ ୩ରୁ ଲାଗୁ ହେବ। ମେ' ୩ ସୁଦ୍ଧା ଅଟୋ ଉପକରଣ ଶିଳ୍ପ ମଧ୍ୟ ସମାନ ଶୁଳ୍କର ସାମ୍ନା କରିବ। ଏହା ଆମେରିକାର ଯେସାକୁ ତେସା ଶୁଳ୍କ ନୀତିରୁ ବର୍ତ୍ତିବା ପାଇଁ ଭାରତ ମଧ୍ୟ ପଦକ୍ଷେପ ନେଉଛି। ଏହା ଅନେକ ଆମେରିକିୟ ଉତ୍ପାଦ ଉପରୁ ଆମଦାନି ଶୁଳ୍କ ହ୍ରାସ କରିଛି। ଏକ ରିପୋର୍ଟ ଅନୁସାରେ, ଯେସାକୁ ତେସା ଶୁଳ୍କ ନୀତି ଯୋଗୁ ଆମେରିକାକୁ ଯାଉଥିବା ଭାରତର ୮୭% ରପ୍ତାନି ପ୍ରଭାବିତ ହେବ, ଯାହାର ମୂଲ୍ୟ ପାଖାପାଖି ୬୬୦୦ କୋଟି ଡଲାର ହେବ।

## 'ଏକ୍ସ'କୁ କିଣିଲା 'ଏକ୍ସଏଆଇ'



**ନୂଆଦିଲ୍ଲୀ, ୩୦।୩:** ବିଶ୍ୱର ପ୍ରମୁଖ ଧନୀ ବ୍ୟକ୍ତି ଏଲନ ମସ୍କ ତାଙ୍କର ସାମାଜିକ ଗଣମାଧ୍ୟମ କମ୍ପାନି 'ଏକ୍ସ'କୁ ନିଜର କୃତ୍ରିମ ବୁଦ୍ଧିମତ୍ତା କମ୍ପାନି 'ଏକ୍ସଏଆଇ'କୁ ବିକ୍ରି କରିଦେଇଛନ୍ତି। ଏକ୍ସକୁ କିଣିବା ପାଇଁ ଏକ୍ସଏଆଇ ୩୩ ବିଲିଅନ ଡଲାର ଖର୍ଚ୍ଚ କରିଛି। ସଂପୂର୍ଣ୍ଣ ଭାବେ ଷ୍ଟକ୍ ଜରିଆରେ ଏହି କାରବାର ହୋଇଛି। ନିଜେ ମସ୍କ ଏହି ବିକ୍ରି ସଂପର୍କରେ ଏକ୍ସରେ ସୂଚନା ଦେଇଛନ୍ତି। ମସ୍କଙ୍କ ଭଳି ଏକ୍ସର ଅନ୍ୟ ସହଯୋଗୀ ନିବେଶକମାନେ ମଧ୍ୟ ଏକ୍ସଏଆଇରେ ଅଂଶଧନ ହାସଲର ସୁଯୋଗ ପାଇଛନ୍ତି। ମସ୍କ କହିଛନ୍ତି ଯେ ଏକ୍ସଏଆଇ ଏବଂ ଏକ୍ସର ଭବିଷ୍ୟତ ପରସ୍ପର ସହ ଅଙ୍ଗାଙ୍ଗୀଭାବେ ଜଡ଼ିତ। ଆଜିଠାରୁ ଆମେ ବିଧିବଦ୍ଧଭାବେ ଡାଟା, ମଡେଲ, କମ୍ପ୍ୟୁଟ, ଡିଷ୍ଟ୍ରିବ୍ୟୁସନ ଏବଂ ଟ୍ୟାଲେଣ୍ଟକୁ ମିଶାଇବା ପାଇଁ ପଦକ୍ଷେପ ନେଉଛୁ। ଗୋଟିଏ ପଟେ ଏକ୍ସର ବ୍ୟାପକତା ରହିଛି। ଅନ୍ୟପଟେ ଏକ୍ସଏଆଇ ନିକଟରେ ଅତ୍ୟାଧୁନିକ କୃତ୍ରିମ ବୁଦ୍ଧିମତ୍ତା କ୍ଷମତା ରହିଛି। ତେଣୁ ଏହି ଦୁଇ କମ୍ପାନି ନିକଟରେ ପର୍ଯ୍ୟାପ୍ତ ସାମର୍ଥ୍ୟ ରହିଛି ବୋଲି ସେ କହିଛନ୍ତି। ପ୍ରାୟ ୬ ମାସର ଛକାପଞ୍ଝା ଏବଂ ଆଇନଗତ ଲଢ଼େଇ ପରେ ମସ୍କ ସେତେବେଳର ଟ୍ୱିଟରକୁ ୪୪ ବିଲିଅନ ଡଲାର ମୂଲ୍ୟରେ ୨୦୨୨ ଅକ୍ଟୋବର ମାସରେ କିଣିଥିଲେ। ଏହାକୁ କିଣିବା ପରେ ସେ କମ୍ପାନିର ନାମ ବଦଳାଇ ଏକ୍ସ ରଖିଥିଲେ। ଏଥିସହିତ ବ୍ୟାପକ କର୍ମଚାରୀ ଛଟେଇ କରିବା ସହିତ ଅନ୍ୟାନ୍ୟ ବଡ଼ଧରଣର ପରିବର୍ତ୍ତନ ଆଣିଥିଲେ।

## କୋଇଲାରୁ ୭୯% ବିଦ୍ୟୁତ୍ ଉତ୍ପାଦନ

**ନୂଆଦିଲ୍ଲୀ, ୩୦।୩:** ଦେଶରେ ବିଦ୍ୟୁତ୍ ଉତ୍ପାଦନ ପାଇଁ କୋଇଲା ଉପରେ ନିର୍ଭରଶୀଳତା ବଢ଼ୁଛି। ୨୦୨୩-୨୪ ଆର୍ଥିକବର୍ଷରେ ଏହା ୭୯ ପ୍ରତିଶତକୁ ବଢ଼ି ୧୬,୯୦୬ ପେଟାଜୁଲ୍‌ସରେ ପହଞ୍ଚିଛି ବୋଲି ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରାଳୟ ପକ୍ଷରୁ ପ୍ରକାଶିତ ଭାରତରେ ଶକ୍ତି ପରିସଂଖ୍ୟାନ ୨୦୨୫ ରିପୋର୍ଟରୁ ଏହା ଜଣାଯାଇଛି। ଦେଶରେ ୨୦୧୪-୧୫ ବର୍ଷଠାରୁ ମୋଟ ଶକ୍ତି ଉତ୍ପାଦନରେ କୋଇଲାର ଅଂଶ ସର୍ବଦା ୭୦ ପ୍ରତିଶତରୁ ଅଧିକ ରହିଆସିଛି। କୋଇଲା ଉତ୍ପାଦନ ମଧ୍ୟ ୨୦୨୨-୨୩ ବର୍ଷରେ ୧୨ ପ୍ରତିଶତ ବୃଦ୍ଧି ଘଟିଛି। ରିପୋର୍ଟରୁ ଏହା ମଧ୍ୟ ଜଣାଯାଇଛି ଯେ ଦେଶରେ ମୋଟ ପ୍ରାଥମିକ ବିଦ୍ୟୁତ୍ ଯୋଗାଣ ୨୦୨୩-୨୪ରେ ୭.୮ ପ୍ରତିଶତ ବୃଦ୍ଧି ପାଇ ୯୦୩୧୫୮ କିଲୋଟନ୍ ତୈଳ ସମତୁଲରେ ପହଞ୍ଚିଛି। ବିଗତ ବର୍ଷଗୁଡ଼ିକ ମଧ୍ୟରେ ଭାରତରେ ମୁଣ୍ଡପିଛା ବିଜୁଳି ଖର୍ଚ୍ଚ ୨୦୧୪-୧୫ରେ ୧୪୬୮୨ ମେଗା ଜୁଲ୍ ରହିଥିବାବେଳେ ୨୦୨୩-୨୪ରେ ଏହା ୧୮୪୧୦ ମେଗା ଜୁଲ୍‌କୁ ବୃଦ୍ଧି ପାଇଛି, ଅର୍ଥାତ୍ ବାର୍ଷିକ ୨.୫୫ ପ୍ରତିଶତ ହାରରେ ଏହା ବଢ଼ିଛି।



# ଓଡ଼ିଶା ଦିବସରେ ରିଲାଏନ୍ସ ଡିଜିଟାଲର ସ୍ୱତନ୍ତ୍ର ରିହାତି

**ଭୁବନେଶ୍ୱର,୩୦।୩:** ଓଡ଼ିଶା ଦିବସକୁ ସ୍ୱତନ୍ତ୍ର ଭାବେ ପାଳନ କରୁଛି ରିଲାଏନ୍ସ ଡିଜିଟାଲ। ରାଜ୍ୟର ପ୍ରତି ଷ୍ଟୋରରେ ଏଥି ଲାଗି ଗ୍ରାହକଙ୍କ ସହ ଗ୍ରାଣ୍ଡ୍ ସେଲିବ୍ରେସନ କରୁଛି। ରିଲାଏନ୍ସ ଡିଜିଟାଲ ରାଜ୍ୟବାସୀଙ୍କୁ ଓଡ଼ିଶା ଦିବସର ଶୁଭକାମନା ଜଣାଇଛି। ଏହି ଅବସରକୁ ଆହୁରି ସ୍ୱତନ୍ତ୍ର କରିବା ଲାଗି ରାଜ୍ୟର ପ୍ରତି ରିଲାଏନ୍ସ ଡିଜିଟାଲ ଷ୍ଟୋରରେ ଗ୍ରାହକଙ୍କ ଲାଗି ସର୍ବୋତ୍ତମ ଡିଲ୍ ଏବଂ ଆକର୍ଷଣୀୟ ରିହାତି ପ୍ରଦାନ କରାଯାଉଛି। ଗ୍ରାହକ ରିଲାଏନ୍ସ ଡିଜିଟାଲ ଷ୍ଟୋରରୁ କିଣାକିଣି ଉପରେ ପ୍ରମୁଖ ବ୍ୟାଙ୍କଗୁଡ଼ିକର କାର୍ଡ ଏବଂ ପେପର ଫାଇନାନ୍ସ ଉପରେ ୨୬ ହଜାର ଟଙ୍କା ପର୍ଯ୍ୟନ୍ତ ରିହାତି/କ୍ୟାସ୍‌ବ୍ୟାକ ପାଇବେ ବୋଲି ଷ୍ଟୋର କମ୍ପାନି ପକ୍ଷରୁ ସୂଚନା ମିଳିଛି। ସେହିଭଳି ନିମ୍ନତମ ମୂଲ୍ୟରେ ସାମଗ୍ରୀ ଯୋଗାଣ, ସଦ୍ୟତମ ଟେକ୍ନୋଲୋଜିର ବିସ୍ତୃତ ସାମଗ୍ରୀ, ନିର୍ଦ୍ଧିଷ୍ଟ ସୀମା ଯାଏ ମାଗଣା ସାମଗ୍ରୀ ଡେଲିଭରି, ତ୍ୱରୀତ ଇନ୍‌ଷ୍ଟାଲେସନ ଏବଂ ସହଜ ଇଏମ୍‌ଆଇ ସୁବିଧା ମିଳିବ। ଏକ ଟଙ୍କାର ଡାଉନପେମେଣ୍ଟ ଦେଇ ଗ୍ରାହକ ଏସି କିଣିପାରିବେ।




ଏହାବାଦ ଏକ୍ସଚେଞ୍ଜ ଉପରେ ୧୨ ହଜାର ଟଙ୍କାର ବେନିଫିଟ ଏବଂ ବର୍ଦ୍ଧିତ ଗ୍ୟାରେଣ୍ଟି ସୁବିଧା ମଧ୍ୟ ରହିଛି। ୧.୫ ଟନ୍‌ର ନିର୍ଦ୍ଧିଷ୍ଟ ବର୍ଗର ଇନଭର୍ଟର ଏସି କ୍ରୟ ଉପରେ ଗୋଟିଏ ଟିଭି ମାଗଣା ମିଳିବ। ୧.୫ ଟନ୍ ଇନଭର୍ଟର ଏସି ୩୨,୯୯୦ ଟଙ୍କାର ଆରମ୍ଭ ମୂଲ୍ୟରେ ମିଳୁଛି। ସେହିଭଳି ୨ ଟନ୍‌ର ଇନଭର୍ଟର ଏସି ୩୯,୯୯୦ ଟଙ୍କା ଆରମ୍ଭ ମୂଲ୍ୟରୁ ମିଳିବ।

ସୋନିର ୟୁଏଚ୍‌ଡି ବ୍ରାଭିଆ ଏସ୍ ୨୫ ଟିଭି ୫୭,୪୯୦ ଟଙ୍କା, ଏଲ୍‌ଜିର କ୍ୟୁଏନ୍‌ଇଡି-୮୩ ୫୫ ଇଞ୍ଚ ଟିଭି ୬୯,୯୯୦ ଟଙ୍କା, ସାମସଙ୍ଗର କ୍ୟୁଏନ୍୮୫ଡି ୫୫ ଇଞ୍ଚ ଟିଭି ୮୪,୯୯୦ ଟଙ୍କାରେ ଉପଲବ୍ଧ। ଆଇଫୋନ ୧୬ର ମୂଲ୍ୟ ୬୬,୯୯୦ ଟଙ୍କା ରହିଛି। ସାମ୍‌ସଙ୍ଗ ଏ୩୬, ଏ୫୬ ୫ଜି ୨୯,୯୯୯ ଟଙ୍କା, ଓପୋ ଏଫ୍ ୨୯ ୫ଜି ୮ଜିବି/୧୨୮ ଜିବି ୨୩,୯୯୯ ଟଙ୍କାରେ ମିଳିବ। ମ୍ୟାକ୍ ବୁକ ଏୟାର ଏ୪ ୧୬ ଜିବି/୨୫୬ ଜିବିର ମୂଲ୍ୟ ୫୮,୯୦୦ ଟଙ୍କା ରହିଥିବା ବେଳେ ଏହାକୁ ୨୯୯୯ ଟଙ୍କାର ନୋ କଷ୍ଟ ଇଏମ୍‌ଆଇରେ ନେଇପାରିବେ। ୧୦ ପିଢ଼ିର ଆଇପ୍ୟାଡ ୨୪,୯୦୦ ଟଙ୍କାରୁ ଆରମ୍ଭ ହେଉଛି। ସେହିଭଳି ଅନ୍ୟ ସାମଗ୍ରୀ ଉପରେ ଗ୍ରାହକ ଆକର୍ଷଣୀୟ ରିହାତି ପାଇବେ। ଗ୍ରାହକ ସୋମନାଥ ରାଏ କୁହନ୍ତି, ଉତ୍କଳ ଦିବସ ଉପଲକ୍ଷେ ଷ୍ଟୋର ପକ୍ଷରୁ ପ୍ରଦାନ କରାଯାଉଥିବା ଆକର୍ଷଣୀୟ ଅଫର ଗ୍ରାହକଙ୍କୁ ବେଶ ଲାଭ ଦେବ। ନିୟମିତ ବ୍ୟବଧାନରେ ଷ୍ଟୋର ପରିଦର୍ଶନ କରୁଥିବା ବେଳେ ଏହି ଅଫର ଲାଭ ଉଠାଇ ଇଲେକଟ୍ରୋନିକ୍ସ ଗ୍ୟାଜେଟ୍ କିଣି ଅତ୍ୟନ୍ତ ଖୁସି।

ସଂଚାର THE SANCHAR

### କାମରେ ଲାଗୁନି ୬୮.୯୨ ଲକ୍ଷ ଟଙ୍କାର କୃଷକ ବଜାର

# ୨୨ ବର୍ଷ ବିତିଲା କିନ୍ତୁ ଚାଷୀ ପାଇଲେନି



**ହିଞ୍ଜିଳିକାଟୁ, ୩୦।୩ (ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁର ନିୟନ୍ତ୍ରିତ ବଜାର କମିଟି(ଆର୍‌ଏମ୍‌ସି) ପରିସରରେ ୨୦୦୨ ମସିହାରେ କୃଷକ ବଜାର ନିର୍ମାଣ କରାଯାଇଥିଲା। କିନ୍ତୁ ତାହା ଏବେ ବିପର୍ଯ୍ୟସ୍ତ ଅବସ୍ଥାରେ ପଡିରହିଛି। ଏହା ଭିତରେ ୨୨ ବର୍ଷ ସମୟ ବିତିସାରିଲାଣି କିନ୍ତୁ ନା ପରିବା ବଜାର ହଟୁଛି ନା କୃଷକ ବଜାର ଆରମ୍ଭ ହେଉଛି। ଚାଷୀଙ୍କ ଉତ୍ପାଦିତ ଦ୍ରବ୍ୟର ଉଚିତ୍ ମୂଲ୍ୟ ପ୍ରଦାନ ସହ ଖାଉଟିଙ୍କୁ ସସ୍ତା ଫଳ ପନିପରିବା ସୁଲଭ ମୂଲ୍ୟରେ ଯୋଗାଇ ଦେବା ଏହାର ଲକ୍ଷ୍ୟ ରହିଥିଲା। ଏଥିସହ ଚାଷୀ ଓ ଖାଉଟିଙ୍କ ମଧ୍ୟରେ ସମ୍ପର୍କକୁ ସୁଦୃଢ଼ କରିବ ବୋଲି ଆଶା ରଖାଯାଇଥିଲା। ତେବେ ଚାଷୀମାନଙ୍କ ସୁବିଧା ନିମନ୍ତେ ରହିଛି ସରକାରଙ୍କ ମାଳ ମାଳ ଯୋଜନା। କିନ୍ତୁ ସେହିସବୁ ଯୋଜନାର ସୁବିଧା ନ ପାଇ ଚାଷୀକୁଳ ହତାଶ। ଚାଷୀ ଓ ଖାଉଟିଙ୍କ ହିତକୁ ଦୃଷ୍ଟିରେ ରଖି କରାଯାଇଥିବା କୃଷକ ବଜାର ଭଳି ମହତ୍ ଯୋଜନାରୁ ଜନସାଧାରଣ ବଞ୍ଚିତ ହେଉଛନ୍ତି। ଗଞ୍ଜାମ ଜିଲ୍ଲାର ଦ୍ୱିତୀୟ ବୃହତ୍ତମ ସହର ଭାବେ ପରିଗଣିତ ହିଞ୍ଜିଳିକାଟୁ ସହର। ଏଠାରେ ୬୮.୯୨ ଲକ୍ଷ ଟଙ୍କାରେ ୨୧.୬.୨୦୦୨ ମସିହାରେ ନିର୍ମାଣ କରାଯାଇଥିଲା କୃଷକ ବଜାର। କିନ୍ତୁ ତାହା ଏବେ ମାଟି ଗଦା ସହ ମିଶି ଗଛ ଉଠିଗଲାଣି। ମୁଣ୍ଡର ଝାଳକୁ ତୁଣ୍ଡରେ ମାରି ହାଡ଼ ଭଙ୍ଗା ପରିଶ୍ରମ କରି ଚାଷୀ ଫସଲ ଉତ୍ପାଦନ କରୁଛି। ହେଲେ ବିକ୍ରି ପାଇଁ ବଜାର ନଥିବା ଏବଂ ଉପଯୁକ୍ତ ଦର ନମିଳିବା ଯୋଗୁଁ ଚାଷୀ ଏବେ ନିଜ ଉତ୍ପାଦିତ ପରିବାକୁ ହିଞ୍ଜିଳିକାଟୁ ସହରର ମୁଖ୍ୟ ସଡ଼କରେ ଲୋକଙ୍କୁ ବିକ୍ରି କରୁଥିବା ଦେଖିବାକୁ ମିଳିଛି। ହିଞ୍ଜିଳିକାଟୁ ସହରକୁ ଆଖ ପାଖ ବହୁ ଗ୍ରାମର ଚାଷୀମାନେ ନିଜ ଉତ୍ପାଦିତ ଦ୍ରବ୍ୟ ଯଥା ପରିବା ବିକ୍ରି ନିମନ୍ତେ ନିର୍ଭର କରୁଛନ୍ତି। ନିଜ ଉତ୍ପାଦିତ ସାମଗ୍ରୀର ଉପଯୁକ୍ତ ମୂଲ୍ୟ ମିଳୁ ନ ଥିବା ହେତୁ ନିଜ ଚାଷୀ ବେପାରୀ ପାଲଟି ରାସ୍ତା କଡରେ ବସୁଛନ୍ତି। ବିଶେଷ କରି ଏହି ଅଂଚଳର ମହିଳାମାନେ ବିଭିନ୍ନ କିସମର ପରିବା ଧରି ରାସ୍ତାକଡରେ ବିକ୍ରି ପାଇଁ ବସିଥାନ୍ତି। ସକାଳ ୬ଟାରୁ ସହରର ମୁଖ୍ୟ ସଡ଼କ କଡରେ ପରିବା ବିକାଳୀଙ୍କ ପସରା ଲାଗିଥାଏ। ରାସ୍ତା ଉପରେ ସହ ସହ ଗାଡି ମଟର ଯାତାୟାତ ହେଉଥିବା ବେଳେ ବିପଦପୂର୍ଣ୍ଣ ଭାବେ ପରିବା ବିକାଳୀ ବସିରିଥିବା ବେଳେ ଗ୍ରାହକ ମଧ ସେଇ ରାସ୍ତା କଡରେ ବିପଦପୂର୍ଣ୍ଣ ଭାବେ ପରିବା କିଣିଥାନ୍ତି।

ତେବେ କେଉଁ କାରଣରୁ ବିକାଶମୂଳକ ଯୋଜନା କାର୍ଯ୍ୟକାରୀ ହୋଇପାରୁନି ଏହାକୁ ନେଇ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି

## ବ୍ୟାସନଗର ପୌରାଧକ୍ଷାଙ୍କ ବିରୁଦ୍ଧରେ ବୁଧବାର ହେବ ଅନାସ୍ଥା ଭୋଟିଂ



**ଯାଜପୁର ରୋଡ଼, ୩୦।୩ (ସଂଚାର ବ୍ୟୁରୋ):** ବ୍ୟାସନଗର ପୌରାଅଂଚଳ ବିଜେଡିରେ ଏବେ ପାୱାର ସୋ'ର ଟେଲର ଚାଲିଛି । ତେଣୁ ବ୍ୟାସନଗର ପୌରପାଳିକା କାର୍ଯ୍ୟାଳୟରେ ଆସନ୍ତା ଦୁଇ ତାରିଖରେ ହାଇଭୋଲଟେଜ୍ ଅନାସ୍ଥା ଲଢେଇର ଫିଲ୍ମ ଦେଖିବାକୁ ମିଳିବ। ସେଥିପାଇଁ ବଢୁଛି ପୌରାଧକ୍ଷା ସଙ୍ଗୀତା ପିଙ୍ଗୁଆଙ୍କ ଅଡୁଆ। ପୌରାଧକ୍ଷାଙ୍କ ବିରୁଦ୍ଧରେ ବିଜେଡି ସମର୍ଥିତ କାଉନସିଲରମାନେ ଆଣିଥିବା ଅନାସ୍ଥା ପ୍ରସ୍ତାବକୁ ନେଇ ଦିର୍ଘ ଦିନ ହେବ ଲାଗି ରହିଥିବା ଚର୍ଚ୍ଚା ଉପରୁ ହଟିଛି ପରଦା। ତାଙ୍କ ବିରୋଧରେ ୨ ତାରିଖରେ ହେବାକୁ ଯାଉଛି ଅନାସ୍ଥା ଭୋଟିଂ। ସୂଚନା ମୁତାବକ ଜିଲ୍ଲାପାଳ କାର୍ଯ୍ୟାଳୟର ଚିଠି ସଂଖ୍ୟା ୯୫/୧୩।୩।୨୫ରେ ପୌରାଧକ୍ଷା, ଅତିରିକ୍ତ ଜିଲ୍ଲାପାଳ କଳିଙ୍ଗନଗର ଓ ନିର୍ବାହୀ ଅଧିକାରୀ ବ୍ୟାସନଗର ଏବଂ ଅନାସ୍ଥା ଆଣିଥିବା ଉପାଧକ୍ଷ ସୁବାସ ଚନ୍ଦ୍ର ବଳ ଓ ପାରିଷଦ ବର୍ଗଙ୍କୁ ଅବଗତ କରାଯାଇଛି। ଆସନ୍ତା ୨ତାରିଖ ବୁଧବାର ପୌର ଆଇନ ଅନୁସାରେ ପୌର ସଭାଗୃହରେ ଏକ ବୈଠକ ଓ ଅନାସ୍ଥା ଭୋଟିଂ ହେବ ବୋଲି ମିଳିଛି ସୁଚନା। ଏହାକୁ ନେଇ ଏବେ ସହରରେ ରାଜନୈତିକ ବିବାଦ ଆରମ୍ଭ ହୋଇଛି। ଏହି ପୌରପାଳିକା ଅନ୍ତର୍ଗତ ୨୬ଗୋଟି ୱାର୍ଡରେ ଥିବା କଂଗ୍ରେସ, ବିଜେପି, ବିଜେଡି ଓ ସ୍ୱାଧିନ ସମର୍ଥିତ ନିର୍ବାଚିତ କାଉନସିଲରମାନେ ଉକ୍ତ ଅନାସ୍ଥା ଭୋଟିଂ ଦିନ ଦେବେ ନିଜର ଭୋଟ। ଏଥିରେ କିଏ ନେବ ଫାଇଦା ଏହାକୁ ଦେଖିବାକୁ ଅଂଚଳର ଜନତା ଏବେଠାରୁ ଉତ୍ସୁକତାର ସହ ଚାହିଁ ବିସିଛନ୍ତି। ସେପଟେ ସାଧାରଣ ଲୋକଙ୍କ ଟିକସରେ ଚାଲିଥିବା ଏହି ପୌର ସଂସ୍ଥାନଟି ଅଂଚଳର ରେଲୱେ ଗଳିପୋଲ ତଳେ ଲୋକଙ୍କ ଗମନାଗମନ ସୁବିଧା, ପାନୀୟ ଜଳ, ରାସ୍ତାଘାଟ, ଆଲୋକିକରଣ,ଟାଉନ୍ ହଲ୍ ଜନସାଧାରଣ ମାନଙ୍କ କାମର ଲାଗିବା ହେଉବା, ଅନେକ ବିଭିନ୍ନ ଉନ୍ନତି ମୂଳକ ବିକାଶ କାର୍ଯ୍ୟ କରିବା ଦିଗରେ ଧାନ ଦେବା ବଦଳରେ ରାଜନିତି ଚକ୍ରବ୍ୟୁହରେ ପେଶି ହୋଇ ବିନାଶ ଆଡ଼କୁ ଗତି କରୁଛି ବୋଲି ଜନସାଧାରଣମାନେ ଆଲୋଚନା କରୁଛନ୍ତି।

## ନୀଳାଦ୍ରି ପରିବାର ପକ୍ଷରୁ ମେଗା ସ୍ୱାସ୍ଥ୍ୟ ଶିବିର

● ୨ଶହରୁ ଉର୍ଦ୍ଧ୍ୱ ରୋଗୀଙ୍କ ମାଗଣା ଚିକିତ୍ସା, ଔଷଧ ବଣ୍ଟନ

**କାକଟପୁର/ଅସ୍ତରଙ୍ଗ, ୩୦।୩ (ସଂଚାର ବ୍ୟୁରୋ):** ସ୍ୱାସ୍ଥ୍ୟ ହିଁ ସମ୍ପଦ। ଉଭୟ ବ୍ୟକ୍ତି ଓ ସମାଜ ପାଇଁ ଏହା ଶ୍ରେଷ୍ଠ ସମ୍ପତି। ଆଜି ବି ଅନେକ ଲୋକ ସମୟ ଅଭାବରୁ ନିଜର ସ୍ୱାସ୍ଥ୍ୟ ପ୍ରତି ଧାନ ଦେଇ ପାରୁନାହାନ୍ତି। ତେଣୁ ସେମାନେ କିପରି କିଭଳି ସୁସ୍ଥ ରହିବେ ସେ ନେଇ ଅଣ୍ଟା ଭିଡିଛି ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନୀଳାଦ୍ରି ପରିବାର। କେବଳ ସ୍ୱାସ୍ଥ୍ୟ ନୁହେଁ ଲୋକଙ୍କୁ କିଭଳି ସେବା ଯୋଗାଇବା ପାଇଁ ଅହରହ ପ୍ରୟାସ କରିଛି ନୀଳାଦ୍ରି ପରିବାର।ରବିବାର ଦିନ ପୁରୀ ଜିଲ୍ଲା କାକଟପୁର ମଙ୍ଗଳା କଲେଜ ସାମ୍ନାରେ ମେଗା ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ଅତିଥି ଭାବେ ଡକ୍ଟର ରଶ୍ମିରଞ୍ଜନ ପଣ୍ଡା, ନୀଳାଦ୍ରି ପରିବାର ଉପଦେଷ୍ଟା ସୋମ୍ୟରଞ୍ଜନ ଦାଶ ଓ ରମେଶ ପରିଡା ପ୍ରମୁଖ ଉପସ୍ଥିତରେ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଉଦଘାଟନ ହୋଇଥିଲା। ଉପଦେଷ୍ଟା ରମେଶ ପରିଡା ନିଜ ବକ୍ତବ୍ୟରେ କହିଥିଲେ ଗ୍ରାମାଞ୍ଚଳ ରେ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇବାକୁ ଏଭଳି ପ୍ରୟାସ ଜାରୀ ରଖିଛନ୍ତି। ଏହି ଅବସରରେ ନୀଳାଦ୍ରି ପରିବାର ପକ୍ଷରୁ ଡକ୍ଟର ରଶ୍ମିରଞ୍ଜନ ପଣ୍ଡା ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିବିରରେ ମେଡିକାଲର ଅଭିଜ୍ଞ ଡକ୍ଟର ରୋଗୀ ଚିକିତ୍ସା କରିଥିଲେ। ଶିବିରରେ ବିଶେଷଜ୍ଞ ଚିକିତ୍ସଙ୍କ ଦ୍ୱାରା ଅତ୍ୟାଧୁନିକ ପଦ୍ଧତି ଅନୁସରଣରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। କେବଳ ବ୍ଲଡ଼ ପ୍ରେସର ସୁଗାର ଆଦି ନୁହେଁ ସମସ୍ତ ପ୍ରକାର ପରୀକ୍ଷା କରାଯାଇଥିଲା। ଆଖି ଠାରୁ ଆରମ୍ଭ କରି ଇସିଜି, ଦନ୍ତ, ଶଲ୍ୟ, ଅସ୍ଥିଶଲ୍ୟ, କୀଡିନ ରୋଗ, ଭେଷଜ (ମେଡ଼ିସିନ ), ଦନ୍ତ ରୋଗ, ଶରୀର ଯନ୍ତ୍ରଣା ଜନିତ ରୋଗ ସହ ୨ଶହ ରୁ ଉର୍ଦ୍ଧ ଲୋକ ଙ୍କୁ ମାଗଣା ଔଷଧ ବଣ୍ଟନ ପର୍ଯ୍ୟନ୍ତ ସମସ୍ତ ପରୀକ୍ଷା କରାଯିବା ସହ ଡକ୍ଟରଙ୍କ ଦ୍ୱାରା ପରାମର୍ଶ ଦିଆଯାଇଥିଲା। ଏପରିକି ବୟସ୍କ ଓ ଶିଶୁମାନଙ୍କ ପାଇଁ ସ୍ୱତନ୍ତ୍ର ଭାବରେ ଶିବିର ମଧ କରାଯାଇଥିଲା। ଗ୍ରାମାଞ୍ଚଳରେ ଏଭଳି ମାଗଣା ସ୍ୱାସ୍ଥ୍ୟ ଶିବିର ହୋଇଥିବାରୁ ନୀଳାଦ୍ରି ପରିବାର ଉପଦେଷ୍ଟା ସୋମ୍ୟରଞ୍ଜନ ଦାଶ ଓ ରମେଶ ପରିଡାଙ୍କୁ ଲୋକେ ପ୍ରଶଂସା କରିଥିଲେ।



## ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପାଳିଲା ହିନ୍ଦୁ ନବବର୍ଷ



**ବ୍ରହ୍ମପୁର, ୩୦।୩ (ସଂଚାର ବ୍ୟୁରୋ):** ରବିବାର ଚୈତ୍ର ଶୁକ୍ଳ ପ୍ରତିପଦା (ଆରଏସ୍ଏସ୍) ବ୍ରହ୍ମପୁର ନଗର ତରଫରୁ ବିଭିନ୍ନ ସ୍ଥାନରେ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ଉତ୍ସବ ପାଳନ କରାଯାଇଛି। ଏହି ଅବସରରେ ବିଭିନ୍ନ ସ୍ଥାନରେ ପବିତ୍ର ଗୈରିକ ଭଗବା ଧ୍ୱଜ ଓ ଘୋଷବାଦ୍ୟ ସହ ଗଣବେଶଧାରୀ ସ୍ୱୟଂସେବକମାନେ ପଥସଞ୍ଚଳନ (ରୁଟ୍‌ମାର୍ଚ୍ଚ) କରିଥିଲେ । ଗୋସାଇଁନୂଆଗାଁ କାଳୁଆ ମନ୍ଦିରରୁ ପଥସଞ୍ଚଳନ ବାହାରି ବିଜିପୁର ପର୍ଯ୍ୟନ୍ତ ଯାଇ ପୁଣି ଫେରିଥିଲା । ସେଠାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ସହ-ନଗର କାର୍ଯ୍ୟବାହ ନୀଳକଣ୍ଠ ଚୌଧୁରୀ, ମୁଖ୍ୟ ବକ୍ତା ଜିଲ୍ଲା ବୌଦ୍ଧିକ ପ୍ରମୁଖ ଡି. ବାବୁଲା ଦୋରା, ସଭାପତି ତଥା ଜଗନ୍ନାଥ ଉପନଗର କାର୍ଯ୍ୟବାହ ପିଣ୍ଟୁ ସାହୁ ମଞ୍ଚାସୀନ ଥିଲେ । ହଜାର ହଜାର ବର୍ଷ ପ୍ରାଚୀନ ଭାରତୀୟ କାଳଗଣନା ପଦ୍ଧତି ଅନୁସାରେ ଏହି ଦିବସର ପୌରାଣିକ ଓ ଐତିହାସିକ ମହତ୍ତ୍ୱ ବର୍ଣ୍ଣନା କରିଥିଲେ ମୁଖ୍ୟ ବକ୍ତା । ସେହିପରି ସଂଘ ସ୍ଥାପନାର ଶତବାର୍ଷିକୀ ଅବସରରେ ଚଳିତ ବର୍ଷ ପଞ୍ଚ ପରିବର୍ତ୍ତନର ସଂକଳ୍ପ ଯଥା ଜାତି ପନ୍ଥ ଭେଦଭାବ ଶୂନ୍ୟ ସାମାଜିକ ସମରସତା, ପ୍ରକୃତି ତଥା ପରିବେଶ ସଂରକ୍ଷଣ, କୁଟୁମ୍ବ ସଂସ୍କାର ପ୍ରବୋଧନ, ନାଗରିକ କର୍ତ୍ତବ୍ୟ ଓ ସ୍ୱଦେଶୀ ଦିଗରେ ସ୍ୱୟଂସେବକମାନେ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଥିଲେ । ସନ୍ଧ୍ୟାରେ ମନ୍ଦିରରେ ମହାଆଳତୀ କରାଯାଇଥିଲା। ସେହିପରି ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବଡ଼ବଜାର, ଆସିକା ରୋଡ୍ ଓ ଇଞ୍ଜିନିୟରିଂ ସ୍କୁଲ ଅଞ୍ଚଳରେ ମଧ ବିଭିନ୍ନ ଶାଖାର ସ୍ୱୟଂସେବକମାନେ ସମ୍ମିଳିତ ହୋଇ ରାଷ୍ଟ୍ରୀୟ ନବବର୍ଷ ପାଳିଥିଲେ ।

### ପୂର୍ବ ସରକାରରେ ଅବହେଳିତ ଥିଲେ, ନୂଆ ସରକାରରେ ଘର ପାଇଲେ

## ଅନ୍ତ୍ୟୋଦୟ ଗୃହ ଯୋଜନାରେ ମୁଷନଙ୍କୁ ମିଳିଲା କାର୍ଯ୍ୟାଦେଶ



**ବିଞ୍ଝାରପୁର, ୩୦।୩ (ସଂଚାର ବ୍ୟୁରୋ):** ଆଜି ଠାରୁ ଆରମ୍ଭ ହୋଇଛି ଅନ୍ତୋଦୟ ଗୃହ ଯୋଜନା। ବଲାଙ୍ଗୀର ଠାରେ ଏହି ଯୋଜନାକୁ ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଦାରିଦ୍ର୍ୟ ସୀମାରେଖା ତଳେ ଥିବା ସମସ୍ତ ହିତାଧିକାରୀ ଯେପରିକି ଭିନ୍ନକ୍ଷମ, ବିଧବା, ଅଗ୍ନି ବିପନ୍ନଙ୍କୁ ଘର ପ୍ରଦାନ ଏହି ଯୋଜନାର ଲକ୍ଷ୍ୟ ରହିଛି। ତେବେ ଏହି ଯୋଜନାରେ କିଛି ଏଭଳି ହିତାଧିକାରୀ ସାମିଲ୍ ହୋଇଛନ୍ତି ଯେଉଁମାନେ ପୂର୍ବରୁ ଘର ଖଣ୍ଡିଏ ପାଇଁ ବାରମ୍ବାର ବ୍ଲକ୍ ଦୌଡ଼ି ଦୌଡ଼ି ହତାଶ ହୋଇଥିଲେ। ପ୍ରଶାସନିକ ଅବହେଳା ଆଉ ରାଜନୈତିକ ସଦିଚ୍ଛା ଅଭାବରୁ ମୁଷନ ଆବାସ ଯୋଜନାରୁ ବଞ୍ଚିତ ହୋଇଥିଲେ। ୨୦୨୩ ମସିହାରେ ଗଣମାଧମରେ ଖୁବ୍ ଚର୍ଚ୍ଚିତ ଥିଲେ ବିଞ୍ଝାରପୁର ଘଣ୍ଟି ଆଳୀ ପଞ୍ଚାୟତର ଏହି ବୃଦ୍ଧା। ସ୍ୱାମୀ ଡାଙ୍ଗଧର ଜେନା ଶଯ୍ୟାଶାୟୀ ଥିବା ବେଳେ ପୁଅଟି ମାନସିକ ବିକାରଗ୍ରସ୍ତ। କିନ୍ତୁ ସେତେବେଳେ ମୁଷନଙ୍କୁ ଘର ଦେଇ ନ ଥିଲେ ତତ୍କାଳୀନ ସରକାର। ଘରେ ନଳକୂପଟେ ନଥିଲା। ପାଖ ଏକ ନଳ କୂପରୁ ଥରେ ପାଣି ଆଣିଲେ ପୁରା ଦିନ ଯାଉଥିଲା। ଖାଲି ସେତିକି ନୁହେଁ ନିହାତି ଦୟନୀୟ ଅବସ୍ଥାରେ ଏକ ନୁଆଁଣିଆ ଚାଳ ଘରେ ରହୁଥିବା ମୁଷନଙ୍କ ଘରକୁ ବିଦ୍ୟୁତ୍ ସଂଯୋଗ ମଧ ନ ଥିଲା। ଏଭଳି ସ୍ଥଳେ ସରକାର ପରିବର୍ତ୍ତନ ପରେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ମୁଷନଙ୍କୁ କାର୍ଯ୍ୟାଦେଶ ମିଳିଲା ପରେ ନୂତନ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି ମୁଷନ। ଏତତ୍ ବ୍ୟତୀତ ସ୍ଥାନୀୟ ସମାଜସେବୀ ଶ୍ରୀକାନ୍ତ ପ୍ରଧାନଙ୍କୁ ମଧ କୃତଜ୍ଞତା ଅର୍ପଣ କରିଛନ୍ତି ମୁଷନ। ପୂର୍ବ ସରକାର ଦେଇ ନ ଥିଲେ ନୂତନ ସରକାର ଦେଲେ ବୋଲି କହି ସେ ଖୁସି ବ୍ୟକ୍ତ କରିଛନ୍ତି।

## କଟକ ଜିଲ୍ଲାସ୍ତରୀୟ ଅନ୍ତ୍ୟୋଦୟ ଗୃହ ଯୋଜନା ଶୁଭାରମ୍ଭ



**କଟକ, ୩୦।୩ (ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଅନ୍ତ୍ୟୋଦୟ ଗୃହ ଯୋଜନା ଶୁଭାରମ୍ଭ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଅବସରରେ କଟକ ଠାରେ ଜିଲାସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ଜିଲ୍ଲା ପ୍ରଶାସନ ଦ୍ୱାରା ସଦର ବ୍ଲକ କାର୍ଯ୍ୟାଳୟଠାରେ ଜିଲାସ୍ତରୀୟ ସମାରୋହ ଅନୁଷ୍ଠିତ ହୋଇଥିଲା। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଅନ୍ତ୍ୟୋଦୟ ଗୃହ ଯୋଜନା ଶୁଭାରମ୍ଭର ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଯୋଗ୍ୟ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା ।

ଉଚ୍ଚ ଶିକ୍ଷା, କ୍ରୀଡା ଓ ଯୁବ ସେବା, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଧାୟକ କଟକ ସଦର ପ୍ରକାଶ ଚନ୍ଦ୍ର ସେଠୀ, ଜିଲ୍ଲା ପରିଷଦ ଉପାଧକ୍ଷା ସୁଭଦ୍ରା ଦାସ, ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ପ୍ରଶାନ୍ତ କୁମାର ନାୟକ, ବ୍ଲକ ଉନ୍ନୟନ ଅଧିକାରୀ ପ୍ରତୀକ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମନ କି ବାତ କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯାଇଥିଲା। ଉପସ୍ଥିତ ଅତିଥିବୃନ୍ଦ ଏବଂ ଜନତା ପ୍ରଧାନମନ୍ତ୍ରୀଙ୍କ ମନ ବି ବାତ କାର୍ଯ୍ୟକ୍ରମ ଶୁଣିଥିଲେ। କଟକ ଜିଲ୍ଲାର ମୋଟ ୧୪୫୯ ଜନ ହିତାଧିକାରୀଙ୍କୁ ପ୍ରଥମ ପର୍ଯ୍ୟାୟରେ କାର୍ଯ୍ୟାଦେଶ ବଣ୍ଟନ ନିମନ୍ତେ ଚିହ୍ନଟ କରାଯାଇଛି।

## କର୍କଟ ରୋଗ ସଚେତନତା କାର୍ଯ୍ୟକ୍ରମ




**ବାଲିଆପାଳ, ୩୦।୩ (ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ଦେଉଳା ସାର୍ଥକ ଉଚ୍ଚ ବିଦ୍ୟାଳୟ ପରିସରରେ ଅପରାହ୍ନ ୪ଟାରେ ମଙ୍ଗଳାମାତା ଫାଉଣ୍ଡେସନ ଏବଂ ଦେଉଳା ପଞ୍ଚାୟତର ମିଳିତ ସହଯୋଗରେ କର୍କଟ ରୋଗ ସଚେତନତା କାର୍ଯ୍ୟକ୍ରମ ଫାଉଣ୍ଡେସନର ସମ୍ପାଦକ ଭାଗବତ ରଣାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏମ୍ସ ହସ୍ପିଟାଲ କ୍ୟାନ୍ସର ମୁଖ୍ୟ ପ୍ରଫେସର ଡ଼ଃ ସରୋଜ କୁମାର ଦାସ ମୁଜୁମଦାର ଯୋଗଦେଇ କର୍କଟ ରୋଗ ବିଷୟରେ ସଚେତନତାକରାଇଥିଲେ ସମ୍ମାନୀତ ଅତିଥି ଭାବେ ଦେଉଳା ସରପଞ୍ଚ ସୋରଜ କୁମାର ପିଳା, ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ସୁଧିର କୁମାର ବାରିକ, ସମାଜସେବୀ ବାଳ ଗୋପାଳ ଦାସ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମ କୁ ହିନ୍ଦି ଶିକ୍ଷକ ଅନନ୍ତ କୁମାର ରାଉଳ ପରିଚାଳନା କରିଥିଲା ବେଳେ ଦେଉଳ ପଞ୍ଚାୟତ ର ସଦସ୍ୟ ପ୍ରତିନିଧି ଜୟନାରାୟଣ ମହାନ୍ତି ଧନ୍ୟବାଦ୍ ଅର୍ପଣ କରିଥିଲେ। ଦେଉଳା ପଞ୍ଚାୟତର ଶତାଧିକ ମହିଳା ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

### ଉପଖଣ୍ଡ ଓକିଲ ସଂଘର ବଡ ନିଷ୍ପତ୍ତି

## ପ୍ରତି ମାସର ଶେଷ ଶନିବାର ନିଶୁଳ୍କ ଆଇନ ସେବା




**ନୀଳଗିରି, ୩୦।୩ (ସଂଚାର ବ୍ୟୁରୋ):** ରାଜ୍ୟର ସମସ୍ତ ଓକିଲସଙ୍ଘର ନିର୍ବାଚନ ସରିଛି।ଏହି ପରିପ୍ରେକ୍ଷୀରେ ନୀଳଗିରି ଉପଖଣ୍ଡ ଓକିଲସଂଘର ସମସ୍ତ ଆଇନଜୀବି ମାନଙ୍କର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ରବିବାର ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ୨୦୦୦-୨୦୦୧ ମସିହାରେ ଗଠିତ ଏହି ସଂଘ ଦୀର୍ଘ ୨୫ବର୍ଷଧରି ନିରନ୍ତର ଭାବେ ସହମତି ଭିତ୍ତିରେ ଏହାର ସମସ୍ତ କାର୍ଯ୍ୟକର୍ତ୍ତା ଚୟନ ହୋଇଆସୁଥିବା ବେଳେ ଚଳିତବର୍ଷ ମଧ ଏହିଧାରା ଜାରି ରହିଥିଲା। ନିୟମକାନୁନ ଅନୁଯାୟୀ ଏହାର ପ୍ରତ୍ୟେକ ପଦବୀ ପାଇଁ ନିର୍ବାଚନ ହୋଇଥିଲେ ହେଁ ସଭାପତି ଠାରୁ ସଦସ୍ୟ ପର୍ଯ୍ୟନ୍ତ ସମସ୍ତ ପଦବୀ ନିର୍ଦ୍ୱନ୍ଦ୍ୱରେ ମନୋନୀତ କରାଯାଇଥିଲା। ଯାହା ସମଗ୍ର ଓଡ଼ିଶା ଓକିଲ ସଂଘରେ ବିରଳ।ବରିଷ୍ଠ ଆଇନଜୀବି ତଥା ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ ଦୀର୍ଘ ୨୫ବର୍ଷଧରି ଲଗାତାର ସଂଘର ସଭାପତି ପଦରେ ନିର୍ବାଚିତ ହୋଇଆସୁଥିବା ବେଳେ ଏହାର ସମସ୍ତ କାର୍ଯ୍ୟକର୍ତ୍ତା ମଧ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେଉଥିବା ଏହି ଉପଲକ୍ଷେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି। ଫକୀରମୋହନଙ୍କ ଦେୱାନୀ ସମୟରେ ୧୮୮୧ମସିହାରେ ନିର୍ମିତ ବର୍ତ୍ତମାନର ନୀଳଗିରି ଉପଖଣ୍ଡ ଓକିଲସଂଘ କାର୍ଯ୍ୟାଳୟଟି ୧୫୦ବର୍ଷରୁ ଉର୍ଦ୍ଧ୍ୱବର୍ଷ ବିତିଯାଇଥିଲେ ମଧ ଏହାର ପୁନରୁଦ୍ଧାର କରାଯାଇ ନାହିଁ। ଫଳରେ ଜରାଜୀର୍ଣ୍ଣ ହୋଇପଡ଼ିଥିବା ଏବଂ ଆଇନଜୀବିଙ୍କ ସଂଖ୍ୟା ବୃଦ୍ଧି ପାଇଥିବାରୁ ଉକ୍ତ ଗୃହର ନବୀକରଣ ଆବଶ୍ୟକ ହୋଇପଡିଛି। ତେଣୁ ସଂଘ ଏକ ନୂତନଗୃହ ନିର୍ମାଣ ପାଇଁ ସ୍ଥାନୀୟ ବିଧାୟକ ଏବଂ ସାଂସଦ ପାଣ୍ଠିରୁ ଅର୍ଥମଞ୍ଜୁର କରିବା ପାଇଁ ନିବେଦନ କରାଯାଇଥିବା ସୂଚନା ଦେଇଛନ୍ତି।

ଏହାବ୍ୟତୀତ ସଂଘକୁ ୨୫ବର୍ଷ ବିତିଯାଇଥିବାରୁ ଏହି ଉପଲକ୍ଷେ ରୌପ୍ୟଜୟନ୍ତୀ ପାଳନ କରାଯିବାର କାର୍ଯ୍ୟକ୍ରମ ହାତକୁ ନେଇଥିବା ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରିଛନ୍ତି। ସର୍ବୋପରି ସଂଘ ପ୍ରତ୍ୟେକ ମାସର ଶେଷ ଶନିବାର ନିଶୁଳ୍କ ଆଇନସେବା ଓ ପରାମର୍ଶ ଯୋଗାଇଦେବ ବୋଲି ଗଣମାଧମକୁ ସୂଚନା ଦେଇଛନ୍ତି।

## ବ୍ରଜଭୂମି ଦନ୍ତ ଚିକିତ୍ସାଳୟର ଉଦ୍‌ଘାଟିତ

● ଯୋଗଦେଲେ ପୁରୀ ରାମଜୀ ମଠର ମହନ୍ତ ଓ ଅତିରିକ୍ତ ଶାସନ ସଚିବ



**ସୁବର୍ଣ୍ଣପୁର, ୩୦।୩ (ସଂଚାର ବ୍ୟୁରୋ):** ସୋନପୁର ବାଇଗନଜୁରି ଭବାନୀ ମେଡିକାଲ୍ ଓ ହାଇଟେକ୍ ପଲି କ୍ଲିନିକ୍ କ୍ୟାମ୍ପସ ଠାରେ ବ୍ରଜ ଭୂମି ଦନ୍ତ ଚିକିତ୍ସାଳୟର ଶୁଭାରମ୍ଭ ହୋଇ ଯାଇଛି` ଡ଼କ୍ଟର ଆର୍ତ୍ତତ୍ରାଣ ବାବୁଙ୍କ ପରିବାରର ମୁଖ୍ୟ ବ୍ରଜ ମୋହନ ବାବୁ ଓ ପୁରୀ ଶ୍ରୀ ରାମଜୀ ମଠର ମହନ୍ତ ବଂଶୀଧର ଦାଶ ଜୀ ମହାରାଜ ଏହାକୁ ଶୁଭ ଉଦଘାଟନ କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ଓଡ଼ିଶା ପଞ୍ଚାୟତି ରାଜ ବିଭାଗର ଅତିରିକ୍ତ ଶାସନ ସଚିବ ସୂର୍ଯ୍ୟ ନାରାୟଣ ଦାଶ ଯୋଗ ଦେଇ ଏହାର ସଫଳତା କାମନା କରିଥିଲେ। ଡ଼ା ଆଭାସ ରଞ୍ଜନ ବାବୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଭବାନୀ ମେଡିକାଲ୍ ପ୍ରୋପାଇଟର ସୌମ୍ୟ ରଂଜନ ଦେହୁରୀ ଓ ହାଇଟେକ୍ ପଲି କ୍ଲିନିକ୍ ପ୍ରୋପାଇଟର ସୋମ ପ୍ରକାଶ ରୋସନ୍ କେଶରୀ ପଣ୍ଡା ଙ୍କ ମିଳିତ ସହଯୋଗରେ ଏକ ଉଦଘାଟନୀ ସଭା ଅନୁଷ୍ଠିତ ହୋଇଥିଲା। ଆଇନଜୀବୀ ପ୍ରଦୀପ ପୁରୋହିତ ଏହାକୁ ସଂଯୋଜନା କରି ସମାଜସେବୀ ଡ଼ା ଆଭାସ ରଞ୍ଜନ ବାବୁ ଲୋକଙ୍କ ଉତ୍ତମ ଚିକିତ୍ସା ମାଧମରେ ବାବୁ ପରିବାରର ଆହୁରି ଯଶକୀର୍ତ୍ତି ବୃଦ୍ଧି କରିବାକୁ ପରାମର୍ଶ କରିଥିଲେ। ଏଥିରେ ସହରର ବହୁ ବୁଦ୍ଧିଜୀବୀ, ସମାଜସେବୀ, ସାଧୁ ସନ୍ଥ ଯୋଗାଳୟର କର୍ମକର୍ତ୍ତା ଯୋଗଦେଇଥିଲେ।

## ନରସିଂହପୁର ପଞ୍ଚାୟତ ପକ୍ଷରୁ ଜଳଛତ୍ର

**ଡେରାବିଶ, ୩୦।୩ (ସଂଚାର ବ୍ୟୁରୋ):** ଗତ ତିନିଦିନ ହେବ ସ୍ଥାନୀୟ ଅଞ୍ଚଳରେ ପ୍ରଚଣ୍ଡ ରୌଦ୍ରତାପ ଅନୁଭୂତ ହେଉଛି। ଦିନ ୯ଟା ପରେ ଘରୁ ବାହାରକୁ ବାହାରି ହେଉନାହିଁ। ଏହାକୁ ଲକ୍ଷ୍ୟ କରି ଡେରାବିଶ ବ୍ଲକ ଅନ୍ତର୍ଗତ ନରସିଂହପୁର ପଞ୍ଚାୟତ ପକ୍ଷରୁ ଜଳଛତ୍ର କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ସରପଞ୍ଚ ସୁଧିର କୁମାର ଖଟୁଆ ଅଜି ପଞ୍ଚାୟତ ଅନ୍ତର୍ଗତ ତିଲଙ୍ଗ ଠାରେ ଜଳଛତ୍ରର ଶୁଭାରମ୍ଭ କରିଛନ୍ତି। ଆଜି ପ୍ରଥମ ଦିନରେ ସୁସ୍ୱାଦୁ ଦହିପାଣି ବଣ୍ଟନ କରିଥିବା ଦେଖିବାକୁ ମିଳିଥିଲା। ଏହି ସୁସ୍ୱାଦୁ ଥଣ୍ଡା ପାଣି ପିଇବା ପାଇଁ ବହୁ ବାଟୋଇ ଭିଡ଼ ଲଗାଇଥିବା ଦେଖିବାକୁ ମିଳିଥିଲା।



## ଅନ୍ତ୍ୟୋଦୟ ଗୃହ ଯୋଜନା କାର୍ଯ୍ୟାଦେଶ ବଣ୍ଟନ ମେଳା



**ଜଗତସିଂହପୁର, ୩୦।୩ (ସଂଚାର ବ୍ୟୁରୋ):** ଆଜି କଳାହାଣ୍ଡିର ଭବାନୀପାଟଣାରେ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ କରିଛନ୍ତି ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହି ପରିପ୍ରେକ୍ଷୀରେ ଜଗତସିଂହପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଜିଲ୍ଲା ସ୍ତରୀୟ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ କାର୍ଯ୍ୟକ୍ରମ ଜିଲ୍ଲାପାଳ ଜେ ସୋନାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ମାନ୍ୟବର ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପ୍ରଦୀପ ପ୍ରଜ୍ୱଳନ କରି ସଭାକୁ ଉଦଘାଟନ କରିଥିଲେ। ଗ୍ରାମାଞ୍ଚଳରେ ରହିଯାଇଥିବା ବହୁ ଯୋଗ୍ୟ ହିତାଧିକାରୀମାନଙ୍କୁ ଏହି ଯୋଜନା ରହିବା ପାଇଁ ପକ୍କା ବାସଗୃହ ଯୋଗାଇ ଦେଇ ପାରିଛି ବୋଲି କହିଥିଲେ। ଏଥିରେ ବରେଣ୍ୟ ଅତିଥି ଭାବେ ଯୋଗଦେଇ ସ୍ଥାନୀୟ ବିଧାୟକ ଅମରେନ୍ଦ୍ର ଦାସ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ସମ୍ମାନୀୟ ଅତିଥି ଭାବେ ଜିଲ୍ଲା ପରିଷଦର ସଭାପତି ମନୋଜ କୁମାର ଭୋଇ, ମୁଖ୍ୟ ବିକାଶ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ପଞ୍ଚାୟତ ସମିତିର ଅଧକ୍ଷା କନକପ୍ରଭା ଲେଙ୍କା, ଉପାଧକ୍ଷ ରତିରଞ୍ଜନ ବେହେରା ଯୋଗଦେଇ ଯୋଜନାର ସଫଳ ରୂପାୟନ ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଏହି ସଭାରେ ୩୬୨ ଜଣ ହିତାଧିକାରୀମାନଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ପ୍ରାରମ୍ଭରେ ମାନନୀୟ ପ୍ରଧାନମନ୍ତ୍ରୀଙ୍କ ମନ କି ବାତ କାର୍ଯ୍ୟକ୍ରମକୁ ମଧ ଉପସ୍ଥିତ ଜନସାଧାରଣ ଶୁଣିଥିଲେ।

ସୂଚନାଯୋଗ୍ୟ,ଏହି ଯୋଜନାରେ ପ୍ରତ୍ୟେକ ହିତାଧିକାରୀଙ୍କୁ ୧ ଲକ୍ଷ ୨୦ ହଜାର ଟଙ୍କା ଦିଆଯିବା ସହିତ ଏଥିରେ ଅନ୍ୟାନ୍ୟ ଯୋଜନାର ସମନ୍ୱୟ କରାଯାଇ ବିଭିନ୍ନ ଆବଶ୍ୟକୀୟ ସୁବିଧା ଦିଆଯିବ । ସ୍ୱଚ୍ଛ ଭାରତ ମିଶନରୁ ଶୌଚାଳୟ, ଉଜ୍ଜ୍ୱଳା ଯୋଜନାରୁ ରନ୍ଧନ ଗ୍ୟାସ, ଜଳ ଜୀବନ ମିଶନରୁ ସ୍ୱଚ୍ଛ ପାନୀୟ ଜଳ, ସୌଭାଗ୍ୟ ଯୋଜନାରୁ ବିଦ୍ୟୁତ ସଂଯୋଗ ଆଦି ଯୋଗାଇ ଦିଆଯିବ ।

## 'ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ' ପାଇଁ ନିମନ୍ତ୍ରଣପତ୍ର ବଣ୍ଟନ



**ସୁବର୍ଣ୍ଣପୁର, ୩୦।୩ (ସଂଚାର ବ୍ୟୁରୋ):** ରାଜ୍ୟର ପିଲାମାନଙ୍କୁ ଗୁଣାତ୍ମକ ଶିକ୍ଷା ଦେବା ପାଇଁ ଆମ ସରକାର ପ୍ରତିଶ୍ରୁତିବଦ୍ଧ । ଏହି ଉଦ୍ଦେଶ୍ୟକୁ ପୂରଣ କରିବା ପାଇଁ ନୂତନ ଶିକ୍ଷାନୀତି-୨୦୨୦ ଅନୁଯାୟୀ ରାଜ୍ୟର ସମସ୍ତ ପ୍ରାଥମିକ ବିଦ୍ୟାଳୟରେ "ଶିଶୁ ବାଟିକା" ଆରମ୍ଭ କରାଯାଉଛି । ଏଥିରେ ୫ ବର୍ଷରୁ ଅଧିକ ବୟସର ପିଲାମାନଙ୍କୁ ଏକ ଉତ୍ତମ, ସଂଗଠିତ ଏବଂ ଅନୁଭୂତିମୂଳକ ଶିକ୍ଷଣ ପରିବେଶ ପ୍ରଦାନ କରାଯିବ।

ଏହି କ୍ରମରେ ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ଆସନ୍ତା ଅପ୍ରେଲ ୨ ତାରିଖରେ "ପ୍ରବେଶ ଉତ୍ସବ ଏବଂ ଖଡ଼ିଛୁଆଁ" କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି । ଏହି ଅବସରରେ ଆଜି ସୁବର୍ଣ୍ଣପୁର ଜିଲ୍ଲାପାଳ ଶ୍ରୀମତୀ ଅନ୍ୟା ଦାସଙ୍କ ସମେତ ସୁବର୍ଣ୍ଣପୁର ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀମତୀ ମିନାରାଣୀ ମଙ୍ଗଳ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀମତୀ ମଞ୍ଜୁଳତା ଭୋଇ, ସୋନପୁର ବ୍ଲକ ସହ ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀଯୁକ୍ତ ଫକିର ଚରଣ ଭୋଇ ଅନୁସୂଚିତ ଜାତି ଓ ଜନଜାତି ସଂଯୋଜକ ଶ୍ରୀମତୀ ସ୍ମିତା ମିଶ୍ର, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଗଡଭିତର ବୁଦ୍ଧଦେବ ସା, ସରକାରୀ ପ୍ରାଥମିକ ବିଦ୍ୟାଳୟ ପଟାଭାଡିର ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ମିଶ୍ର ସହ ଶିକ୍ଷୟିତ୍ରୀ ସୁଜାତା ମିଶ୍ର ବିଦ୍ୟାଳୟ ନିକଟସ୍ଥ ଅଭିଭାବକଙ୍କୁ ଭେଟି ପ୍ରବେଶ ଉତ୍ସବ ଓ ଖଡି ଛୁଆଁ ପାଇଁ ନିମନ୍ତ୍ରଣ ପତ୍ର ବଣ୍ଟନ କରିଥିଲେ ଓ ସରକାରଙ୍କ ତରଫରୁ ଦିଆଯାଉଥିବା ବିଭିନ୍ନ ସୁବିଧା ଗୁଡିକ ବିଷୟରେ ଅବଗତ କରିଥିଲେ।

# ପୁରୀରେ ନିମ୍ନଗାମୀ ହେଉଛି ଭୂତଳ ଜଳସ୍ତର



**ପୁରୀ,୩୦ା୩ (ସଂଚାର ବ୍ୟୁରୋ) :** ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ କ୍ଷେତ୍ର ପୁରୀ ସହରରେ ଆଗାମୀ ଦିନରେ ଉତ୍କଟ ଜଳ ସଙ୍କଟର ସମ୍ମୁଖୀନ ହେବାର ଆଶଙ୍କା ସୃଷ୍ଟି ହୋଇଛି। ବର୍ଷକୁ ବର୍ଷ ପୁରୀ ପୌରାଞ୍ଚଳରେ ଭୂତଳ ଜଳସ୍ତର କମିବାରେ ଲାଗିଛି । ଯାହାକୁ ନେଇ ବୁଦ୍ଧିଜୀବୀଙ୍କ ମହଲରେ ଗଭୀର ଉଦବେଗ ପ୍ରକାଶ ପାଇଛି । ଭୂତଳ ଜଳସ୍ତର ବୃଦ୍ଧି ଦିଗରେ ପୁରୀ ଜିଲ୍ଲା ପ୍ରଶାସନର କୌଣସି ନିର୍ଦ୍ଦିଷ୍ଟ ଭିଜନ ନ ଥିବାରୁ ପୁରୀ ସହରରେ ଆଗାମୀ ଦିନରେ ଉତ୍କଟ ଜଳ ସଙ୍କଟ ସୃଷ୍ଟି ହେବାର ଆଶଙ୍କା ରହିଥିବା ଅଭିଯୋଗ ହୋଇଛି । ତେବେ କେନ୍ଦ୍ର ସରକାରଙ୍କ ଜଳ ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ହୋଇଥିବା ସର୍ଭେ ରିପୋର୍ଟରେ ପୁରୀ ପୌରାଞ୍ଚଳର ଭୂତଳ ଜଳସ୍ତର ରିପୋର୍ଟ ଆସିବା ପରେ ଏହା ବେଶ ଚର୍ଚ୍ଚାର ବିଷୟ ହୋଇଛି । କେନ୍ଦ୍ର ସରକାରଙ୍କ ଜଳ ଶକ୍ତି ମନ୍ତ୍ରଣାଳୟ ରିପୋର୍ଟ ଅନୁସାରେ, ଏକ ବର୍ଷ ଭିତରେ ପୁରୀ ବଡଦାଣ୍ଡରେ ଭୂତଳ ଜଳସ୍ତର ୩.୨୭ ମିଟର ତଳକୁ ଖସି ଆସିଲାଣି । ହେରାଗୋହରି ସାହିରେ ମଧ୍ୟ ସ୍ଥିତି ଠିକ୍ ନାହିଁ । ଏକ ବର୍ଷରେ ଏଠାରେ ଭୂତଳ ଜଳସ୍ତର ୪.୨୬ ମିଟର ତଳକୁ ଖସି ଆସିଛି । ଶ୍ରୀମନ୍ଦିର ଓ ଲୋକନାଥ ମନ୍ଦିରର ଜଳସ୍ତର ସ୍ଥିତି ବିଗିଡିଥିବାରେ ଲାଗିଛି । ରାମଚଣ୍ଡୀ ସାହିରେ ଭୂତଳ ଜଳସ୍ତର ବର୍ଷେ ବ୍ୟବଧାନରେ ୨ ମିଟର ତଳକୁ ଖସି ଯାଇଛି । ଶ୍ରୀମନ୍ଦିରର ଭୂତଳ ଜଳସ୍ତର ଗତ ୩ ବର୍ଷରେ କ୍ରମାଗତ ଭବରେ ହ୍ରାସ ପାଇବାରେ ଲାଗିଛି । ଶ୍ରୀମନ୍ଦିର ମଧ୍ୟରେ ୨୦୧୯ ମସିହାରେ ଭୂତଳ ଜଳ ୬.୨୬ ମିଟର ତଳେ ରହିଥିବା ବେଳେ ୨୦୨୧ ନଭେମ୍ବରରେ ଏହା ୬.୭୨ ମିଟର ତଳକୁ ଖସିଯାଇଥିଲା । ୨୦୨୨ ଏପ୍ରିଲ ୩୦ରେ ହୋଇଥିବା ସର୍ଭେ ଅନୁଯାୟୀ, ଏହା ୭.୩୫ ମିଟରକୁ ହ୍ରାସ ପାଇଥିଲା । ସେହିପରି ୨୦୨୩-୨୪ ତଥ୍ୟ ମୁତାବକ, ଏହା ୭.୮୫ ମିଟର ତଳକୁ ହ୍ରାସ ପାଇଛି । ଗତ ୪ ବର୍ଷ ଭିତରେ ଏଠାରେ ଭୂତଳ ଜଳସ୍ତର ୧.୬ ମିଟର ହ୍ରାସ ପାଇଛି । କେବଳ ଶ୍ରୀମନ୍ଦିର ନୁହେଁ ପ୍ରସିଦ୍ଧ ଶୈବପୀଠ ଶ୍ରୀ ଲୋକନାଥ ମନ୍ଦିରରେ ଭୂତଳ ଜଳସ୍ତର ଗତ ୨୦୨୨ରେ ୬.୦୫ ମିଟର ତଳେ ଥିବା ବେଳେ ଏହା ୨୦୨୩-୨୪ରେ ୭.୭୬ ମିଟର ତଳକୁ ହ୍ରାସ ପାଇଛି । ଗତ ବର୍ଷକ ମଧ୍ୟରେ ୧.୭୧ ମିଟର ତଳକୁ ଭୂତଳ ଜଳସ୍ତର ହ୍ରାସ ହୋଇଛି ।



ଜୟଦେବ ଭବନରେ ମନମୋହିନୀ ସାଂସ୍କୃତିକ ଅନୁଷ୍ଠାନର ୩୩ତମ ବାର୍ଷିକ ଉତ୍ସବରେ ଓଡ଼ିଶୀ ନୃତ୍ୟ ପରିବେଷଣ ପାଇଁ ଅପେକ୍ଷାରତ କଳାକାରମାନେ। ଫଟୋ- ଚନ୍ଦ୍ରଶେଖର

## ମିଆଁମାରରେ ପୁଣି ଭୂକମ୍ପ ଝଟକା, ଏଥର ରିକ୍ଟର ସ୍କେଲରେ ତୀବ୍ରତା ୫.୧

**ନେପିଡ଼, ୩୦ା୩:** ମିଆଁମାରରେ ପୁଣି ଭୂକମ୍ପ ଝଟକା ଅନୁଭୂତ ହୋଇଛି । ୟୁଏସଜିଏସ ରିପୋର୍ଟ ମୁତାବକ, ପୁଣିଥରେ ମିଆଁମାରରେ ୫.୧ ତୀବ୍ରତାର ଭୂକମ୍ପ ଝଟକା ଅନୁଭୂତ ହୋଇଛି । ଗତକାଲି ଭୂମିକମ୍ପରେ ମିଆଁମାର ଧ୍ୱଂସ ହୋଇଯାଇଥିବା ବେଳେ ପୁଣି ଆଜି ବି ଭୂମିକମ୍ପ ହୋଇଛି । ଏହି ଭୂମିକମ୍ପ ଉତ୍ପତି ସ୍ଥଳି ମିଆଁମାରର ରାଜଧାନୀ ନେପିଡା ନିକଟ ବୋଲି ସୂଚନା ମିଳିଛି । ମିଆଁମାରର ରାଜଧାନୀ ନେପିଡା ନିକଟରେ ୨.୫୦ ମିନିଟର ଭୂକମ୍ପ ଝଟକା ଅନୁଭୂତ ହୋଇଥିଲା । ଯାହାର କେନ୍ଦ୍ରସ୍ଥଳ ୧୦ କିମି ଗଭୀରତା ରହିଥିଲା । ତେବେ ଭୂକମ୍ପ ଝଟକାରେ କୌଣସି ହତାହତ ଖବର ଆସିନାହିଁ । ଗତକାଲି ବି ମିଆଁମାରରେ ଦୁଇଥର ଭୂକମ୍ପ ଝଟକା ଦେଇଥିଲା । ଏଥିରେ ବଡ଼ବଡ଼ କୋଠା ସହ ରାସ୍ତାଘାଟ ଭୁଶୁଡ଼ି ପଡିଥିଲା । ଲଗାତର ଭୂକମ୍ପ ହେଉଥିବାରୁ ଲୋକମାନେ ଭୟଭୀତ ଅବସ୍ଥାରେ ରହିଛନ୍ତି । ମିଆଁମାର ଓ ଥାଇଲାଣ୍ଡରେ ଶୁକ୍ରବାର ହୋଇଥିବା ଶକ୍ତିଶାଳୀ ଭୂକମ୍ପ ଯୋଗୁଁ ଭୀଷଣ ବିପର୍ଯ୍ୟୟ ହୋଇଛି। ୭.୭ ଏବଂ ୭.୨ ତୀବ୍ରତାର ୨ଟି ଭୂକମ୍ପ ପ୍ରଭାବରେ ମିଆଁମାରରେ ଅନେକ ସୁଉଚ୍ଚ ଅଟ୍ଟାଳିକା ଆଖି ପିଛୁଳାକେ ମାଟିରେ ମିଶିଯାଇଛି । ମିଆଁମାରରେ ୧୦୦୨ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିବା ବେଳେ ୨୦୦୦ରୁ ଅଧିକ ଆହତ ହୋଇଛନ୍ତି। ଆଗକୁ ମୃତ୍ୟୁ ସଂଖ୍ୟା ବଢ଼ିପାରେ । ମିଆଁମାରର ଭୂକମ୍ପର ପ୍ରଭାବ ୯୦୦ କିମି ଦୂରରେ ଥିବା ପଡ଼ୋଶୀ ଥାଇଲାଣ୍ଡର ରାଜଧାନୀ ବ୍ୟାଂକକରେ ମଧ୍ୟ ବ୍ୟାପକ କ୍ଷୟକ୍ଷତି ଘଟିଛି । ଏହାକୁ ଦୃଷ୍ଟିରେ ରଖି ଏବେ ଭାରତ ସରକାର ୧୫ଟନର ରିଲିଫ୍ ସାମଗ୍ରୀ ପଠାଇଛନ୍ତି । ମିଆଁମାର ଏବଂ ଥାଇଲ୍ୟାଣ୍ଡରେ ଶୁକ୍ରବାର ଦିନ ୭.୭ ତୀବ୍ରତାର ଭୂ-କମ୍ପ ବ୍ୟାପକ କ୍ଷୟକ୍ଷତି ଘଟାଇଛି । ଆହୁରି ବହୁ ଅଧିକ ହେବା ଆଶଂକା କରାଯାଉଛି । ଅନେକ ଲୋକ ଧ୍ୱଂସ ସ୍ତୁପ ତଳେ ଚାପି ହୋଇ ରହିଛନ୍ତି । ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି ଉଦ୍ଧାର କାର୍ଯ୍ୟ । ଧ୍ୱଂସସ୍ତୁପ ତଳୁ ଜୀବନର ସନ୍ଧାନ କରୁଛନ୍ତି ଉଦ୍ଧାରକାରୀ ।

## ଅଙ୍ଗଦାନ କରିବେ ପରିବାରର ୧୨ ସଦସ୍ୟ



**ବାଡମେର,୩୦ା୩ :** ମାନବ ସେବା ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି ରାଜସ୍ଥାନର ଏହି ପରିବାର । ବାଡମେର ଜିଲ୍ଲାର ଏହି ପରିବାର ମାନବ ସେବା ପାଇଁ ସମାଜ ସାମନାରେ ଏକ ନୂଆ ଉଦାହରଣ ଦେଇଛନ୍ତି । ଏହି ପରିବାରର ତିନି ପିଢି ଏହି ମହାନ କାର୍ଯ୍ୟରେ ସାମିଲ ଅଛନ୍ତି । ଜେଜେବାପା ଙ୍କ ଠୁ ଆରମ୍ଭ କରି ପୁତ୍ରବଧୂଙ୍କ ପର୍ଯ୍ୟନ୍ତ ଅଙ୍ଗଦାନ କରିବାକୁ ସମସ୍ତେ ଆଗେଇ ଆସିଛନ୍ତି । ଗୋଟିଏ ପରିବାରର ୧୨ ଜଣ ସଦସ୍ୟ ଏକାଠି ଅଙ୍ଗଦାନ ଘୋଷଣା କରିବା ଦେଶରେ ବୋଧେ ପ୍ରଥମ ଘଟଣା । ବାଡମେର ଜିଲ୍ଲା ଧନାଉ ପଞ୍ଚାୟତ ସମିତିର ସେଜୁ ପରିବାର ମାନବ ସେବା ସଂକଳ୍ପକୁ ସାକାର କରିବା ପାଇଁ ଅଙ୍ଗଦାନର ନିଷ୍ପତ୍ତି ନେଇଛନ୍ତି। ବାଡମେର ମେଡିକାଲ କଲେଜ ଜିଲ୍ଲା ହସ୍ପିଟାଲ ଅଧ୍ୟକ୍ଷକ ଡ. ବି.ଏଲ ମଂସୁରିଆଙ୍କୁ ପରିବାରର ୧୨ ଜଣ ସଦସ୍ୟ ଅଙ୍ଗଦାନ ସଂକଳ୍ପ ପତ୍ର ହସ୍ତାନ୍ତର କରିଛନ୍ତି । ଅଙ୍ଗଦାନ ଘୋଷଣା କରିଥିବା ସଦସ୍ୟଙ୍କ ମଧ୍ୟରେ କମଳା ଦେବୀ, ଗୁଡି ଦେବୀ, ବୋରୀ ଦେବୀ, ଶାନ୍ତି ଦେବୀ, ରୁପୋ ଦେବୀ, ବିରୋଂ ଦେବୀ, ରତନରାମ ସେଜୁ, ବ୍ୟାଖାତା ତ୍ରିଲୋକରାମ ସେଜୁ, ଅଧ୍ୟାପକ ଡାଲୁରାମ ସେଜୁ, ଶଙ୍କରଲାଲ ସେଜୁ, ମନମୋହନ ସେଜୁ ଓ ରାୟମଲ ରାମ ସେଜୁ ସାମିଲ ଅଛନ୍ତି । ଏହି ଅଙ୍ଗଦାନ ନିଷ୍ପତ୍ତିରେ ଘରର ସବୁଠାରୁ ବୟସ୍କ ରତନାରାମ ସେଜୁ ଓ ବୋରି ଦେବୀ ସାମିଲ ଅଛନ୍ତି । ଏମାନଙ୍କ ବୟସ ୭୨ ବର୍ଷ ଅଟେ । ସେହିପରି ଘରର ସବୁଠାରୁ କନିଷ୍ଠ 28 ବର୍ଷୀୟ ଗୁଡି ଦେବୀ ବି ଏଥିରେ ସାମିଲ ଅଛନ୍ତି। ଅଙ୍ଗଦାନ ଘୋଷଣା କରିଥିବା ତିନି ପିଢିରେ ଜେଜେ ବାପା, ବାପା, ନାତି ଓ ପୁତ୍ରବଧୂ ସାମିଲ ଅଛନ୍ତି । ରାଜସ୍ଥାନରେ ଏହା ପ୍ରଥମ ଘଟଣା ଯେଉଁଠି ଏକାସାଙ୍ଗରେ ପରିବାରର ଏତେ ମାତ୍ରାରେ ସଦସ୍ୟ ଅଙ୍ଗଦାନ କରିବାର ନିଷ୍ପତ୍ତି ନେଇଛନ୍ତି । ଅଙ୍ଗଦାନ କରୁଥିବା ବୟସ୍କ ଜେଜେବାପା ରତନରାମା ସେଜୁ କହିଛନ୍ତି ତାଙ୍କ ପରିବାର ସର୍ବଦା ସାମାଜିକ କାର୍ଯ୍ୟରେ ସୁଧାର ପାଇଁ ତତ୍ପର ଥାଆନ୍ତି । ଏହା ପୂର୍ବରୁ ସେ ମୃତ୍ୟୁଭୋଜି ଭଳି ସାମାଜିକ କୁପ୍ରଥାରେ ଅଙ୍କୁଶ ଲଗାଇବା ପାଇଁ ପ୍ରୟାସ ଆରମ୍ଭ କରିଥିଲେ । ଏବେ ସେ ଅଙ୍ଗଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ମୃତ୍ୟୁ ପରେ ଶରୀର ମାନବ ସେବାର କାମରେ ଆସିବ ଏହା ଠୁ ବଡକଥା କଣ ବୋଲି କହିଛନ୍ତି ରତନରାମ ।

## ଆଶ୍ଚର୍ଯ୍ୟ: ମା'ର ଡେ଼ଲିଭେରି କଲା ୧୩ ବର୍ଷର ପୁଅ

**ନୂଆଦିଲ୍ଲୀ, ୩୦ା୩ (ସଞ୍ଚାର ବ୍ୟୁରୋ) :** ସାଧାରଣତଃ ଜଣେ ଗର୍ଭବତୀ ମହିଳା ହସ୍ପିଟାଲ କିମ୍ବା ଘରେ ହିଁ ସନ୍ତାନ ଜନ୍ମ କରିଥାନ୍ତି। ଏଭଳି ସମୟରେ କୌଣସି ଗର୍ଭବତୀ ମହିଳାଙ୍କ ପାଖରେ ନିଜ ଘର ଲୋକେ କିମ୍ବା ଡାକ୍ତର,ନର୍ସ ପାଖରେ ରହିଥାନ୍ତି । କିନ୍ତୁ ଆଜି ଆମେ ଆପଣଙ୍କୁ ଏଭଳି ଏକ ଘଟଣା ସମ୍ପର୍କରେ ଜଣାଇବୁ ଯାହା ଆପଣଙ୍କୁ ଚକିତ କରିଦେଇପାରେ । ଘରେ କେହି ନଥିବା ସମୟରେ ଜଣେ ଗର୍ଭବତୀ ମହିଳାଙ୍କୁ ଭିଷଣ ଭାବରେ ଯନ୍ତ୍ରଣା ଆରମ୍ଭ ହୋଇଯାଇଥିଲା ଯାହା ଫଳରେ ମହିଳା ଜଣଙ୍କ ହସ୍ପିଟାଲକୁ ଯିବା ପରିସ୍ଥିତିରେ ନଥିଲେ । ଏହି ବିପଦ ସମୟରେ ତାଙ୍କ ପାଇଁ ଭଗବାନ ସାଜିଥିଲା ତାଙ୍କ ୧୩ ବର୍ଷର ନାବାଳକ ପୁଅ । ପୁଅର ନା ହେଉଛି କିଶୋର । ହଁ ଆଜ୍ଞା ଏଭଳି ଏକ ଘଟଣା ଘଟିଛି ଚୀନରେ ।

ପୁଅଟି ଏକ ଜରୁରୀକାଳୀନ କେନ୍ଦ୍ରକୁ ଫୋନ୍ କରି ବୁଝାଇଲା ଯେ ତା'ର ୩୭ ସପ୍ତାହର ଗର୍ଭବତୀ ମାଆଙ୍କ ପାଣି ଫାଟି ଯାଇଛି ଏବଂ ସେ ପ୍ରବଳ ଯନ୍ତ୍ରଣା ଅନୁଭବ କରୁଛନ୍ତି । ସେ ପାରାମେଡିକ୍ ଚେନ୍ ଚାଓସୁନ୍‌ଙ୍କୁ କହିଥିଲେ ଯେ ସେ ଶିଶୁଟିର ମୁଣ୍ଡ ଦେଖିପାରୁଛନ୍ତି ଏବଂ ତା'ର ମାଆଙ୍କ ସୁସ୍ଥତା ପାଇଁ ଭୟଭୀତ ଅଛନ୍ତି । ଚେନ୍ ଫୋନ୍ ମାଧ୍ୟମରେ ପୁଅକୁ ନିର୍ଦ୍ଦେଶ ଦେଇଥିଲେ । ତାଙ୍କ ମାଆଙ୍କୁ କିପରି ରକ୍ଷା କରିବେ । ତାଙ୍କୁ ଶାନ୍ତ ରଖିବେ ଏବଂ ପ୍ରସବରେ ସାହାଯ୍ୟ କରିବେ ସେ ବିଷୟରେ ମାର୍ଗଦର୍ଶନ କରିଥିଲେ । ପାରାମେଡିକ୍ସ ନିର୍ଦ୍ଦେଶ ପାଳନ କରି, କିଶୋର ଜଣକ ତାଙ୍କ ମାଆଙ୍କୁ ଏକ ସୁସ୍ଥ ପୁତ୍ର ସନ୍ତାନ ଜନ୍ମ କରିବାରେ ଯତ୍ନର ସହିତ ସାହାଯ୍ୟ କରିଥିଲେ ।

ଯେତେବେଳେ ନାଭି କର୍ଡ କ୍ଲାମ୍ପ କରିବାର ସମୟ ଆସିଲା, ପୁଅଟି ସଫା ସୂତା କିମ୍ବା ଜୋତାର ଫିତା ପାଇଲା ନାହିଁ । ଶୀଘ୍ର ଚିନ୍ତା କରି, ଚେନ୍ ତାକୁ ଏକ ମାସ୍କ ଷ୍ଟ୍ରାପ୍ ବ୍ୟବହାର କରିବାକୁ ପରାମର୍ଶ ଦେଲେ, ଯାହା ସଂକ୍ରମଣ ଏବଂ ରକ୍ତସ୍ରାବକୁ ରୋକିବାରେ ସାହାଯ୍ୟ କଲା । କିଛି ସମୟ ପରେ, ଡାକ୍ତରୀ ପ୍ରତିକ୍ରିୟାକାରୀମାନେ ପହଞ୍ଚି ମା' ଏବଂ ଶିଶୁକୁ ସୁସ୍ଥ ଅବସ୍ଥାରେ ହସ୍ପିଟାଲକୁ ସ୍ଥାନାନ୍ତର କଲେ ।

ସୋସିଆଲ୍ ମିଡିଆରେ ଏହା ଭାଇରାଲ ହେବା ପରେ ଲୋକେ ଏହାକୁ ନେଇ ବିଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି । ଏକ ୟୁଜର କିଶୋରଙ୍କୁ ତାରିଫ କରି ଲେଖିଛନ୍ତି ପିଲାଟି ପାରାମେଡିକଙ୍କୁ ସହଯୋଗ କରିଛି। ଯାହାଦ୍ୱାରା ମା ଓ ଶିଶୁ ଉଭୟ ବଞ୍ଚି ପାରିଛନ୍ତି । ଏହାପରେ ଆଉ ଜଣେ ୟୁଜର କହିଛନ୍ତି କିଶୋର ଗର୍ବର କହି ପାରିବେ ଯେ ସେ ତାଙ୍କ ଭାଇକୁ ଏ ଦୁନିଆକୁ ଆଣିଛନ୍ତି । ଏହି ସମୟରେ ଆଉ ଜଣେ ୟୁଜର ଚିନ୍ତାର ସହ କହିଛନ୍ତି ଏହା କୈଣସି ତାରିଫ କରିବା ଭଳି କଥା ନୁହେଁ । ଏକ ଗର୍ଭବତୀ ମହିଳାଙ୍କୁ ଘରେ କେମିତି ଏକୁଟିଆ ଭାବରେ ରଖାଯାଇପାରିବ ..ମହିଳାଙ୍କ ସ୍ୱାମୀ ଓ ଶଶୁରଘର ଲୋକ ଦାୟିତ୍ୱହୀନତା ଭଳି ଲାଗୁଛନ୍ତି ।

# ଗଞ୍ଜେଇକୁ ନା, ଭାଙ୍ଗକୁ ହଁ



**ଭୁବନେଶ୍ୱର,୩୦ା୩:** ରାଜ୍ୟ ସରକାର ଗଞ୍ଜେଇ ବିରୁଦ୍ଧରେ ବର୍ଷ ସାରା ଅଭିଯାନ ଚଳାଉଥିବାବେଳେ ଗଞ୍ଜେଇ ଗଛ ପତ୍ରରୁ ପ୍ରସ୍ତୁତ ଭାଙ୍ଗ ବିକ୍ରିକୁ କିନ୍ତୁ ଅନୁମତି ପ୍ରଦାନ କରୁଛନ୍ତି। ରାଜ୍ୟର ନଅଟି ଜିଲ୍ଲାରେ ଭାଙ୍ଗ ବିକ୍ରିକୁ ସରକାର ଅନୁମତି ପ୍ରଦାନ ବି କରିଛନ୍ତି।

ଗଞ୍ଜେଇ ଚାଷ ଓ ଚାଲାଣ ପାଇଁ ଓଡିଶା ସାରା ଦେଶରେ କୁଖ୍ୟାତି ଅର୍ଜନ କରିଛି। ଓଡିଶାର ଗଞ୍ଜେଇ ମାୟାନଗରୀ ମୁମ୍ବାଇ ଠାରୁ ଆରମ୍ଭ କରି ଦେଶର ବିଭିନ୍ନ ପ୍ରାନ୍ତରୁ ଜବତ ହେବାରେ ଲାଗିଛି । ଅନ୍ୟ ରାଜ୍ୟର ଅବକାରୀ ଓ ପୁଲିସ୍ ଟିମ୍ ମଧ୍ୟ ଏ ନେଇ ରାଜ୍ୟରେ ବାରମ୍ବାର ଚଢଉ କରୁଛନ୍ତି । ରାଜ୍ୟ ଭିତରେ ଗଞ୍ଜେଇର ଚୋରା ଚାଲାଣ ବି କିଛି କମ୍ ନୁହେଁ ।

ଗଞ୍ଜେଇ ଅପବାଦରୁ ବର୍ତ୍ତିବା ସହତ ଚୋରା ନିଶା କାରବାର ଉପରେ ବ୍ରେକ୍ ଲଗାଇବାପାଇଁ ରାଜ୍ୟ ସରକାର ବର୍ଷ ସାରା ଗଞ୍ଜେଇ ବିରୁଦ୍ଧରେ ଅଭିଯାନ ଚଳାଇଛନ୍ତି । ଗଞ୍ଜେଇ ଗଛ କାଟି ପୋଡିବା ସହିତ ଚୋରାରେ ଚାଲାଣ ହେଉଥିବା ଗଞ୍ଜେଇକୁ ବି ଧରୁଛନ୍ତି । ଏଥିପାଇଁ ଅର୍ଥ, ମାନବ ସମ୍ବଳ ଓ ସମୟର ବିପୁଳ ଅପଚୟ ହେଉଛି ।

ହେଲେ ଏତେ ସବୁ ସତ୍ତ୍ୱେ ଗଞ୍ଜେଇ ଗଛର ପତ୍ରରୁ ପ୍ରସ୍ତୁତ ଭାଙ୍ଗ ବିକ୍ରି ପାଇଁ କିନ୍ତୁ ରାଜ୍ୟ ସରକାର ଅନୁମତି ପ୍ରଦାନ କରିଛନ୍ତି। ରାଜ୍ୟରେ ୯୦ଟି ଭାଙ୍ଗ ଦୋକାନକୁ ଅନୁମତି ପ୍ରଦାନ କରାଯାଇଥିବାବେଳେ ଏଥିରୁ ଚଳିତ ଆର୍ଥିକ ବର୍ଷରେ ସରକର ଦେଢ କୋଟି ଟଙ୍କାରୁ ଅଧିକ ରାଜସ୍ୱ ପାଇଛନ୍ତି। ଏହି ଲାଇସେନ୍ସପ୍ରାପ୍ତ ଭାଙ୍ଗଦୋକାନଗୁଡ଼ିକ ବ୍ରହ୍ମପୁର, ଭଦ୍ରକ, ଭୁବନେଶ୍ୱର, କଟକ, ଗଞ୍ଜାମ, ଜଗତ୍‌ସିଂହପୁର, କନ୍ଧମାଳ, ଖୋରଧା ଓ ପୁରୀ ଅବକାରୀ ଜିଲ୍ଲାରେ ରହିଛି ।

ସର୍ବାଧିକ ୩୫ଟି ଭାଙ୍ଗ ଦୋକାନକୁ ପୁରୀ ଜିଲ୍ଲାରେ ଲାଇସେନ୍ସ ପ୍ରଦାନ କରାଯାଇଥିବା ବେଳେ କଟକରେ ୨୮ଟି ଭାଙ୍ଗଦୋକାନକୁ ଅନୁମତି ମିଳିଛି। ଅନ୍ୟଗୁଡିକ ମଧ୍ୟରେ ଜଗତ୍‌ସିଂହପୁରରେ ୮ଟି, ଭୁବନେଶ୍ୱରରେ ୭, ଭଦ୍ରକରେ ୫, ଖୋର୍ଦ୍ଧାରେ ୩ଟି, ଗଞ୍ଜାମରେ ୨ଟି ଏବଂ ବ୍ରହ୍ମପୁର ଓ କନ୍ଧମାଳରେ ଗୋଟିଏ ଲେଖାଏଁ ଲାଇସେନ୍ସପ୍ରାପ୍ତ ଭାଙ୍ଗ ଦୋକାନ ରହିଛି।

ନିଶା ନିବାରଣ କ୍ଷେତ୍ରରେ କାର୍ଯ୍ୟରତ ସ୍ୱେଚ୍ଛାସେବୀମାନଙ୍କ ମତରେ ସରକାର ଗୋଟିଏ ହାତରେ ଗଞ୍ଜେଇ ଗଛ ନଷ୍ଟ କରୁଥିବା ବେଳେ ଅନ୍ୟ ହାତରେ ଏହି ଗଛର ପତ୍ରକୁ ବିକ୍ରି କରିବା ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ। ଏଭଳି ଲାଇସେନ୍ସ ପ୍ରଦାନ ଗଞ୍ଜେଇ ଚାଷକୁ ଅନେକ କ୍ଷେତ୍ରରେ ପ୍ରୋତ୍ସାହିତ କରୁଛି। ଯଦି ସରକାର ଗଞ୍ଜେଇ ଗଛ ବିରୁଦ୍ଧରେ ଅଭିଯାନ ଆରମ୍ଭ କରୁଛନ୍ତି ଓ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ତାହାକୁ ପୋଡୁଛନ୍ତି, ତା'ହେଲେ ଭାଙ୍ଗ ଆସୁଛି କେଉଁଠୁ? ଭାଙ୍ଗ ଚାଷୀଙ୍କ ବିରୁଦ୍ଧରେ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି କି ନାହିଁ, ଯେଉଁ ଭାଙ୍ଗରୁ ସରକାର ବର୍ଷକୁ ଦେଢ଼ କୋଟି ଟଙ୍କାରୁ ଅଧିକ ରାଜସ୍ୱ ଆଦାୟ କରୁଛନ୍ତି, ସେଗୁଡିକ କେଉଁଠାରୁ ଉତ୍ପାଦିତ ହେଉଛି ଏବଂ ଯେଉଁ ଗଛରୁ ଏହି ପତ୍ରଗୁଡିକ ସଂଗ୍ରହ ହେଉଛି ସେହି ଗଛରେ ଗଞ୍ଜେଇ ହେଉଛି କି ନାହିଁ, ତାହା ଏବେ ବଡ ପ୍ରଶ୍ନବାଚୀ ହୋଇଛି। ତେଣୁ ଗଞ୍ଜେଇ ଭଳି ଭାଙ୍ଗକୁ ସମ୍ପୂର୍ଣ୍ଣ ନିଷେଧ ପାଇଁ ନିଶା ନିବାରଣ କର୍ମୀମାନେ ମତ ଦେଉଛନ୍ତି। (ତଥ୍ୟ)

## କୁଲ୍ଲୁରେ ଭୂସ୍ଖଳନ

**୬ ମୃତ, ୫ ଆହତ**

**ନୂଆଦିଲ୍ଲୀ ୩୦ା୩:** ହିମାଚଳ ପ୍ରଦେଶର କୁଲୁର ମଣିକର୍ଣ୍ଣରେ ଆଜି (ରବିବାର) ଏକ ବଡ଼ ଦୁର୍ଘଟଣା ଘଟିଛି। ଏଠାରେ ଏକ ବଡ଼ ଗଛ ଅନେକ ଗାଡ଼ି ଉପରେ ପଡ଼ିଯାଇଥିଲା, ଯାହା ତଳେ ଅନେକ ଲୋକ ପୋତି ହୋଇ ରହିଯାଇଥିଲେ। ଏହି ଦୁର୍ଘଟଣାରେ ୬ ଜଣଙ୍କ ମୃତ୍ୟୁ ହୋଇଥିବା ନିଶ୍ଚିତ କରିଛନ୍ତି କୁଲୁ ଏସପି ।ଏଥିସହ ଅନେକ ଗୁରୁତର ଆହତ ହୋଇଛନ୍ତି। ବର୍ତ୍ତମାନ ପୋଲିସ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ରହିଛି। କୁହାଯାଉଛି ଯେ ପୋତି ହୋଇ ରହିଥିବା ଲୋକଙ୍କୁ ଏପର୍ଯ୍ୟନ୍ତ ଚିହ୍ନଟ କରାଯାଇ ନାହିଁ। ତେବେ ଘଟଣା ସମ୍ପର୍କରେ ସୂଚନା ପାଇବା ମାତ୍ରେ କୁଲୁର ଏସଡିଏମ୍ ବିକାଶ ଶୁକ୍ଳା ମଧ୍ୟ ଘଟଣାସ୍ଥଳକୁ ଯାଇଛନ୍ତି। ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁସାରେ, ମଣିକର୍ଣ୍ଣ ଗୁରୁଦ୍ୱାର ସାମ୍ନାରେ ଏକ ପାଇନ୍ ଗଛ ଭାଙ୍ଗି ରାସ୍ତାରେ ପଡ଼ିଥିଲା, ଯାହା ଫଳରେ ସେଠାରେ ଠିଆ ହୋଇଥିବା ଜଣେ ରାସ୍ତା ବିକ୍ରେତା, ଜଣେ ସୁମୋ ଆରୋହୀ ଏବଂ ଘଟଣାସ୍ଥଳରେ ଉପସ୍ଥିତ ତିନି ଜଣ ପର୍ଯ୍ୟଟକ ଚାପି ହୋଇଯାଇଥିଲେ। ଏହି ଦୁର୍ଘଟଣାରେ ୬ ଜଣଙ୍କର ମୃତ୍ୟୁ ହୋଇଛି। ବର୍ତ୍ତମାନ ମୃତକ ମାନଙ୍କୁ ଚିହ୍ନଟ କରାଯାଉଛି। ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତମାନଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଯେତେବେଳେ ଏହା ପାହାଡ଼ରୁ ଖସି ପଡ଼ିଲା, ତା ସହିତ ବହୁତ ଭଗ୍ନାବଶେଷ ମଧ୍ୟ ତଳକୁ ଆସିଗଲା।

## ଆସିବ ନୂଆ ବଦଳି ନୀତି: ୨୦୩୬ ସୁଦ୍ଧା ରାଜ୍ୟ ହେବ ଏକ ନମ୍ବର

**ଭୁବନେଶ୍ୱର,୩୦ା୩ (ସଂଚାର ବ୍ୟୁରୋ):** ରାଜ୍ୟରେ ଆସିବ ନୂଆ ବଦଳି ନୀତି। ରାଜନୈତିକ ଛତ୍ରଛାୟା ତଳେ ବହୁ ବର୍ଷ ହେବ ନିର୍ଦ୍ଦିଷ୍ଟ ସ୍ଥାନରେ ରହିଥିବା ଅଧିକାରୀଙ୍କ ବଦଳି କରାଯିବ । ସରକାରୀ କର୍ମଚାରୀମାନଙ୍କର ଏକ ନୂଆ ବଦଳି ନୀତି ଆସିବ । ଯାହା ଦ୍ୱାରା ରାଜ୍ୟରେ ଥିବା ପ୍ରଶାସନିକ ଆବଶ୍ୟକତା ଓ କର୍ମଚାରୀଙ୍କ ମଙ୍ଗଳ ହୋଇପାରିବ । ସେହିପରି ୨୦୩୬ ସୁଦ୍ଧା ଓଡ଼ିଶା ହେବ ଦେଶର ଏକ ନମ୍ବର ରାଜ୍ୟ । ସେଥିପାଇଁ ଆମ ସରକାର ଶାସନକୁ ଆସିବାର ପ୍ରଥମ ଦିନରୁ "ଦୁର୍ନୀତି ପ୍ରତି ଜିରୋ ଟଲରେନ୍ସ' ନୀତି ଅବଲମ୍ବନ କରି ଆସୁଛି। କେବଳ କଥାରେ ନୁହେଁ, କାର୍ଯ୍ୟରେ ବି ଦୁର୍ନୀତି ବିରୋଧରେ ଯୁଦ୍ଧ ଜାରି ରଖିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ବିଧାନସଭାରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଖର୍ଚ୍ଚ ଦାବି ଆଲୋଚନା ବେଳେ ମୁଖ୍ୟମନ୍ତ୍ରୀ କହିଛନ୍ତି, ୨୦୨୪ ଜୁନ୍‌ରୁ ଏ ପର୍ଯ୍ୟନ୍ତ ମୋଟ ୩୧୨ ଜଣଙ୍କ ବିରୋଧରେ ୧୭୩ଟି ମାମଲା ରୁଜୁ କରାଯାଇଛି । ୧୫୬ ଜଣ ବ୍ୟକ୍ତିଙ୍କୁ ବିଭିନ୍ନ ମକଦ୍ଦମାରେ ଗିରଫ କରାଯାଇଛି । ଏହି ସମୟରେ ୨୯୭ଟି ମାମଲାରେ ତଦନ୍ତ ଶେଷ କରି ଅଭିଯୋଗ ଫର୍ଦ୍ଦ ଦାଖଲ କରାଯାଇଛି । ୮୨ଟି ମକଦ୍ଦମାରେ ସମୁଦାୟ ୧୨୩ ଜଣ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଭିଜିଲାନ୍ସ ଅଦାଲତର ଦଣ୍ଡାଦେଶ ଯୋଗୁଁ ୧୧ ଜଣଙ୍କୁ ଚାକିରିରୁ ବହିଷ୍କାର କରାଯାଇଛି । ଏହା ବ୍ୟତୀତ, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ୯୭ ଜଣଙ୍କ ବିରୋଧରେ ୫୩ଟି ମକଦ୍ଦମା ରୁଜୁ ହୋଇଛି । ଯେଉଁଥିରେ ପ୍ରାୟ ୧୩୧ କୋଟି ୯୦ ଲକ୍ଷ ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠାବ କରାଯାଇଛି । ରାଜ୍ୟ ଦୁର୍ନୀତି ନିବାରଣ ନିର୍ଦ୍ଦେଶାଳୟକୁ ସଶକ୍ତ କରିବା ପାଇଁ ଚଳିତ ଆର୍ଥିକ ବର୍ଷରେ ମୋଟ ୧୩୩ କୋଟି ୩୭ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଛି । ଏହାଛଡ଼ା, ଦୁର୍ନୀତି ନିବାରଣ ନିର୍ଦ୍ଦେଶାଳୟର ଅଣ-ଆବାସିକ ତଥା ଆବାସିକ ଭିତ୍ତିଭୂମିର ବିକାଶ ପାଇଁ ୩୬ କୋଟି ୭୦ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି । ଆମ ସରକାରଙ୍କ ଲକ୍ଷ୍ୟ ହେଉଛି, ଦୁର୍ନୀତିଗ୍ରସ୍ତ ଅଫିସର ଏବଂ ଦୁର୍ନୀତିଗ୍ରସ୍ତଙ୍କ ମନରେ ଭୟ ସଞ୍ଚାର କରିବା । ଗତ ସରକାର ଅମଳରେ ଦୁର୍ନୀତି ଉପାୟରେ ଯେଉଁମାନେ ଟଙ୍କା, ସୁନା, ଗହଣା, ପ୍ଲଟ, ଫ୍ଲାଟ ଉପାର୍ଜନ କରିଛନ୍ତି, ଆଜି ସେମାନେ ପ୍ରତି ମୁହୂର୍ତ୍ତରେ ଭୟାତୁର ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ସେହିପରି ପୂର୍ବ ସରକାର ବେଳେ ୧୬ ବର୍ଷ ହେବ ଅଭିଯୋଗ ପ୍ରକୋଷ୍ଠ ଆସୁନଥିଲେ ତତ୍କାଳୀନ ମୁଖ୍ୟମନ୍ତ୍ରୀ । ମାତ୍ର ଏବେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଚଳ ଚଞ୍ଚଳ ହୋଇଉଠିଛି । ଏହି ନିଷ୍ପତ୍ତି ଯୋଗୁ ୨୦୨୪ ଜୁଲାଇରୁ ଏ ପର୍ଯ୍ୟନ୍ତ ୯୩୭୭ଟି ଅଭିଯୋଗର ଶୁଣାଣି କରାଯାଇଛି । ମିଳିଥିବା ଅଭିଯୋଗରୁ ପ୍ରାୟ ୮୩ ପ୍ରତିଶତ ଅଭିଯୋଗର ତ୍ୱରିତ ସମାଧାନ ହୋଇଛି । ଏହା ବ୍ୟତୀତ ଅଭିଯୋଗ ପଞ୍ଜୀକରଣ ପ୍ରକ୍ରିୟାକୁ ସହଜ ଓ ସମୟ ଉପଯୋଗୀ କରିବା ପାଇଁ, ଅଗ୍ରୀମ ଅନ୍‌ଲାଇନ୍ ବୁକିଂ ବ୍ୟବସ୍ଥା ଆରମ୍ଭ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

## କୋଏଲ ନଦୀରେ ୨ ଯୁବକଙ୍କ ସଲୀଳ ସମାଧି



**ରାଉରକେଲା,୩୦ା୩(ସଂଚାର ବ୍ୟୁରୋ):** ରାଉରକେଲା ବିଶ୍ରା ଥାନା ଅଧୀନସ୍ଥ କୋଏଲ ନଦୀ କାରକାଟା ଘାଟରେ ଆଜି ଦୁଇ ଜଣଙ୍କ ଯୁବକଙ୍କ ସଲୀଳ ସମାଧି ଘଟିଛି। ଏହି ଦୁଇ ଯୁବକ ଗାଧୋଉଥିବା ସମୟରେ ଅସାବଧାନତାବଶତଃ ବୁଡ଼ିଯିବା ଫଳରେ ସେମାନଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ସେକ୍ଟର-୧୭ ବି' ବ୍ଲକ୍ ଘର ନଂ-୧୭୭ର ପ୍ରଦୀପ ତରାଇ (୧୯) ଓ ସେକ୍ଟର-୮ ସି ବ୍ଲକ୍ ଶନିମନ୍ଦିର ନିକଟରେ ରହୁଥିବା ଆଶୀର୍ବାଦ ବାରିକ (୧୯) ବୋଲି ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ, ପ୍ରଦୀପ ଓ ଆଶୀର୍ବାଦ ରାଉରକେଲାରେ ଡିଜେ ଡେକୋରେସନ କାମ କରୁଥିଲେ। ତେବେ ସେମାନେ ଆଜି ଅପରାହ୍ନ ୩ଟା ସମୟରେ ସେମାନଙ୍କର ଦୁଇ ଜଣ ସାଙ୍ଗଙ୍କ ସହ କୋଏଲ ନଦୀର କାରକାଟା ଘାଟକୁ ଗାଧୋଇବା ପାଇଁ ଯାଇଥିଲେ। ତେବେ ସେମାନେ ଗାଧୋଉଥିବା ସମୟରେ ଗୋଡ଼ ଖସିଯିବାରୁ ପ୍ରଦୀପ ଓ ଆଶୀର୍ବାଦ ବୁଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର ପାଇଁ ଉଦ୍ୟମ କରିଥିଲେ। ପ୍ରଥମେ ସେମାନେ ଆଶୀର୍ବାଦଙ୍କୁ ଉଦ୍ଧାର କରିଥିଲେ। ପରେ ପାଖାପାଖି ଅପରାହ୍ନ ସାଢ଼େ ୫ଟା ସମୟରେ ପ୍ରଦୀପଙ୍କୁ ମଧ୍ୟ ଉଦ୍ଧାର କରାଯାଇଥିଲା। ଖବର ପାଇ ସ୍ଥାନୀୟ ପୁଲିସ, ବିଶ୍ରା ଓ ନୂଆଗାଁ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ସ୍ଥାନୀୟ ଆଇଜିଏଚ୍‌କୁ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ।

## ସଡ଼କ ସୁରକ୍ଷା ବ୍ୟୟ, ଖର୍ଚ୍ଚ ସହ ତାଳ ଦେଇ ବଢୁଛି ଦୁର୍ଘଟଣା



**ଭୁବନେଶ୍ୱର,୩୦ା୩:** ସଡକ ସୁରକ୍ଷା ବାବଦରେ ରାଜ୍ୟ ସରକାର ଗତ ତିନି ବର୍ଷ ଅର୍ଥାତ୍ ୨୦୨୨ରୁ ୨୦୨୪ ମଧ୍ୟରେ ୫୧ କୋଟି ଟଙ୍କାରୁ ଅଧିକ ଅର୍ଥ ବ୍ୟୟ କରିଥିବା ବେଳେ ଏହି ତିନି ବର୍ଷରେ ସଡକ ଦୁର୍ଘଟଣା ସଂଖ୍ୟା ବୃଦ୍ଧି ପାଇବା ସହିତ ୧୭ ହଜାରରୁ ଅଧିକ ଲୋକ ମୃତ୍ୟୁବରଣ କରିଛନ୍ତି ।

ଗତକାଲି ବିଧାନସଭାରେ ବିଜେଡି ବିଧାୟକ ଅରୁଣ କୁମାର ସାହୁଙ୍କ ଏକ ପ୍ରଶ୍ନର ଉତ୍ତରରେ ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଦେଇଥିବା ଉତ୍ତରରୁ ଏହା ଜଣାଯାଇଛି। ମନ୍ତ୍ରୀ ଦର୍ଶାଇଛନ୍ତି ଯେ ଏହି ତିନି ବର୍ଷ ମଧ୍ୟରେ ସଡକ ସୁରକ୍ଷା ସଚେତନତା, ଛାପା ଓ ଇଲେକଟ୍ରୋନିକ ଗଣମାଧ୍ୟମ ଜରିଆରେ ଲୋକଙ୍କୁ ସଚେତନ କରିବା, ସଡକ ସୁରକ୍ଷା ନେଇ ଦକ୍ଷତା ବୃଦ୍ଧି କରିବା, ଏନଫୋର୍ସମେଣ୍ଟ ଏବଂ ସଡକ ସୁରକ୍ଷା ସାଜ ସରଞ୍ଜାମ କିଣିବା ବାବଦରେ ୫୧ କୋଟି ୨୫ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି । କେବଳ ୨୦୨୪ରେ ସାଜସରଞ୍ଜାମ କିଣିବା ବାବଦରେ ୧୭ କୋଟି ୬୭ ଲକ୍ଷ ଟଙ୍କା ବ୍ୟୟ ହୋଇଥିବାବେଳେ ଏନଫୋର୍ସମେଣ୍ଟ ବାବଦରେ ପ୍ରାୟ ୧୯ କୋଟି ଟଙ୍କା ଖର୍ଚ୍ଚ ହୋଇଛି ।

ଏତେ ସବୁ ସତ୍ତ୍ୱେ କିନ୍ତୁ ଏହି ତିନି ବର୍ଷରେ ଦୁର୍ଘଟଣା ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ରାଜ୍ୟରେ ୨୦୨୨ରେ ୧୧,୬୬୩ଟି ଦୁର୍ଘଟଣା ଘଟିଥିବାବେଳେ ୨୦୨୩ରେ ୧୧,୯୯୨ ଏବଂ ୨୦୨୪ରେ ୧୨,୩୭୫ଟି ଦୁର୍ଘଟଣା ଘଟିଛି । ଆଶ୍ୱାସନାର କଥା ହେଉଛି ଯେ ଏହି ତିନିବର୍ଷରେ ପୂର୍ବବର୍ଷ ତୁଳନାରେ ଦୁର୍ଘଟଣାର ହାର ହ୍ରାସ ପାଇଛି ।

ସେହିଭଳି ୨୦୨୨ରେ ସଡକ ଦୁର୍ଘଟଣାରେ ୫୪୬୭ଜଣ ବ୍ୟକ୍ତି ମୃତ୍ୟୁବରଣ କରିଥିବାବେଳେ ୧୦,୩୦୨ ଜଣ ଆହତ ହୋଇଥିଲେ। ୨୦୨୩ରେ ଏହି ସଂଖ୍ୟା ଯଥାକ୍ରମେ ୫୭୩୯ ଏବଂ ୧୦,୩୬୯ ରହିଥିବାବେଳେ ୨୦୨୪ରେ ମୃତ ଏବଂ ଆହତଙ୍କ ସଂଖ୍ୟାଯଥାକ୍ରମେ ୬୧୪୨ ଏବଂ ୧୦,୭୭୦ ରହିଛି । ଏହି ତିନିବର୍ଷରେ ମୋଟ୍ ୩୬,୦୩୦ଟି ଦୁର୍ଘଟଣାରେ ୧୭,୩୪୮ଜଣ ମୃତ୍ୟୁବରଣ କରିଥିବାବେଳେ ୩୧,୪୪୧ ଜଣ ଆହତ ହୋଇଛନ୍ତି। ସଡକ ସୁରକ୍ଷା ପାଇଁ ରାଜ୍ୟ ସଡକ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ପକ୍ଷରୁ ପାଲାଡିୟମ କନସୁଲଟିଂ ଇଣ୍ଡିଆ ପ୍ରାଇଭେଟ ଲିମଟେଡକୁ ପିଏମୟୁ ଭାବେ ନିୟୋଜିତ କରାଯାଇଛି । ବିଗତ ତିନି ବର୍ଷ ମଧ୍ୟରେ ଏହି ପିଏମୟୁ ପାଇଁ ୧୦କୋଟି ୨୬ଲକ୍ଷ ୮୭ହଜାର ଟଙ୍କା ବ୍ୟୟ କରାଯାଇଥିବା ମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରାଯାଇଛି। (ତଥ୍ୟ)

## ଓଡିଏ ନିୟମରେ ସଂଶୋଧନ: ବିଲଡିଂ ପ୍ଲାନିଂରେ ପାର୍କିଂ ବାଧ୍ୟତାମୂଳକ

**ଭୁବନେଶ୍ୱର,୩୦ା୩ (ସଂଚାର ବ୍ୟୁରୋ):** ପାର୍ଟ ପ୍ଲଟ ବିକ୍ରି ପାଇଁ ବାଟ ଫିଟିଛି । ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ (ଯୋଜନା ଓ ବିଲ୍ଡିଂ ଷ୍ଟାଣ୍ଡାର୍ଡସ୍ ) ନିୟମ, ୨୦୨୦ରେ ଗୁରୁତ୍ୱପୂର୍ଣ୍ଣ ସଂଶୋଧନ ଚିଠା ନିୟମ ପ୍ରକାଶ ପାଇଛି । ୧୫ ଦିନରେ ଏ ନେଇ ମତାମତ ଗ୍ରହଣ କରାଯିବ ଓ ତାପରେ ଚୂଡାନ୍ତ ବିଜ୍ଞପ୍ତି ପ୍ରକାଶ ପାଇବ ।

ସଂଶୋଧିତ ଚିଠାରେ ପାର୍ଟ ପ୍ଲଟ୍ ବିକ୍ରି ନିୟମରେ କିଛି ପରିବର୍ତ୍ତନ ଆଣିଛନ୍ତି ସରକାର । ପ୍ଲଟିଂ ବେଳେ ଅତି କମ୍‌ରେ ୯ ମିଟର ରାସ୍ତା ଛାଡ଼ିବାକୁ କୁହାଯାଇଛି । ଏହି ରାସ୍ତାକୁ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଗିଫ୍ଟ ଦେବାକୁ ପଡିବ । ପାର୍ଟ ପ୍ଲଟ ରେଜିଷ୍ଟ୍ରି ସମୟରେ ଜମିର ବେଞ୍ଚ ମାର୍କର ୧୫ ପ୍ରତିଶତ କମ୍ପାଉଣ୍ଡିଂ ଫି ଦାଖଲ କରିବାକୁ ପଡିବ । ମୂଳ ପ୍ଲଟକୁ ସବ୍ ପ୍ଲଟରେ ପରିବର୍ତ୍ତନ କରି ବିକ୍ରି ସମୟରେ ଲେ-ଆଉଟକୁ ବାଧ୍ୟତାମୂଳକ କରାଯାଇଛି । ଏହା ସହ ସବ୍-ପ୍ଲଟ ୫୦୦ ବର୍ଗ ମିଟରରୁ କମ୍ ହେବ ନାହିଁ। ଆଫୋର୍ଡେବୁଲ୍ ପ୍ଲଟଗୁଡ଼ିକ ୩୦ ବର୍ଗ ମିଟରରୁ କମ୍ କମ୍ବା ୧୦୦ ବର୍ଗ ମିଟରରୁ ଅଧିକ ହେବନି । ୨୦ ଫୁଟିଆ ରାସ୍ତା ପାଇଁ ଜାଗା ଛାଡ଼ିବା ବାଧ୍ୟତାମୂଳକ । ମୂଳ ପ୍ଲଟକୁ ସବ୍ ପ୍ଲଟ ବିକ୍ରି ସମୟରେ ଲେ-ଆଉଟକୁ ବାଧ୍ୟତାମୂଳକ କରାଯାଇଛି ।

ନୂତନ ଚିଠା ନିୟମରେ ନୂଆ କୋଠା ନିର୍ମାଣରେ ନିୟମ ପରିବର୍ତ୍ତନ କରାଯାଇଛି । ଏହା ସହ ନୂଆ ଘର ନିର୍ମାଣ ଏବଂ ପ୍ଲଟ କିଣାବିକାରେ ରାସ୍ତା, ପାର୍କିଂକୁ ଗୁରୁତ୍ୱ ଦେବାକୁ ଦର୍ଶାଯାଇଛି । ପୌରାଞ୍ଚଳ ବାହାରେ ଥିବା ଶିଳ୍ପାଞ୍ଚଳ ନିର୍ମାଣ ପାଇଁ ୬ ମିଟର ରାସ୍ତା ଛାଡିବା ବାଧ୍ୟତାମୂଳକ। ସେହିପରି ଇଡ୍‌କୋକୁ ସାମନ୍ୟ ଆଶ୍ୱସ୍ତି ମିଳିଛି । ଇଡ୍‌କୋକୁ ସ୍ୱତନ୍ତ୍ର ପ୍ଲାନିଂ ଅଥରିଟି ଭାବେ ଘୋଷଣା କରାଯାଇଛି । ଏଣିକି ଇଡ୍‌କୋ ଅଧିନରେ ଯେଉଁ ସବୁ ଜାଗା ରହିଛି, ସେ ତାର ଲେଆଉଟ୍ ଏବଂ ପ୍ଲାନିଂ କରିବ । ଏଥିପାଇଁ ଉନ୍ନୟନ କର୍ତ୍ତୃପକ୍ଷ ମୁଣ୍ଡ ପୂରାଇବେ ନାହିଁ । ଏହି ସଂଶୋଧନ ରାଜ୍ୟର ସ୍ୱତନ୍ତ୍ର ଓ ବହୁ ମହଲା ବିଶିଷ୍ଟ ଶିଳ୍ପ କୋଠା, ବିଶେଷକରି ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର, ଆଇଟି ଓ ଆଇଟିଇଏସ୍ ଉଦ୍ୟୋଗ ପାଇଁ ଆଶ୍ୱସ୍ତି ଆଣିଛି। କାରଖାନା ଏବଂ ଆଇଟି ପାଇଁ ବେସ୍ ଫ୍ଲୋର ଏରିଆ ରେସିଓ (ଏଫ୍‌ଏଆର୍) ବୃଦ୍ଧି କରାଯିବ । କାରଖାନାଗୁଡ଼ିକ ପୂର୍ବ ତୁଳନାରେ ଦୁଇଗୁଣ ୟୁନିଟ୍ ରଖିପାରିବେ ଏବଂ ଆଇଟି ଉଦ୍ୟୋଗମାନେ କମ୍ ସଂଖ୍ୟକ ମହଲାରେ ଅଧିକ ନିର୍ମାଣ କରିପାରିବେ ।

ନୂଆ ଚିଠା ନିୟମରେ ପାର୍କିଂକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି । ରୁଲ୍ ୩୭ ସବ୍ ରୁଲ-୧ ଅନୁସାରେ ସପିଂ ମଲ, ମଲ୍ଟିପ୍ଲେକ୍ସ, ସିନେମା ହଲ, କଲ୍ୟାଣ ମଣ୍ଡପ, ଷ୍ଟାଡିୟମ, ସ୍ପୋର୍ଟ କମ୍ପ୍ଲେକ୍ସ ଫ୍ଲୋର ଏରିଆ ରେସିଓ ୫୦ ରଖାଯାଇଛି । ଆବାସିକ ଗୃହ, ଆବାସ ପ୍ରକଳ୍ପ, ଗେଷ୍ଟ ହାଉସ, ଧର୍ମଶାଳା, ହୋଟେଲ, ବ୍ୟାଙ୍କ, କର୍ପୋରେଟ ଅଫିସ, ମାର୍କେଟ, ଷ୍ଟୋର ଗୁଡ଼ିକ ୩୦ ପ୍ରତିଶତ ଜାଗା ଛାଡିବେ । ଗୋଦାମ ଗୃହ ପାଇଁ ୨୦ ପ୍ରତିଶତ ଏବଂ ଶିଳ୍ପାଞ୍ଚଳ ୮ ପ୍ରତିଶତ ଜାଗା ଛାଡିବେ ।

ପ୍ଲଟ ବିକ୍ରି ସମୟରେ ବିଲଡରମାନେ ଉନ୍ନୟନ କାର୍ଯ୍ୟ ପାଇଁ ଜାଗା ଛାଡିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହି ଜାଗାରେ ପାର୍କ, ବୃକ୍ଷରୋପଣ, କଲ୍ୟାଣ ମଣ୍ଡପ, ସ୍ୱେରେଜ ପ୍ରକଳ୍ପ, ଡ୍ରେନ୍ ଆଦି ନିର୍ମାଣ କରିବେ । ୦.୪ ହେକ୍ଟରକୁ କମ ଜାଗା ଥିଲେ ସେଠାରେ ପ୍ରତି ୮୦ ମିଟରରେ ଗଛ ଲଗାଇବେ । ସେହିପରି ୦.୪ରୁ ୨ ହେକ୍ଟର ପ୍ଲଟରେ ଲେଆଉଟ୍ ପ୍ଲାନରେ ୧୦% ଜାଗା ଛାଡିବେ । ଯଦି ବିଲଡର ଲେ-ଆଉଟ ପ୍ଲାନରେ ଓପନ୍ ସ୍ପେଶ ପାଇଁ ଜାଗା ଛାଡିନଥିବେ ତାହାଲେ ଜମିର ବେଞ୍ଚ ମାର୍କ ଅନୁସାରେ ଜରିମାନା ଆଦାୟ କରାଯିବ । ଏହାକୁ ସିଟି ଇନ୍‌ଫ୍ରା ଡେଭଲମେଣ୍ଟ ଫଣ୍ଡ (ସିଆଡିଏଫ୍) ରେ ଜମା କରିବାକୁ ପଡ଼ିବ । ଏହାକୁ ପରବର୍ତ୍ତୀ ସମୟରେ ଉନ୍ନତୀକରଣରେ ଲଗାଯିବ । ସେହିପରି ଦୁଇ ହେକ୍ଟରରୁ ଅଧିକ ଜମି ଥିଲେ ୧୨.୫% ଜାଗା ଛାଡିବାକୁ ପଡିବ । ଏଥିରେ ସ୍ୱେରେଜ, ଇଲେକ୍ଟ୍ରିକ୍ ସବ୍‌ଷ୍ଟେସନ, ଡ୍ରେନ୍ ଆଦି ନିର୍ମାଣ କରାଯିବ ।

# ଥାନାବାବୁଙ୍କୁ ମହିଳାଙ୍କ ଆକ୍ରମଣ



**କୋରେଇ, ୩୦ା୩(ସଂଚାର ବ୍ୟୁରୋ):** ଯାଜପୁର କୋରେଇ ଥାନା ଆଇଆଇସିଙ୍କୁ ଆକ୍ରମଣ। ଆଇଆଇସି ରାକେଶ ତ୍ରିପାଠୀଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ଚୋରି ବାଇକ୍ ସିଜ୍ କରିବାକୁ ଆସିଥିବାବେଳେ କୋରେଇ ଥାନା ପୂର୍ବକୋଟ ହାଟ ନିକଟରେ ଘଟିଛି ଏହି ଘଟଣା । ପୋଲିସ ଗାଡି ଓ କର୍ମଚାରୀଙ୍କୁ ଆକ୍ରମଣ କରି ଚୋରି ଗାଡିକୁ ଲୋକେ ଛଡେଇ ନେଇଥିବା କୁହାଯାଉଛି। କୁଆଖିଆ ଥାନା ଅଞ୍ଚଳରୁ ଚୋରି ହୋଇଥିବା ଏକ ବାଇକ୍ ସିଜ୍ କରିବାକୁ, ଆଜି କୋରେଇ ପୋଲିସ କନ୍ତର ପଞ୍ଚାୟତ ତେଲେଙ୍ଗା ବସ୍ତି ନିକଟ ହାଟ ପଡ଼ିଆକୁ ଆସିଥିଲା। ତେବେ ଚୋରଙ୍କୁ କାବୁ କରିଥିବା ବେଳେ ତେଲେଙ୍ଗା ବସ୍ତିର କିଛି ମହିଳା ସଂଘବଦ୍ଧ ଭାବେ ପୋଲିସକୁ ଆକ୍ରମଣ କରି ଗାଡ଼ି ଛଡାଇନେଇଥିବା ଅଭିଯୋଗ ହୋଇଛି। ଏହି ଘଟଣା ପରେ ପୋଲିସ ପକ୍ଷରୁ ତେଲେଙ୍ଗା ବସ୍ତିରେ ତନାଘନା ଜାରି ରହିଛି।

# ପଠାଣି ସାମନ୍ତ ଗଣିତ ସ୍କଲାରସିପରେ ଛାତ୍ରଙ୍କ କୃତିତ୍ୱ



**ବୋରିଗୁମ୍ମା, ୩୦ା୩(ସଂଚାର ବ୍ୟୁରୋ):** ବୋରିଗୁମ୍ମା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପାଠ ପଢୁଥିବା ଛାତ୍ର ପ୍ରଦୀପ ରାୟ ସରକାରଙ୍କ ପକ୍ଷରୁ ଅନୁଷ୍ଠିତ ପଠାଣି ସାମନ୍ତ ଗଣିତ ସ୍କୋଲାରସିପରେ  କୃତିତ୍ୱ ହାସଲ କରି ବୋରିଗୁମ୍ମା ବ୍ଲକ ପାଇଁ ଗୌରବ ଆଣିଦେଇଛନ୍ତି । ଛାତ୍ର ପ୍ରଦୀପ ସରକାରୀ ବିଦ୍ୟାଳୟ ରେ ପାଠ ପଢ଼ି ପଠାଣି ସାମନ୍ତ ଗଣିତ ପ୍ରତିଭା ରେ ଉତ୍ତୀର୍ଣ୍ଣ ହୋଇଥିବା ଯୋଗୁଁ ତାଙ୍କୁ ପ୍ରଧାନ ଶିକ୍ଷୟତ୍ରୀ ଶାନ୍ତିଲତା ନାୟକ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ,ଶିକ୍ଷୟତ୍ରୀ ଓ ସହପାଠୀ, ଓ ପରିବାର ବର୍ଗଙ୍କ ପକ୍ଷରୁ ଚାରିଆଡୁ ଶୁଭେଚ୍ଛା ର ସୁଅ ଛୁଟୁଥିବା ଦେଖିବାକୁ ମିଳିଛି । ଏହି ଅବସରରେ ତାଙ୍କର ସଫଳତାର ଶ୍ରେୟ ସେ ବୋରିଗୁମ୍ମା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ଶାନ୍ତିଲତା ନାୟକ, ବିଦ୍ୟାଳୟ ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତଥା ଛାତ୍ର ଛାତ୍ରୀ ଓ ନିଜର ପିତା ରାଜେନ୍ଦ୍ର ପ୍ରସାଦ ରାୟ , ମାତା ଗାୟତ୍ରୀ ରାୟଙ୍କୁ ଦେଇଛନ୍ତି।ଏହି କୃତି ଛାତ୍ର ଜଣକ ବର୍ତ୍ତମାନ ଅଷ୍ଟମ ଶ୍ରେଣୀରେ ଅଧ୍ୟୟନରତ ଅଛନ୍ତି।

# ଚିଙ୍ଗୁଡ଼ିଖୋଲରେ ଧୁମଧାମରେ ହିନ୍ଦୁ ନବବର୍ଷ ପାଳିତ



**ଗଞ୍ଜାମ, ୩୦ା୩(ସଂଚାର ବ୍ୟୁରୋ):** ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ। ଏହି ଉପଲକ୍ଷେ ସମଗ୍ର ଭାରତ ବର୍ଷରେ ବେଶ୍ ଧୁମଧାମରେ ପାଳନ କରାଯାଉଥିବା ବେଳେ ଏଥିରୁ ବାଦ ପଡ଼ିନାହିଁ ଗଞ୍ଜାମ ଜିଲ୍ଲା ବେଗୁନିଆପଡ଼ା ବ୍ଲକ ର ଚିଙ୍ଗୁଡ଼ିଖୋଲ ଗ୍ରାମ। ପାଖାପାଖି ୪୦ରୁ ଉର୍ଦ୍ଧ୍ୱ ଗ୍ରାମର ଯୁବକ ମାନେ ମିଳିତ ଭାବେ ଏହି ଦିବସକୁ ପାଳନ କରିଛନ୍ତି। ରାଷ୍ଟ୍ରୀୟ ନବର୍ଷ ଉପଲକ୍ଷେ ଏକ ବିଶାଳ ଶୋଭାଯାତ୍ରା ବାହାର କରି ଗ୍ରାମ ପରିକ୍ରମା କରିଥିଲେ। ତେଣୁ ଚଳିତ ବର୍ଷ ମାର୍ଚ୍ଚ ୩୦ ରେ ଏହି ପବିତ୍ର ଦିନକୁ କଟକରେ ବ୍ୟାପକ ଆୟୋଜନ କରାଯାଇଥିଲା ।ଏହାସହ ହିନ୍ଦୁ ଧର୍ମ ଆଧାରରେ ସଂକୀର୍ତ୍ତନ, ଭଜନ ଆଦି ଗାନ କରାଯାଇ ଏହି ପବିତ୍ର ଦିନରେ ଗ୍ରାମବାସୀଙ୍କୁ ଏକ ସ୍ୱତନ୍ତ୍ର ବାର୍ତ୍ତା ପ୍ରଦାନ କରାଯାଇଛି । ବର୍ତ୍ତମାନ ସମୟରେ ମଣିଷ ଯେଉଁ ନିଜ ପରମ୍ପରାଠୁ ବିମୁଖ ହେଉଛି ତାହାକୁ ମନେ ପକାଇବା ପାଇଁ ଏହି ଆୟୋଜନ କରାଯାଉଛି ବୋଲି ଗ୍ରାମର  ଯୁବକ ମାନେ ସ୍ପଷ୍ଟ କରିଛନ୍ତି।

# ନବରଙ୍ଗପୁରରେ ହିତାଧିକାରୀଙ୍କୁ ମିଳିଲା କାର୍ଯ୍ୟାଦେଶ

**ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ**

**ନବରଙ୍ଗପୁର, ୩୦ା୩(ସଂଚାର ବ୍ୟୁରୋ):** ଆଜି ସ୍ଥାନୀୟ ସାଇ କଲ୍ୟାଣ ମଣ୍ଡପ ଠାରେ ପଞ୍ଚାୟତି ରାଜ ଓ ପାନୀୟ ଜଳ ବିଭାଗ ଦ୍ୱାରା ଆୟୋଜିତ "ଅନ୍ତ୍ୟୋଦୟ ଗୃହ ଯୋଜନା"ର ଶୁଭାରମ୍ଭ କାର୍ଯ୍ୟକ୍ରମ ଅବସରରେ ଜିଲ୍ଲାର ହିତାଧିକାରୀଂକୁ ଗୃହ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ଠାରେ ଅନୁଷ୍ଠିତ ରାଜ୍ୟ ସ୍ତରୀୟ "ଅନ୍ତ୍ୟୋ ଦୟ ଗୃହ ଯୋଜନା"ର ଶୁଭାରମ୍ଭ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କରକମଳରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସାଇ କଲ୍ୟାଣ ମଣ୍ଡପ ଠାରେ ଏହି ଯୋଜନାର ସିଧା ପ୍ରସାରଣ ଉପସ୍ଥିତ ଜିଲ୍ଲାର ସମସ୍ତ ଅନ୍ତ୍ୟୋଦୟ ଗୃହ ଯୋଜନାର ହିତାଧିକାରୀଙ୍କ ସହିତ ମାନ୍ୟବର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ମଞ୍ଚରେ ମାନ୍ୟବର ବିଧାୟକ ନବରଙ୍ଗପୁର ଗୌରୀ ଶଙ୍କର ମାଝୀ, ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଯଦୁମଣି ନାୟକ, ନବରଙ୍ଗପୁର ବି ଡି ଓ ସୁନୀଲ ଖରା ସମ୍ମାନୀତ ଅତିଥି ରୂପେ ଯୋଗଦେଇଥିଲେ।



ମାନ୍ୟବର ମନ୍ତ୍ରୀ ଏବଂ ବିଧାୟକ ନିଜ ବକ୍ତବ୍ୟରେ ରାଜ୍ୟ ସରକାରଙ୍କ ଏହି "ଅନ୍ତ୍ୟୋଦୟ ଗୃହ ଯୋଜନା" ନିଶ୍ଚିତ ଭାବେ ଗରିବ ଏବଂ ନିମ୍ନ ଆୟ ବର୍ଗ ଲୋକମାନଙ୍କ ପାଇଁ ମୁଣ୍ଡକୁ ଛାତ ଯୋଗାଇବାର ଏକ ଅଭିନବ ପଦକ୍ଷେପ ଏବଂ ଏଥିପାଇଁ ନବରଙ୍ଗପୁର ଜିଲ୍ଲାର ଆଜି ୨୦୬୨ ଜଣଙ୍କୁ ଗୃହ କାର୍ଯ୍ୟାଦେଶ ପ୍ରଦାନ କରାଯାଉଥିବା ପଦକ୍ଷେପ ପକ୍କା ଘର ଆଶକୁ ପୂର୍ଣ୍ଣ କରିଛି ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ମାନ୍ୟବର ମନ୍ତ୍ରୀ ଓ ଅନ୍ୟ ଅତିଥି ଗଣ ନବରଙ୍ଗପୁର ବ୍ଲକର ୧୩ଟି ପଞ୍ଚାୟତର ୧୩୫ ଜଣ ସହ ତେନ୍ତୁଳିଖୁଣ୍ଟି ବ୍ଲକ କୁକୁଡ଼ାବାଇ ପଞ୍ଚାୟତର ୧୦ ଜଣ, ନନ୍ଦାହାଣ୍ଡି ବ୍ଲକର ପଡ ଲଗୁଡ଼ା ପଞ୍ଚାୟତର ୧୦ ଜଣ ଏଭଳି ୧୫୫ ଜଣଙ୍କୁ ଗୃହ କାର୍ଯ୍ୟାଦେଶ ପ୍ରଦାନ କରିଥିଲେ। ରାଜ୍ୟ ସରକାରଙ୍କ ୭୫୫୦ କୋଟି ବ୍ୟୟ ବରାଦ ଏହି ଯୋଜନା ମାଧମରେ ତିନି ବର୍ଷ ମଧ୍ୟରେ ୨,୨୫,୦୦୦ ଲୋକଙ୍କୁ ପକ୍କା ଘର ଯୋଗାଇଦେବାର ନିଷ୍ପତ୍ତି କରିଛନ୍ତି। ୨୫ ବର୍ଗ ମିଟର ପରିଧିର ପକ୍କା ଘର ନିର୍ମାଣ ପାଇଁ ୧,୨୦,୦୦୦ ଟଙ୍କା ର ଆର୍ଥିକ ସହାୟତା ଦିଆଯିବ।

ଏହି ଅବସରରେ ସମସ୍ତ ବ୍ଲକରେ ଏହି ସିଧା ପ୍ରସାରଣ କାର୍ଯ୍ୟକ୍ରମ କରାଯାଇ ହିତାଧିକାରୀଙ୍କୁ ଗୃହ କାର୍ଯ୍ୟାଦେଶ ପ୍ରଦାନ କରଯାଇଥିଲା। ଚନ୍ଦାହାଣ୍ଡି ବ୍ଲକରେ ୭୯, ଡ଼ା ବୁ ଗାଁ ବ୍ଲକ ରେ ୬୬ ଜଣ, ଝରିଗାଁ ବ୍ଲକ୍ ରେ ୧୯୨ ଜଣ, କୋଶଗୁମୁଡ଼ା ରେ ୩୮୧ ଜଣ,ନବରଙ୍ଗପୁର ବ୍ଲକରେ ୧୩୫ ଜଣ, ନନ୍ଦାହାଣ୍ଡି ବ୍ଲକରେ ୭୪ ଜଣ, ପାପଡ଼ାହାଣ୍ଡି ବ୍ଲକ ରେ ୪୧୬ ଜଣ, ରାଇଘର ବ୍ଲକ୍ ରେ ୩୨୯ ଜଣ, ତେନ୍ତୁଲିଖୁଣ୍ଟି ବ୍ଲକ ରେ ୧୧୮ ଜଣ, ଉମରକୋଟ ବ୍ଲକ୍ ରେ ୨୭୨ ଜଣ ଏଭଳି ମୋଟ ୨୦୬୨ ଜଣଙ୍କୁ ଗୃହ କାର୍ଯ୍ୟାଦେଶ ପ୍ରଦାନ କରଯାଇଥିଲା।କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗୀୟ ଅଧିକାରୀ,ପି ଆର୍ ଆଇ ସଭ୍ୟ, ଡି ଏସ ଏସ ଓ ସୁଧାଂଶୁ ପାତ୍ର, ଡି ଆଇ ପି ଆର୍ ଓ ମନୋଜ କୁମାର ବେହେରା ଙ୍କ ସହ ଗଣ ମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। ଜରୁରୀକାଳୀନ ଶାଖା ଜିଲ୍ଲା ପ୍ରକଳ୍ପ ଅଧିକାରୀ ହିମାଂଶୁ ପଟ୍ଟନାୟକ ସଭା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

# ପ୍ରତିବିମ୍ବ ଶିବିରରେ ଡାଙ୍ଗରପଦା ହାଇସ୍କୁଲ ରାଜ୍ୟସ୍ତରରେ ପ୍ରଥମ




**ବାଲିଆପାଳ, ୩୦ା୩(ସଂଚାର ବ୍ୟୁରୋ):** ଭାରତ ସ୍କାଉଟ ଗାଇଡ ତରଫରୁ ଆୟୋଜିତ ରାଜ୍ୟସ୍ତରୀୟ ପ୍ରତିବିମ୍ବ ପ୍ରତିଯୋଗିତାରେ ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ଡାଙ୍ଗରପଦା ହାଇସ୍କୁଲ ରାଜ୍ୟ ସ୍ତରରେ ପ୍ରଥମ ହୋଇ ଅପୂର୍ବସଫଳତା ହାସଲ କରିଛି। ଏହି କାର୍ଯ୍ୟକ୍ରମରେ ଯୋଗ, ଶାରୀରିକ ପ୍ରଦର୍ଶନ, ନାଟକ, କ୍ୟାମ୍ପ ଫାୟାର, କୁଇଜ, ଡିବେଟ, ଗ୍ଲୋଡେନ ଏରା ପ୍ରଭୃତି ୭ଟି ବିଭାଗରେ ସ୍ୱର୍ଣ୍ଣ ପଦକ ଓ ଟ୍ରଫି ହାସଲ କରି ବାଲେଶ୍ୱର ଜିଲା ପାଇଁ ଗର୍ବ ଆଣିଛନ୍ତି। ଏହି କାର୍ଯ୍ୟକ୍ରମରେ ସ୍କାଉଟ ମାଷ୍ଟର ଶିକ୍ଷକ ସଞ୍ଜିତ କୁମାର ଜେନା, ଗାଇଡ କ୍ୟାପ୍ଟେନ ଶିକ୍ଷୟିତ୍ରୀ ରଶ୍ମିତା ସୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଛାତ୍ରୀ ସାଇପ୍ରଭା ନନ୍ଦୀ, ଅର୍ପିତା ପରିଡ଼ା, ସଞ୍ଜୀତା ବେହେରା, ଅର୍ଚ୍ଚିତା ଜେନା, ଜ୍ୟୋସ୍ନା ଦଳାଇ, କ୍ରୀଷ୍ଣା କୁମାରୀ ପାତ୍ର, ବୀପାସା ବେହେରା, ସୁନିତା ଅଧିକାରୀ, ପ୍ରତିଭା ପ୍ରଧାନ, ସାଇସ୍ମୃତି ସାହୁ, ରେବତୀ ପାତ୍ର, ଆର୍ଦଶପ୍ରତୀକ ଜେନା, ଚିନ୍ମୟ ଭଞ୍ଜ, ସନ୍ଦୀପ ଜେନା, ବିକାଶ ଜେନା, ଶ୍ରୀକୃଷ୍ଣ ମାଝୀ, ଶୁଭଜିତ ଜେନା, ରାଜକୁମାର ଜେନା, ବିଶ୍ୱଜିତ ପ୍ରଧାନ, ଜୟକୃଷ୍ଣ ମାଣିକ ପ୍ରମୁଖ ଯୋଗ ଦେଇ ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଏହି ସଫଳତା ପାଇଁ ଜିଲାଶିକ୍ଷାଧିକାରିଣୀ ପ୍ରାଚୀ ତନୟା ଗିରି, ଶାରୀରିକ ଶିକ୍ଷା ଅଧିକାରୀ ଅଶୋକ କୁମାର ନାୟକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏବଂ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘର ପ୍ରସ୍ତୁତି ବୈଠକ



**ସୁବର୍ଣ୍ଣପୁର, ୩୦ା୩(ସଂଚାର ବ୍ୟୁରୋ):** ରାଜ୍ୟ ସରକାରୀ ଅଧାପକ କର୍ମଚାରୀ ସଂଘ ତରଫରୁ ସଂଘର ରାଜ୍ୟ ସଭାପତି ବିଶ୍ୱରଞ୍ଜନ ଦାସଙ୍କର ନିର୍ଦ୍ଦେଶ କ୍ରମେ ଚଳିତ ବର୍ଷର  +୨ ପରୀକ୍ଷା ଖାତାର ମୂଲ୍ୟାଙ୍କନ ବର୍ଜନ କରି ଅନିର୍ଦ୍ଦିଷ୍ଟ କାଳ ପାଇଁ ଗାନ୍ଧୀ ମାର୍ଗ ରେ ଧାରଣା ଦେବାପାଇଁ ସୁବର୍ଣ୍ଣପୁର ଜିଲ୍ଲା ସଂଘର ସଭାପତି ଉଦ୍ଧବ ପଧାନଙ୍କ ନେତୃତରେ ସୁବର୍ଣ୍ଣପୁରର ରାମେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଆଗାମୀ ତା ୨ତାରିଖ ରେ  ଭୁବନେଶ୍ୱରରେ ହେବାକୁ ଥିବା ମହାସମାବେଶରେ ୦୧-୦୬-୨୦୦୮ ରୁ ୦୧-୦୬-୨୦୧୮ ମସିହା ମଧ୍ୟରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ଅଧାପକ ଅଧାପିକା ଓ କର୍ମଚାରୀମାନଙ୍କୁ ଅନୁଦାନ ପରିସରଭୁକ୍ତ କରିବା ନିମନ୍ତେ ସଂଘ ତରଫରୁ ଉକ୍ତ ସମାବେଶରେ ଅଧିକ ରୁ ଅଧିକ ସଂଖ୍ୟକ ଯୋଗଦାନ କରି ମହାସମାବେଶକୁ ସଫଳ କରିବା ପାଇଁ ନିଷ୍ପତି ନିଆଯାଇଛି ।ଏଥି ପାଇଁ ଯାହା ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଲେ ରାଜ୍ୟ ସରକାର ହିଁ ଦାୟୀ ରହିବେ ବୋଲି ସେ ପ୍ରକାଶ କରିଛନ୍ତି।ଏହି ବୈଠକ ରେ ବିନିକା ଖଣ୍ଡ ସଂଯୋଜକ ବିଶ୍ୱନାଥ ମିଶ୍ର, ବୀରମହାରାଜପୁର ଖଣ୍ଡ ସଂଯୋଜିକା ସନ୍ତୋଷିନୀ ନାୟକ, ଅଧାପକ ବାଳମକୁନ୍ଦ ବାରିକ,ନିଶାନ୍ତ କୁମାର ମହାନ୍ତି,ସଞ୍ଜୟ ପଧାନ, ମାଧବ ପଧାନ,ପୁରୁଷମ ମେହେର, ଝଲକ କୁମାର ମିଶ୍ର, ରୋହିତ ଧରୁଆ,ଶରତ କୁମାର କହଁର, ଭୁବନେଶ୍ୱର ସାହୁ, ମାନସ ନାୟକ, ଅଧାପିକା ସନ୍ଧ୍ୟାରାଣୀ ଗୁରୁ ସମେତ ସମସ୍ତ ଅଧାପକ,ଅଧାପିକା ଏବଂ କର୍ମଚାରୀ ଉପସ୍ଥିତ ଥିଲେ ।

# ଡେଲାଙ୍ଗରେ ୧୪୧ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବାଣ୍ଟିଲେ ବିଧାୟକ



**ଡେଲାଙ୍ଗ, ୩୦ା୩(ସଂଚାର ବ୍ୟୁରୋ):** ଡେଲାଙ୍ଗ ବ୍ଲକ କାର୍ଯ୍ୟାଳୟ ପରିସରରେ ରବିବାର ଦିନ ରାଜ୍ୟ ସରକାରଙ୍କ ଅନ୍ତ୍ୟୋଦୟ ଗୃହ ଯୋଜନା ନାମକ ଏହି ନୂତନ ଯୋଜନାର  ଶୁଭାରମ୍ଭ ହୋଇଛି! ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଦ୍ୱାରା କଳାହାଣ୍ଡି ରୁ ଆଭାସି ମାଧ୍ୟମରେ ଏହି ଯୋଜନାର ଉଦଘାଟନ ସିଧା ପ୍ରସାରଣ କରାଯାଇଥିଲା। ବିଧାୟକ ଆଶ୍ରିତ ପଟ୍ଟନାୟକ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ପ୍ରଦୀପ ପ୍ରଜ୍ୱଳନ ସହ ନଡ଼ିଆ ଭାଙ୍ଗି ଶୁଭାରମ୍ଭ କରିଥିଲେ ! ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ମହାପାତ୍ର,ବ୍ଲକ ଅଧକ୍ଷା ବାସନ୍ତୀ ସାହୁ, ବିଡ଼ିଓ କ୍ଷିତିଶ ବେହେରା, ଆସିଷ୍ଟାଣ୍ଟ ଏଜୁକେଟିଭ ଇଞ୍ଜିନିଅର ସୁବ୍ରତ କୁମାର ବାରିକ ସମେତ ବ୍ଲକର ସମସ୍ତ କର୍ମକର୍ତ୍ତା,ସରପଞ୍ଚ, ସମିତି ସଭ୍ୟା, ହିତାଧିକାରୀ ମାନେ ପ୍ରମୁଖ ଯୋଗଦେଇଥିଲେ ! ଆଜି ପ୍ରଥମ ଦିନରେ  ଅନ୍ତ୍ୟୋଦୟ ଗୃହ ଯୋଜନାରେ ଡେଲାଙ୍ଗ ବ୍ଲକର ସିଙ୍ଗବ୍ରହ୍ମପୁର ପଞ୍ଚାୟତ ବ୍ୟତୀତ ଅନ୍ୟ ୨୦ଟି ଗ୍ରାମ ପଞ୍ଚାୟତର ୧୪୧ ଜଣ ହିତାଧିକାରୀଙ୍କୁ ଘର ପାଇଁ  ବିଧାୟକ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ । ଏହି ଯୋଜନାରେ ପ୍ରତ୍ୟେକ ହିତାଧିକାରୀଙ୍କୁ ଏକ ଲକ୍ଷ କୋଡିଏ ହଜାର ଟଙ୍କା ଦିଆଯିବା ସହିତ ଏଥିରେ ଅନ୍ୟାନ୍ୟ ଯୋଜନାର ସମନ୍ୱୟ କରାଯାଇ ବିଭିନ୍ନ ଆବଶ୍ୟକୀୟ ସୁବିଧା ଦିଆଯିବ । ସ୍ୱଚ୍ଛ ଭାରତ ମିଶନରୁ ଶୌଚାଳୟ, ଉଜ୍ଜ୍ୱଳା ଯୋଜନାରୁ ରନ୍ଧନ ଗ୍ୟାସ, ଜଳ ଜୀବନ ମିଶନରୁ ସ୍ୱଚ୍ଛ ପାନୀୟ ଜଳ, ସୌଭାଗ୍ୟ ଯୋଜନାରୁ ବିଦ୍ୟୁତ ସଂଯୋଗ ଆଦି ଯୋଗାଇ ଦିଆଯିବ। ଜୀବନଯାପନ ପାଇଁ ସବୁ ଆବଶ୍ୟକୀୟ ସୁବିଧା ଦିଆଯିବ ।  କେବଳ ସେତିକି ନୁହେଁ, ଏହି ଯୋଜନାରେ ହିତାଧିକାରୀମାନଙ୍କୁ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ୯୦ରୁ ୯୫ଦିନ ପର୍ଯ୍ୟନ୍ତ ଅଣକୁଶଳୀ ଶ୍ରମିକ ଭାବରେ ପାରିଶ୍ରମିକ ସହ କାମ ଯୋଗାଇ ଦିଆଯିବ । ଏହି ଯୋଜନାରେ ସମାଜରେ ସବୁଠାରୁ ଅଧିକ ଗରିବ ଓ ଅସହାୟ ଲୋକମାନେ ଉପକୃତ ହେବେ ।  ଭିନ୍ନକ୍ଷମ, ବିଧବା, କର୍କଟ ଭଳି ଅନ୍ୟାନ୍ୟ ଗୁରୁତର ରୋଗରେ ପୀଡ଼ିତ ପରିବାର, ଶହୀଦ ପରିବାର, ଘରପୋଡ଼ି, ହାତୀ ଉପଦ୍ରବ ତଥା ବନ୍ୟା ବାତ୍ୟା ପରି ପ୍ରାକୃତିକ ବିପର୍ଯ୍ୟୟରେ ଭୀଷଣ ଭାବେ ପ୍ରଭାବିତ ହୋଇଥିବା ପରିବାରଙ୍କୁ ଅଗ୍ରାଧିକାର ଭିତ୍ତିରେ ଗୃହ ମଞ୍ଜୁର କରାଯିବ । ଏହା ସହିତ କର୍କଟ, କୁଷ୍ଠ, କିଡ଼ନୀ ରୋଗ, ଲିଭର ସିରୋସିସ, ଥାଲାସେମିଆ ଅଥବା ଏଚ୍ଆଇଭି ପରି ଦୁରାବ୍ୟାଧିରେ ପୀଡ଼ିତ ପରିବାର ଏବଂ ଅନାଥ, ନିରାଶ୍ରୟଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ତୁରନ୍ତ ଗୃହ ଯୋଗାଇ ଦିଆଯିବ। ଏଥିସହିତ ବିଧାୟକ ଆଶ୍ରିତ ପଟ୍ଟନାୟକ କହିଲେ  ଆମ ସରକାର ହେଉଛି ଲୋକଙ୍କ ସରକାର ।

# ରାଜନଗର ବ୍ଲକରେ ଅନ୍ତ୍ୟୋଦୟ  ଗୃହ ଯୋଜନାର କାର୍ଯ୍ୟାଦେଶ ପ୍ରଦାନ



**ରାଜନଗର, ୩୦ା୩(ସଂଚାର ବ୍ୟୁରୋ):** ଆଜି ସାରା ରାଜ୍ୟରେ ରାଷ୍ଟ୍ରୀୟ ନବବର୍ଷ ଅବସରରେ ରାଜ୍ୟ ସରକାର ନୂତନ ଅନ୍ତୋଦୟ ଗୃହ ଯୋଜନା ଶୁଭାରମ୍ଭ କରିଛନ୍ତି। ୩ ବର୍ଷରେ ୭୫୫୦ କୋଟି ଟଙ୍କା ବିନିଯୋଗରେ ଏହି ଲୋକକଲ୍ୟାଣ ଯୋଜନା ଆରମ୍ଭ ହୋଇଛି। ଆଜି ରାଜନଗର ପଂଚାୟତ ସମିତି ପକ୍ଷରୁ ରାଜନଗର ହାଇସ୍କୁଲ ପଡ଼ିଆରେ ଆୟୋଜିତ ସମାବେଶରେ ରାଜନଗର ବିଧାୟକ ଧ୍ରୁବ ସାହୁ, ସାଂସଦ ପ୍ରତିନିଧି ଲଳିତ କୁମାର ବେହେରା, ପଂଚାୟତ ସମିତି ଅଧକ୍ଷା ପ୍ରତିଭା ପାତ୍ର, ଉପାଧକ୍ଷ ଗଣେଶ ଚନ୍ଦ୍ର ଗୁଡ଼ିଆ, ବିଡ଼ିଓ ରବିନାରାୟଣ ଆଚାର୍ଯ୍ୟ, ଆଇଆଇସି ନରେଶ କୁମାର ସାହୁ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ପ୍ରଥମ ପର୍ଯ୍ୟାୟରେ ବ୍ଲକର ୧୦୧ ଯୋଗ୍ୟ ହିତାଧିକାରୀଙ୍କୁ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ଏହି ଯୋଜନାରେ ଭିନ୍ନକ୍ଷମ, ବିଧବା, ରୋଗାକ୍ରାନ୍ତ, ଶହୀଦ ପରିବାର, ଘରପୋଡି କ୍ଷତିଗ୍ରସ୍ତ ଲୋକଙ୍କୁ ଏଥିରେ ସାମିଲ କରାଯାଇଛି ବୋଲି ବିଡ଼ିଓ ଶ୍ରୀ ଆଚାର୍ଯ୍ୟ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ସରପଞ୍ଚ ନିରଞ୍ଜନ ରାଉତ, ଅଶୋକ କୁମାର ମହାନ୍ତି, ସସ୍ମିତା ମହାନ୍ତି, ବୀଣାପାଣି ପ୍ରଧାନ ସମିତି ସଭ୍ୟ ଆର୍ତ୍ତବନ୍ଧୁ ମହାନ୍ତି, ସୁମିତ୍ରା ସେଠୀ, ପ୍ରଶାନ୍ତ କୁମାର ରାଉତଙ୍କ ସମେତ ସମସ୍ତ ପଂଚାୟତର ସରପଞ୍ଚ ଏବଂ ସମିତି ସଭ୍ୟ ଉପସ୍ଥିତ ଥିଲେ।

## ପୂରଣ ହେବ ପକ୍କାଘର ଆଶା

# ଅସ୍ତରଙ୍ଗରେ ୧୦ ଓ କାକଟପୁରରେ ୨୧ଜଣଙ୍କୁ କାର୍ଯ୍ୟାଦେଶ ବଣ୍ଟନ



**କାକଟପୁର/ଅସ୍ତରଙ୍ଗ,୩୦ା୩(ସଂଚାର ବ୍ୟୁରୋ):** ସମାଜର ଆର୍ଥିକ ଅନଗ୍ରସରଙ୍କ ପାଇଁ ଅନ୍ତ୍ୟୋଦୟ ଗୃହ ଯୋଜନା କାର୍ଯ୍ୟକାରୀ କରିଛନ୍ତି ରାଜ୍ୟ ସରକାର। ବିଭିନ୍ନ ସରକାରୀ କଟକଣା ଯୋଗୁଁ ପୂର୍ବରୁ ଜାରି ରହିଥିବା ଆବାସ ଯୋଜନାରୁ ବଂଚିତ ଗରିବ ଓ ନିରାଶ୍ରୟ ଲୋକଙ୍କ ନିମନ୍ତେ ରାଜ୍ୟ ସରକାର ନୂତନ କରି ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ କରିଛନ୍ତି। ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକାର୍ପଣ କରିଛନ୍ତି। ଏହି ଯୋଜନାକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ପାଇଁ ପ୍ରୟାସ ଆରମ୍ଭ ହୋଇଥିବା ବେଳେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରୁ ୧୦ଜଣ ହିତାଧିକାରୀ ଓ କାକଟପୁର ବ୍ଲକରୁ ୨୧ଜଣ ହିତାଧିକାରୀଙ୍କୁ ଉପସ୍ଥିତ ଅତିଥି କାର୍ଯ୍ୟାଦେଶ ବଣ୍ଟନ କରିଛନ୍ତି।

ସୂଚନା ମୁତାବକ, ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ୧୫ଗୋଟି ପଂଚାୟତ ଓ କାକଟପୁର ବ୍ଲକର ୧୬ଗୋଟି ପଂଚାୟତରେ ସର୍ଭେ କରିବା ପରେ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରତି ପଂଚାୟତରୁ ୧୫ଜଣ ଲେଖାଏଁ ଯୋଗ୍ୟ ହିତାଧିକାରୀଙ୍କ ତାଲିକା ପ୍ରସ୍ତୁତ କରିବା ପାଇଁ ସୂଚନା ରହିଥିଲା। କିନ୍ତୁ ରବିବାର ମାନ୍ୟବର ମୁଖ୍ୟମନ୍ତ୍ରୀ ଲୋକାର୍ପଣ କରିବା ପରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ଅତିଥି ଭାବେ ଡିପିଓ ବଳରାମ ପାତ୍ର, ବିଡ଼ିଓ ସୁଶ୍ରୀ ସସ୍ମିତା ବେହେରା, ବ୍ଲକ ଅଧକ୍ଷା ଆରତୀ ନାଏକ, ଉପାଧକ୍ଷ ଦୂଜୟ ମିଶ୍ର, ସିଡିପିଓ ମମତା ନାୟକ ପ୍ରମୁଖ ଅତିଥି ଉପସ୍ଥିତ ରହି ପ୍ରଥମ ପର୍ଯ୍ୟାୟରେ ୧୦ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ।

ସେହିପରି କାକଟପୁର ବ୍ଲକର ୧୬ଗୋଟି ପଂଚାୟତରୁ ପ୍ରଥମ ପର୍ଯ୍ୟାୟରେ ୨୧ଜଣ ହିତାଧିକାରୀ ପାଇଛନ୍ତି। ଅତିଥି ଭାବେ ବିଡ଼ିଓ ବିଷ୍ଣୁ ଗୋବିନ୍ଦ, ବ୍ଲକ ଅଧକ୍ଷ ଶ୍ରୀଧର ନାୟକ, ସହକାରୀ ଯନ୍ତ୍ରୀ ସ୍ନେହାଶିଷ ସୁବୁଦ୍ଧି ଓ ବିପିଓ ପ୍ରିୟଦର୍ଶନୀ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। କିନ୍ତୁ ମଞ୍ଚନିକଟରେ ୫ଜଣ ହିତାଧିକାରୀ ମତୀ ନାୟକ, ଇତିନା ଖୁଣ୍ଟିଆ, ଉଷାରାଣୀ ସ୍ୱାଇଁ, ସଖି ବେହେରା ଓ ମାନସରଞ୍ଜନ ରାୟଙ୍କୁ ଅତିଥି କାର୍ଯ୍ୟାଦେଶ ବି ବଣ୍ଟନ କରିଥିଲେ। ହିତାଧିକାରୀଙ୍କୁ ଗୃହ ନିର୍ମାଣ ନିମନ୍ତେ ୩ଗୋଟି ପର୍ଯ୍ୟାୟରେ ୧ଲକ୍ଷ ୨୦ହଜାର ଟଙ୍କା ପ୍ରଦାନ କରାଯିବ। ଯଦି ହିତାଧିକାରୀ କାର୍ଯ୍ୟାଦେଶ ପାଇବାର ୪ମାସ ମଧ୍ୟରେ ଗୃହ ନିର୍ମାଣ ଶେଷ କରିବ ତାଙ୍କୁ ପ୍ରଶାସନ ପକ୍ଷରୁ ଅଧିକ ୨୦ହଜାର ଟଙ୍କା ଓ ୬ମାସ ରେ ଶେଷ କଲେ ୧୦ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବାର ନିୟମ ରହିଛି। ଏହି କାର୍ଯ୍ୟକ୍ରମ ଅସ୍ତରଙ୍ଗ ବ୍ଲକରେ ପୂର୍ବତନ ସରପଞ୍ଚ ଦିବାକର ଛାଟୋଇ ମଞ୍ଚ ପରିଚାଳନା କରୁଥିବା ବେଳେ ବିଭିନ୍ନ ପଂଚାୟତ ଜନପ୍ରତିନିଧି ଙ୍କ ସହ ଶତାଧିକ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ।

# ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ବୋରିଗୁମ୍ମା, ୩୦ା୩(ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ ଗୁମୁଡା ସରକାରୀ ଏସ.ଏସ.ଡି. ଉଚ୍ଚ ବିଦ୍ୟାଳୟର ଶିକ୍ଷୟତ୍ରୀ ଶ୍ରୀମତୀ ଗୋଲାପ ମଞ୍ଜରୀ ମହାନ୍ତିଙ୍କୁ ଅବସର କାଳିନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ର ଛାତ୍ରୀଙ୍କ ମିଳିତ ଆନୁକୂଲ୍ୟରେ ଗୋଲାପ ମଞ୍ଜରୀ ମହାନ୍ତିଙ୍କ ବିଦାୟ କାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ସରକାରୀ ଏସଏସଡି ଉଚ୍ଚ ବିଦ୍ୟାଳୟ ଗୁମୁଡା ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରକାଳୀନ ଉତ୍ସବରେ ଶ୍ରୀମତି ମହାନ୍ତି ଙ୍କୁ ମାନପତ୍ର ସହ ଉପଢୌକନ ପ୍ରଦାନ  କରାଯାଇଥିଲା।ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୃଷ୍ଣ ଖିଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀମତି ଗୋଲାପୀ ମହାନ୍ତିଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରିବା ସହ ଶିକ୍ଷୟତ୍ରୀ ଶ୍ରୀମତୀ ମହାନ୍ତି ଜଣେ ମେଳାପୀ, ମିଷ୍ଟଭାଷୀ ଓ ଦକ୍ଷ ଶିକ୍ଷୟତ୍ରୀ ଥିଲେ ବୋଲି କହିଥିଲେ । ଏବଂ ଦୀର୍ଘ ୩୪ ବର୍ଷ ଦୃଢ଼ ନିଷ୍ଠା, ସ୍ନେହ, ପ୍ରେମ ଓ କରୁଣା ସହିତ ଶିକ୍ଷାଦାନ କରି ବିଦ୍ୟାଳୟ ଗୁଡ଼ିକୁ ଉନ୍ନତି ପଥରେ ନେବାରେ ଆମ ମାନଙ୍କ ପାଇଁ ପ୍ରେରଣାଦାୟୀ ରହିବ । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ କର୍ମଚାରୀ, ଉପସ୍ଥିତ ରହି ଶ୍ରୀମତି ମହାନ୍ତିଙ୍କ ଚାକିରୀ କାର୍ଯ୍ୟକାଳ ମଧ୍ୟରେ ତାଙ୍କ ନିଷ୍ଠା, ତ୍ୟାଗ, ସମୟାନୁବର୍ତ୍ତିତା, କର୍ମତତ୍ପରତା ଆଦି ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟ କର୍ମଚାରୀଙ୍କ ପକ୍ଷରୁ ଉପଢୌକୋନ ସହ ସସର୍ଜନା ପତ୍ର ପ୍ରଦାନ କରାଯାଇଥିଲା।ତତ ସହିତ ତାଙ୍କ ସୁସ୍ଥ ଜୀବନ, ସମାଜ ମଙ୍ଗଳ ଓ ଭଗବତ ଚିନ୍ତନରେ ବ୍ରତୀ ହେବା କାମନା କରିଥିଲେ।

## ପ୍ରବଳ ଗ୍ରୀଷ୍ମ ପ୍ରବାହ ମଧ୍ୟରେ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ

# ସଭାସ୍ଥଳରେ ଚେତା ହରାଇଲେ ମହିଳା



**ବାଲିଆପାଳ, ୩୦ା୩(ସଂଚାର ବ୍ୟୁରୋ):** ରାଜ୍ୟରେ ନୂତନ ସରକାରଙ୍କ ପକ୍ଷରୁ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ ରବିବାର କରାଯାଇଥିବା ବେଳେ ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ପରିସରରେ ମଧ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।ବ୍ଲକ ଏବିଡ଼ିଓ ଶରତ ଚନ୍ଦ୍ର ମୁଦୁଲି ଙ୍କ ଅଧକ୍ଷାତାରେ ସାଂସଦ ପ୍ରତିନିଧି ରବୀନ୍ଦ୍ର କୁମାର ଅଣ୍ଡିଆ, ଉପାଧକ୍ଷ ରାଜେଶ ଚୌଧୁରୀ, ତହସିଲଦାର ତଥା ଭାରପ୍ରାପ୍ତ ବିଡ଼ିଓ ସାଇଶ୍ରୀ ଲୋକନାଥ ସେଠୀ, ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ସୌମ୍ୟମୁକୁଲ ବାରିକ ପ୍ରମୁଖ ଉପସ୍ଥିତ ରହି ୨୮ ଟି ପଞ୍ଚାୟତର ୧୫୩ ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରିଥିଲେ। ପ୍ରଧାନମନ୍ତ୍ରୀ ଙ୍କ ମନ କି ବାତ କାର୍ଯ୍ୟକ୍ରମ ର ପ୍ରସାରଣ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଳାହାଣ୍ଡି ଜିଲ୍ଲା ରେ ଏହି କାର୍ଯ୍ୟକ୍ରମ ଆଭାସୀ ମାଧ୍ୟମରେ ଉଦ୍ଘାଟନ କରିଥିଲେ। ଦିନ ୧୦ ଟା ୩୦ ମିନିଟ ସମୟରେ ରେ କାର୍ଯ୍ୟକ୍ରମ ହେବ ବୋଲି କୁହାଯାଇଥିବା ବେଳେ ଦିନ ୧୧ଟା ୩୦ ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପ୍ରବଳ ଗ୍ରୀଷ୍ମ ପ୍ରଭାବ ଜାରି ରହିବାରୁ ଘଟଣା ସ୍ଥଳରେ କଣ୍ଟାବେଣି ଗ୍ରାମର ୫୦ ବର୍ଷୀୟ ଯମୁନାମଣି ଜେନା ଚେତା ହରାଇଥିଲେ ଏବଂ ତାଙ୍କୁ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଯାଇଥିଲା। କାର୍ଯ୍ୟକ୍ରମ ସ୍ଥଳରେ ଆବଶ୍ୟକ ସଂଖ୍ୟକ ଫ୍ୟାନ୍ର ବ୍ୟବସ୍ଥା ହୋଇନଥିଲା, ଯାହା ଫଳରେ ଲୋକେ ଗ୍ରୀଷ୍ମ ପ୍ରବାହରେ ହନ୍ତସନ୍ତ ହୋଇଥିଲେ।ଯାହାକି ବ୍ଲକ ପ୍ରଶାସନର ଖାମଖିଆଲି ନୀତି ବୋଲି ଦର୍ଶାଉଛି।